

ପରିବର୍ତ୍ତନ ଚାହୁଁଛନ୍ତି ଅମିର
▶ପୃଷ୍ଠା ୧୧ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-87 ◆SATURDAY ◆20 SEPTEMBER 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୮୭ ◆ଶନିବାର ◆୨୦ ସେପ୍ଟେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦

# ସାର ତାତି: ବିଧାନସଭା ଅଚଳ

## ଆଲୋଚନା ଦାବିରେ ଅଡ଼ି ବସିଲା ବିଜେଡି, ଗୃହ ଚାଲିଲା ମାତ୍ର ୮ ମିନିଟ
## ଗୃହ ଭିତରେ ପ୍ଲାକାର୍ଡ, ମୋହନ ସରକାର ହାଏ ହାଏ ନାରାରେ କମ୍ପିଲା ଗୃହ

■ **ଭୁବନେଶ୍ୱର, ୧୯।୯ (ସମିସ):** ରାଜ୍ୟରେ ଉତ୍କଟ ସାର ଅଭାବକୁ ନେଇ ଚାଷୀ ସନ୍ତୁଳି ହେଉଛି। ମାତ୍ର ସରକାର ଏ ଦିଗରେ ସମ୍ପୂର୍ଣ୍ଣ ନିରବ। ଏପରି ଏକ ସ୍ପର୍ଶକାତର ଘଟଣାକୁ ନେଇ ବିଧାନସଭାରେ ଗର୍ଜିଛି ବିଜେଡି। ସାର ଅଭାବ ପ୍ରସଙ୍ଗରେ ଶୁକ୍ରବାର ବିଜେଡି ସଦସ୍ୟମାନେ ଗୃହରେ ପ୍ରବଳ ହଟ୍ଟଗୋଳ, ନାରାବାଜି କରିଛନ୍ତି। ଚାଷୀଙ୍କର ଏହି ପ୍ରମୁଖ ସମସ୍ୟାର ସମାଧାନ ପାଇଁ ପ୍ରଶ୍ନକାଳ ବାତିଲ କରି ଆଲୋଚନା କରିବାକୁ ବିଜେଡି ବିଧାୟକମାନେ ଅଡ଼ି ବସିଛନ୍ତି। ବିଜେଡିର ପ୍ରବଳ ପ୍ରତିବାଦ, ନାରାବାଜି କାରଣରୁ ପୂରା ଦିବସର ଗୃହକାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ପ୍ରବଳ ହଟ୍ଟଗୋଳ ମଧ୍ୟରେ ପ୍ରଥମାର୍ଦ୍ଧରେ ୪ ମିନିଟ ଏବଂ ଦ୍ୱିତୀୟାର୍ଦ୍ଧରେ ୪ ମିନିଟ ଅର୍ଥାତ ସାରା ଦିନ ମୋଟ ୮ ମିନିଟ ଗୃହ ଚାଲିପାରିଛି। ଫଳରେ ବାଚସ୍ପତି ଆସନ୍ତା କାଲି ଯାଏ ଗୃହକୁ ମୁଲତବୀ ରଖିଛନ୍ତି। ଶୁକ୍ରବାର ଗୃହକାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବିଜେଡିର ବିଧାୟକମାନେ ପ୍ଲାକାର୍ଡ, ବ୍ୟାନର ଧରି ଗୃହର ମଧ୍ୟଭାଗକୁ ମାଡ଼ି ଆସିଥିଲେ। ସାରା ପ୍ରସଙ୍ଗରେ ପୋଷ୍ଟର, ବ୍ୟାନର ପ୍ରଦର୍ଶନ କରିଥିଲେ। ମୋହନ ସରକାର ହାଏ ହାଏ, ମୋହନ ସରକାର ଡାଉନ ଡାଉନ ଆଦି ନାରାରେ ▶ପୃଷ୍ଠା-୭



### କଂଗ୍ରେସ ବିଧାୟକଙ୍କ ବିରୋଧରେ ସ୍ୱାଧିକାର ଭଙ୍ଗ ନୋଟିସ୍

■ **ଭୁବନେଶ୍ୱର, ୧୯।୯ (ସମିସ):** କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ୍‌ଙ୍କ ସମେତ ୫ କଂଗ୍ରେସ ବିଧାୟକଙ୍କ ନାଁରେ ସ୍ୱାଧିକାର ଭଙ୍ଗ ନୋଟିସ୍ ଆଣିଛି ବିଜେପି। ବିଜେପି ବିଧାୟକ ପଦ୍ମଲୋଚନ ପଣ୍ଡା ଏହି ସ୍ୱାଧିକାର ଭଙ୍ଗ ନୋଟିସ୍ ଆଣିଛନ୍ତି। କଂଗ୍ରେସ ଦଳ ପକ୍ଷରୁ ସରକାରଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଅଣାଯାଇଛି। ଏହାକୁ ବାଚସ୍ପତି ଗ୍ରହଣ କରିବା ପୂର୍ବରୁ କଂଗ୍ରେସ ବିଧାୟକମାନେ ଏନେଇ ଗଣମାଧ୍ୟମରେ ସୂଚନା ଦେଇଛନ୍ତି, ଯାହାକି ଗୃହର ଗରିମା ▶ପୃଷ୍ଠା-୭

## ସରକାରଙ୍କ ପାଖରେ ନାହିଁ ଛାତ୍ରୀ ନିର୍ଯାତନା ତଥ୍ୟ !

**ସ୍କୁଲରେ ୩୨ ଓ ବିଶ୍ୱବିଦ୍ୟାଳୟର ୨୦ ଛାତ୍ରୀ ନିର୍ଯାତନାର ଶିକାର**

**'ଉତ୍କଳ' ରେ ସର୍ବାଧିକ ୭ ଓ ରେଭେନ୍ସାରେ ୬ ମାମଲା**

■ **ଭୁବନେଶ୍ୱର, ୧୯।୯ (ସମିସ):** ଶିକ୍ଷାନୁଷ୍ଠାନରେ ଛାତ୍ରୀ ନିର୍ଯାତନା ବଢ଼ୁଛି। ଅଧ୍ୟାପକଙ୍କ ନାମରେ ଛାତ୍ରୀମାନଙ୍କୁ ଅସଦାଚରଣ ଓ ଅଶାଳୀନ ବ୍ୟବହାର କରୁଥିବା ଅଭିଯୋଗ ପରେ ମଧ୍ୟ ସରକାର ଉପଯୁକ୍ତ ପଦକ୍ଷେପ ନେଉ ନାହାନ୍ତି। ଏସବୁ ପରେ ମଧ୍ୟ ମହାବିଦ୍ୟାଳୟଗୁଡ଼ିକରେ ଛାତ୍ରୀ ନିର୍ଯାତନା ତଥ୍ୟ ସରକାରଙ୍କ ପାଖରେ ନାହିଁ।

ବିଶ୍ୱବିଦ୍ୟାଳୟଗୁଡ଼ିକରେ ୧୨ ଜୁନ୍ ୨୦୨୪ ଅର୍ଥାତ୍ ରାଜ୍ୟରେ ବିଜେପି ସରକାର ଗଠନ ପରଠାରୁ ୨୦ଜଣ ଛାତ୍ରୀ ଅସଦାଚରଣର ଶିକାର ହୋଇଥିବା ଶୁକ୍ରବାର ବିଧାନସଭାରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଉତ୍ତର ରଖିଛନ୍ତି। ରାଜ୍ୟର ପ୍ରମୁଖ ଓ ପ୍ରଥମ ବିଶ୍ୱବିଦ୍ୟାଳୟ 'ଉତ୍କଳ'ରୁ ସର୍ବାଧିକ ୭ଟି ଅଭିଯୋଗ ଆସିଛି। ତନ୍ମଧ୍ୟରୁ ୬ଟି ମାମଲାର ସମାଧାନ ▶ପୃଷ୍ଠା-୭

## ଦ୍ୱିତୀୟ ବିଶ୍ୱଯୁଦ୍ଧର ବୋମା ଉଦ୍ଧାର

**୨୦ ହଜାର ଲୋକ ସ୍ଥାନାନ୍ତର**



■ **ବର୍ଲିନ, ୧୯।୯ (ଏଜେନ୍ସି):** ଦ୍ୱିତୀୟ ବିଶ୍ୱଯୁଦ୍ଧର ସ୍ମୃତି ପୁଣି ଉଜାଗର ହୋଇ ଉଠିଛି। ଜର୍ମାନୀ ରାଜଧାନୀ ବର୍ଲିନରୁ ଗୁରୁବାର ସନ୍ଧ୍ୟାରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟର ଦୁଇଟି ବଡ଼ ବୋମା ମିଳିଛି। କୌଣସି ବଡ଼ ଅଘଟଣକୁ ଏଡ଼ାଇବା ପାଇଁ ସତର୍କତା ମୂଳକ ପଦକ୍ଷେପ ସ୍ୱରୂପ ଘଟଣାସ୍ଥଳରୁ ୨୦ ହଜାର ଲୋକଙ୍କୁ ଖାଲି କରାଯାଇଛି। ବୋମା ନିକଟରୁ ୫୦୦ ମିଟର ପର୍ଯ୍ୟନ୍ତ ସୁରକ୍ଷା ବଳୟ ସୃଷ୍ଟି କରି ଘର ଘରକୁ ଯାଇ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ପଳାଇବାକୁ ପୁଲିସ କହିଥିଲା। ପ୍ରଥମ ବୋମାଟି ସ୍ପ୍ରି ନଦୀ ନିକଟରୁ ମିଳିଥିଲା। ଏହି ଅଞ୍ଚଳରୁ ପାଖାପାଖି ୧୦ ହଜାର ଲୋକଙ୍କୁ ହଟାଯାଇଥିଲା। ଏହି ଅଞ୍ଚଳରେ କେତୋଟି ଦୂତାବାସ ଓ ସରକାରୀ କାର୍ଯ୍ୟାଳୟ ରହିଥିଲା। ସେହିପରି ୧୦୦ କେଜି ଓଜନର ଦ୍ୱିତୀୟ ବୋମାଟି ସ୍ପଣ୍ଡାଉ ଜିଲ୍ଲାରୁ ମିଳିଥିଲା। ଫଳରେ ଏହି ଅଞ୍ଚଳରୁ ୧୨, ୪୦୦ ଲୋକଙ୍କୁ ଖାଲି କରାଯାଇଥିଲା। ଦୁଇଟି ଯାକ ବୋମାକୁ ନିଷ୍କ୍ରିୟ କରାଯାଇଛି। ତେବେ ଏହି ଦୁଇଟି ବୋମା ସେଭଳି କୌଣସ ବଡ଼ ଧରଣର ବିପଦ ସୃଷ୍ଟି କରି ନ ଥିଲା। ଏଥିପାଇଁ ସୁରକ୍ଷା ଦାୟିତ୍ୱ ପୁଲିସକୁ ଦିଆଯାଇଥିଲା।

## ବିଶ୍ୱକର୍ମା ପୂଜାରୁ ଫେରୁଥିବା ନାବାଳିକାକୁ ଗଣଦୁଷ୍କର୍ମ

■ **ରାଉରକେଲା, ୧୯।୯ (ସମିସ):** ରାଉରକେଲାରେ ପୁଣି ଲଜ୍ଜା। ପୂଜା ଦେଖି ଫେରୁଥିବା ଜଣେ ନାବାଳିକାକୁ ବାଟ ମଝିରୁ ଟେକିନେଇ ଜଙ୍ଗଲରେ ଗଣଦୁଷ୍କର୍ମ। ୨ ଦିନ ତଳେ ଏହି ଘଟଣା ଘଟିଥିଲେ ହେଁ କେ.ବଲାଙ୍ଗ ଥାନାରେ ଅଭିଯୋଗ ହେବା ପରେ ଆଜି ପଦାକୁ ଆସିଛି। ଏହି ଘଟଣାରେ ପୁଲିସ୍ ଏକ ମାମଲା ରୁଜୁ କରି ଦୁଇ ସନ୍ଦିଗ୍ଧଙ୍କୁ ଅଟକ ରଖି ପଚରାଉଚରା କରୁଛି।



କେ. ବଲାଙ୍ଗ ଅଞ୍ଚଳର ନାବାଳିକା ଜଣକ ଦୁଇ ସାଙ୍ଗଙ୍କ ସହ ବରସୁଆଁରୁ ବିଶ୍ୱକର୍ମା ପୂଜା ଦେଖି ଘରକୁ ଫେରୁଥିବା ବେଳେ ଦୁଇ ଯୁବକ ବାଟ ମଝିରେ ଅଟକାଇ ଧମକଚମକ ଦେଇ ଭୟଭୀତ କରାଇଥିଲେ। ପରେ ନାବାଳିକାକୁ ନିକଟସ୍ଥ ଏକ ଜଙ୍ଗଲକୁ ଟେକି ନେଇ ସେଠାରେ ଗଣଦୁଷ୍କର୍ମ କରିଥିଲେ। ଏ ସଂପର୍କରେ କାହାରିକୁ କହିଲେ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ତେବେ ଅଭିଯୁକ୍ତମାନେ ସେଠାରୁ ପଳାଇବା ପରେ ନାବାଳିକାଜଣଙ୍କ ଘରକୁ ଫେରି ଏ ସଂପର୍କରେ ପରିବାରଲୋକଙ୍କୁ ଜଣାଇଥିଲେ। ପରେ ପରିବାର ପକ୍ଷରୁ ଏନେଇ କେ.ବଲାଙ୍ଗ ଥାନାରେ ଅଭିଯୋଗ କରାଯାଇଥିଲା।

### 'କିଲର୍ ସ୍ୱାମୀ' ଦୀପକଙ୍କ ଅଡୁଆ ବଢ଼ିଲା

## ପ୍ରଥମ ପତ୍ନୀଙ୍କୁ ବି ହତ୍ୟା ଅଭିଯୋଗ

■ **ଭୁବନେଶ୍ୱର, ୧୯।୯ (ସମିସ):** ମହିଳା କନେଷ୍ଟବଳ ଶୁଭମିତ୍ରା ସାହୁ ହତ୍ୟା ମାମଲାରେ ଗିରଫ ହୋଇଥିବା 'କିଲର୍ ସ୍ୱାମୀ' କନେଷ୍ଟବଳ ଦୀପକ ରାଉତଙ୍କ ପାଇଁ ଅଡୁଆ ବଢ଼ିଛି। ଦୀପକଙ୍କ ପ୍ରଥମ ପତ୍ନୀ ଅପର୍ଣ୍ଣା ପ୍ରିୟଦର୍ଶିନୀଙ୍କ ଭଉଣୀ ରୋଜାଲିନ ରାଉତ ଆଜି ଖୁଣ୍ଟୁଣି ଥାନାର ଦ୍ୱାରସ୍ଥ ହୋଇ ତାଙ୍କ ବଡ଼ ଭଉଣୀଙ୍କୁ ଭିଣୋଇ ଦୀପକ ହତ୍ୟା କରିଥିବା ଲିଖିତ ଏତଲା ଦେଇଛନ୍ତି। ଅଭିଯୋଗ ଆଧାରରେ ପୁଲିସ କେସ୍ ନଂ - ୧୯୪/୨୫ ରେ ହତ୍ୟା ମାମଲା ରୁଜୁ କରିଛି। ଦଫା ୩୦୨, ୪୯୮-ଏ, ୨୦୧ ଓ ୩୪ ଆଇପିସିରେ ମାମଲା ରୁଜୁ କରିଛି। କଟକ ଗ୍ରାମାଞ୍ଚଳ ପୁଲିସ ମୁଖ୍ୟାଳୟର ଡିଏସପି ଅଜୟ କୁମାର ଦାସଙ୍କୁ ଘଟଣାର ତଦନ୍ତ ଭାର ଦିଆଯାଇଛି। ହତ୍ୟାର ପ୍ରମାଣ ମିଳିଲେ ▶ପୃଷ୍ଠା-୭



**ଖୁଣ୍ଟୁଣି ଥାନାରେ ହତ୍ୟା ମାମଲା ରୁଜୁ**

**ଡିଏସ୍‌ପିଙ୍କୁ ତଦନ୍ତ ଦାୟିତ୍ୱ**

## ଚାଷୀଙ୍କୁ ବିଜେପିର ତାଚ୍ଛଲ୍ୟ; ଘେରିଲେ ବିରୋଧୀ

**ଆଲୋଚନାରୁ ଖସିଯିବାକୁ ଚାହୁଁଛନ୍ତି ସରକାର: ବିଜେଡି**

**ସାର ପାଇଁ ସାରାରାଜ୍ୟରେ ହାହାକାର ସ୍ଥିତି: କଂଗ୍ରେସ**

■ **ଭୁବନେଶ୍ୱର, ୧୯।୯ (ସମିସ):** ରାଜ୍ୟରେ ସାର ଅଭାବ ପାଇଁ ଚାଷୀ କାନ୍ଦୁଛି। ଚାଷବାସ ଛାଡ଼ି ଚାଷୀ ରାତିରାତି ପାକ୍ସ, ଲାମ୍ପସ୍ ଆଗରେ ଧାଡ଼ି ଲଗାଉଛନ୍ତି। ସାର ମୂଲ୍ୟ ୨୪୨ ଟଙ୍କା ରହିଥିବା ବେଳେ ବଜାରରୁ ଏହାକୁ ଚାଷୀ ୮୦୦ରୁ ୧୦୦୦ ଟଙ୍କାରେ କିଣିବାକୁ ବାଧ ହେଉଛି। ଏହାକୁ ପ୍ରତିବାଦ କରି ଅନେକସ୍ଥାନରେ ଚାଷୀ ରାଜରାସ୍ତାକୁ ଓହ୍ଲାଉଛନ୍ତି। ମାତ୍ର ବିଜେପି ଚାଷୀଙ୍କ ଏହି ସମସ୍ୟାକୁ ଦୂର କରିବା ପରିବର୍ତ୍ତେ ଚାଷୀଙ୍କୁ ତାଚ୍ଛଲ୍ୟ କରିଛି। ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା ବିଧାନସଭା ବାହାରେ ଚାଷୀଙ୍କୁ ବିବାଦୀୟ ଓ ଅସମ୍ମାନଜନକ ଟିପ୍ପଣୀ ପ୍ରଦାନ କରିଥିବାରୁ ବିଜେଡି ଓ କଂଗ୍ରେସ ଏହାକୁ ତୀବ୍ର ବିରୋଧ କରିଛନ୍ତି। ରାଜ୍ୟରେ ସାର ଅଭାବ ନାହିଁ। ଯେଉଁମାନେ ଲାମ୍ପସ ଓ ପାକ୍ସ ଆଗରେ ସାର ପାଇଁ ଧାଡ଼ି ଲଗାଉଛନ୍ତି ସେମାନେ ନକଲି ଚାଷୀ । ବିରୋଧୀମାନେ ନକଲି ଚାଷୀଙ୍କୁ ଠିଆ କରାଇ ରାଜନୀତି କରୁଛନ୍ତି ବୋଲି ବିଜେପି ବିଧାୟକ ଅଗସ୍ତି ବେହେରା ମନ୍ତବ୍ୟ ଦେଇଛନ୍ତି। ଯାହାକୁ ସାଧାରଣରେ ତୀବ୍ର ସମାଲୋଚନା କରାଯାଇଛି। ସରକାର ଆଲୋଚନାରୁ ଖସିଯିବାକୁ ଚାହୁଁଛନ୍ତି। ଏହା ଚାଷୀଙ୍କ ପ୍ରତି ସରକାରଙ୍କ ନିର୍ଦ୍ଦୟତା ବୋଲି ଶ୍ରୀ ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ କ୍ଷୋଭ ପ୍ରକାଶ କରିଛନ୍ତି।

ଶୁକ୍ରବାର ପ୍ରଶ୍ନକାଳକୁ ବାତିଲ୍ କରି ସାର ପ୍ରସଙ୍ଗରେ ୩ ଘଣ୍ଟା ଆଲୋଚନା ପାଇଁ ଦାବି କରିଥିଲା ବିଜେଡି। ମାତ୍ର ବାଚସ୍ପତି ବିଜେଡିର ଏହି ▶ପୃଷ୍ଠା-୭




**ପାରିବାରିକ କଳହ**

## ଦୁଇ ପୁଅଙ୍କୁ ବିଷ ପିଆଇଲା ବାପା

■ **ଛେଣ୍ଡିପଦା, ୧୯।୯ (ସମିସ):** ଅନୁଗୋଳ ଜିଲ୍ଲା ଜରପଡ଼ା ଥାନା ତୁବେ ଗ୍ରାମରେ ଘଟିଛି ଅଭାବନୀୟ ଘଟଣା। ପାରିବାରିକ କଳହରୁ ଦୁଇ ନାବାଳକ ପୁଅଙ୍କୁ ଖୋଦ୍ ବାପା ବିଷ ପିଆଇ ଦେଇଥିବା ଅଭିଯୋଗ ହୋଇଛି। ଗୁରୁତର ଅବସ୍ଥାରେ ଦୁହିଁଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସେମାନେ ହେଲେ, ତୁବେ ଗାଁର କାଳୀଚରଣ ପ୍ରଧାନଙ୍କ ପୁଅ ନୀଳମାଧବ ପ୍ରଧାନ (୧୨) ଏବଂ ଜିଜ୍ଞାସୁ ପ୍ରଧାନ (୮)। ମିଳିଥିବା ସୂଚନା ଅନୁଯାୟୀ, ଶୁକ୍ରବାର ମଧ୍ୟାହ୍ନ ୧୨ରେ କାଳୀଚରଣ ଦୁଇ ପୁଅଙ୍କୁ ସ୍କୁଲରୁ ନେଇ ବନ୍ତଳା ▶ପୃଷ୍ଠା-୭

## ୨୫ରେ ଲଘୁଚାପ

**ବର୍ଷାରେ ଭିଜିବ ଦଶହରା**

■ **ଭୁବନେଶ୍ୱର, ୧୯।୯ (ସମିସ):** ଆସନ୍ତା ୨୫ ତାରିଖରେ ବଙ୍ଗୋପସାଗରରେ ଏକ ଲଘୁଚାପ ସୃଷ୍ଟି ହେବ। ଏହା ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ଅନୁଭୂତ ହେବ। ଲଘୁଚାପଟି ଅଧିକ ଘନୀଭୂତ ହେବା ଆଶଙ୍କା ଥିବାରୁ ଏଥର ଦଶହରା ବର୍ଷାଭିଜା ହୋଇପାରେ।

ଲଘୁଚାପ ନେଇ ଆଜି ଆଇଏମ୍‌ଡି ପକ୍ଷରୁ କରାଯାଇଥିବା ବେଳେ ଏହାର ପ୍ରଭାବରେ ୨୫ରୁ ୩-୪ ଦିନ ବର୍ଷା ହେବାର ଆଶଙ୍କା କରାଯାଇଛି। ପାଣିପାଗ ବିଭାଗ ଦ୍ୱାରା ଜାରି ସୂଚନା ଅନୁଯାୟୀ, ଆସନ୍ତା ୨୫ ତାରିଖରେ ▶ପୃଷ୍ଠା-୭



# ଦେଶ ବିଦେଶ

ସକାଳ THE SAKALA
www.sakalaepaper.com


## ‘ଦୃଶ୍ୟମ୍’ ଦେଖି ସାଙ୍ଗ ସହ ମିଶି ବାପାଙ୍କୁ ହତ୍ୟା



କାନପୁର, ୧୯।୯ (ଏଜେନ୍ସି): ଚଳଚ୍ଚିତ୍ର ସମାଜର ଦର୍ପଣ ସଦୃଶ୍ୟ। କିନ୍ତୁ ଏବେ ଏହି ଦର୍ପଣ ମଳିନ ହେବାରେ ଲାଗିଛି। ସମାଜରୁ କୁସଂସ୍କାର ଦୂରେଇବା ପରିବର୍ତ୍ତେ ହତ୍ୟା, ଅପରାଧ ଆଦିକୁ ପ୍ରୋତ୍ସାହନ ଦେଉଛି। ଉତ୍ତର ପ୍ରଦେଶ କାନପୁରର ଚନ୍ଦେଲ ନଗରରୁ ଏଭଳି ଏକ ମାମଲା ସାମ୍ନାକୁ ଆସିଛି। ଅଭିନେତା ଅଜୟ ଦେବଗନଙ୍କ ‘ଦୃଶ୍ୟମ’ ଚଳଚ୍ଚିତ୍ର ଏବଂ କ୍ରାଇମ ପାଟ୍ରୋଲ ଦେଖି ସାଙ୍ଗ ସହ ମିଶି ପୁଅ ବାପାକୁ ହତ୍ୟା କରିଛି। ଏହା ପରେ ମୃତଦେହକୁ ୭୫କିମି ଦୂର ଔରିଆ ନେଇ ପେଟ୍ରୋଲ ଢାଳି ପୋଡି ଦେଇଛି। ପୁଲିସକୁ ଭୁଆଁ ବୁଲାଇବା ପାଇଁ ଅଜବ ପନ୍ଥା ଆପଣାଇଛି। ଘଟଣାର ଦୁଇ ମାସ ପରେ ମୃତକଙ୍କ ପତ୍ନୀ ବୃନ୍ଦାବନରୁ ଫେରି ସ୍ୱାମୀଙ୍କୁ ଖୋଜିଥିଲେ। ଘରେ ନ ଦେଖି କଲ୍ୟାଣପୁର ଥାନାରେ ଜୁନ୍ ୧୨ରେ ଏତଲା ଦେଇଥିଲେ। ପୁଲିସ ଯାଞ୍ଚ କରି ୬ ମାସ ପରେ ଘଟଣାର ପର୍ଦ୍ଦାଫାସ କରିଥିଲା। ଡିସିପି ଦିନେଶ ଚନ୍ଦ୍ର ତ୍ରିପାଠୀ କହିଛନ୍ତି ଯେ ମୃତକ କମଳାପତି ରେଲୱେରେ ଗାର୍ଡ ଭାବେ ଚାକିରି କରିଥିଲେ। କିନ୍ତୁ ସବୁବେଳେ ମଦ ପିଉଥିବାରୁ ସାନପୁଅ ରାମଜୀଠାରୁ ସେ ଦୂରେଇ ରହୁଥିଲେ। ଟଙ୍କା ମାଗିଲେ ତାଙ୍କୁ ଦେଉ ନ ଥିଲେ। ତେଣୁ ସମ୍ପତ୍ତି ପାଇଁ ପୁଅ ବାପାକୁ ତଣ୍ଟିଚିପି ହତ୍ୟା କରିଥିଲା। ପୁଲିସକୁ ଭୁଆଁ ବୁଲାଇବା ପାଇଁ ମୋବାଇଲ ଦେଇ ସାଙ୍ଗକୁ ବିହାର ପଠାଇଥିଲା। ତେବେ ସେଠାରେ ସେ ସ୍ୱିଚ୍ ଅନ୍ କରି ଲୋଭରେ ମୋବାଇଲକୁ ବିକିବା ପାଇଁ ଧରି ପଳାଇ ଆସିଥିଲା। ପରେ ପୁଲିସ ପୁଅ ଘରୁ ମୋବାଇଲ ଜବତ କରିଥିଲା। ଜେରା ସମୟରେ ସେ ବାପାଙ୍କୁ ହତ୍ୟା କରିଥିବା ସ୍ୱୀକାର କରିଥିଲା।

## ପରୀକ୍ଷାରେ ଭଲ ନମ୍ବର ରଖିବାରୁ ଛାତ୍ରଛାତ୍ରୀଙ୍କୁ ବିମାନରେ ଡାମନ-ଡିଉ ବୁଲାଇଲେ ଶିକ୍ଷକ



ଜୟପୁର, ୧୯।୯ (ଏଜେନ୍ସି): ରାଜସ୍ଥାନ ଭିଲୱାରାର ନନ୍ଦରାଇ ଗ୍ରାମରୁ ଏକ ପ୍ରେରଣାଦାୟୀ ଖବର ସାମ୍ନାକୁ ଆସିଛି। ଦ୍ୱାଦଶ ବୋର୍ଡ ପରୀକ୍ଷାରେ ୯୦ ପ୍ରତିଶତ ମାର୍କ ରଖିବାରୁ ଏଠାକାର ସରକାରୀ ଉଚ୍ଚ ମାଧ୍ୟମିକ ସ୍କୁଲ୍‌ର ୫ ଛାତ୍ରୀଙ୍କୁ ଶିକ୍ଷକ ବିମାନରେ ନେଇ ଡାମନ-ଡିଉ ବୁଲାଇଛନ୍ତି। ତେବେ ଏହି ଯାତ୍ରା ବାବଦ ଖର୍ଚ୍ଚକୁ କୌଣସି ଏନ୍‌ଜିଓ କିମ୍ବା ସରକାର ଦେଇନାହାନ୍ତି। ପ୍ରଧାନଶିକ୍ଷକ ଶଙ୍କରଲାଲ ଜାଟ ଏବଂ ଶିକ୍ଷକ ଅଜୟ କୁମାର ସମସ୍ତ ଖର୍ଚ୍ଚ ବହନ କରିଛନ୍ତି। ଉଭୟ ଶିକ୍ଷକ ଶିକ୍ଷାବର୍ଷରେ ୯୦ ପ୍ରତିଶତ କିମ୍ବା ତାଠାରୁ ଅଧିକ ମାର୍କ ରଖିଲେ ଛାତ୍ରଛାତ୍ରୀଙ୍କୁ ବିମାନରେ ବୁଲାଇ ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଫଳାଫଳ ବାହାରିବା ପରେ ଶିକ୍ଷକ ଏହି ଯାତ୍ରାର ଆୟୋଜନ କରି ସମସ୍ତ ଖର୍ଚ୍ଚ ବହନ କରିଥିଲେ। ଏହି ଗ୍ରାମରୁ ଡାମନ-ଡିଉ ବୁଲିବା ପାଇଁ ଦେଢ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିଲା।

ଏହି ପଦକ୍ଷେପ ଛାତ୍ରଛାତ୍ରୀଙ୍କ ପ୍ରଦର୍ଶନ ଉପରେ ଗଭୀର ପ୍ରଭାବ ପକାଇ ଥିଲା। ୫୨ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୪୮ ଜଣ ପ୍ରଥମ ଶ୍ରେଣୀରେ ପାସ୍ କରିଥିଲେ। ପ୍ରାୟ ୭୦ ପ୍ରତିଶତ ମାର୍କ ରଖିଥିଲେ। ପୂର୍ବରୁ କେବେ ଏପରି ଫଳାଫଳ ଆସି ନ ଥିଲା। ସ୍କୁଲ୍ ପ୍ରାର୍ଥନାରେ ଶିକ୍ଷକ କରିଥିବା ଏହି ଘୋଷଣା ୫ ପରିଶ୍ରମୀ ଛାତ୍ରୀଙ୍କ ପାଇଁ ବାସ୍ତବତା ପାଲଟି ଯାଇଛି। ଏହା ସ୍କୁଲ୍ ପାଇଁ ମଧ୍ୟ ଗୌରବ ଆଣିଛି। ଗ୍ରାମାଞ୍ଚଳରେ ସରକାରୀ ସ୍କୁଲ୍ ପ୍ରଭାବ ହରାଉଥିବାବେଳେ ଦୁଇ ଶିକ୍ଷକଙ୍କ ନିଆରା ପ୍ରୟାସ ପିଲାଙ୍କ ପାଇଁ ବଡ଼ ସଫଳତା ଆଣି ଦେଇଛି।

## ଜୁବିନ ଗର୍ଗଙ୍କ ପରଲୋକ



ନୂଆଦିଲ୍ଲୀ, ୧୯।୯ (ଏଜେନ୍ସି): ଜଣାଶୁଣା ଆସାମୀ ତଥା ବଲିଉଡ ଗାୟକ ଜୁବିନ ଗର୍ଗ ଶୁକ୍ରବାର ପରଲୋକଗମନ କରିଛନ୍ତି। ସିଙ୍ଗାପୁରରେ ଏକ ସ୍କୁବା ଡାଇଭିଂ ଦୁର୍ଘଟଣାରେ ସେ ମୃତ୍ୟୁବରଣ କରିଛନ୍ତି। ୫୨ ବର୍ଷୀୟ ଜୁବିନ ଶୁକ୍ରବାର ଉତ୍ତରପୂର୍ବ ମହୋତ୍ସବରେ ସଙ୍ଗୀତ ପରିବେଷଣ କରିବାର କାର୍ଯ୍ୟକ୍ରମ ଥିଲା। ସ୍କୁବା ଡାଇଭିଂ କରିବା ଅବସରରେ ସେ ସମୁଦ୍ରରେ ପଡ଼ିଯାଇଥିଲେ ଓ ତାଙ୍କୁ ସିଙ୍ଗାପୁର ପୁଲିସ ଉଦ୍ଧାର କରି ନିକଟସ୍ଥ ହସ୍ପିଟାଲକୁ ନେଇଥିଲା। ଡାକ୍ତର ତାଙ୍କୁ ଆଇସିୟୁରେ ଭର୍ତ୍ତି କରିଥିଲେ। କିନ୍ତୁ ତାଙ୍କୁ ବଞ୍ଚାଇ ପାରି ନଥିଲେ। ତାଙ୍କର ଅଚାନକ ମୃତ୍ୟୁରେ ବଲିଉଡ ସ୍ତବ୍ଧ ହୋଇଛି ଓ ତାଙ୍କ ପ୍ରଶଂସକମାନେ ମର୍ମାହତ ହୋଇଛନ୍ତି। ସେ ଉତ୍ତରପୂର୍ବ ମହୋତ୍ସବରେ ଅଂଶଗ୍ରହଣ କରିବାକୁ ସିଙ୍ଗାପୁର ଯାଇଥିଲେ। ତାଙ୍କ ପରଲୋକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା, ପୂର୍ବତନ ରାଜ୍ୟସଭା ଏମ୍‌ପି ରିପୁ ବୋରା ଓ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଶୋକ ପ୍ରକାଶ କରିଛନ୍ତି। ଗ୍ୟାଙ୍ଗଷ୍ଟର ସିନେମାର ‘ୟା ଅଲି’, ହ୍ରିତିକ ରୋଶନ ଅଭିନୀତ କ୍ରିସ-୩ ସିନେମାର ‘ଦିଲ ତୁହି ବତା’ ଓ ପ୍ୟାର କା ସାଇଡ ଇଫେକ୍ଟ ସିନେମାର ‘ଜାନେ କ୍ୟା ଚାହେ ମନ’ ଭଳି ଗୀତ ଗାଇ ବେଶ୍ ଲୋକପ୍ରିୟତା ଅର୍ଜନ କରିଥିଲେ। ବଲିଉଡ ସମେତ ସେ ଆସାମୀ, ବେଙ୍ଗଲି, ନେପାଳୀ ଓ ଅନ୍ୟ ଆଞ୍ଚଳିକ ସିନେମାରେ ଗୀତ ଗାଇ ଲୋକପ୍ରିୟତା ଅର୍ଜନ କରିଥିଲେ।

## ଇଞ୍ଜିନ ଅଏଲରେ ଜୀବନ ବିତାଉଛନ୍ତି ଅଏଲ କୁମାର

ବେଙ୍ଗାଲୁରୁ, ୧୯।୯ (ଏଜେନ୍ସି): ଅଜବ ଖାଇବା ଶୈଳୀକୁ ନେଇ କର୍ଣ୍ଣାଟକ ଶିବମୋଗାର ଜଣେ ବ୍ୟକ୍ତି ସାରା ଦେଶରେ ଚର୍ଚ୍ଚାରେ ଅଛନ୍ତି। ସେ ଅନ୍ୟମାନଙ୍କ ପରି ଭାତ ଡାଲି କିମ୍ବା ଫଳ ପନିପରିବା ଆଦି ଖାଉ ନାହାନ୍ତି। ସେ ଦିନକୁ ଚା’ ପରି ଗାଡ଼ି ମୋଟରରେ ପଡୁଥିବା ଇଞ୍ଜିନ ଅଏଲ ପିଇ ଯାଉଛନ୍ତି। ତେବେ ନୂଆ ନୁହେଁ, ଖରାପ ହେବା ପରେ ଗାଡ଼ିରୁ ବାହାରୁ ଥିବା ୭ରୁ ୮ ଲିଟର ଇଞ୍ଜିନ ଅଏଲ ଦିନକୁ ପିଉଛନ୍ତି। ସେଥିପାଇଁ ତାଙ୍କୁ ‘ଅଏଲ କୁମାର’ କୁହାଯାଉଛି। ଏହାର ଭିଡିଓ ଖୁବ ଭାଇରାଲ ହେବାରେ ଲାଗିଛି। ଇଣ୍ଟରନେଟରେ ଥିବା ଭିଡିଓରେ ସେ ଲୋକଙ୍କ ସାମ୍ନାରେ ଗଳ ଗଳ କରି ଇଞ୍ଜିନ ଅଏଲ ପିଇ ଯାଉଥିବା ଦେଖାଯାଉଛି। ଏହା ଦେହ ପାଇଁ ଅତ୍ୟନ୍ତ ଖରାପ ହୋଇଥିବାବେଳେ ସେ କେମିତି ବଞ୍ଚିଛନ୍ତି ତାହାକୁ ନେଇ ସମସ୍ତେ ଆଶ୍ଚର୍ଯ୍ୟ ହୋଇ ଯାଇଛନ୍ତି। ଅଏଲ କୁମାର କହିଛନ୍ତି ଯେ ଗତ ୩୩ ବର୍ଷ ହେଲା ଖାଦ୍ୟ ପରିବର୍ତ୍ତେ ଇଞ୍ଜିନ ଅଏଲ ପିଇ ବଞ୍ଚିଛନ୍ତି। ଦିନକୁ ଏତେ ଇଞ୍ଜିନ ଅଏଲ ପିଉଥିବା ସତ୍ତ୍ୱେ ସେ ଆଜି ପର୍ଯ୍ୟନ୍ତ ମେଡିକାଲରେ ଭର୍ତ୍ତି ହୋଇନାହାନ୍ତି। ତାଙ୍କର କୌଣସି ସ୍ୱାସ୍ଥ୍ୟ ସମ୍ବନ୍ଧିତ ସମସ୍ୟା ମଧ୍ୟ ନାହିଁ। ସେ ଭଗବାନ ଅୟପାଙ୍କ ଜଣେ ଭକ୍ତ ମଧ୍ୟ।

### ପୁଣି ନିର୍ବାଚନ କମିଶନଙ୍କୁ ନିଶାଣ କଲେ ରାହୁଲ

# ଚେଇଁ ରହି ଚୋରି ଦେଖୁଥିଲେ ଚୌକିଦାର



ନୂଆଦିଲ୍ଲୀ, ୧୯।୯ (ଏଜେନ୍ସି): ଲୋକସଭା ବିରୋଧୀ ଦଳ ତଥା କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ପୁଣି ‘ଭୋଟ ଚୋରି’ ଏବଂ ବେଆଇନ ଭାବେ ଭୋଟର ତାଲିକାରୁ ‘ଭୋଟରଙ୍କୁ ହଟାଇବା’ ପ୍ରସଙ୍ଗକୁ ନେଇ ନିର୍ବାଚନ କମିଶନ (ଇସି)ଙ୍କୁ ନିଶାଣ କରିଛନ୍ତି। ସେ ଶୁକ୍ରବାର ସାମାଜିକ ଗଣମାଧ୍ୟମରେ ଏକ ଭିଡିଓ ପୋଷ୍ଟ କରି ଇସିଙ୍କୁ ତୀବ୍ର ସମାଲୋଚନା କରିଛନ୍ତି। ‘ସକାଳ ୪ଟାରେ ଉଠ, ୩୬ ସେକେଣ୍ଡରେ ୨ ଭୋଟରଙ୍କୁ ତାଲିକାରୁ ହଟାଇ ଦେଇ ପୁଣି ଶୋଇ ଯାଅ। ଏହି ଭଳି ଭାବେ ଭୋଟ ଚୋରି କରାଯାଉଛି। ନିର୍ବାଚନ କମିଶନ ଭୋଟ ଚୋରଙ୍କୁ ସୁରକ୍ଷା ଦେଉଛନ୍ତି। ନିର୍ବାଚନର ଚୌକିଦାର ଚେଇଁ ରହି ଚୋରି ଦେଖୁଥିଲେ ଏବଂ ଚୋରଙ୍କୁ ସୁରକ୍ଷା ଦେଉଥିଲେ’ ବୋଲି ରାହୁଲ ଅଭିଯୋଗ କରିଛନ୍ତି। ଏହା ପୂର୍ବରୁ ରାହୁଲ ଗୁରୁବାର ଦିଲ୍ଲୀରେ ସାମ୍ବାଦିକ ସମ୍ମିଳନୀ କରି କର୍ଣ୍ଣାଟକ ଏବଂ ମହାରାଷ୍ଟ୍ରରେ ସେଣ୍ଟ୍ରାଲାଇଜ୍ଡ ସଫ୍ଟୱେର ବ୍ୟବହାର କରି ଭୋଟ ଚୋରି ଏବଂ ଭୋଟରଙ୍କ ନାମ ହଟା ଯାଇଥିବା ଅଭିଯୋଗ କରିଥିଲେ। ତେବେ ନିର୍ବାଚନ କମିଶନ ଏହି ଅଭିଯୋଗକୁ ଆଧାରହୀନ କହି ଖଣ୍ଡନ କରିଦେଇଥିଲେ। ଏହା ସହିତ ରାହୁଲ ଦେଶର ଯୁବ ବର୍ଗ, ଛାତ୍ରଛାତ୍ରୀ ଏବଂ ଜେନ୍ ଜେଡ୍ ଗୋଷ୍ଠୀଙ୍କ ସହ ଛିଡ଼ା ହୋଇଛି ବୋଲି ରାହୁଲ ଟ୍ୱିଟ୍ କରି କହିଥିଲେ।

ଅନ୍ୟପକ୍ଷରେ ରାହୁଲଙ୍କ ଟିପ୍ପଣୀକୁ କେନ୍ଦ୍ରମନ୍ତ୍ରୀ ଗିରିରାଜ ସିଂହ ସମାଲୋଚନା କରିଛନ୍ତି। ଜେନ-ଜେଡ୍ ଟିପ୍ପଣୀକୁ ନେଇ ସେ କହିଛନ୍ତି ଯେ ରାହୁଲ ହତାଶ ଏବଂ

**୩୬ ସେକେଣ୍ଡରେ ଦୁଇ ଭୋଟର ହଟାଇ ପୁଣି ଶୋଇ ପଡୁଥିଲେ**

**ରାହୁଲଙ୍କୁ ସମାଲୋଚନା କଲେ କେନ୍ଦ୍ରମନ୍ତ୍ରୀ ଗିରିରାଜ ସିଂହ**

ନିରାଶ ହୋଇ ପଡ଼ିଛନ୍ତି। ସେ ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନକଲ କରୁଥିଲେ। ଆଉ କେବେ ଜେନ-ଜେଡ୍‌ଙ୍କ କଥା କହୁଥିଲେ। ରାହୁଲ ସହରୀ ନକ୍ସଲ ହେବାକୁ ଚାହୁଁଛନ୍ତି। ସେହି ଭଳି ଭାବେ ହିଁ ପ୍ରତିକ୍ରିୟା ଦେଉଛନ୍ତି। ଦେଶକୁ ଗୃହଯୁଦ୍ଧରେ ଫସାଇବାକୁ ଚାହୁଁଛନ୍ତି। ରାହୁଲ କେତେବେଳେ ମୁସଲମାନଙ୍କୁ ଉସୁକାଉଛନ୍ତି ତ ଆଉ କେବେ ଆଧାରହୀନ କଥା କହୁଛନ୍ତି। ସେହିପରି ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ କହିଛନ୍ତି ଯେ ଏହା ଭୋଟ ଚୋରିର ପ୍ରସଙ୍ଗ ନୁହେଁ ବୋଲି ପୂର୍ବରୁ କହିଥିଲି। ରାହୁଲ ଗାନ୍ଧୀଙ୍କ ବୁଦ୍ଧି ଭ୍ରମ ହୋଇଯାଇଛି। ତେଣୁ ସେ ଏଭଳି କଥା କହୁଛନ୍ତି। ସମ୍ବିଧାନରେ ଥିବା ସମସ୍ତ ବ୍ୟବସ୍ଥାକୁ ସେ ଏଡ଼ାଇ ଚାଲିଛନ୍ତି। ଏବେ ରାହୁଲ ସହରୀ ନକ୍ସଲ ହୋଇଥିବା ପ୍ରମାଣ ଦେଇଛନ୍ତି। ଜେନ୍-ଜେଡ୍‌କୁ ସମର୍ଥନ ଦେଇ ସାମ୍ବିଧାନିକ ସରକାରକୁ ଭୁଶୁଡ଼ାଇବାକୁ ରାହୁଲ ପ୍ରୟାସ କରୁଛନ୍ତି।

### ଜାତିସଂଘରେ ପାକିସ୍ତାନ, ଚୀନ୍‌କୁ ଝଟ୍‌କା

# ବିଏଲ୍‌ଏକୁ ନିଷିଦ୍ଧ ପ୍ରସ୍ତାବ ଉପରେ ଆମେରିକାର ଭିଟୋ

ନ୍ୟୁୟର୍କ, ୧୯।୯ (ଏଜେନ୍ସି): ଜାତିସଂଘରେ ଆମେରିକା ଏକ ଚକିତ କଲା ଭଳି ନିଷ୍ପତ୍ତି ନେଇଛି। ଯେଉଁ ବେଲୁଚିସ୍ତାନ ଲିବରେସନ ଆର୍ମି (ବିଏଲ୍‌ଏ) ଓ ତା’ର ଆତ୍ମଘାତୀ ସଂଗଠନ ମଜିଦ ବ୍ରିଗେଡ଼କୁ ଆମେରିକା ଆତଙ୍କବାଦୀ ସଂଗଠନ ଘୋଷଣା କରିଥିଲା ତାହାକୁ ନିଷିଦ୍ଧ କରିବା ନେଇ ଆସିଥିବା ପ୍ରସ୍ତାବ ଉପରେ ଆମେରିକା ଭିଟୋ ପ୍ରୟୋଗ କରିଛି। ଅର୍ଥାତ ଏହି ପ୍ରସ୍ତାବ ଉପରେ ଆମେରିକା ରୋକ ଲଗାଇଛି। ଏ ଜାତିସଂଘ ସୁରକ୍ଷା ପରିଷଦ (ୟୁଏନ୍‌ଏସ୍‌ସି)ର ବୈଠକରେ ପାକିସ୍ତାନ ଓ ଚୀନ୍ ଏହି ପ୍ରସ୍ତାବ ଆଣିଥିଲେ। ଦୁଇ ଦେଶ ବିଏଲ୍‌ଏକୁ ଏକ ପ୍ରତିବନ୍ଧିତ ସଂଗଠନ ଘୋଷଣା କରିବାକୁ ଦାବି କରିଥିଲେ। ବିଏଲ୍‌ଏ, ମଜିଦ ବ୍ରିଗେଡ଼, ଅଲ-କାଏଦା ଓ ତେହରିକ-ଇ- ତାଲିବାନ ପାକିସ୍ତାନ ଭଳି ଆତଙ୍କବାଦୀ ସଂଗଠନ ଆଫଗାନିସ୍ତାନରୁ କାର୍ଯ୍ୟ କରୁଛି ଓ ଏହା ସୀମା ଆରପଟୁ ପାକିସ୍ତାନ ଉପରେ ଆକ୍ରମଣ କରୁଛନ୍ତି ବୋଲି ଦୁଇ ଦେଶ ସୁରକ୍ଷା ପରିଷଦରେ ଦାବି କରିଥିଲା। ଆଫଗାନିସ୍ତାନରୁ ଆତଙ୍କବାଦକୁ ପ୍ରୋତ୍ସାହନ ଦିଆଯାଉଛି। ଏହାଦ୍ୱାରା ପାକିସ୍ତାନର ସୁରକ୍ଷା ବିପଦରେ ପଡ଼ିଛି ବୋଲି ପାକିସ୍ତାନ କହିଛି। ଆମେରିକା ସମେତ ବ୍ରିଟେନ ଓ ଫ୍ରାନ୍ସ ଭଳି ୟୁରୋପୀୟ ଦେଶ ଏହି ପ୍ରସ୍ତାବକୁ ଖୋଲାଖୋଲି ଭାବେ ବିରୋଧ କରିଛନ୍ତି। କିନ୍ତୁ ଗତ ମାସରେ ଆମେରିକା ଆଶ୍ଚର୍ଯ୍ୟଜନକ ଭାବେ ବିଏଲ୍‌ଏ ଓ ମଜିଦ ବ୍ରିଗେଡ଼କୁ ବିଦେଶୀ ଆତଙ୍କବାଦୀ ସଂଗଠନ ବୋଲି ଘୋଷଣା କରିଥିଲା। ବିଏଲ୍‌ଏ ବିରୋଧରେ ପର୍ଯ୍ୟାପ୍ତ ପ୍ରମାଣ ନାହିଁ ବୋଲି ଆମେରିକା କହିଛି। ପୁଣି ବିଏଲ୍‌ଏ ସହିତ ଆଲ-କାଏଦାର ସମ୍ପର୍କ ଥିବାର କୌଣସି ଠୋସ୍ ପ୍ରମାଣ ମଧ୍ୟ ମିଳିନାହିଁ। ତେଣୁ ବିଏଲ୍‌ଏକୁ ଜାତିସଂଘର ୧୨୬୭ ପ୍ରତିବନ୍ଧ ସୂଚୀରେ ସାମିଲ କରାଯାଇପାରିବ ନାହିଁ ବୋଲି ଆମେରିକା ସ୍ପଷ୍ଟ କରିଛି। ଏହି ସୂଚୀ ମଧ୍ୟରେ ସାମିଲ ହୋଇଥିବା ସଂଗଠନଗୁଡିକୁ ଯାତ୍ରା ପ୍ରତିବନ୍ଧ ଲାଗୁ କରାଯିବା ସହ ସମ୍ପତ୍ତି ବ୍ୟାଜାପ୍ତି କରାଯାଇଥାଏ। ଅସ୍ତ୍ରଶସ୍ତ୍ର କ୍ରୟ କରିବା ଉପରେ ରୋକ ଲଗାଯାଇଥାଏ। ଉଲ୍ଲେଖଥାଉ କି, ବିଏଲ୍‌ଏ ବେଲୁଚିସ୍ତାନକୁ ପାକିସ୍ତାନଠାରୁ ସ୍ୱାଧୀନ କରିବାକୁ ୧୯୭୦ରୁ ସଂଘର୍ଷ କରୁଛି। ଏଥିପାଇଁ ପାକିସ୍ତାନ ସେନା ଉପରେ ଆକ୍ରମଣ ଜାରି ରଖିଛି।

**■ ପୂର୍ବରୁ ବିଏଲ୍‌ଏକୁ ଆତଙ୍କବାଦୀ ସଂଗଠନ ଘୋଷଣା କରିଥିଲା ଆମେରିକା**

## ଉତ୍ତରପ୍ରଦେଶରେ ବଜ୍ରପାତରେ ୭ ମୃତ

**ହିମାଚଳରେ ବାଦଲ ଫଟା ବର୍ଷା ଓ ଭୂସ୍ଖଳନ**

**୧୬ ଘଣ୍ଟା ପରେ ଅବଶେଷ ତଳୁ ଜଣେ ଜୀବନ୍ତ ଉଦ୍ଧାର**

ନୂଆଦିଲ୍ଲୀ, ୧୯।୯ (ଏଜେନ୍ସି): ଉତ୍ତରପ୍ରଦେଶରେ ଗତ ୨୪ ଘଣ୍ଟା ମଧ୍ୟରେ ବଜ୍ରପାତରେ ୭ ଜଣ ଲୋକ ମୃତ୍ୟୁବରଣ କରିଛନ୍ତି। ଜୋନପୁରରେ ୩, କୌଶାମ୍ବିରେ ୨ ଓ ହମିରପୁର- ଚାନ୍ଦୋଲୀରେ ଜଣେ ଲେଖାଏ ବଜ୍ରପାତ କାରଣରୁ ପ୍ରାଣ ହରାଇଛନ୍ତି। ସେହିପରି ପ୍ରତାପଗଡ଼ରେ ଗୋବିନ୍ଦପୁର ଗାଁରେ ବଜ୍ରପାତ କାରଣରୁ ଗୋଟିଏ ଘରେ ନିଆଁ ଲାଗି ଯାଇଥିଲା। କୌଶାମ୍ବୀରେ ବଜ୍ରପାତ କାରଣରୁ ୨ ମହିଳା ପ୍ରାଣ ହରାଇଛନ୍ତି। ସେହିପରି ଉତ୍ତରାଖଣ୍ଡର ଚାମୋଲୀ ଜିଲ୍ଲାର ନନ୍ଦନଗରରେ ଗୁରୁବାର ରାତିରେ ହୋଇଥିବା ବାଦଲ ଫଟା ବର୍ଷା କାରଣରୁ ୧୪ ଜଣ ଲୋକ ନିଖୋଜ ଥିଲେ। କିଛି ଲୋକ ଆବର୍ଜନା ତଳେ ଦବି ଯାଇଥିଲେ। ଘଟଣାର ୧୬ ଘଣ୍ଟା ପରେ ଜଣେ ବ୍ୟକ୍ତିଙ୍କୁ ଅବଶେଷ ତଳୁ ଜୀବିତ ଅବସ୍ଥାରେ ଉଦ୍ଧାର କରାଯାଇଛି। ଏଥିରେ ଅଞ୍ଚଳରେ ୨୦୦ ଲୋକ ପ୍ରଭାବିତ ହୋଇଛନ୍ତି। ୩୫ରୁ ଊର୍ଦ୍ଧ୍ୱ ବାସଗୃହ କ୍ଷତିଗ୍ରସ୍ତ ହୋଇଛି। ଡେରାଡୁନ- ମସୁରୀରେ ସଡ଼କ ଏବେ ବି କ୍ଷତିଗ୍ରସ୍ତ ରହିଛି। ଏହି କାରଣରୁ ମସୁରୀରେ ଥିବା ୨୦୦୦ ପର୍ଯ୍ୟଟକ ସୁରକ୍ଷିତ ଅଛନ୍ତି।

## ଦୁଷ୍କର୍ମ ମାମଲାରେ ଲଳିତ ମୋଦୀଙ୍କ ଭାଇ ଗିରଫ

ନୂଆଦିଲ୍ଲୀ, ୧୯।୯ (ଏଜେନ୍ସି): ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ର ପୂର୍ବତନ ଅଧ୍ୟକ୍ଷ ଲଳିତ ମୋଦୀଙ୍କ ଭାଇ ତଥା ପ୍ରତିଷ୍ଠିତ ବ୍ୟବସାୟୀ ସମୀର ମୋଦୀଙ୍କୁ ଦିଲ୍ଲୀ ବିମାନ ବନ୍ଦରରେ ଗିରଫ କରାଯାଇଛି। ଦିଲ୍ଲୀ ପୁଲିସ ତାଙ୍କୁ ଦୁଷ୍କର୍ମ ଅଭିଯୋଗରେ ଗିରଫ କରିଛି। ୨୦୧୯ରେ ସମୀର କ୍ରମାଗତ ଭାବେ ଦୁଷ୍କର୍ମ କରିବା ସହ ବ୍ଲାକମେଲିଂ ଓ ଧୋକା ଦେଉଥିବାର ଜଣେ ମହିଳା ଅଭିଯୋଗ କରିଛନ୍ତି। ସେପ୍ଟେମ୍ବର ୧୦ରେ ମହିଳା ଜଣକ ଦିଲ୍ଲୀର ନ୍ୟୁ ଫ୍ରେଣ୍ଡସ୍ କଲୋନୀ ଥାନାରେ ମାମଲା ଦାଏର କରିଥିଲେ। ଏହାପରେ ସମୀରଙ୍କ ବିରୋଧରେ ଲୁକ୍ ଆଉଟ ସର୍କୁଲାର (ଏଲ୍‌ଓସି) ଜାରି କରାଯାଇଥିଲା। ଗୁରୁବାର ୟୁରୋପରୁ ବ୍ୟବସାୟିକ ଗସ୍ତରୁ ଫେରିବା ପରେ ତାଙ୍କୁ ବିମାନ ବନ୍ଦରରୁ ଗିରଫ କରାଯାଇଥିଲା। ଦିଲ୍ଲୀର ଏକ କୋର୍ଟ ତାଙ୍କୁ ଦୁଇ ଦିନ ପାଇଁ ପୁଲିସ ହେପାଜତକୁ ପଠାଇଛନ୍ତି। ସମୀରଙ୍କ ବିରୋଧରେ କରାଯାଇଥିବା ସବୁ ଅଭିଯୋଗ ମିଥ୍ୟା ଓ କପୋଳକଳ୍ପିତ ବୋଲି ତାଙ୍କ ଓକିଲ କହିଛନ୍ତି। ଦୁଷ୍କର୍ମ କଥା ସାର୍ବଜନୀନ କରିବା ପରେ ହତ୍ୟା ଧମକ ଦିଆଯାଇଛି ବୋଲି ମହିଳା ଜଣକ ଅଭିଯୋଗ ଆଣିଛନ୍ତି। ତେବେ ମହିଳା ଜଣକ ସମୀରଙ୍କ ସହ ୨୦୧୯ରୁ ରହିଆସୁଥିଲେ ଓ ୫୦ କୋଟି ଟଙ୍କା ମାଗୁଛନ୍ତି ବୋଲି ତାଙ୍କ ଓକିଲ କହିଛନ୍ତି।

### କେନ୍ଦ୍ରର ଆବେଦନ ଖାରଜ କଲେ ସୁପ୍ରିମକୋର୍ଟ

## ଏନ୍‌ଜିଓ ସାମାଜିକ ସେବା କଲେ ସମସ୍ୟା କ’ଣ

ନୂଆଦିଲ୍ଲୀ, ୧୯।୯ (ଏଜେନ୍ସି): ଏକ୍ ଏନ୍‌ଜିଓର ଲାଇସେନ୍ସ ନବୀକରଣ ପାଇଁ ମାଡ୍ରାସ ହାଇକୋର୍ଟ ଦେଇଥିବା ନିର୍ଦ୍ଦେଶ ବିରୋଧରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଦାଏର ଆବେଦନକୁ ସୁପ୍ରିମକୋର୍ଟ ଶୁକ୍ରବାର ଖାରଜ କରିଦେଇଛନ୍ତି। ଏହି ଏନ୍‌ଜିଓ ‘ଏଲେନ ଶର୍ମା ମେମୋରିଆଲ ଟ୍ରଷ୍ଟ’ ବିଦେଶୀ ଯୋଗଦାନକୁ ଗ୍ରହଣ କରୁଥିଲା। ତେବେ ଏଫ୍‌ସିଆରଏ ଆଇନର ଧାରା ୭ ଉଲ୍ଲଙ୍ଘନ କରୁଥିବାରୁ କେନ୍ଦ୍ର ନବୀକରଣ ପାଇଁ ଅନୁମତି ଦେଇ ନ ଥିଲା। ଏହା ପରେ ଏନ୍‌ଜିଓ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ଆଜି ଏହି ମାମଲାରେ ଶୁଣାଣି କରି ଜଷ୍ଟିସ ବିକ୍ରମ ନାଥ ଏବଂ ସନ୍ଦୀପ ମେହେଟ୍ଟାଙ୍କ ଖଣ୍ଡପୀଠ କେନ୍ଦ୍ରକୁ ସମାଲୋଚନା କରି ଏନ୍‌ଜିଓକୁ ଆଉ ହଇରାଣ ନ କରିବାକୁ କହିଥିଲେ। ଖଣ୍ଡପୀଠ ପଚାରି ଥିଲେ ଯେ ଏନ୍‌ଜିଓ କିଛି ଭୁଲ୍ କରିଛି କି? ଯେଉଁ ପାଣ୍ଠି ମିଳିଛି ତାହାର ଅପବ୍ୟବହାର କରିଛି କି? ଏନ୍‌ଜିଓ ଏଭଳି କିଛି କରିଥିବା ପ୍ରମାଣ ନାହିଁ। ଯଦି ସମାଜର ସେବା କରାଯାଉଛି ତେବେ କେନ୍ଦ୍ରର ଅସୁବିଧା କ’ଣ? ଏହା ଉପରେ ନଜର ରଖ। ବାର୍ଷିକ କାର୍ଯ୍ୟକଳାପର ବିବରଣୀ ଆଦି ଦାଖଲ କରିବାକୁ ଦିଅ। ମାମଲାକୁ ବେଶୀ ଜଟିଳ କରି ଆଉ ଏନ୍‌ଜିଓକୁ ହଇରାଣ କରନାହିଁ।

### ● ମଣିପୁରରେ ସୁରକ୍ଷାକର୍ମୀଙ୍କ ଉପରେ ଆକ୍ରମଣ

## ଆସାମ ରାଇଫଲ୍ସର ୨ ଯବାନ ସହିଦ, ୪ ଆହତ

ଇମ୍ଫାଲ, ୧୯।୯ (ଏଜେନ୍ସି): ମଣିପୁର ବିଷ୍ଣୁପୁର ଜିଲ୍ଲାର ନାମ୍ବୋଲ ସବାଲ ଲେଇକାଇ ଅଞ୍ଚଳରେ ଶୁକ୍ରବାର ସୁରକ୍ଷାବାହିନୀ ଉପରେ ଅତର୍କିତ ଆକ୍ରମଣ ହୋଇଛି। ଚାରିପଟୁ ଘେରି ଆସାମ ରାଇଫଲ୍ସର ଏକ ଗାଡି ଉପରକୁ କିଛି ଉଗ୍ରବାଦୀ ଅତର୍କିତ ଗୁଳିମାଡ଼ କରିଛନ୍ତି। ଏଥିରେ ଆସାମ ରାଇଫଲ୍ସର ଦୁଇଜଣ ଯବାନ ସହିଦ ହୋଇଥିବା ବେଳେ ୪ ଜଣ ଆହତ ହୋଇଛନ୍ତି। ସ୍ଥାନୀୟ ବାସିନ୍ଦା ଓ ପୁଲିସକର୍ମୀଙ୍କ ସହାୟତାରେ ଆହତଙ୍କୁ ଆରଆଇଏମ୍‌ଏସ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ରାଜଧାନୀ ଇମ୍ଫାଲରୁ ବିଷ୍ଣୁପୁର ଯାଉଥିବା ବେଳେ ସନ୍ଧ୍ୟା ୬ଟାରେ ଏହି ଆକ୍ରମଣ ହୋଇଥିଲା ବୋଲି ଅଧିକାରୀମାନେ ସୂଚନା ଦେଇଛନ୍ତି। ଏହାପରେ ଆକ୍ରମଣକାରୀଙ୍କୁ ଖୋଜିବା ପାଇଁ ସୁରକ୍ଷାବଳ ତଲାସୀ ଅଭିଯାନ ଆରମ୍ଭ କରିଛି। ଏହି ଆକ୍ରମଣର କାରଣ ଏପର୍ଯ୍ୟନ୍ତ ଜଣା ପଡ଼ିନାହିଁ। ଏ ନେଇ ତଦନ୍ତ ଚାଲିଛି। ମଣିପୁର ରାଜ୍ୟପାଳ ଅଜୟ କୁମାର ଭଲ୍ଲା ଏହି ଆକ୍ରମଣକୁ ନିନ୍ଦା କରିଛନ୍ତି। ଏଭଳି ହିଂସାତ୍ମକ କାର୍ଯ୍ୟକଳାପକୁ କଦାପି ବରଦାସ୍ତ କରାଯିବ ନାହିଁ ବୋଲି ସେ କହିଛନ୍ତି। ସେହିପରି ମୃତ ଯବାନଙ୍କ ପରିବାର ପ୍ରତି ସେ ଶୋକ ଜାହିର କରିବା ସହ ସମବେଦନା ଜ୍ଞାପନ କରିଛନ୍ତି। ଉଲ୍ଲେଖଥାଉ କି, ମଣିପୁରର ଜିରିବାମ୍ ଜିଲ୍ଲାରେ ୨୦୨୪ ନଭେମ୍ବର ୧୦ରେ ସିଆରପିଏଫ୍ ଯବାନ ଏନକାଉଣ୍ଟର କରି ୧୦ଜଣ କୁକି ଉଗ୍ରବାଦୀଙ୍କୁ ନିପାତ କରିଥିଲେ।

## ୮୦୮ ନିଷ୍କ୍ରିୟ ରାଜନୈତିକ ଦଳକୁ ଅଣ-ତାଲିକାଭୁକ୍ତ କଲେ ନିର୍ବାଚନ କମିଶନ

ନୂଆଦିଲ୍ଲୀ, ୧୯।୯ (ଏଜେନ୍ସି): ରାଜନୈତିକ ଦଳ ମାଧ୍ୟମରେ କଳା ଟଙ୍କାକୁ ଧଳା କରିବା ମାମଲା ସାମ୍ନାକୁ ଆସିବା ପରେ ଭାରତୀୟ ନିର୍ବାଚନ କମିଶନ ସଫେଇ ଅଭିଯାନକୁ ଜୋରଦାର କରିଛନ୍ତି। ଗତ ୬ ବର୍ଷ ହେଲା କୌଣସି ନିର୍ବାଚନ ଲଢ଼ି ନ ଥିବା ୮୦୮ ପଞ୍ଜିକୃତ ଅଣ-ମାନ୍ୟତାପ୍ରାପ୍ତ ରାଜନୈତିକ ଦଳ (ଆରୟୁପିପି)କୁ ଅଣ-ତାଲିକାଭୁକ୍ତ କରିଦେଇଛନ୍ତି। ୧୯୫୧ର ଲୋକ ପ୍ରତିନିଧି ଆଇନର ଧାରା ୨୯ଏ ଅନୁଯାୟୀ ରାଜନୈତିକ ଦଳ ଗୁଡିକର ପଞ୍ଜୀକରଣ ହୋଇଥାଏ। ପଞ୍ଜୀକରଣ ପରେ ଏହି ଦଳଗୁଡ଼ିକ ନିର୍ଦ୍ଦିଷ୍ଟ ଲାଭ ପାଇଥାନ୍ତି। ନିର୍ବାଚନୀ ଚିହ୍ନ ଏବଂ ଟିକସରେ ରିଆତି ଆଦି ସୁବିଧା ମିଳିଥାଏ। ଏହାର ଲାଭ ଉଠାଇ କିଛି ରାଜନୈତିକ ଦଳ ବେଆଇନ କାରବାର ଚଳାଉ ଥିଲେ।

ଗତ ଜୁନ୍‌ରୁ ଇସି ଏହି ଅଭିଯାନ ଆରମ୍ଭ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ଅଗଷ୍ଟ ୯ ତାରିଖରେ ୩୩୪ ଅଣ-ମାନ୍ୟତା ପ୍ରାପ୍ତ ଦଳଙ୍କୁ ତାଲିକାରୁ ହଟାଇ ଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଗୁରୁବାର ୪୭୪ ଦଳଙ୍କୁ ବାଦ୍ ଦେଇଥିଲେ। ଏହାକୁ ମିଶାଇ ମୋଟ ୮୦୮ ଦଳଙ୍କୁ ଅଣ-ତାଲିକାଭୁକ୍ତ କରାଗଲାଣି। ଦ୍ୱିତୀୟ ପର୍ଯ୍ୟାୟରେ ଉତ୍ତର ପ୍ରଦେଶର ସର୍ବାଧିକ ୧୨୧ ଦଳ, ମହାରାଷ୍ଟ୍ରର ୪୪, ତାମିଲନାଡୁର ୪୨, ଦିଲ୍ଲୀର ୪୦, ପଞ୍ଜାବର ୨୧, ମଧ୍ୟପ୍ରଦେଶର ୨୩, ବିହାରର ୧୫, ରାଜସ୍ଥାନ ଏବଂ ଆନ୍ଧ୍ର ପ୍ରଦେଶର ୧୭ଟି ଲେଖାଏଁ ଦଳ ସାମିଲ ରହିଛି। ଏହି ପର୍ଯ୍ୟାୟରେ ୩୦ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ୪୭୪ ଦଳଙ୍କୁ ବାଦ୍ ଦିଆଯାଇଛି। ତୃତୀୟ ପର୍ଯ୍ୟାୟରେ ୨୩ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ୩୫୯ ଦଳ ବିଚାରାଧୀନ ଅଛନ୍ତି। ଏହି ଦଳଗୁଡିକ ନିର୍ବାଚନ ଲଢ଼ିଥିବାବେଳେ ତିନି ବର୍ଷର ବାର୍ଷିକ ସମୀକ୍ଷା ରିପୋର୍ଟ ଦାଏର କରିନାହାନ୍ତି।

## ପାକିସ୍ତାନ ଘର ଭଳି ଲାଗୁଛି: ପିତ୍ରୋଡା

ନୂଆଦିଲ୍ଲୀ, ୧୯।୯ (ଏଜେନ୍ସି): କଂଗ୍ରେସର ବରିଷ୍ଠ ନେତା ସାମ ପିତ୍ରୋଡା ପୁଣି ଏକ ବିବାଦୀୟ ମନ୍ତବ୍ୟ ଦେଇ ଚର୍ଚ୍ଚା ସୃଷ୍ଟି କରିଛନ୍ତି। ଶୁକ୍ରବାର ଏକ ଖବର ସରବରାହ ସଂସ୍ଥାକୁ ସାକ୍ଷାତକାର ଦେବା ଅବସରରେ ସେ କହିଛନ୍ତି ଯେ, ମୁଁ ପାକିସ୍ତାନ ଯାଇଥିଲି ଓ ସେଠାରେ ଘରେ ଥିବା ଭଳି ଅନୁଭବ କରିଥିଲି। ଏହିକ୍ରମରେ ସେ ନେପାଳ ଓ ବାଂଲାଦେଶକୁ ମଧ୍ୟ ପ୍ରଶଂସା କରିବାକୁ ପଛାଇ ନାହାନ୍ତି। ମୁଁ ନେପାଳ ଓ ବାଂଲାଦେଶକୁ ମଧ୍ୟ ଯାଇଥିଲି। ସେଠାରେ ମଧ୍ୟ ଘର ଭଳି ଅନୁଭବ କରିଥିଲି। ବିଦେଶରେ ଥିବା ଭଳି ମୋତେ ଲାଗୁ ନ ଥିଲା। ଏହି ଦେଶର ନାଗରିକମାନେ ମୋ ଭଳି ଦେଖାଯାଉଥିଲେ ଓ ମୋ ଭଳି କଥାବାର୍ତ୍ତା କରୁଥିଲେ।

### ଛାର୍‌ଖାର କରିଦେଲା ଜେନ୍-ଜେଡ୍ ଆନ୍ଦୋଳନ

# ନେପାଳ ଏବେ ନିସ୍ୱ: ପ୍ରଧାନମନ୍ତ୍ରୀ ସୁଶୀଳା



କାଠମାଣ୍ଡୁ, ୧୯।୯ (ଏଜେନ୍ସି): ନେପାଳ ଏବେ ଜିରୋ ଷ୍ଟେଟ୍ ଅର୍ଥାତ ଶୂନ୍ୟ ସ୍ଥିତିରେ ଅଛି। ଦେଶର ସ୍ଥିତି ଏବେ ବହୁତ ଗମ୍ଭୀର। ଜେନ୍- ଜେଡ ଆନ୍ଦୋଳନରେ ସବୁକିଛି ଜଳି ପଡ଼ି ଛାରଖାର ହୋଇଛି। ଆମ ପାଖରେ କ୍ୟାବିନେଟ ଅଛି, କିନ୍ତୁ ମନ୍ତ୍ରଣାଳୟ ପାଖରେ କାର୍ଯ୍ୟକରିବା ପାଇଁ ବିଲ୍ଡିଂ, କାର୍ଯ୍ୟାଳୟ ଓ ଆବଶ୍ୟକୀୟ କାଗଜପତ୍ର କିଛି ନାହିଁ। ରାଜଧାନୀ କାଠମାଣ୍ଡୁର ସିଂହ ଦରବାରରେ ସେପ୍ଟେମ୍ବର ୯ରେ ହୋଇଥିବା ଭୟଙ୍କର ପୋଡା ଜଳାରେ ଦେଶର ସରକାରୀ ଭିତ୍ତିଭୂମୀକୁ ସମ୍ପୂର୍ଣ୍ଣ ନଷ୍ଟ କରି ଦିଆଯାଇଛି ବୋଲି ନେପାଳର କାମଚଳା ପ୍ରଧାନମନ୍ତ୍ରୀ ସୁଶୀଳା କାର୍କି କହିଛନ୍ତି।

ସିଂହ ଦରବାରରେ ପରିସର ଏକଦା ଏକ ଭବ୍ୟ ମହଲ ଥିଲା ଓ ଏଥିରେ ୨୦ରୁ ଅଧିକ ମନ୍ତ୍ରଣାଳୟର ମୁଖ୍ୟ କାର୍ଯ୍ୟାଳୟ ଥିଲା। ଏବେ କିନ୍ତୁ ଏହା ଆବର୍ଜନାର କେନ୍ଦ୍ରରେ ପରିଣତ ହୋଇଛି। ଏହି ଦୁର୍ନୀତି ବିରୋଧୀ ଆନ୍ଦୋଳନରେ ଦେଶର ସଂସଦ ଓ ପ୍ରାୟ ସବୁ ମନ୍ତ୍ରଣାଳୟର କାର୍ଯ୍ୟାଳୟ ନଷ୍ଟ ହୋଇଛି। ଏହି କ୍ରମରେ ସରକାରୀ କାଗଜପତ୍ର, ଜନ୍ମପ୍ରମାଣ ପତ୍ର, କମ୍ପାନୀ ରେଜିଷ୍ଟ୍ରେସନ ଓ ଅନ୍ତରାଷ୍ଟ୍ରୀୟସ୍ତରରେ ହୋଇଥିବା ବୁଝାମଣା ତଥା ଚୁକ୍ତିର ମୂଳ କାଗଜପତ୍ର ଜଳି ନଷ୍ଟ ହୋଇଛି। କେବଳ ସୁପ୍ରିମକୋର୍ଟର ୬୦ ହଜାର ଫାଇଲ ଜଳି ପାଉଁଶ ହୋଇଯାଇଛି। ସଂସଦ, ରାଷ୍ଟ୍ରପତି ଭବନଠାରୁ ଆରମ୍ଭ କରି ସୁପ୍ରିମକୋର୍ଟ, ସରକାରଙ୍କ ୩୦୦ରୁ ଅଧିକ ବିଲ୍ଡିଂରେ ନିଆଁ ଲଗାଇ ନଷ୍ଟ କରିଦିଆଯାଇଛି। ଦେଶ ଚଳାଇବାକୁ ସବୁ ସଂସ୍ଥା ଓ ଦସ୍ତାବିଜ ନଷ୍ଟ ହୋଇଛି। କିନ୍ତୁ ଆମେ ପୁଣି ଥରେ ଉଠି ଛିଡା ହେବୁ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ବିଭିନ୍ନ ଦସ୍ତାବିଜ ଜଳିଯିବା ପରେ ସାଧାରଣ ଲୋକ ହନ୍ତସନ୍ତ ହେଉଛନ୍ତି। କାଠମାଣ୍ଡୁ ଘାଟୀର ସବୁ ୧୧୨ ପୁଲିସ ଥାନା ନଷ୍ଟ ହୋଇଛି। ତେଣୁ ପୁଲିସ କର୍ମଚାରୀ ସବୁ ତମ୍ବୁରେ ରହି କାର୍ଯ୍ୟ କରୁଛନ୍ତି। ଲୋକ ଜନ୍ମପ୍ରମାଣପତ୍ର, ପାସପୋର୍ଟ, ପେନ୍‌ସନ ଓ ବ୍ୟାଙ୍କ ସେବା ପାଇଁ ହନ୍ତସନ୍ତ ହେଉଛନ୍ତି। ଆର୍ଥିକ ଓ ରାଜନୈତିକ ଅସ୍ଥିରତା ପାଇଁ ପ୍ରତିଦିନ ଦୁଇ ହଜାର ନେପାଳ ନାଗରିକ ବିଦେଶ ପଳାୟନ କରୁଛନ୍ତି। ବିତାଡ଼ିତ ପ୍ରଧାନମନ୍ତ୍ରୀ କେପି ଶର୍ମା ଓଲି ୯ ଦିନ ପରେ ନିଜ ଘରେ ପହଞ୍ଚିଛନ୍ତି। ପୁଣି ଦୁଇ ଦେଶ ମଧ୍ୟରେ ସମ୍ପର୍କରେ ଉନ୍ନତି ଆଣିବାକୁ ସୁଶୀଳା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ଟେଲିଫୋନ୍‌ରେ କଥା ହୋଇଛନ୍ତି। ଦେଶରେ ଶାନ୍ତି ଫେରାଇ ଆଣିବାକୁ ଭାରତ ସବୁ ପ୍ରକାର ସହଯୋଗ କରିବ ବୋଲି ମୋଦୀ ପ୍ରତିଶ୍ରୁତ ଦେଇଛନ୍ତି।

**■ ସରକାରୀ ଭିତ୍ତିଭୂମି, କାଗଜପତ୍ର ସ୍ୱାହା**

# ମହିଳାଙ୍କୁ ଟାଣିନେଲା କୁମ୍ଭୀର

ମହାକାଳପଡ଼ା, ୧୯।୯ (ସମିସ): ଆଜି ମହାକାଳପଡ଼ା ବ୍ଲକ୍ ସୁନିତି ପଞ୍ଚାୟତର ବେଣାକନ୍ଦା ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ମହିଳା ଗୋବରୀ ନଦୀ କୂଳକୁ ଛେଳି ଆଣିବାକୁ ଯାଇଥିବା ବେଳେ ତାଙ୍କୁ କୁମ୍ଭୀର ଟାଣି ନେଇଛି। ବହୁ ଖୋଜାଖୋଜି ପରେ ମଧ ତାଙ୍କର ପତ୍ତା ମିଳିପାରିନାହିଁ। ଆଜି ଦିନ ପ୍ରାୟ ସାଢ଼େ ୩ଟାରେ ବେଣାକନ୍ଦା ଗ୍ରାମର ଲକ୍ଷ୍ମୀ ଦଳାଇ ଗୋବରୀ ନଦୀ କୂଳକୁ ଛେଳିକୁ ଆଣିବାକୁ ଯାଇଥିଲେ। ସେତିକିବେଳେ ନଦୀ ପଠାରେ ଗୋଟିଏ କୁମ୍ଭୀର ଛେଳିକୁ ଝାମ୍ପିନେବାକୁ ବସିଥିଲା। ଏହାଦେଖି ଲକ୍ଷ୍ମୀ ଛେଳିକୁ ଖୁଣ୍ଟରୁ ଫିଟାଇ ଦେଇଥିଲେ। ଛେଳିଟି ଦୌଡ଼ି ପଳାଇ ଯାଇଥିବା ବେଳେ ଅସାବଧାନତାବଶତଃ ନଦୀପଠାରେ ଲକ୍ଷ୍ମୀଙ୍କ ଗୋଡ଼ ଖସିଯାଇଥିଲା ଏବଂ କୁମ୍ଭୀରଟି ତାଙ୍କୁ ଟାଣି ନେଇଥିଲା। ତାଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକେ ପହଞ୍ଚି ଉଦ୍ଧାର କରିବାକୁ ପ୍ରୟାସ କରିଥିଲେ ହେଁ ସମ୍ଭବପର ହୋଇପାରିନାହିଁ।



# ତଟରକ୍ଷୀ ବାହିନୀରେ ସାମିଲ ହେଲା 'ଅଦମ୍ୟା'

ପାରାଦୀପ,୧୯।୯ (ସମିସ): ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଜାହାଜ ଆଇସିଜିଏସ୍ 'ଅଦମ୍ୟା' ଆଜି ତଟରକ୍ଷୀ ବାହିନୀରେ ସାମିଲ ହୋଇଛି। ପାରାଦୀପଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପ୍ରତିରକ୍ଷା ମନ୍ତ୍ରାଳୟର ଯୁଗ୍ମ ସଚିବ ସତ୍ୟଜିତ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ଅତ୍ୟାଧୁନିକ ଜାହାଜ 'ଅଦମ୍ୟା'କୁ ଉଦ୍‌ଘାଟନ କରିଛନ୍ତି। ଏହି ଜାହାଜର ଲମ୍ବ ୫୧ମିଟର ଓ ଓଜନ ୩୨୦ ଟନ୍।

**୫୭୫ କିଲୋମିଟର ଉପକୂଳକୁ ଦେବ ସୁରକ୍ଷା**




ଏହା ୫୭୫ କିଲୋମିଟର ଉପକୂଳକୁ ସୁରକ୍ଷା ଦେବ। ମେସର୍ସ ଗୋଆ ସିପ୍ୟାଡ୍ ଲିମିଟେଡ୍ ଦ୍ୱାରା ଏହା ନିର୍ମାଣ ହୋଇଛି। ଏହା ଦୁଇଟି ୩୦୦୦ କିଲୋୱାଟ୍‌ର ଡିଜେଲ୍ ଇଞ୍ଜିନ୍ ଦ୍ୱାରା ଚାଳିତ। ଆଧୁନିକ ପ୍ରଣାଳୀରେ ନିର୍ମିତ ଏହି ଜାହାଜରେ ୩୦ମିମି ସିଆରଏନ୍ ୯୧ ବନ୍ଧୁକ ଓ ଦୁଇଟି ୧୨.୭ ମିମି ସ୍ଥିର ରିମୋର୍ଟ କଣ୍ଟ୍ରୋଲ ମେସିନ୍-ଗନ୍ ରହିଛି। ଅନୁରାଗ ପାଣ୍ଡେ ଏହି ଜାହାଜର କମାଣ୍ଡର୍। ଏହାବ୍ୟତୀତ ଏହି ଜାହାଜରେ ୫ ଧିକାରୀ ଓ ୩୪ ଜଣ କର୍ମଚାରୀ କାମ କରିବେ। ଏହା ଭାରତୀୟ କୋଷ୍ଟଗାର୍ଡର କ୍ଷମତାକୁ ଅଧିକ ସୁଦୃଢ଼ କରିବ। ତେବେ କୋଷ୍ଟଗାର୍ଡ ପକ୍ଷରୁ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ପାରାଦୀପ କୋଷ୍ଟଗାର୍ଡର ବରିଷ୍ଠ ଅଧିକାରୀ, ଜଗତସିଂହପୁର ଏସ୍‌ପି ଅଙ୍କିତ କୁମାର ବର୍ମା ପ୍ରମୁଖ ଯୋଗ ଦେଇଥିଲେ।

# ଭିଜିଲାନ୍ସ ଜାଲରେ କାଶୀପୁର ରେଞ୍ଜର

କାଶୀପୁର,୧୯।୯(ସମିସ): ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ରାୟଗଡ଼ା ଜିଲ୍ଲା କାଶୀପୁର ବ୍ଲକ୍ ଅନ୍ତର୍ଗତ କାଶୀପୁର ରେଞ୍ଜର (ବନାଞ୍ଚଳ ଅଧିକାରୀ) ଅନ୍ତର୍ଯ୍ୟାମୀ ସାହୁଙ୍କ କାଶୀପୁରସ୍ଥିତ ସରକାରୀ ବାସଭବନ ଓ କାର୍ଯ୍ୟାଳୟରେ ଆଜି ଭିଜିଲାନ୍ସ ଚଢ଼ଉ କରିଛି। ଏଥିସହ ଭିଜିଲାନ୍ସ ଟିମ୍ କାଶୀପୁର, ବ୍ରହ୍ମପୁର, ବାଲିଗୁଡ଼ା, ଭଞ୍ଜନଗର, ନୟାଗଡ଼ ସମେତ ରାଜ୍ୟର ୯ଟି ସ୍ଥାନରେ ଏକକାଳୀନ ଚଢ଼ଉ କରିଛନ୍ତି।

**ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ୯ ସ୍ଥାନରେ ଚଢ଼ଉ**

ଯାଞ୍ଚ ବେଳେ ତାଙ୍କର ବାଲିଗୁଡ଼ା ସହର ଉପକଣ୍ଠରେ ୬ଟି ପ୍ଲଟ୍, ବ୍ରହ୍ମପୁରର ଜୋଗିଆପାଲିରେ ଗୋଟିଏ ପ୍ଲଟ୍, ଗଞ୍ଜାମର କୋଡାସିଂରେ ୨ଟି ପ୍ଲଟ୍ ସମେତ ୯ଟି ମୂଲ୍ୟବାନ ପ୍ଲଟ୍ ଠାବ କରାଯାଇଛି। ବ୍ୟାଙ୍କ, ଡାକ ଏବଂ ବୀମାଜମା ଏବଂ ଅନ୍ୟାନ୍ୟ ନିବେଶ ଉପରେ ଯାଞ୍ଚ କରାଯାଉଛି। ଏଥିସହ ତାଙ୍କର ବାଲିଗୁଡ଼ା ଏସ୍‌ବିଆଇ ଶାଖାରେ ଏକ ଲକର୍ ଥିବା ମଧ ଜଣାପଡ଼ିଛି। ଚଢ଼ଉ ଜାରି ରହିଥିବାରୁ ସମ୍ପତ୍ତି ନେଇ ସବିଶେଷ ତଥ୍ୟ ମିଳିପାରିନାହିଁ। କାଶୀପୁର ସରକାରୀ ବାସଭବନ ଏବଂ ବନବିଭାଗ କାର୍ଯ୍ୟାଳୟରେ ଯାଞ୍ଚ କରିବା ପରେ ଶ୍ରୀ ସାହୁଙ୍କୁ ରାୟଗଡ଼ା ଜିଲ୍ଲା ଭିଜିଲାନ୍ସ କାର୍ଯ୍ୟାଳୟକୁ ନିଆଯାଇଥିଲା। ସେଠାରୁ ଜୟପୁରସ୍ଥିତ ସ୍ୱତନ୍ତ୍ର ଭିଜିଲାନ୍ସ କାର୍ଯ୍ୟାଳୟକୁ ନିଆଯାଇ ପଚରାଉଚରା କରାଯାଉଥିବା ସୂଚନା ମିଳିଛି। ଜୟପୁର ସ୍ୱତନ୍ତ୍ର ଭିଜିଲାନ୍ସ ଏସ୍‌ପିଙ୍କ ତତ୍ତ୍ୱାବଧାନରେ ଅତିରିକ୍ତ ଏସ୍‌ପି ଅନନ୍ତ ମଲ୍ଲିକଙ୍କ ଉପସ୍ଥିତିରେ ୭ଜଣ ଡିଏସ୍‌ପି, ୬ଜଣ ଇନ୍ସପେକ୍ଟର୍, ୯ ଏଏସ୍‌ଆଇ ଓ ଅନ୍ୟାନ୍ୟ କର୍ମଚାରୀ ଏହି ଚଢ଼ଉରେ ସାମିଲ ଅଛନ୍ତି।

**ରାଜସ୍ୱ ବିଭାଗର ନିର୍ଦ୍ଦେଶନାମା**

# ଗୋଟିଏ ଜାଗାରେ ୩ ବର୍ଷରୁ ଊର୍ଦ୍ଧ୍ୱ ସମୟ ଥିଲେ ବଦଳି

ଭୁବନେଶ୍ୱର,୧୯।୯ (ସମିସ): ଗୋଟିଏ ସ୍ଥାନରେ ୩ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ରାଜସ୍ୱ ବିଭାଗ କର୍ମଚାରୀ କାର୍ଯ୍ୟ କରିପାରିବେ ନାହିଁ। ୩ ବର୍ଷ ଧରି ଗୋଟିଏ ସ୍ଥାନରେ ଥିବା ରାଜସ୍ୱ କର୍ମଚାରୀଙ୍କୁ ବଦଳି ପାଇଁ ରାଜ୍ୟର ସମସ୍ତ ଜିଲ୍ଲାପାଳଙ୍କୁ ରାଜସ୍ୱ ବିଭାଗ ନିର୍ଦ୍ଦେଶ ଦେଇଛି। ୩ ବର୍ଷରୁ ଅଧିକ ସମୟ ପୂରଣ କରୁଥିଲେ ସେକ୍ସନ୍ ଅଫିସର୍, ସିନିୟର୍ ରେଭିନ୍ୟୁ ଆସିଷ୍ଟାଣ୍ଟ, ଜୁନିୟର୍ ରେଭିନ୍ୟୁ ଆସିଷ୍ଟାଣ୍ଟଙ୍କ ସହ ଆର୍‌ଆଇ, ସହକାରୀ ଆର୍‌ଆଇ, ଅମିନଙ୍କର ବଦଳି ପାଇଁ ତୁରନ୍ତ ପଦକ୍ଷେପ ନେବାକୁ ଚିଠିରେ ଉଲ୍ଲେଖ କରାଯାଇଛି। ଜିଲ୍ଲାପାଳ, ଉପଜିଲ୍ଲାପାଳ, ବ୍ଲକ୍ ଓ ତହସିଲ କାର୍ଯ୍ୟାଳୟରେ କାର୍ଯ୍ୟରତ ରାଜସ୍ୱ ବିଭାଗ କର୍ମଚାରୀଙ୍କ ପାଇଁ ଏହି ନିର୍ଦ୍ଦେଶନାମା ଲାଗୁ ହେବ। ରାଜସ୍ୱ ପ୍ରଶାସନ ଅଧୀନରେ କାର୍ଯ୍ୟ କରୁଥିବା କିଛି କର୍ମଚାରୀଙ୍କ ବିରୋଧରେ ବାରମ୍ବାର ଅଭିଯୋଗ ଆସୁଛି। ନିୟମିତ ଭାବେ କର୍ମଚାରୀଙ୍କ ବଦଳି ପାଇଁ ସରକାରୀ ନିର୍ଦ୍ଦେଶ ଥିଲେ ମଧ ବହୁ କର୍ମଚାରୀ ଗୋଟିଏ ଅଫିସ ଅବା ପଦବିରେ ବର୍ଷ ବର୍ଷ ଧରି ରହିଛନ୍ତି। ତେଣୁ ବିଭାଗ ପକ୍ଷରୁ ଉପରୋକ୍ତ ନିଷ୍ପତ୍ତି ନିଆଯାଇଛି। ବିଭାଗର ନିର୍ଦ୍ଦେଶନାମା ଉପରେ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ବିଭାଗକୁ ୧୫ ଦିନ ମଧ୍ୟରେ ଅବଗତ କରାଇବାକୁ ଚିଠିରେ ଉଲ୍ଲେଖ ରହିଛି।

# ସରକାରଙ୍କ ତଣ୍ଟିରେ ରତ୍ନ ଅଳଙ୍କାର କଣ୍ଟା

ପୁରୀ,୧୯।୯ (ସମିସ): ଶ୍ରୀମନ୍ଦିର ରତ୍ନଭଣ୍ଡାରକୁ ନେଇ ବିଗତ ଦିନରେ ପଲ୍ଲୀରୁ ଦିଲ୍ଲୀ ପର୍ଯ୍ୟନ୍ତ ରାଜନୀତି ସରଗରମ ହୋଇଛି। ଏବେ ବି ଏହା ଉପରେ ରହିରହି ତର୍ଜମା ଚାଲିଛି। କେବେ ଗଣତିମଣତି ହେବ ମହାପ୍ରଭୁଙ୍କ ଦୁର୍ମୂଲ୍ୟ ରତ୍ନ ଅଳଙ୍କାର? ଏହି ପ୍ରଶ୍ନ ଏବେ ପ୍ରତ୍ୟେକ ଜଗନ୍ନାଥପ୍ରେମୀଙ୍କ ମନରେ ଉଙ୍କି ମାରୁଥିବା ବେଳେ ଏହାକୁ ନେଇ ଏବେ ଦୋଛକିରେ ରାଜ୍ୟ ସରକାର। ଗଣିଲେ ଦୋଷ, ନ ଗଣିଲେ ବି ବଦ୍‌ନାମ। ରାଜ୍ୟର ନୂଆ ବିଜେପି ସରକାର ତଣ୍ଟିରେ ଏବେ ରତ୍ନଅଳଙ୍କାର କଣ୍ଟା ଲାଗିଛି। ନା ଢୋକି ପାରୁଛନ୍ତି ନା କାଢ଼ି ପାରୁଛନ୍ତି। ଏହାରି ଭିତରେ କେବେ ପୂର୍ବ ତାଲିକା ସହ ମହାପ୍ରଭୁଙ୍କ ରତ୍ନଅଳଙ୍କାର ମେଳ କରାଯିବ, ତାହା ଉପରେ ସମସ୍ତଙ୍କ ନଜର ରହିଛି।

୨୦୨୪ ସାଧାରଣ ନିର୍ବାଚନରେ ବିଜେପି ରତ୍ନଭଣ୍ଡାରକୁ ଏକ ପ୍ରମୁଖ ପ୍ରସଙ୍ଗ କରିଥିଲା। ବିଜେପିର ଜାତୀୟସ୍ତରର ନେତାଙ୍କ ସମେତ ଅନ୍ୟ ରାଜ୍ୟର ନେତାମନ୍ତ୍ରୀମାନେ ମଧ ରତ୍ନଭଣ୍ଡାରକୁ ପ୍ରସଙ୍ଗ କରି ଓଡ଼ିଶାରେ ନିର୍ବାଚନ ମଞ୍ଚକୁ ଦୋହଲାଇଥିଲେ। ରତ୍ନଭଣ୍ଡାର ଚାବି କୁଆଡ଼େ ଗଲା ବୋଲି ପ୍ରଶ୍ନ କରି ପୂର୍ବର ବିଜେଡି ସରକାରଙ୍କ ଉପରକୁ ଅଙ୍ଗୁଳି ଉଠାଇଥିଲେ। ମହାପ୍ରଭୁଙ୍କ ରତ୍ନଅଳଙ୍କାର ସୁରକ୍ଷାକୁ ନେଇ ବି ରାଜ୍ୟ ବିଜେପି ନେତାମାନେ ରଡ଼ି ଛାଡ଼ିଥିଲେ। ରାଜ୍ୟରେ ବିଜେପି କ୍ଷମତାକୁ ଆସିବା ପରେ ନିର୍ବାଚନୀ ପ୍ରତିଶ୍ରୁତି ରକ୍ଷା କରି ରତ୍ନଭଣ୍ଡାର ଖୋଲିବା ଏବଂ ଗଣତିମଣତି



ପାଇଁ ଏକ ଉଚ୍ଚସ୍ତରୀୟ କମିଟି ଗଠନ କଲା। ଶେଷରେ ରାଜ୍ୟ ସରକାରଙ୍କ ଅନୁମୋଦିତ ମାର୍ଗଦର୍ଶିକା ଅନୁସାରେ, ଗତବର୍ଷ ଜୁଲାଇ ୧୪ ଏବଂ ଜୁଲାଇ ୧୮ ରେ ବାହାର ଓ ଭିତର ରତ୍ନଭଣ୍ଡାର ଖୋଲାଯାଇଥିଲା। ସମସ୍ତ ଅଳଙ୍କାର ତଥା ମୂଲ୍ୟବାନ ସାମଗ୍ରୀ ବାହାରକୁ ଅଣାଯାଇ ଅସ୍ଥାୟୀ ରତ୍ନଭଣ୍ଡାରରେ ରଖାଯାଇଛି। ପରେ ଏଏସ୍‌ଆଇକୁ ଉଭୟ ରତ୍ନଭଣ୍ଡାରର ସଂରକ୍ଷଣ ତଥା ମରାମତି ଦାୟିତ୍ୱ ଦିଆଯାଇଥିଲା। ଗତବର୍ଷ ଡିସେମ୍ବର ୧୭ରୁ ମରାମତି କାର୍ଯ୍ୟ ଆରମ୍ଭ ହୋଇ ପ୍ରାୟ ୬ମାସ ଧରି ଚାଲିଥିଲା। ୯୫ ଦିନ ଧରି ମରାମତି କାର୍ଯ୍ୟ ପରେ ଗତ ଜୁନ୍‌ରେ ରତ୍ନଭଣ୍ଡାରକୁ ଏଏସ୍‌ଆଇ ଶ୍ରୀମନ୍ଦିର ଜିମା ଦେଇସାରିଛି। କାର୍ଯ୍ୟ ଶେଷ ହୋଇଥିବାରୁ ପୂର୍ବ ନିଷ୍ପତ୍ତି ପ୍ରକାରେ ଅସ୍ଥାୟୀ ରତ୍ନଭଣ୍ଡାରରୁ ସମସ୍ତ ଅଳଙ୍କାର ସ୍ଥାୟୀ ରତ୍ନଭଣ୍ଡାରକୁ ସ୍ଥାନାନ୍ତର କରାଯିବ। କିନ୍ତୁ, ଏହାକୁ ନେଇ

**■ ନା ଢୋକି ପାରୁଛନ୍ତି ନା କାଢ଼ି ପାରୁଛନ୍ତି**
**■ ବଦ୍‌ନାମ ହେବାର ଭୟ ଘାରୁଥିବା ଚର୍ଚ୍ଚା**

ଏବେ ପ୍ରଶ୍ନ ଉଠାଇଛନ୍ତି ସେବାୟତ ଓ ବୁଦ୍ଧିଜୀବୀ। ସ୍ଥାୟୀ ରତ୍ନଭଣ୍ଡାର ଘରେ ରଖିବା ପୂର୍ବରୁ ରତ୍ନ ଅଳଙ୍କାର କାହିଁକି ଗଣତିମଣତି କରାଯାଉନାହିଁ ବୋଲି ପ୍ରଶ୍ନ କରିଛନ୍ତି।

ମହାପ୍ରଭୁଙ୍କ ରତ୍ନଅଳଙ୍କାରକୁ ନେଇ ଏବେ ବିଜେପି ସରକାର ଦୋଛକିରେ ପଡ଼ିଥିବା ଚର୍ଚ୍ଚା ହେଉଛି। କାରଣ, ରତ୍ନଭଣ୍ଡାରକୁ ନେଇ ପୂର୍ବରୁ ବିଜେପି ନାନା ମନଗଢ଼ା କଥା କହିଥିଲା। ରତ୍ନ ଅଳଙ୍କାରର ସୁରକ୍ଷାକୁ ନେଇ ପ୍ରଶ୍ନ ଉଠାଇଥିବା ବେଳେ ଚାବି କୁଆଡ଼େ ଗଲା, ପାତାଳରେ ଥିଲେ ବି ଆମେ ଖୋଜି ବାହାର କରିବୁ ବୋଲି କହିଥିଲା। ହେଲେ ରତ୍ନଭଣ୍ଡାର ଖୋଲିବା ପୂର୍ବରୁ ରତ୍ନଅଳଙ୍କାର ଗଣତିମଣତି କରିବା ଆବଶ୍ୟକତା ଥିଲା। ୧୯୭୮ ତାଲିକା ସହ ମେଳ କରାଇ ଦେଇଥିଲେ ସବୁ ଦ୍ୱନ୍ଦ୍ୱ ସ୍ପଷ୍ଟ ହୋଇଥା'ନ୍ତା। କିନ୍ତୁ, ତାହା କରାଯାଇନାହିଁ। ଏବେ ଅସ୍ଥାୟୀ ଘରେ ରହିଛି ରତ୍ନ ଅଳଙ୍କାର। ଯଦି ଗଣତିମଣତି କରାଯାଏ ଏବଂ ଠାକୁରଙ୍କ ଅଳଙ୍କାର ପୂର୍ବ ତାଲିକା ସହ ମେଳ ଖାଏ, ତା' ହେଲେ ବିଜେପିର ମିଛ ଧରାପଡ଼ିଯିବ। କାରଣ ରତ୍ନଭଣ୍ଡାର ଚାବି ଏବଂ ଅଳଙ୍କାର ଚୋରି ହୋଇଥିବା ନେଇ ସେତେବେଳେ ନାନାପ୍ରକାର ଚର୍ଚ୍ଚା ହୋଇଥିଲା। ଏମିତି ବି ଯଦି ପୂର୍ବ ତାଲିକା ସହ ମେଳ ନଖାଏ କିମ୍ବା କିଛି ଅଳଙ୍କାର କମ୍ ଜଣାପଡ଼ିବ, ତେବେ ବିଜେପି ସରକାରକୁ ସମସ୍ତେ ଦୋଷାରୋପ କରିବେ। କାରଣ ନିୟମ ଅନୁସାରେ ଖୋଲିବା ବେଳେ ହିଁ ଗଣତିମଣତି ବା ମାପଚୁପ୍ କରିବା କଥା, ଯାହା କରାଯାଇ ନଥିଲା। ଏଥିପାଇଁ ପୂର୍ବ ସରକାରଙ୍କୁ ଆଉ ବଦନାମ କରାଯାଇପାରିବ ନାହିଁ। ତେଣୁ, ଏମିତି ରତ୍ନଭଣ୍ଡାରର ରତ୍ନ ଅଳଙ୍କାର କଣ୍ଟା ଏବେ ବିଜେପି ସରକାର ତଣ୍ଟିରେ ଲାଗିଯାଇଛି। ଯେଉଁଥିପାଇଁ ଗଣତିମଣତି ଏକପ୍ରକାର ଅନ୍ଧକାର ଭିତରକୁ ଠେଲି ହୋଇଯାଇଥିବା ନେଇ ଚର୍ଚ୍ଚା ହେଉଛି।

# ଅମର୍ଦ୍ଦା ରୋଡ୍ ଏୟାରଷ୍ଟ୍ରିପ୍‌ରେ ଏମ୍‌ଆରଓ ପ୍ରତିଷ୍ଠା ଦାବି

ବାରିପଦା,୧୯।୯ (ସମିସ): ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁରସ୍ଥିତ ଅମର୍ଦ୍ଦାରୋଡ୍ ଏୟାରଷ୍ଟ୍ରିପ୍‌ଠାରେ ଦେଶର ପ୍ରଥମ ବିମାନ ରକ୍ଷଣାବେକ୍ଷଣ ଓ ମରାମତି କେନ୍ଦ୍ର (ଏମ୍‌ଆରଓ) ପ୍ରତିଷ୍ଠା କରିବା ପାଇଁ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ କେନ୍ଦ୍ର ସରକାରଙ୍କ

**କେନ୍ଦ୍ର ସରକାରଙ୍କ ଦୃଷ୍ଟିଆକର୍ଷଣ କଲେ ମହାରାଜା**

ଦୃଷ୍ଟି ଆକର୍ଷଣ କରିଛନ୍ତି। କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୟୂରଭଞ୍ଜ ଜିଲ୍ଲା ଗସ୍ତରେ ଆସିଥିବା ବେଳେ ଶ୍ରୀ ଭଞ୍ଜଦେଓ ତାଙ୍କୁ ଏ ସଂପର୍କିତ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏହାକୁ କାର୍ଯ୍ୟକାରୀ କରିବାକୁ ସେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନଙ୍କୁ ଅନୁରୋଧ କରିଛନ୍ତି। ଏହାସହ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ, ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ କେ. ରାମମୋହନ ନାଇଡୁ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ପ୍ରମୁଖଙ୍କୁ ମଧ ଏ ସଂକ୍ରାନ୍ତୀୟ ପତ୍ର ଲେଖିଛନ୍ତି।

ଚିଠିରେ ଶ୍ରୀ ଭଞ୍ଜଦେଓ ଉଲ୍ଲେଖ କରିଛନ୍ତି ଯେ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ତାଙ୍କ ଜେଜେବାପା ମହାରାଜା ପ୍ରତାପ ଚନ୍ଦ୍ର ଭଞ୍ଜଦେଓଙ୍କ ସହାୟତାରେ ରୟାଲ୍ ଏୟାରଫୋର୍ସ ପକ୍ଷରୁ ୯ ଶହ ଏକର ଜମି ଉପରେ ଉକ୍ତ ବିମାନବନ୍ଦର ନିର୍ମାଣ କରାଯାଇଥିଲା। ୩.୫ କିମି ଦୈର୍ଘ୍ୟ ବିଶିଷ୍ଟ ରନ୍‌ୱେ, ୬୦ କିମି ଦୈର୍ଘ୍ୟ ବିଶିଷ୍ଟ ଟ୍ୟାକ୍ସି-ୱେ ଏବଂ ଏପ୍ରନକୁ ନେଇ ସେତେବେଳେ ଏହା ସମଗ୍ର ଏସିଆ ମହାଦେଶର ସର୍ବବୃହତ୍ ବିମାନବନ୍ଦର ଭାବେ ଖ୍ୟାତ ଥିଲା। ମାତ୍ର ଯୁଦ୍ଧ ସରିବା ପରେ ଏବେ ଏହା ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଛି। ଯଦିଓ ଏହାକୁ 'ଉଡାନ୍' ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି, କିନ୍ତୁ ଏହାର ବ୍ୟାପକତାକୁ ଲକ୍ଷ୍ୟ କଲେ ଏମ୍‌ଆରଓ ସ୍ଥାପନ ପାଇଁ ଏହା ଦେଶର ସର୍ବୋତ୍କୃଷ୍ଟ ସ୍ଥାନ ବୋଲି ଶ୍ରୀ ଭଞ୍ଜଦେଓ ଦର୍ଶାଇଛନ୍ତି।

ଦେଶରେ ଏମ୍‌ଆରଓ ସୁବିଧା ନଥିବାରୁ ବିମାନ ଚଳାଚଳ କମ୍ପାନୀଗୁଡ଼ିକ ହଂକଂ, ସିଙ୍ଗାପୁର ଓ ଅଷ୍ଟ୍ରେଲିଆ ଉପରେ ନିର୍ଭର କରୁଛନ୍ତି। ଆମ ଦେଶର ଏୟାରଲାଇନଗୁଡ଼ିକ ବର୍ଷକୁ ୨୦ ହଜାର କୋଟି ଟଙ୍କା ସେହି ଦେଶଗୁଡ଼ିକରେ ଖର୍ଚ୍ଚ କରୁଛନ୍ତି ବୋଲି ଜାତୀୟ ଅର୍ଥନୈତିକ ସର୍ବେକ୍ଷଣ (୨୦୨୩-୨୪)ରେ କୁହାଯାଇଛି। ଏହା ଆଗାମୀ ୫ବର୍ଷ ମଧ୍ୟରେ ୩୭ହଜାର ୬ଶହ କୋଟି ଟଙ୍କାକୁ ଛୁଇଁବ ବୋଲି ଆକଳନ କରାଯାଉଛି। ଏସବୁକୁ ଲକ୍ଷ୍ୟ କଲେ, ଦେଶରେ ଏକ ଏମ୍‌ଆରଓ ସ୍ଥାପନ କରିବା ଅତ୍ୟନ୍ତ ଜରୁରୀ। ଏଠାରେ ସମସ୍ତ ଭିତ୍ତିଭୂମି ରହିଥିବାରୁ ଅତି କମ୍ ଖର୍ଚ୍ଚରେ ଏହା ଆରମ୍ଭ କରାଯାଇପାରିବ। ରାସଗୋବିନ୍ଦପୁରଠାରେ ଏମ୍‌ଆରଓ ପ୍ରତିଷ୍ଠା ହେଲେ ମୟୂରଭଞ୍ଜ ତଥା ସମଗ୍ର ଉତ୍ତରଓଡ଼ିଶାରେ ଅସଂଖ୍ୟ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବା ସହ ସରକାରଙ୍କ ରାଜସ୍ୱ ବୃଦ୍ଧିରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ଶ୍ରୀ ଭଞ୍ଜଦେଓ ଆଶାପୋଷଣ କରିଛନ୍ତି।

# ମୃତ ଯାତ୍ରୀଙ୍କ ପରିବାରକୁ ୯ ଲକ୍ଷ କ୍ଷତିପୂରଣ ଦେବ ରେଳବାଇ

କଟକ, ୧୯।୯ (ସମିସ): ରେଳଯାତ୍ରା ବେଳେ ଯାତ୍ରୀଙ୍କ ମୃତ୍ୟୁ ହେଲେ, ମୃତକଙ୍କ ପରିବାରକୁ ସମବେଦନା ଏବଂ ସହାୟତା ପ୍ରଦାନ କରିବା ରେଳବାଇର ପ୍ରଥମ କର୍ତ୍ତବ୍ୟ। ଏଭଳି ପରିବାରକୁ ମକଦ୍ଦମା ଦାୟର କରିବାକୁ ବାଧ କରିବା ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ଉତ୍ତରଦାୟିତ୍ୱର ଅବସାନ ବୋଲି ବିବେଚନା କରାଯିବ। ଏକ ମାମଲାର ଶୁଣାଣି କରି ହାଇକୋର୍ଟ ଆଜି ଏପରି କହିଛନ୍ତି। ଏହାସହ, ୨୦୦୬ ମସିହାରେ ରେଳଯାତ୍ରା ସମୟରେ ପ୍ରାଣ ହରାଇଥିବା ଜଣେ ଯାତ୍ରୀଙ୍କ ସମ୍ପର୍କୀୟଙ୍କୁ ୪ମାସ ମଧ୍ୟରେ ୯ଲକ୍ଷ ୨୩ ହଜାର ୫୬୨ଟଙ୍କା କ୍ଷତିପୂରଣ ପ୍ରଦାନ ପାଇଁ ହାଇକୋର୍ଟ ରେଳବାଇକୁ ନିର୍ଦ୍ଦେଶ ଦେଇଛନ୍ତି। ସତ୍ୟଜିତ ସ୍ୱାଇଁଙ୍କ ଆବେଦନର ଶୁଣାଣି କରି ଡକ୍ଟର ଜଷ୍ଟିସ ସଂଜୀବ କୁମାର ପାଣିଗ୍ରାହୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ନିର୍ଦ୍ଧାରିତ ସମୟସୀମା ଭିତରେ କ୍ଷତିପୂରଣ ରାଶି ପ୍ରଦାନ କରାନଗଲେ, ୭ ପ୍ରତିଶତ ସୁଧ ବାବଦ ଅର୍ଥ ଆବେଦନକାରୀଙ୍କୁ ପଇଠ କରାଯିବ ବୋଲି ହାଇକୋର୍ଟ କହିଛନ୍ତି। ଅନ୍ୟପଟେ, ଆବେଦନକାରୀଙ୍କ କ୍ଷତିପୂରଣ ଦାବି ଦରଖାସ୍ତକୁ ଖାରଜ କରି ଭୁବନେଶ୍ୱରସ୍ଥିତ ରେଲୱେ କ୍ଲେମସ୍ ଟ୍ରିବ୍ୟୁନାଲ ୨୦୨୪, ଏପ୍ରିଲ ୨୪ରେ ପ୍ରଦାନ କରିଥିବା ନିର୍ଦ୍ଦେଶକୁ ହାଇକୋର୍ଟ ରଦ୍ଦ କରିଛନ୍ତି।

ମାମଲାରୁ ପ୍ରକାଶ ଯେ ଗତ ୨୦୦୬, ଡିସେମ୍ବର ୨୫ରେ ଆହ୍ଲାବାଦରୁ କଟକ ଯିବା ପାଇଁ ସର୍ବେଶ୍ୱର ସ୍ୱାଇଁ ନୀଳାଚଳ ଏକ୍ସପ୍ରେସରେ ଯାତ୍ରା କରୁଥିବା ବେଳେ ଟ୍ରେନ୍ ଭିତରେ ଝଟକା ଲାଗିବା କାରଣରୁ ସେ କମ୍ପାର୍ଟମେଣ୍ଟ ଭିତରେ ଚେତା ହରାଇ ପଡ଼ିଯାଇଥିଲେ। ତାଙ୍କ ମସ୍ତିଷ୍କ ଓ ଶରୀରର ଅନ୍ୟ ସ୍ଥାନରେ ଆଘାତ ଲାଗିଥିଲା। ଚିକିତ୍ସାଧୀନ ଅବସ୍ଥାରେ ଗୟା ସରକାରୀ ଡାକ୍ତରଖାନାରେ ୨୦୦୬, ଡିସେମ୍ବର ୨୭ରେ ତାଙ୍କର ମୃତ୍ୟୁ ହୋଇଥିଲା।

# 'ନ୍ୟାସନାଲ ଜିଓଗ୍ରାଫିକ୍' ପ୍ରଚ୍ଛଦ ପୃଷ୍ଠାରେ ଶିମିଳିପାଳର କଳାବାଘ

ଭୁବନେଶ୍ୱର,୧୯।୯ (ସମିସ): ବିଶ୍ୱର ଖ୍ୟାତନାମା ପତ୍ରିକା 'ନ୍ୟାସନାଲ ଜିଓଗ୍ରାଫିକ୍'ର ପ୍ରଚ୍ଛଦ ପୃଷ୍ଠାରେ (କଭର ପେଜ୍)ରେ ସ୍ଥାନ ପାଇଛି ଶିମିଳିପାଳର ବିରଳ କଳାବାଘ ଫଟୋ। ସାରା ବିଶ୍ୱରେ କେବଳ ଶିମିଳିପାଳରେ ଏହି ବିରଳ ପ୍ରଜାତିର କଳାବାଘ ଦେଖାଦେଇଥାନ୍ତି। ପ୍ରସିଦ୍ଧ ଫଟୋଗ୍ରାଫର ପ୍ରସନ୍ନଜିତ ଯାଦବ ଶିମିଳିପାଳରେ ପ୍ରାୟ ୩ ମାସ ପରିଶ୍ରମ ପରେ ଏହି ଫଟୋ ଉଠାଇଥିବା ସୂଚନା ମିଳିଛି। ଶିମିଳିପାଳର ଏହି ବିରଳ କଳାବାଘ ଫଟୋ ବିଶ୍ୱସ୍ତରୀୟ ପତ୍ରିକାରେ ପ୍ରକାଶକୁ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଖୁସି ବ୍ୟକ୍ତ କରିଛନ୍ତି।

ଏହି ଆକର୍ଷଣୀୟ ଫଟୋଚିତ୍ରଟି ଅକ୍ଟୋବର ୨୦୨୫ ସଂସ୍କରଣରେ ପ୍ରକାଶିତ ହୋଇଛି। ନ୍ୟାସନାଲ ଜିଓଗ୍ରାଫିକ୍ ଅନୁଯାୟୀ, ଏହି ଫଟୋଟି ଓଡ଼ିଶାର ଶିମିଳିପାଳ ଜାତୀୟ ଉଦ୍ୟାନର ଘଞ୍ଚ ଜଙ୍ଗଲରୁ ଉତ୍ତୋଳନ କରାଯାଇଛି। ବିଶ୍ୱର ଏକମାତ୍ର ସ୍ଥାନ ଭାବେ ଏଠାରେ କଳାବାଘ ଦେଖାଯାଇଥାଏ। ବିରଳ ଜେନେଟିକ୍ ପରିବର୍ତ୍ତନ ଯୋଗୁଁ ଏହି ବାଘମାନଙ୍କ ଶରୀରରେ ଗାଢ଼ ପଟା ଥାଏ। ଶିମିଳିପାଳରେ ପ୍ରାୟ ୩୦




ଟି ବାଘ ରହୁଥିବା ବେଳେ ସେମାନଙ୍କ ମଧ୍ୟରୁ ପ୍ରାୟ ଅଧା ଏହି ପ୍ରଜାତିର। ଏପରି ଏକ ବିରଳ ପ୍ରାଣୀର ଫଟୋଚିତ୍ର ସଂଗ୍ରହ କରିବା ସହଜ କାମ ନ ଥିଲା। କଳା ବାଘକୁ ଟ୍ରାକ୍ କରିବା ଏବଂ ନିରୀକ୍ଷଣ କରିବା ସହ ବାଘଙ୍କର ଗତିବିଧି ଓ ଆଚରଣକୁ ସତର୍କତାର ସହିତ ଅନୁଧ୍ୟାନ କରିବାକୁ ପ୍ରାୟ ୩ ମାସରୁ ଅଧିକ ସମୟ ଲାଗିଥିଲା।

ସୂଚନା ଥାଉ କି, ବହୁତ କମ୍ ଭାରତୀୟ

**■ ୩ ମାସର ପରିଶ୍ରମ ପରେ ସଂଗ୍ରହ ହୋଇଛି ଫଟୋଚିତ୍ର**
**■ ଖୁସିବ୍ୟକ୍ତ କଲେ ମୁଖ୍ୟମନ୍ତ୍ରୀ ଓ ବିରୋଧୀଦଳ ନେତା**
**■ କଳାବାଘ ସଫାରୀ ଘୋଷଣା କଥା ଉଲ୍ଲେଖ କଲେ ନବୀନ**

ଫଟୋଗ୍ରାଫର ନ୍ୟାସନାଲ ଜିଓଗ୍ରାଫିକ୍ କଭରରେ ସ୍ଥାନ ପାଇଛନ୍ତି। ଏହି ଘଟଣା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏକ୍ସ ମାଧ୍ୟମରେ ଖୁସି ବ୍ୟକ୍ତ କରିଛନ୍ତି। ମୁଖ୍ୟମନ୍ତ୍ରୀ ନିଜ ଏକ୍ସରେ ଉଲ୍ଲେଖ କରିଛନ୍ତି ଯେ 'ନ୍ୟାସନାଲ ଜିଓଗ୍ରାଫିକ୍' ପତ୍ରିକାର କଭର ପେଜ୍‌ରେ ଶିମିଳିପାଳର ଅଦ୍ଭୁତ ସୌନ୍ଦର୍ଯ୍ୟକୁ ଦେଖି ବହୁତ ଖୁସି ଲାଗିଲା। ଶିମିଳିପାଳ ଓଡ଼ିଶାର ହୃଦୟ ଭାବେ ପରିଚିତ। ଶିମିଳିପାଳର କଳାବାଘ କାହାଣୀ ପ୍ରତି ଫଟୋଗ୍ରାଫର ଶ୍ରୀ ଯାଦବଙ୍କ ପ୍ରତିବଦ୍ଧତା ଏବଂ ସମର୍ପଣକୁ ମୁଖ୍ୟମନ୍ତ୍ରୀ ପ୍ରଶଂସା କରିବା ସହିତ ଭବିଷ୍ୟତ ପିଢ଼ିକୁ ଏପରି କାହାଣୀ ପ୍ରେରଣା ଦେବ ବୋଲି ଉଲ୍ଲେଖ କରିଛନ୍ତି।

ସେହିପରି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଏକ୍ସ ଯୋଗ ଉଲ୍ଲେଖ କରିଛନ୍ତି ଯେ ଶିମିଳିପାଳର ବିରଳ କଳାବାଘକୁ 'ନ୍ୟାସନାଲ ଜିଓଗ୍ରାଫିକ୍'ର କଭର ପେଜ୍‌ରେ ସ୍ଥାନିତ କରାଯାଇଥିବା ଜାଣି ଖୁସି ହେଲି। ପ୍ରକୃତରେ ଓଡ଼ିଶା ପାଇଁ ଏହା ଏକ ଗର୍ବର ମୁହୂର୍ତ୍ତ। ଶିମିଳିପାଳରେ ହିଁ ବିଶେଷତଃ କଳାବାଘ ଦେଖାଯାଇଥାନ୍ତି। ଏହି ମନୋରମ ପ୍ରତିଛବି ତୋଳି ଧରିଥିବାରୁ ଭାରତୀୟ ଫଟୋଗ୍ରାଫର ପ୍ରସେନଜିତ ଯାଦବଙ୍କୁ ନବୀନ ଧନ୍ୟବାଦ ଜଣାଇଛନ୍ତି। ଏହାସହିତ ଗତ ଜାନୁଆରୀ ୨୦୨୪ ରେ, ତତ୍‌କାଳୀନ ବିଜେଡି ସରକାର ବାରିପଦା ନିକଟରେ ବିଶ୍ୱର ପ୍ରଥମ କଳାବାଘ ସଫାରି ଘୋଷଣା କରିଥିଲେ ବୋଲି ନବୀନ ଉଲ୍ଲେଖ କରିଛନ୍ତି।

# ସୌମ୍ୟାଶ୍ରୀ ଘଟଣା ପାଇଁ ଛାତ୍ର ସଂସଦ ନିର୍ବାଚନକୁ ଡରୁଛନ୍ତି ସରକାର

ଭୁବନେଶ୍ୱର,୧୯।୯ (ସମିସ): ରାଜ୍ୟରେ ଛାତ୍ର ସଂସଦ ନିର୍ବାଚନକୁ ନେଇ ସରକାରଙ୍କର କୌଣସି ଆଗ୍ରହ ନାହିଁ। ସରକାର ନିର୍ବାଚନ କରିବେ ନା ନାହିଁ, ତାହା ବର୍ତ୍ତମାନ ସୁଦ୍ଧା ସ୍ପଷ୍ଟ ହୋଇ ନାହିଁ।

**■ ସରକାରଙ୍କ କଥା ଓ କାମରେ ତାଲମେଳ ରହୁନାହିଁ**
**■ ନିର୍ବାଚନ ନ ହେଲେ ସବୁ କ୍ୟାମ୍ପସ୍‌ରେ ଆନ୍ଦୋଳନ**

ବାଲେଶ୍ୱର ସୌମ୍ୟାଶ୍ରୀ ବିଶି ଘଟଣାକୁ ନେଇ ରାଜ୍ୟ ସରକାର ଛାତ୍ର ସଂସଦ ନିର୍ବାଚନ କରିବାକୁ ଡରୁଛନ୍ତି ବୋଲି ଯୁବ କଂଗ୍ରେସ ଅଭିଯୋଗ କରିଛି।

କଂଗ୍ରେସ ଭବନଠାରେ ଶୁକ୍ରବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ କଂଗ୍ରେସ ନେତା ଅଜୟ ମହାପାତ୍ର କହିଛନ୍ତି, ଛାତ୍ର ସଂସଦ ନିର୍ବାଚନ ହେଉଛି ଗଣତନ୍ତ୍ରର ଅନ୍ତୁଡ଼ିଶାଳ।



ତେଣୁ ଏହି ପ୍ରସଙ୍ଗ ଉପରେ ସରକାର ନିର୍ଣ୍ଣାୟକ ନିଷ୍ପତ୍ତି ନ ନେବା ପରିତାପର ବିଷୟ ସେହିପରି ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ ଛାତ୍ର ସଭାପତି ମନୋଜ ବିଶ୍ୱାଳ କହିଛନ୍ତି, ବିଜେପି ସରକାରର ଦୋମୁହାଁ ନୀତି ଆପଣାଇଛି। ବିଜେଡି ସରକାରରେ ଥିବାବେଳେ ଛାତ୍ର ସଂସଦ ନିର୍ବାଚନ କାହିଁକି ହେଉନି ବୋଲି ବିଜେପି ରଖେଇ ଥୁଏଇ ଦେଉ ନ ଥିଲା। ଏବେ ସରକାରକୁ ଆସିବା ପରେ ଦଳ କାହିଁକି ନିରବ ରହିଛି। ଯାହା ଶିକ୍ଷାମନ୍ତ୍ରୀ କହିବା କଥା, ତାହା ଆଇନ ମନ୍ତ୍ରୀ କହୁଛନ୍ତି। ଆଇନ ମନ୍ତ୍ରୀ ୨୦୨୪ରେ କହିଥିଲେ ଛାତ୍ର ସଂସଦ ନିର୍ବାଚନ ହେବ; କିନ୍ତୁ ସେ ବର୍ଷ ନିର୍ବାଚନ ହେଲାନାହିଁ। ଏହାସହିତ ୨୦୨୫ ନିର୍ବାଚନକୁ ନେଇ ମଧ ବର୍ତ୍ତମାନ ପ୍ରଶ୍ନବାଚୀ ସୃଷ୍ଟି ହେଲାଣି। ଆଶ୍ଚର୍ଯ୍ୟର କଥା, ମୁଖ୍ୟମନ୍ତ୍ରୀ ଖୋଦ୍ ନିର୍ବାଚନ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ ମଧ ତା ବି ଧୂଆଁବାଣ ସାବ୍ୟସ୍ତ ହେବାକୁ ଯାଉଛି।

ସୌମ୍ୟାଶ୍ରୀ ଆତ୍ମାହୁତି ଘଟଣାରେ ଅପରାଧୀ ଭାବରେ ଏବିଭିପି ନେତା ଗିରଫ ହେବା ପରେ ସମଗ୍ର ଓଡିଶାର ଛାତ୍ର ସମାଜରେ ବିଜେପି ନିନ୍ଦିତ ହୋଇଛି। ତେଣୁ ସରକାରଙ୍କୁ ପରାଜୟର ଭୟ ଘାରିଛି। ଏଥିପାଇଁ ନିର୍ବାଚନକୁ ସରକାର ଏଡ଼େଇ ଯିବାକୁ ଚାହୁଁଛନ୍ତି। ଯଦି ଆଗାମୀ ୭ ଦିନ ଭିତରେ ଛାତ୍ର ସଂସଦ ନିର୍ବାଚନ ଘୋଷଣା ନ କରନ୍ତି, ତେବେ ଛାତ୍ର କଂଗ୍ରେସ ରାଜ୍ୟର ପ୍ରତ୍ୟେକ କ୍ୟାମ୍ପସରେ ଦସ୍ତଖତ ଅଭିଯାନ, ବିକ୍ଷୋଭ ପ୍ରଦର୍ଶନ ଏବଂ ବିଶ୍ୱବିଦ୍ୟାଳୟ କୁଳପତିଙ୍କ ସହ ଆଲୋଚନା ଆଦି କାର୍ଯ୍ୟକ୍ରମ କରିବ ବୋଲି ଶ୍ରୀ ବିଶ୍ୱାଳ ଚେତାବନୀ ଦେଇଛନ୍ତି। ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ର, ଛାତ୍ରନେତା ମନୋଜ ବିଶ୍ୱାଳ, ବିଶ୍ୱଭୂଷଣ ଦାସ, ଆଶିଷ ମାହୁନ୍ତ, ସନ୍ଦୀପ ରାଉତରାୟ, ସାଗର ପଟ୍ଟନାୟକ, ବିଭୁତି ମହାପାତ୍ର ପ୍ରମୁଖ ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିଲେ।

**ନରସିଂହପୁର ଥାନା ହାଜତ ମୃତ୍ୟୁ ମାମଲା**

# ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ଓଏଚ୍‌ଆର୍‌ସିଙ୍କ ନିର୍ଦ୍ଦେଶ

କଟକ, ୧୯।୯ (ସମିସ): କଟକ ଜିଲ୍ଲା ନରସିଂହପୁର ଥାନା ହାଜତ ମୃତ୍ୟୁ ମାମଲାରେ ମୃତକଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ଓଡ଼ିଶା ମାନବାଧିକାର କମିସନ (ଓଏଚ୍‌ଆରସି) ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ହୋଇଛନ୍ତି। କମିସନର ଅଧ୍ୟକ୍ଷ ଜଷ୍ଟିସ ଶତ୍ରୁଘ୍ନ ପୂଜାହାରୀ ଓ ସଦସ୍ୟ ଅସୀମ ଅମିତାଭ ଦାସଙ୍କୁ ନେଇ ଗଠିତ ଏକ ଖଣ୍ଡପୀଠ ଆଇନଜୀବୀ ତଥା ମାନାବାଧିକାର କର୍ମୀ ପ୍ରବୀର କୁମାର ଦାସଙ୍କ ପକ୍ଷରୁ ରୁଜୁ ହୋଇଥିବା ମାମଲାର ଶୁଣାଣି କରି ଏହି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ପୂର୍ବରୁ ୨ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରାଯାଇଥିବା ହେତୁ ଅବଶିଷ୍ଟ ୮ ଲକ୍ଷ ଟଙ୍କା ଆସନ୍ତା ଦୁଇ ମାସ ମଧ୍ୟରେ ପ୍ରଦାନ କରିବାକୁ ଗୃହ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି କମିସନ। କ୍ଷତିପୂରଣ ରାଶିରୁ ୭ ଲକ୍ଷ ଟଙ୍କା ଯେକୌଣସି ଜାତୀୟକରଣ ବ୍ୟାଙ୍କରେ ସ୍ଥାୟୀ ଜମା ଭାବେ ରଖାଯିବ ଓ ୧ଲକ୍ଷ ଟଙ୍କା ମୃତକଙ୍କ ନିକଟ ଆତ୍ମୀୟଙ୍କୁ ଦେବାକୁ ଆଦେଶରେ ଉଲ୍ଲେଖ ରହିଛି।

ଗତ ୨୦୧୬ ଡିସେମ୍ବର ୯ ତାରିଖ ମଧ୍ୟରାତିରେ ନରସିଂହପୁର ପୁଲିସ ମାଳିସାହିର ସରୋଜ ସେନାପତି ଓରଫ୍ ଆକୁଳଙ୍କୁ ଏକ ମାମଲାରେ ଗିରଫ କରି ଥାନାକୁ ଆଣିଥିଲେ। ଗିରଫ ପ୍ରକ୍ରିୟାରେ ଅସୁସ୍ଥ ହୋଇ ପଡ଼ିବାରୁ ପରଦିନ ସକାଳେ ସରୋଜଙ୍କୁ ନରସିଂହପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ସେହିଦିନ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଗତ ୨୦୧୬ଡିସେମ୍ବର ୧୧ ତାରିଖ ରାତ୍ରିରେ ତାଙ୍କର ମୃତ୍ୟୁ ହୋଇଥିଲା। ମୃତକଙ୍କ ଶ୍ୱଶୁରଙ୍କ ଲିଖିତ ଅଭିଯୋଗ ଆଧାରରେ ପୁଲିସ କର୍ମଚାରୀଙ୍କ ବିରୋଧରେ ହତ୍ୟା ମାମଲା ରୁଜୁ ହୋଇଥିଲା। ଏହା ଏକ ହାଜତ ମୃତ୍ୟୁ ମାମଲା ହୋଇଥିବାରୁ ବଡ଼ମ୍ବା ପ୍ରଥମ ଶ୍ରେଣୀ ବିଚାରବିଭାଗୀୟ ମାଜିଷ୍ଟ୍ରେଟ୍ ମଧ ତଦନ୍ତ କରିଥିଲେ। ଶବ ବ୍ୟବଚ୍ଛେଦ ରିପୋର୍ଟରେ କ୍ଷତଚିହ୍ନ ବିଷୟରେ ଉଲ୍ଲେଖ ଥିବା ସହ ମସ୍ତିଷ୍କରେ ଆଘାତ ଯୋଗୁଁ ଆକୁଳର ମୃତ୍ୟୁ ହୋଇଛି ବୋଲି ଡାକ୍ତର ମତ ଦେଇଥିଲେ। ରିପୋର୍ଟରେ ଥିବା ତଥ୍ୟ ଓ ସାକ୍ଷୀମାନଙ୍କର ବୟାନ ଭିତ୍ତିରେ ସରୋଜଙ୍କ ମୃତ୍ୟୁ ସ୍ୱାଭାବିକ ନୁହେଁ ବୋଲି ମାଜିଷ୍ଟ୍ରେଟ୍ ତଦନ୍ତ ରିପୋର୍ଟରେ ଦର୍ଶାଇଥିଲେ। ଏସବୁ ତଥ୍ୟକୁ ଭିତ୍ତି କରି ପୁଲିସ ହାଜତରେ ଥିଲା ବେଳେ ଆଘାତପ୍ରାପ୍ତ ହୋଇ ତାଙ୍କର ମୃତ୍ୟୁ ଘଟିଛି ବୋଲି ଦର୍ଶାଇ ମୃତକଙ୍କ ଆତ୍ମୀୟଙ୍କୁ କ୍ଷତିପୂରଣ ଦେବାକୁ ପ୍ରାର୍ଥନା କରି ଆବେଦନକାରୀ ଓଏଚଆରସିଙ୍କ ଦ୍ୱାରସ୍ଥ ହୋଇଥିଲେ।

# ଓଲଟିଲା ରିଫାଇନ୍ ତେଲ ବୋଝେଇ ଟ୍ରକ୍

## ବୋହିନେଲେ ଲୋକେ, ଡ୍ରାଇଭର ଓ ହେଲପର୍ ଗୁରୁତର

ଖଲ୍ଲିକୋଟ, ୧୯।୯ (ସମିସ)



୧୬ ନମ୍ବର ଜାତୀୟ ରାଜପଥର ଖଲ୍ଲିକୋଟ ବଡ଼ ଘାଟି ରାସ୍ତାରେ ଶୁକ୍ରବାର ଏକ ରିଫାଇନ୍ ତେଲ ଓ ଘିଅ ପ୍ୟାକେଟ ବୋଝେଇ ଟ୍ରକ ଓଲଟି ପଡ଼ିଛି। ଫଳରେ ଟ୍ରକ୍‌ର ଡ୍ରାଇଭର ଓ ହେଲପର୍ ଗୁରୁତର ଭାବେ ଆହତ ହୋଇଛନ୍ତି। ଆନ୍ଧ୍ରପ୍ରଦେଶର କାକିନାଡାରୁ ରୁଚି ଗୋଲଡ଼ ରିଫାଇନ ତେଲ ଓ ଘିଅ ପ୍ୟାକେଟ ବୋଝେଇ କରି ଏକ ଟ୍ରକ କଟକ ଅଭିମୁଖେ ଯାଉଥିବା ବେଳେ ଖଲ୍ଲିକୋଟ ବଡ଼ ଘାଟି ରାସ୍ତାରେ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଫଳରେ ଡ୍ରାଇଭର ଓ ହେଲ୍ପର ଗୁରୁତର ଆହତ ହୋଇଥିଲେ। ସେମାନଙ୍କୁ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରେ ଭର୍ତ୍ତି କରାଯାଇଥିଲା। ଟ୍ରକ୍‌ଟି ଓଲଟିବା ପରେ ରିଫାଇନ୍ ତେଲ ଓ ଘିଅ ରାସ୍ତା ସାରା ବିଛାଡ଼ି ହୋଇ ପଡ଼ିଥିଲା। ଏହାର ସୁଯୋଗ ନେଇ ଲୋକମାନେ ତେଲ ଓ ଘିଅ ପ୍ୟାକେଟ ଗୁଡିକ ବୋହି ନେଇଥିଲେ। ଖବର ପାଇ ପୁଲିସ ପହଞ୍ଚି ଲୋକଙ୍କୁ ଘଉଡ଼ାଇ ଥିଲେ। ଖଲ୍ଲିକୋଟ ଅଗ୍ନିଶମ ବାହିନୀ ପହଞ୍ଚି ତେଲ ପଡ଼ିଥିବାରୁ ରାସ୍ତାରେ ପାଣି ପକାଇ ସଫା କରିଥିଲେ।

# ବିଜେଡି ପକ୍ଷରୁ ପ୍ରତିବାଦ ଶୋଭାଯାତ୍ରା, ସ୍ମାରକପତ୍ର ପ୍ରଦାନ



କବିସୂର୍ଯ୍ୟନଗର, ୧୯।୯ (ସମିସ): ଆଜି ବ୍ଲକ ପରିସରରେ 'ଏକ ପେଡ ମା କେ ନାମ' ଚାଲିଥିଲା। ବିଜେପିର ଉକ୍ତ କାର୍ଯ୍ୟକ୍ରମବେଳେ ବିଜେଡିର ସାରସଙ୍କଟ ମନମୁଖୀ ଶାସନ ବିରୁଦ୍ଧରେ ବିଡିଓଙ୍କୁ ସ୍ମାରକପତ୍ର ଦେବା କାର୍ଯ୍ୟକ୍ରମ ରହିଥିଲା। ବିଜେଡିର ବହୁ ତୁଙ୍ଗନେତାଙ୍କ ସମେତ ଶତାଧିକ କର୍ମୀ ବନଦେବୀ ଠାରୁ ଏକ ପଟୁଆରରେ ଆସି ବ୍ଲକ କାର୍ଯ୍ୟାଳୟ ଠାରେ ପହଞ୍ଚିଥିଲେ। କୌଣସି ଅପ୍ରୀତିକର ପରିସ୍ଥିତି ଆଶଙ୍କା କରି ବ୍ଲକ ସମ୍ମୁଖରେ ପୂର୍ବରୁ ପୁଲିସ ଛାଉଣି କରାଯାଇଥିଲା। ନିଜେ ଏସ୍‌ଡିପିଓ ସୁଜିତ ନାୟକ, ଆଇଆଇସି, ଡିଏସ୍‌ପି ଓ ଅନ୍ୟ କର୍ମଚାରୀ ପ୍ରଥମରୁ ସଜାଗ ହୋଇ ଘଟଣାକୁ ନିୟନ୍ତ୍ରଣ କରିଥିଲେ। ପୂର୍ବାହ୍ନରେ ପ୍ରାକ୍ତନ ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁଙ୍କ ନେତୃତ୍ୱରେ ଆସିକା ସାଂସଦ ପ୍ରାର୍ଥୀ ଡଃ. ରଞ୍ଜିତା ସାହୁ, ପ୍ରାକ୍ତନ ସୋରଡ଼ା ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ, ପ୍ରାକ୍ତନ କୋଦଳା ଏନଏସି ଅଧକ୍ଷ ହରପ୍ରସାଦ ସାହୁ, ଜିଲ୍ଲା ଯୁବ ବିଜେଡି ଜୋନ ସଭାପତି ନଚିକେତା ସ୍ୱାଇଁ, ପ୍ରାକ୍ତନ ବ୍ଲକ ଅଧକ୍ଷା ସଙ୍ଗୀତା ସ୍ୱାଇଁ ଓ ନୀଳାଚଳ ମଣ୍ଡଳଙ୍କ ସମେତ ଶତାଧିକ କର୍ମୀ ବନଦେବୀ ମନ୍ଦିର ଠାରେ ଏକତ୍ରିତ ହୋଇ ସେଠାରୁ ଏକ ଶୋଭାଯାତ୍ରାରେ ବ୍ଲକ ସମ୍ମୁଖକୁ ଆସି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବିଡ଼ିଓଙ୍କ ଅନୁପସ୍ଥିତିରେ ଭାରପ୍ରାପ୍ତ ଏବିଡ଼ିଓ ନାରାୟଣ ବେହେରା ସ୍ମାରକପତ୍ର ଗ୍ରହଣ କରିଥିଲେ। ବିଜେଡି ପକ୍ଷରୁ ବ୍ଲକରେ ଚାଲିଥିବା ସାର ଦୁର୍ନୀତି, ନାରୀ ନିର୍ଯାତନା, ବିଡିଓଙ୍କ ମନମୁଖୀ କାର୍ଯ୍ୟ ଓ ବ୍ଲକ ପ୍ରଶାସନର ଅସହଯୋଗ ସହିତ ବିଭିନ୍ନ ପଞ୍ଚାୟତରେ ଚାଲିଥିବା ଦୁର୍ନୀତି ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏନେଇ ଏବିଡ଼ିଓ ନାରାୟଣ ବେହେରା ଘଟଣା, ଅଭିଯୋଗ ସମ୍ପର୍କରେ ବିଡ଼ିଓ ରାଜେନ୍ଦ୍ର ନାୟକଙ୍କ ଦୃଷ୍ଟି ଆକର୍ଷଣ କରିବି ବୋଲି ପ୍ରତିକ୍ରିୟାରେ କହିଛନ୍ତି।

## ହତ୍ୟା ଉଦ୍ୟମ ଘଟଣାରେ ୨ ଗିରଫ

ଦିଗପହଣ୍ଡି, ୧୯।୯ (ସମିସ): ଦିଗପହଣ୍ଡି ବ୍ଲକ ଗୋକର୍ଣ୍ଣପୁର ପଞ୍ଚାୟତ ବିଜୟ ପଦ୍ମନାଭପୁର ଲାଡିଗାଁର ଭୁକୁଲି ସେଠୀ ଏବଂ ତାଙ୍କ ପ୍ରତିପକ୍ଷ ବି. ତୁରୁବୁଡ଼ି ପଞ୍ଚାୟତ ନରେନ୍ଦ୍ରପୁର ଗ୍ରାମର ମିଥୁନ ସେଠୀଙ୍କୁ ପୁଲିସ ଗିରଫ କରି ଗୁରୁବାର ସନ୍ଧ୍ୟାରେ କୋର୍ଟଚାଲାଣ କରିଛନ୍ତି। ଥାନା ମାମଲା ନଂ.୩୪୦/୨୫ ଏବଂ ୩୪୧/୨୫ ଅନୁଯାୟୀ ଉଭୟ ଅଭିଯୁକ୍ତଙ୍କ ଜାମିନ ଖାରଜ ହେବାରୁ ଉଭୟଙ୍କୁ ଦିଗପହଣ୍ଡି ସବ ଜେଲ ହାଜତକୁ ପଠାଇ ଦିଆଯାଇଛି। ନରେନ୍ଦ୍ରପୁର ଗ୍ରାମର ସ୍ୱର୍ଗତ ଅଭିମନ୍ୟୁ ସେଠୀଙ୍କ ଝିଅ ଲକ୍ଷ୍ମୀ ଲାଡିଗାଁର ଭୁକୁଲିଙ୍କ ପୁଅ ନିରଞ୍ଜନ ସେଠୀଙ୍କୁ ବିବାହ କରିଥିଲେ। ବିବାହର କିଛିବର୍ଷ ଦାମ୍ପତ୍ୟ ଜୀବନ ସୁଖରେ କଟିଥିଲା। ପରବର୍ତ୍ତୀ ସମୟରେ ଲକ୍ଷ୍ମୀଙ୍କ ସ୍ୱାମୀ ନିରଞ୍ଜନ ତାଙ୍କ ଚରିତ୍ର ଉପରେ ସନ୍ଦେହ କରି ତାଙ୍କୁ ମାରପିଟ୍ କରିବାରୁ ଲକ୍ଷ୍ମୀ ଗତ ୮ ଦିନ ପୂର୍ବେ ବାପା ଘର ଗାଁ ନରେନ୍ଦ୍ରପୁରକୁ ଚାଲି ଯାଇଥିଲେ। ସ୍ୱାମୀ ନିରଞ୍ଜନ ସ୍ତ୍ରୀ ଲକ୍ଷ୍ମୀଙ୍କୁ ବୁଧବାର ସନ୍ଧ୍ୟାରେ ଫୋନ କରି ଗାଁକୁ ଡାକିଥିଲେ। ଲକ୍ଷ୍ମୀ ଏବଂ ତାଙ୍କ ଭାଇ ମିଥୁନ ଲାଡିଗାଁକୁ ଆସିଥିଲେ। ତେବେ ସେଠାରେ କୌଣସି କାରଣରୁ ସେମାନଙ୍କ ମଧ୍ୟରେ ବଚସା ହୋଇଥିଲା। ଏହି ସମୟରେ ଭାଇଁ ନିରଞ୍ଜନ ଓ ଶଳା ମିଥୁନଙ୍କ ମଧ୍ୟରେ ମାରପିଟ୍ ହେବା ପରେ ଶଳା ମିଥୁନ ଉତ୍ତେଜିତ ହୋଇ ନିରଞ୍ଜନଙ୍କୁ ଆକ୍ରମଣ କରିଥିଲେ। ଏହାଦେଖି ନିରଞ୍ଜନଙ୍କ ବାପା ଭୁକୁଲି ଏକ ଛୁରୀରେ ମିଥୁନଙ୍କ ଗାଲ ଓ ମୁହଁକୁ ଆକ୍ରମଣ କରିଥିଲେ। ସମସ୍ତ ଆହାତଙ୍କୁ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ନିରଞ୍ଜନଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଏନେଇ ଉଭୟପକ୍ଷ ଥାନାରେ ଏତଲା ଦେବାପରେ ଭାରପ୍ରାପ୍ତ ଆଇଆଇସି ତଥା ଡିଏସପି ପ୍ରଶାନ୍ତ କୁମାର ପାତ୍ର ପୃଥକ ମାମଲା ରୁଜୁ କରିଥିଲେ।

● ଗଞ୍ଜାମ ବ୍ଲକରେ ମାଳମାଳ ନକଲି ଶିକ୍ଷକ

## ଭୁଲ ଜାତିଗତ ପ୍ରମାଣପତ୍ରରେ ଚାକିରି

ହୁମ୍ମା/ଗଞ୍ଜାମ, ୧୯।୯ (ସମିସ): ରାଜ୍ୟ ସରକାର ଜାଲ୍ ପ୍ରମାଣପତ୍ର ଦେଇ ଚାକିରି କରିଥିବା ଶିକ୍ଷକଙ୍କୁ ଧରିବା ପାଇଁ ଜାଲ ବିଛାଇଛନ୍ତି। ହେଲେ ଗଞ୍ଜାମ ବ୍ଲକରେ ମାଳମାଳ ନକଲି ଶିକ୍ଷକ ରହିଥିବା ଅଭିଯୋଗ ହୋଇଛି। ଫଳରେ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଏବେ ସଂକଟରେ। ବର୍ତ୍ତମାନ ଛାତ୍ରଛାତ୍ରୀ ଉତ୍ତମ ଶିକ୍ଷା ପ୍ରାପ୍ତି ପାଇଁ କୋଚିଂ ସେଣ୍ଟର ମୁହାଁ ହେଉଛନ୍ତି। ଅନ୍ୟପଟେ ଶିକ୍ଷକ ମାନଙ୍କ ଅନୁପସ୍ଥିତି ଛାତ୍ରଛାତ୍ରୀଙ୍କ ପାଠପଢ଼ାରେ ବ୍ୟାହତ ହେଉଛି। ସେହିପରି ସରକାରଙ୍କ ଶିକ୍ଷକ ଅନୁପସ୍ଥିତି ଥାଇ ଉପସ୍ଥିତି ହାଜିରୀ ମନରେଗା ଯୋଜନା ସଦୃଶ ହୋଇଯାଇଛି। ଗୋଟିଏ ପ୍ରାଥମିକ ସ୍କୁଲରେ ୧୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଥିଲେ ୪ଟି ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇଛି। କିନ୍ତୁ ସେଥିମଧ୍ୟରୁ କିଛି ଶିକ୍ଷକ ପାଠ ନପଢ଼ାଇ ସ୍କୁଲ ଛାଡ଼ି ଚାଲି ଆସୁଛନ୍ତି। ଦଳୀୟ ରାଜନୀତି କାର୍ଯ୍ୟରେ ଲିପ୍ତ ରହୁଛନ୍ତି। ଅନ୍ୟ ଶିକ୍ଷକମାନେ ପ୍ରତିବାଦ କରିଲେ ନିଲମ୍ବିତ ଓ ବଦଳି କରେଇ ଦେବାର ଧମକ ମଧ୍ୟ ମିଳୁଥିବା ଅଭିଯୋଗ ହୋଇଛି। ଗ୍ରାମବାସୀଙ୍କ ଅଜାଣତରେ ଲୁଚିଛପି ସ୍କୁଲ ଛାଡ଼ି ଚାଲି ଯାଉଥିବା ଦେଖିବାକୁ ମିଳିଛି। ଏନେଇ ଜିଲ୍ଲା ଶିକ୍ଷା ଅଧିକାରୀ ଅଜୟ କୁମାର ପାତ୍ରଙ୍କୁ ପଚାରିବାରୁ ସେ କହିଛନ୍ତି, ଗଞ୍ଜାମ ବ୍ଲକରେ ନକଲି ଶିକ୍ଷକଙ୍କ ବିଷୟରେ ଜାଣିବାକୁ ହେଲେ ସୂଚନା ଅଧିକାରରେ ତଥ୍ୟ ମାଗନ୍ତୁ। ଏହା ବ୍ୟତିତ ଘଟଣା ସମ୍ପର୍କରେ ଗଞ୍ଜାମ ବ୍ଲକ ଶିକ୍ଷାଧିକାରୀଙ୍କୁ ପଚାରିଲେ ଜଣାପଡ଼ିବ ବୋଲି କହିଛନ୍ତି।

## ଜନ୍ମଦିନରେ ଗଛ ଲଗାଇଲେ ପୂର୍ବତନ ବାଚସ୍ପତି



ପାତ୍ରପୁର, ୧୯।୯ (ସମିସ): ଓଡ଼ିଶାର ପୂର୍ବତନ ବାଚସ୍ପତି ତଥା ବରିଷ୍ଠ କଂଗ୍ରେସ ନେତା ଚିନ୍ତାମଣି ଦ୍ୟାନ ସାମନ୍ତରାଙ୍କ ୮୬ ତମ ଜନ୍ମ ଦିନ ଗଛ ଲଗାଇ ପାଳନ କରିଥିବା ଜଣାପଡ଼ିଛି। ଶ୍ରୀ ଦ୍ୟାନ ସାମନ୍ତରାୟ ପ୍ରଥମେ ସାମନ୍ତିଆପଲ୍ଲୀ ବାସ ଭବନଠାରେ ନିଜ ପରିବାର ଓ ନିଜ ସମର୍ଥକଙ୍କ ସହ କେକ୍ କାଟିବା ପରେ ନିଜ ଗାଁ ବମୋକେଇ ଠାରେ ବୃକ୍ଷରୋପଣ କରିଥିଲେ। ପରବର୍ତ୍ତୀ ସମୟରେ ପଦାଦିଗି ପଞ୍ଚାୟତ ଅନ୍ତର୍ଗତ ନାରାୟଣପୁର ଗ୍ରାମର ଶ୍ମଶାନ ଠାରେ ବିଭିନ୍ନ ପ୍ରକାର ଔଷଧୀୟ ଗଛ ଲଗାଇ ଥିବା ଜଣାପଡ଼ିଛି। ବୃକ୍ଷରୋପଣ ବେଳେ ବନ ବିଭାଗର କର୍ମଚାରୀ ମାନଙ୍କ ସହ ଶତାଧିକ ସମର୍ଥକ ଉପସ୍ଥିତ ରହି ବୃକ୍ଷରୋପଣ କରିଥିଲେ।

# ଅର୍ଥ ପରାମର୍ଶଦାତା କମିଟି ବୈଠକ

ଛତ୍ରପୁର, ୧୯।୯ (ସମିସ): ଛତ୍ରପୁରସ୍ଥିତ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଗଂଜାମ ଜିଲ୍ଲା ବ୍ୟାଙ୍କ ସମୂହ ପକ୍ଷରୁ ଅର୍ଥ ପରାମର୍ଶଦାତା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗଂଜାମ ଜିଲ୍ଲା ଅତିରିକ୍ତ ଜିଲାପାଳ (ରାଜସ୍ୱ) ଦେବଦତ୍ତ ପଣ୍ଡା ଅଧ୍ୟକ୍ଷତା କରି



ହିତାଧିକାରୀ ମାନଙ୍କୁ ସଠିକ ଭାବେ ଋଣପ୍ରଦାନ କରିବା ନିମନ୍ତେ ପରାମର୍ଶ ଦେଇଛନ୍ତି। ଏହା ସହିତ ସମସ୍ତ ଯୋଜନା କିପରି ଲୋକେ ଜାଣିପାରିବେ ସେଥିନିମନ୍ତେ ବ୍ୟାପକ ସଚେତନତା କରିବା ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲାରେ ବିଭିନ୍ନ ବ୍ୟାଙ୍କର ୪୪୮ ଟି ଶାଖା ରହିଛି। ଜୁନ ୨୫ ସୁଦ୍ଧା ସମସ୍ତ ବ୍ୟାଙ୍କ ରେମୋଟ ୩୨୭୫୭ କୋଟି ଟଙ୍କା ଜମା ରହିଥିବା ବେଳେ ୨୧୬୦୨ କୋଟି ଟଙ୍କା ଋଣପ୍ରଦାନ କରାଯାଇଛି। ଯାହାକି ଲକ୍ଷ୍ୟଧାର୍ଯ୍ୟ ଶତକଡା ୬୫.୯୫ ପ୍ରତିଶତ ହୋଇଛି। ଏତତ୍ ବ୍ୟତିତ ସମୂହ ବ୍ୟାଙ୍କ ତରଫରୁ ଜୁନ ମାସ ଶେଷ ସୁଦ୍ଧା ୬୨୭୨ କୋଟି ଟଙ୍କା ଋଣ ପ୍ରଦାନ କରିଥିବା ବେଳେ ୪୩୯୩ କୋଟି ପ୍ରାଥମିକତା କ୍ଷେତ୍ରରେ ଏବଂ ୧୮୭୯ କୋଟି ଅଣପ୍ରାଥମିକତା କ୍ଷେତ୍ର ରେ ଋଣ ପ୍ରଦାନ କରିଛନ୍ତି। ଯାହାକି ଲକ୍ଷ୍ୟ ଧାର୍ଯ୍ୟର ୨୪ ପ୍ରତିଶତ। ଚଳିତ ବର୍ଷ ଖରିଫ୍ ୨୦୨୫ ଋତୁରେ ବ୍ୟାଙ୍କ ଦ୍ୱାରା ୮୯୦୪୬୨ ଚାଷୀ କୃଷି ବିମାରେ ଅର୍ନ୍ତଭୁକ୍ତ ହୋଇଥିବା ବେଳେ ୭୨୦୮୯ ହେକ୍ଟର ବିମା ଭୁକ୍ତ ହୋଇଛି। ଯାହାର ମୂଲ୍ୟ ୬୯୭.୫୬ କୋଟି ବିମା ଭୁକ୍ତ ହୋଇପାରିଛି ବୋଲି ସୁଚନା ମିଳିଛି। ବୈଠକରେ ଜିଲ୍ଲା ପରିଷଦର ଅତିରିକ୍ତ କାର୍ଯ୍ୟନିର୍ବାହି ଅଧିକାରୀ ବିଜୟ କୁମାର ବେହେରା, ୟୁନିୟନ ବ୍ୟାଙ୍କର କ୍ଷେତ୍ରୀୟ ମୁଖ୍ୟ ରଜତ କୁମାର ପଣ୍ଡା, ଆରବିଆଇ ଭୁବନେଶ୍ୱର ଏଲଡିଓ ରାହୁଲ୍‌କାନ୍ତେ, ନାର୍ବାଡର ଡିଡିଏମ୍ ସଞ୍ଜିବ ମିଶ୍ର, ଏଲଡିଏମ ହିମାଞ୍ଚଳ ସାହୁଙ୍କ ସମେତ ସମସ୍ତ ବ୍ୟାଙ୍କ ଅଧିକାରୀ ଓ ଅନ୍ୟାନ୍ୟ ବିଭାଗ ଅଧିକାରୀ ମାନେ ଉପସ୍ଥିତ ଥିଲେ। ଏଲ୍‌ଡିଏମ୍ ଶ୍ରୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ସରକାରୀ ଶିଳ୍ପ ତାଲିମ ପ୍ରତିଷ୍ଠାନରେ ଡିଜିଟାଲ୍ ଶ୍ରେଣୀଗୃହ ଉଦ୍‌ଘାଟିତ




ଛତ୍ରପୁର, ୧୯।୯ (ସମିସ): ଗୋପାଳପୁର ବନ୍ଦର ଓ ଏହାର ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟକ୍ରମ ପ୍ରୟାସରେ ଆଦାନୀ ଫାଉଣ୍ଡେସନ ଜରିଆରେ ଛତ୍ରପୁର ସରକାରୀ ଶିଳ୍ପ ତାଲିମ ପ୍ରତିଷ୍ଠାନ (ଆଇଟିଆଇ)ର ବିଭିନ୍ନ ଶ୍ରେଣୀଗୃହରେ ୭୫ ଇଞ୍ଚ୍ ବିଶିଷ୍ଟ ବୃହତ ଏଲ୍‌ଇଡି ସ୍କ୍ରିନ୍ (ଇନ୍ଟରାକ୍ଟିଭ ପ୍ୟାନେଲ) ଅବସ୍ଥାପନା କରାଯାଇଛି ଯାହା ଡିଜିଟାଲ ଶିକ୍ଷା ଭିତ୍ତିଭୂମିକୁ ସୁଦୃଢ଼ କରିପାରିବା ସହ ପ୍ରଶିକ୍ଷକମାନଙ୍କୁ ଉଭୟ ଅନଲାଇନ ଓ ଅଫ୍‌ଲାଇନରେ ଶିକ୍ଷାଦାନ ପାଇଁ ଆକର୍ଷଣୀୟ ହୋଇପାରିଛି। ଏହା ସହ କଲେଜ ପରିସରରେ ନିରାପଦ ପାନୀୟ ଜଳ ସୁନିଶ୍ଚିତ କରିବା ପାଇଁ ୬୦ ଲିଟର କ୍ଷମତା ବିଶିଷ୍ଟ ଏକ ଆଲକାଲାଇନ୍ ୱାଟର ମେସିନ୍ ମଧ୍ୟ ଆଦାନୀ ଫାଉଣ୍ଡେସନ ପକ୍ଷରୁ ସ୍ଥାପନା କରାଯାଇଛି। ଛତ୍ରପୁର ସରକାରୀ ଆଇଟିଆଇ କଲେଜରେ ଆୟୋଜିତ କାର୍ଯ୍ୟକ୍ରମରେ ଛତ୍ରପୁର ଉପ ଜିଲ୍ଲାପାଳ ଶିବାଶିଷ ବରାଳ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହି ଡିଜିଟାଲ ଶ୍ରେଣୀ ଗୃହ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୋପାଳପୁର ବନ୍ଦର ଅପରେଶନ ଏବଂ ମେଣ୍ଟେନାଂଶ ବିଭାଗର ମୁଖ୍ୟ ଅଜିତ କୁମାର ପିଶରୋଡି, ସିଏସଆର ମୁଖ୍ୟ ଦେବଦତ୍ତ ମିଶ୍ର, ଛତ୍ରପୁର ସରକାରୀ ଆଇଟିଆଇ ଅଧକ୍ଷ ଅତୁଲ୍ୟ କୁମାର ପଣ୍ଡା, ଜିଲ୍ଲା ଦକ୍ଷତା ବିକାଶ ଅଧିକାରୀ (ଡିଏସଡିଓ), ଫାଲଗୁନି ସାର୍ଥକ ନାୟକ ଏବଂ ବହୁ ପ୍ରଶିକ୍ଷକ ତଥା ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ।

## ପୂର୍ବ ଶତ୍ରୁତାରୁ ଯୁବକଙ୍କୁ ହାଣିଲେ

ଦିଗପହଣ୍ଡି, ୧୯।୯ (ସମିସ): ଦିଗପହଣ୍ଡି ଥାନା ବନ୍ଧପଲ୍ଲୀ ଗ୍ରାମରେ ଗୁରୁବାର ବିଳମ୍ବିତ ରାତିରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଜଣେ ଯୁବକଙ୍କ ହାତ, ଗୋଡ଼କୁ ପ୍ରତିପକ୍ଷ ଗୋଷ୍ଠୀର କିଛି ଯୁବକ ସଂଘବଦ୍ଧ ଭାବେ ହାଣିଥିବା ଅଭିଯୋଗ ହୋଇଛି। ଗୁରୁତର ଆହତ ଯୁବକ ଜଣକ ହେଲେ ଗ୍ରାମର ଶିବଶଙ୍କର ବିଷୋୟୀ। ଗ୍ରାମରେ କିଛିଦିନ ପୂର୍ବେ ଭଲିବଲ ମ୍ୟାଚ ହୋଇଥିଲା। ମ୍ୟାଚରେ ହାରଜିତ ନେଇ ଶିବଶଙ୍କର ଓ ଅନ୍ୟ ଯୁବକଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଅନ୍ୟ ଖେଳାଳି ମାନେ ଉଭୟ ପକ୍ଷଙ୍କୁ ବୁଝାସୁଝା କରିବା ପରେ ପରିସ୍ଥିତି ଶାନ୍ତ ହୋଇଥିଲା। ଏହାପରେ ଗ୍ରାମରେ ଗଣେଶ ପୂଜା ହେବା ସହ ଭସାଣି ମଧ୍ୟ ହୋଇଥିଲା। ଗୁରୁବାର ଗ୍ରାମରେ ଗଣେଶ ଭସାଣୀ ଭୋଜି ଆୟୋଜିତ ହୋଇଥିବା ବେଳେ ସେଠାରେ ମଧ୍ୟ ଶିବଶଙ୍କରଙ୍କ ସହ ବିପକ୍ଷ ଗୋଷ୍ଠୀର ଯୁବକ ମାନଙ୍କ ମଧ୍ୟରେ ବଚସା ହୋଇଥିଲା। ରାତି ପ୍ରାୟ ୧୧ଟାରେ ଶିବଶଙ୍କର ଘର ବାରଣ୍ଡାରେ ବସିଥିବା ବେଳେ କିଛି ଯୁବକ ଆସି ଠେଙ୍ଗା, ଖଣ୍ଡା ଓ କାତି ସାହାଯ୍ୟରେ ଶିବଶଙ୍କରଙ୍କୁ ଆକ୍ରମଣ କରି ସେଠାରୁ ଚମ୍ପଟ ମାରିଥିଲେ। ଗୁରୁତର ଅବସ୍ଥାରେ ପରିବାର ଲୋକେ ତାଙ୍କୁ ବ୍ରହ୍ମପୁର ବଡମେଡ଼ିକାଲ ନେଇଥିବା ବେଳେ ସେ ବର୍ତ୍ତମାନ ଚିକିତ୍ସାଧିନ ଅଛନ୍ତି। ତାଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର ରହିଛି। ଏନେଇ ଶୁକ୍ରବାର ସକାଳୁ ଶିବଶଙ୍କରଙ୍କ ଭାଇଁ ପ୍ରଶାନ୍ତ ଭୂୟାଁ ଅଭିଯୁକ୍ତ ନନ୍ଦନ ବେହେରା ଓ ତାଙ୍କ ଅନ୍ୟ ସହଯୋଗୀଙ୍କ ବିରୋଧରେ ଦିଗପହଣ୍ଡି ଥାନାରେ ଏତଲା ଦେଇଥିଲେ। ଏତଲାକୁ ଭିତ୍ତିକରି ଥାନା କେସ୍ ନଂ. ୩୪୨/୨୫ ଅନୁଯାୟୀ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ଥାନା ଆଇଆଇସି ତଥା ଡିଏସପି ପ୍ରଶାନ୍ତ କୁମାର ପାତ୍ର ସୂଚନା ଦେଇଛନ୍ତି।

## ବାଲି ଚାଲାଣକୁ ବିରୋଧ କଲେ ଗ୍ରାମବାସୀ

ଆସିକା, ୧୯।୯ (ସମିସ): ଆସିକା ବ୍ଲକ ମଙ୍ଗଳପୁର ବାଲି ଗୁତା ଘାଟ ରାଜସ୍ୱ ବିଭାଗର ଲିଜ ଧାରୀ ଗୁତା ରହିଥିବା ବେଳେ ସେହି ଘାଟରୁ ବାଲି ଚାଲାଣ ହେଉଥିବାବେଳେ ସେହି ବାଲି ବୋଝେଇ ହାଇୱା ଚଢିଆ ପୋଲି ରାସ୍ତା ଦେଇ ଯାଉଥିବା ବାଲି ଗାଡିକୁ ସ୍ଥାନୀୟ ଗ୍ରାମବାସି ବିରୋଧ କରିଛନ୍ତି। ମୁଖ୍ୟ ରାସ୍ତା ଦେଇ ଯାଉଥିବା ବାଲି ଗାଡିକୁ ଛଡ଼ାଯିବ ନାହିଁ ବୋଲି ଗ୍ରାମବାସୀ କହିଛନ୍ତି। ଖବର ପାଇ ଆସିକା ପୋଲିସ ଏବଂ ସ୍ଥାନୀୟ ତହସିଲଦାର ଘଟଣାସ୍ଥଳରେ ପହଁଚି ଉତ୍ୟକ୍ତ ଗ୍ରାମ ବାସିଙ୍କୁ ବୁଝା ସୁଝା ପରେ ସ୍ଥିତି ସ୍ୱାଭାବିକ ହୋଇଥିଲା।

## ମୋରମ ଚାଲାଣ: ୩ ଗାଡ଼ି ଜବତ, ୩ ଗିରଫ

ଖଲ୍ଲିକୋଟ, ୧୯।୯ (ସମିସ): ଗୁରୁବାର ଖଲ୍ଲିକୋଟ ପୁଲିସ ବେଆଇନ ମୋରମ ଚାଲାଣ କରୁଥିବାବେଳେ ଚଢ଼ଉ କରି ଗୋଟିଏ ଜେସିବି ଓ ଦୁଇଟି ମୋରମ ବୋଝେଇ ଟ୍ରାକ୍ଟରକୁ ଜବତ କରିବା ସହିତ ୩ ଜଣଙ୍କୁ ଗିରଫ କରିଛି। ଖଲ୍ଲିକୋଟ ଥାନା ଅନ୍ତର୍ଗତ ଗୁରୁଣ୍ଡି ଗ୍ରାମ ନିକଟରେ ବେଆଇନ ଭାବେ ମୋରମ ଖୋଳି ଚାଲାଣ କରାଯାଉଥିବା ଖବର ପାଇ ଖଲ୍ଲିକୋଟ ଥାନା ଅଧିକାରୀ ରମେଶ କୁମାର ପ୍ରଧାନଙ୍କ ନିର୍ଦ୍ଦେଶ କ୍ରମେ ଏଏସଆଇ ସୁଜିତ ପାଣିଗ୍ରାହୀ, ଏଏସଆଇ ଅଭିମନ୍ୟୁ ପାଣ୍ଡେଙ୍କ ସହ ପୁଲିସ ଟିମ ସହ ଚଢ଼ଉ କରିଥିଲେ। ମୋରମ ଖୋଳୁଥିବା ଜେସିବି ଓ ମୋରମ ବୋଝେଇ ହୋଇଥିବା ଦୁଇଟି ଟ୍ରାକ୍ଟର ଓଡି ୦୭ ଜେ ୫୫୮୦ ଏବଂ ଓଡି ୦୭ ଏଜେ ୩୭୮୯କୁ ଜବତ କରିଥିଲେ। ଏଥିରେ ସମ୍ପୃକ୍ତ ଥିବା ଅଭିଯୋଗରେ ଖଲ୍ଲିକୋଟ ଥାନା ରାମଚନ୍ଦ୍ରପୁର ଗ୍ରାମର ସନ୍ତୋଷ ପ୍ରଧାନ (୪୦), ସିଙ୍ଗଡ଼ାପଲ୍ଲୀ ଗ୍ରାମର ଚିନ୍ତାମଣୀ ପ୍ରଧାନ (୩୬), ଖୋର୍ଦ୍ଧା ଜିଲ୍ଲା ନାଚୁଣୀ ଗ୍ରାମର ଦୀପକ କୁମାର ମଲ୍ଲିକ (୩୮)ଙ୍କୁ ଗିରଫ କରିଥିଲେ। ଏଏସଆଇ ଅଭିମନ୍ୟୁ ପାଣ୍ଡେଙ୍କ ଅଭିଯୋଗକୁ ଭିତ୍ତି କରି ଏ ସମ୍ପର୍କରେ ଖଲ୍ଲିକୋଟ ଥାନା କେସ ନମ୍ବର ୭୮୩/୨୦୨୫ ଅନୁଯାୟୀ ମାମଲା ରୁଜୁ ହୋଇଛି।

## ହଜିଥିବା ସୁନା ଫେରାଇଲା ପୁଲିସ


ଜଗନ୍ନାଥପ୍ରସାଦ, ୧୯।୯ (ସମିସ): ଜଗନ୍ନାଥପ୍ରସାଦ ଥାନା ପୁଲିସ ହଜି ଯାଇଥିବା ସୁନା ଅଳଙ୍କାରକୁ ପାଇ ସ୍ଥାନୀୟ ବ୍ୟକ୍ତିକୁ ଫେରାଇଛି। ଏନେଇ ଥାନାରେ ଅଭିଯୋଗ ହୋଇଥିଲା। ଲୁଣିଢ଼େପ ଗ୍ରାମର ସୁବଳ ନାୟକ ଏକ ପାଞ୍ଚ ଗ୍ରାମ ବିଶିଷ୍ଟ ମଙ୍ଗଳସୂତ୍ରଟି ସଜାଡ଼ିବା ପାଇଁ ଜଗନ୍ନାଥପ୍ରସାଦ ଆସିଥିଲେ। ସୁନା ଦୋକାନ ଗହଳି ହେତୁ ସେ ନ ସଜାଡି ଫେରିଯାଇଥିଲେ। ଅନ୍ୟ କାମ କରିବା ସମୟରେ ଅସାବଧାନତା ଯୋଗୁଁ କେଉଁଠି ପଡ଼ି ଯାଇଥିଲା। ଖୋଜା ଖୋଜି ପରେ ନ ପାଇବାରୁ ଥାନାର ଦ୍ୱାରସ୍ଥ ହୋଇଥିଲେ। ଏତଲା କ୍ରମେ ଥାନାଧିକାରୀ ପ୍ରମୋଦ କୁମାର ଲେଙ୍କା ସ୍ଥାନୀୟ ବଜାରରେ ଲାଗିଥିବା ସିସିଟିଭି ଯାଞ୍ଚ ବେଳେ ସଫେଇ କର୍ମଚାରୀ ରଶ୍ମିତା ନାଇକ ସୁନା ଅଳଙ୍କାର ପାଇଥିବା ନଜରକୁ ଆସିଥିଲା। ରଶ୍ମିତାଙ୍କୁ ଥାନାକୁ ଡାକି ପଚରା ଉଚରା ପରେ ସୁନା ଅଳଙ୍କାର ଉଦ୍ଧାର କରାଯାଇଥିଲା। ତେବେ ହଜି ଯାଇଥିବା ଅଳଙ୍କାରଟି ଚିହ୍ନଟ ପରେ ଥାନାଧିକାରୀ ଶ୍ରୀ ଲେଙ୍କା ସୁବଳ ନାୟକଙ୍କୁ ହସ୍ତାନ୍ତର କରିଛନ୍ତି।

## ମାମୁ ପାଇଁ ଭଣଜା ଘରେ ଭିଜିଲାନ୍ସ ଚଢ଼ଉ

ଭଞ୍ଜନଗର, ୧୯।୯ (ସମିସ): କାଶୀପୁର ଠାରେ ବନ ବିଭାଗ ରେଞ୍ଜର ଅନ୍ତର୍ଯ୍ୟାମୀ ସାହୁଙ୍କୁ ଭିଜିଲାନ୍ସ ରେଡ ଘଟଣାରେ ଶୁକ୍ରବାର ସକାଳୁ ଜୟପୁରର ଏକ ଭିଜିଲାନ୍ସ ଟିମ ଅନ୍ତର୍ଯ୍ୟାମୀ ସାହୁଙ୍କ ଭଣଜା ସୁକେଶ ସାହୁଙ୍କ ପୈତୃକ ଘର ଭଞ୍ଜନଗର ବ୍ଲକର ଦୋମୁହାଁଣୀ ଠାରେ ପହଁଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଭିଜିଲାନ୍ସର ଟିମ ସୁକେଶ ସାହୁଙ୍କ ଦାଦାଙ୍କୁ ମଧ୍ୟ ପଚରାଉଚରା କରିଛନ୍ତି। ଏପଟେ ସୁକେଶ ସାହୁଙ୍କ ଘରେ ତାଲା ପଡ଼ିଛି। ସେ ଭୁବନେଶ୍ୱରରେ ଡାକ ବିଭାଗରେ ଚାକିରୀ କରୁଛନ୍ତି। ଏବଂ ସେ ୩୫ ଲକ୍ଷ ଟଙ୍କାର ଉପହାର ମାମୁଁ ଅନ୍ତର୍ଯ୍ୟାମୀଙ୍କୁ ଦେଇ ଥିବା ଜଣାପଡ଼ିବା ପରେ ସୁକେଶ ସାହୁ ମଧ୍ୟ ତଦନ୍ତ ପରିସରଭୁକ୍ତ ହୋଇଛନ୍ତି। ତାଙ୍କୁ ତୁରନ୍ତ ଜୟପୁର ଭିଜିଲାନ୍ସ କାର୍ଯ୍ୟାଳୟକୁ ଆସିବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଭିଜିଲାସନ୍ସ କର୍ମଚାରୀ କହିଛନ୍ତି।

# ଋଷିକୂଲ୍ୟା ମୁହାଣ ଖନନ ସହ ସ୍ଥାୟୀ କାର୍ଯ୍ୟକ୍ଷମ ଦାବି

ଛତ୍ରପୁର, ୧୯।୯ (ସମିସ): ଗଞ୍ଜାମ ଋଷିକୁଲ୍ୟା ମୁହାଣ ଖନନ କାର୍ଯ୍ୟ ସହ ସ୍ଥାୟୀ କାର୍ଯ୍ୟକ୍ଷମ ନିମନ୍ତେ ୧୧ ଖଣ୍ଡ ଗ୍ରାମର ମତ୍ସ୍ୟଜୀବୀ ଦାବି କରିଛନ୍ତି। ଗଞ୍ଜାମ ଜିଲ୍ଲା ଛତ୍ରପୁର ଓ ଗଞ୍ଜାମ ବ୍ଲକ ଅଧୀନ ପ୍ରୟାଗୀ, କଲରାବାଡି, ସିଦ୍ଧାନ୍ତନଗର, ପୋଡମପେଟା, କଣ୍ଟିଆଗଡ଼, ଗୋଖରକୁଦା, ପୁରୁଣାବନ୍ଧ, ସାନନୋଳିଆନୂଆଗାଁ, ବଡନୋଳିଆନୂଆଗାଁ, ଦାମଦୋରପୁର ଓ କାଇଁଚପୁର ଆଦି ୧୧ ଖଣ୍ଡ ଗ୍ରାମର ନୋଳିଆ ଓ ମତ୍ସ୍ୟଜୀବୀ ଉକ୍ତ ମୁହାଣ ଉପରେ ନିର୍ଭରଶୀଳ। ବର୍ତ୍ତମାନ ଉକ୍ତ ମୁହାଣଟି ଢ଼େପ ହୋଇ ପୋତି ହେବାକୁ ଗଲାଣି।



ସମୁଦ୍ର ଜୁଆର ହେଲେ ପାଣି ଋଷିକୁଲ୍ୟା ନଦୀ ମଧ୍ୟରୁ ସଠିକ୍ ମାଡୁନାହିଁ। ଫଳରେ ସମୁଦ୍ରରୁ ନଦୀ ମଧ୍ୟରେ ମାଛ ପ୍ରବେଶ କରିବାରେ ଅନ୍ତରାୟ ଘଟୁଛି। ଏଠାରେ ପ୍ରତିବର୍ଷ ସାମୁଦ୍ରିକ ମତ୍ସ୍ୟଜୀବୀ ଋଷିକୁଲ୍ୟା ନଦୀ ତଟରେ ପ୍ରାୟ ମୃତ୍ୟୁବରଣ କରୁଛନ୍ତି। ବର୍ତ୍ତମାନ ମୁହାଣ ଦେଇ ମତ୍ସ୍ୟଜୀବୀମାନେ ସମୁଦ୍ରକୁ ମାଛ ଧରିବାକୁ ଯିବାରେ ଅସୁବିଧା ହେଉଛି। ଯଦ୍ୱାରା ମତ୍ସ୍ୟଜୀବୀଙ୍କ ଜୀବିକା ଧାରଣାରେ ବହୁତ ଅସୁବିଧା ସୃଷ୍ଟି ହେଉଛି ଓ ପରିବାର ପ୍ରତିପୋଷଣରେ ଅଭାବ ପରିଲିକ୍ଷିତ ହେବାରୁ କିଛି ମତ୍ସ୍ୟଜୀବୀ ଗୋଆ ଓ ତାମିଲନାଡୁକୁ ମାଛ ମାରିବାକୁ ଶ୍ରମିକ ଭାବେ ଯାଇ କାମ କରୁଛନ୍ତି। ଆଜି ପର୍ଯ୍ୟନ୍ତ କୌଣସି ମତ୍ସ୍ୟଜୀବୀ ଧିବର ଶ୍ରେଣୀ ହଠାତ୍ ମାଛ ଧରିବାକୁ ଯାଇ ଦୁର୍ବିପାକର ସମ୍ମୁଖୀନ ହୋଇ ମୃତ୍ୟୁ ଘଟିଲେ କିଛି ହେଲେ ସରକାରୀସ୍ତରରେ ଅନୁକମ୍ପା ସହାୟତା ରାଶି ମିଳୁନାହିଁ। ଏଥିପ୍ରତି ସରକାରଙ୍କ ଦୃଷ୍ଟି ଦେଇ ମୁହାଣ ଖନନ କାର୍ଯ୍ୟ ସହିତ ସ୍ଥାୟୀ ମୁହାଣ ପାଇଁ ବିହିତ ବ୍ୟବସ୍ଥା କରାଯିବାକୁ ଅତିରିକ୍ତ ଜିଲ୍ଲାପାଳ ଡଃ ପ୍ରମୋଦ କୁମାର ପୃଷ୍ଟିଙ୍କୁ ୧୧ ଖଣ୍ଡ ଗ୍ରାମର ମତ୍ସ୍ୟଜୀବୀ ନିବେଦନ କରିଛନ୍ତି। ଦାବିପତ୍ର ପ୍ରଦାନବେଳେ ଏନ୍.ଆପେୟା, ଏ.କାଲେୟା, ଏ.ସନ୍ୟାସୀ, ପି.ତାତାଲୁ, ଏ.ଗୁରେୟା, ପି.କାମେୟା, ଡବ୍ଲୁ. ଦାନେୟା ଓ ଡି.ମୁକୁନ୍ଦୁ ସମେତ ବହୁ ମତ୍ସ୍ୟଜୀବୀ ଉପସ୍ଥିତ ଥିଲେ।

## ଆଶା ଆଶଙ୍କାରେ କଲେଜ ନିର୍ବାଚନ

# ବିଜ୍ଞପ୍ତି ଅପେକ୍ଷାରେ ଛାତ୍ରନେତା

ପୋଲସରା, ୧୯।୯ (ସମିସ)



ସମୟ ଯେତେକି ଗଡୁଛି ମନରେ ସେତିକି ଉତ୍ସାହ ଓ ଉତ୍କଣ୍ଠା ମଧ୍ୟ ବଢୁଛି। କଲେଜ କ୍ୟାମ୍ପସରେ ଛାତ୍ର ନେତାଙ୍କ ଅଙ୍କକସା ଆରମ୍ଭ ହୋଇଯାଇଛି। ସବୁଠି ଛାଉଣୀ ହେଲାଣି ବ୍ୟାନର ଓ ପୋଷ୍ଟର। ଏଭଳି କିଛି ଚିତ୍ର ଗଞ୍ଜାମ ଜିଲ୍ଲା ପୋଲସରା ବିଜ୍ଞାନ ମହାବିଦ୍ୟାଳୟ ପରିସରରେ ଦେଖିବାକୁ ମିଳିଛି। ଛାତ୍ରଛାତ୍ରୀ ଦଳଦଳ ହୋଇ ପ୍ରଚାର ପାଇଁ ସଜବାଜ ହେବା ସହ ନିଜ ନିଜର ପତିଆରା ବଢ଼ାଇବାରେ ଲାଗିଛନ୍ତି। କିନ୍ତୁ ଏସବୁ ଭିତରେ ଚଳିତ ବର୍ଷ ମଧ୍ୟ ସାରା ରାଜ୍ୟରେ କଲେଜ ନିର୍ବାଚନକୁ ନେଇ ଏବେ ବି ଅନିଶ୍ଚିତିତା ଜାରି ରହିଛି। କାହିଁକି ନା ଅଳ୍ପ ଦିନପରେ ହେବ ପୂଜା ଛୁଟି। ଦୀର୍ଘ ୮ ବର୍ଷ ପରେ ଅନୁଷ୍ଠିତ ହେବାକୁ ଥିବା ଛାତ୍ର ସଂସଦ ନିର୍ବାଚନକୁ ନେଇ ରାଜ୍ୟ ସରକାରଙ୍କ ତରଫରୁ ଏ ଯାଏଁ କୌଣସି ବିଜ୍ଞପ୍ତି ପ୍ରକାଶ ପାଇନଥିବାରୁ ଚଳିତ ବର୍ଷ ମଧ୍ୟ ନିର୍ବାଚନ ହେବ କି ନାହିଁ ଆଶଙ୍କା ଦେଖାଦେଇଛି। ରାଜ୍ୟରେ ସରକାର ବଦଳିବା ପରେ କିଛି ନେତା ମନ୍ତ୍ରୀଙ୍କ ଠାରୁ ଆଭାସ ମିଳିଥିଲା ଛାତ୍ରସଂସଦ ନିର୍ବାଚନ ପୁନଃ ଆରମ୍ଭ କରିବା ପାଇଁ। ହେଲେ ଗତ ବର୍ଷ ମଧ୍ୟ ଛାତ୍ରସଂସଦ ନିର୍ବାଚନ କରାଇବାରେ ନୂଆ ସରକାର ସମ୍ପୂର୍ଣ ବିଫଳ ହୋଇଥିବାରୁ ଛାତ୍ର ନେତାଙ୍କ ଆଶା ମଉଳି ଯାଇଥିଲା। କିନ୍ତୁ ଚଳିତ ବର୍ଷ ଛାତ୍ର ନେତା ମନରେ ଆଶା ସଞ୍ଚାରୀ ପୁଣି ଥରେ ସକ୍ରିୟ ହୋଇ ଉଠିଛନ୍ତି। ହେଲେ ଏବେ ସେପ୍ଟେମ୍ବର ମାସ ୩ୟ ସପ୍ତାହ ଯିବାକୁ ବସିଲାଣି ତଥାପି ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ଏବେଯାଏଁ କୌଣସି ବିଜ୍ଞପ୍ତି ପ୍ରକାଶ ପାଇନାହିଁ ଫଳରେ ଛାତ୍ରଛାତ୍ରୀଙ୍କ ଆଶା ଏବେ ଆଶଙ୍କା ଆଡକୁ ଠେଲିହେଇଯାଇଛି। ପୋଲସରା ବିଜ୍ଞାନ ମହାବିଦ୍ୟାଳୟରେ ୨୦୧୭ରେ ଶେଷ ଥର ପାଇଁ ଛାତ୍ର ସଂସଦ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ତାପରେ ୨୦୧୮ରେ ତିତିଲି ବାତ୍ୟା ପାଇଁ ତତ୍କାଳୀନ ସରକାର ଛାତ୍ରସଂସଦ ନିର୍ବାଚନକୁ ସ୍ଥଗିତ ରଖିଥିଲେ। ଏହାପରେ କୋଭିଡ ମହାମାରୀ ଭଳି ଅନେକ ଚ୍ୟାଲେଞ୍ଜ ସରକାରଙ୍କୁ ଅଡୁଆରେ ପକାଇଥିଲା ଛାତ୍ର ସଂସଦ ନିର୍ବାଚନ। ସାଧାରଣତଃ ଦଶହରା ପୂର୍ବରୁ କଲେଜ ନିର୍ବାଚନ ହୋଇଆସୁଥିବା ବେଳେ ନିର୍ବାଚନ ପରିଚାଳନା ପାଇଁ ୨ ରୁ ୩ ସପ୍ତାହ ଲାଗିଥାଏ କିନ୍ତୁ ପୂଜା ଛୁଟି ଆଉ ହାତ ଗଣତି ଦିନ କେତେଟା ବାକିଥିବା ବେଳେ ଚଳିତ ବର୍ଷ ମଧ୍ୟ ନିର୍ବାଚନ ହେବ କି ନାହିଁ ସେ ନେଇ ଆଶଙ୍କା ଦେଖାଦେଇଛି।

# ମା’ ପଶ୍ଚିମେଶ୍ୱରୀଙ୍କ ଷୋଡ଼ଶ ଉପଚାର ପୂଜା



## ଜମୁଛି ଶ୍ରଦ୍ଧାଳୁଙ୍କ ଭିଡ଼

ବ୍ରହ୍ମପୁର,୧୯।୯(ସମିସ): ଶ୍ରଦ୍ଧାଳୁଙ୍କ ଆସ୍ଥା ଓ ବିଶ୍ୱାସର ପ୍ରତୀକ ହେଉଛନ୍ତି ମା' ପଶ୍ଚିମେଶ୍ୱରୀ। ଓଡ଼ିଶା-ଆନ୍ଧ୍ର ସୀମାନ୍ତ ପ୍ରଜାଙ୍କ ଦୁଃଖ ବୁଝନ୍ତି ମା'। ପାତ୍ରପୁର ବ୍ଲକ୍ ଜୟନ୍ତୀପୁର ଗ୍ରାମରେ ବିରାଜମାନ କରିଛନ୍ତି ମା ପଶ୍ଚିମେଶ୍ୱରୀ। ଦେବୀଙ୍କ ମନ୍ଦିର ଗ୍ରାମର ପଶ୍ଚିମ ଦିଗରେ ଥିବାବେଳେ ବାପଘର ଗ୍ରାମର ମଧ୍ୟ ଭାଗରେ ଅବସ୍ଥିତ। ବହୁ ବର୍ଷ ହେବ ମା' ପଶ୍ଚିମେଶ୍ୱରୀଙ୍କ ଷୋଡ଼ଷ ପୂଜା ବହୁ ଧୁମଧାମ୍‌ରେ ଅନୁଷ୍ଠିତ ହୋଇଆସୁଛି। ମା’ଙ୍କ ପୂଜା ସମୟ ତଥା ଆଶ୍ୱିନ ମାସ ମୂଳା ଅଷ୍ଟମୀ ତିଥିରେ ମଧ୍ୟରାତ୍ରୀରେ ସ୍ଥାୟୀ ମନ୍ଦିରରୁ ଅସ୍ଥାୟୀ ପୀଠକୁ ଆଜ୍ଞାମାଳ ନେଇ ଢୋଲ ତୂରୀ ବାଦନରେ ଜାନିମାନେ ପାରମ୍ପରିକ ରୀତିନୀତିରେ ଫୁଲ ଚାଙ୍ଗୁଡ଼ି ସହ ମା’ଙ୍କ ମନ୍ଦିରକୁ ଯାଇ ଅସ୍ଥାୟୀ ପୂଜା ମଣ୍ଡପକୁ ନିମନ୍ତ୍ରଣ କରି ଆଣିଥାନ୍ତି। ମା’ଙ୍କ ପୂଜକ ଗୋଷ୍ଠୀକୁ ଜାନୀ ନାମରେ ନାମିତ କରାଯାଏ। ଏମାନେ ପୂର୍ବରୁ ମାଡ୍ରାସ ପ୍ରେସିଡେନ୍ସି ଅନ୍ତର୍ଗତ ପାର୍ବତୀପୁର ଗ୍ରାମରେ ବସବାସ କରୁଥିଲେ। ମା’ଙ୍କ ପୂଜା ନିମନ୍ତେ ଗ୍ରାମକୁ ଆଣି ତାଙ୍କୁ ଜାନୀ ବା ପୂଜକ ଭାବେ ନିୟୋଜିତ କରାଯାଇଛି। ମୂଳାଅଷ୍ଟମୀରୁ ପରବର୍ତ୍ତୀ ଅଷ୍ଟମୀ ପର୍ଯ୍ୟନ୍ତ ଅନ୍ୟ କୌଣସି ମାନସିକ ହୁଏନାହିଁ। ପୂଜା ସମୟରେ ମା’ଙ୍କ ମଥାରୁ ଫୁଲ ପଡ଼ିଲେ ଆଜ୍ଞା ମାଳ ମିଳିଲା ବୋଲି ଧରିନିଆଯାଏ। ଆଶ୍ୱିନ କୃଷ୍ଣ ମୂଳାଷ୍ଟମୀ ୧୬ ଦିନ ଅସ୍ଥାୟୀ ମଣ୍ଡପରେ ଷୋଡ଼ଷ ପୂଜା ପାଳନ ହୋଇଥାଏ। ମା'ଙ୍କ ଷୋଡ଼ଶ ପୂଜା ସମୟରେ ଦର୍ଶନ ପାଇଁ ଓଡ଼ିଶା ଓ ଆନ୍ଧ୍ରର ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ।

ଲୋକକଥା ଅନୁସାରେ ୧୮ ଗଡ଼ଜାତ ରାଜାଙ୍କ ସମୟରୁ ଗ୍ରାମ ପ୍ରତିଷ୍ଠା ହୋଇଥିବା ବେଳେ ତତ୍‌କାଳୀନ ଚିକିଟି ରାଜା ନିଜ କନ୍ୟା ଜୟନ୍ତୀଙ୍କ ନାମ ଅନୁସାରେ ଉକ୍ତ ଗ୍ରାମର ନାମ ଜୟନ୍ତୀପୁର ରଖିଥିବା କୁହାଯାଏ। ଶକ୍ତି ଉପାସକ ଗଡଜାତ ରାଜାଙ୍କ ମଧ୍ୟରୁ ଚିକିଟି ରାଜା ମା'ଙ୍କ ଉପାସକ ଥିଲେ। ରାଜାଙ୍କ ଇଷ୍ଟ ଦେବୀ ଥିଲେ ମା' ବାଳକୁମାରୀ। ଯାହାଙ୍କ ପ୍ରକୃତ ଗ୍ରାମ ଥିଲା ତୁଟିପୁର ନିକଟସ୍ଥ ବୁଦାଗିରି ପର୍ବତ। ବର୍ତ୍ତମାନ ମଧ୍ୟ ସେଠାରେ ମା’ଙ୍କ ମୂଳ ପୀଠ ରହିଛି। ରାଜା ବିଶ୍ରାମ ନେବା ସମୟରେ ହଠାତ୍ ରାଜା ପର୍ବତ ଉପରେ ଏକ ଉଜ୍ୱଳ ଆଲୋକ ପିଣ୍ଡକୁ ଦେଖିଥିଲେ। ସେଠାରେ ଭଗବାନଙ୍କ ଆଲୌକିକ ଶକ୍ତି ରହିଥିବା ପୂର୍ବାଭାସ ପାଇଥିବା ବେଳେ ପରବର୍ତ୍ତୀ ସମୟରେ ରାଜାଙ୍କୁ ସ୍ୱାପ୍ନାଦେଶ ହୋଇଥିଲା। ଏହି ସମୟରେ ମା'ଙ୍କୁ ବୁଦାଗିରି ପର୍ବତରୁ ଚିକିଟି ରାଜନହରକୁ ନେବା ପାଇଁ ବ୍ୟବସ୍ଥା କରିଥିଲେ ରାଜା। ଏକ ଶଗଡ଼ ମାଧ୍ୟମରେ ମା'ଙ୍କୁ ନେବା ପାଇଁ ସ୍ଥିର କାରାଯାଇଥିଲା। ତୂରୀ ଢୋଲ ତାଳ ମାଦଳରେ ପୂଜାର୍ଚ୍ଚନା କରାଯାଇ ମା'ଙ୍କୁ ଚିକିଟି ଅଭିମୁଖେ ନିଆଯିବା ସମୟରେ ଜୟନ୍ତିପୁର ପଶ୍ଚିମ ଦିଗରେ ଶଗଡର ଅଖ ଭାଙ୍ଗିଯାଇଥିଲା। ଯଦ୍ୱାରା ମା'ଙ୍କ ଆସ୍ଥାନଟି ତଳେ ପଡିଯାଇଥିଲା। ତା'ପରେ ରାଜା ଓ ପ୍ରଜା ମାଙ୍କୁ ନେବା ପାଇଁ ବହୁ ଚେଷ୍ଟା କରାଯାଇଥିଲେ ମଧ୍ୟ ଅସଫଳ ହୋଇଥିଲେ। ସ୍ୱଇଚ୍ଛାରେ ଗ୍ରାମର ପଶ୍ଚିମ ଦିଗରେ ମା' ଟଳି ଯିବାରୁ ମାଙ୍କ ନାମ ପଶ୍ଚିମେଶ୍ୱରୀ ରଖାଯାଇଥିବା କୁହାଯାଏ।

# ଖଣି ମନ୍ତ୍ରୀଙ୍କ ବେଆଇନ ଛାୟା ମନ୍ତ୍ରିମଣ୍ଡଳ ପ୍ରତିବାଦରେ ଶୋଭାଯାତ୍ରା



## ମନ୍ତ୍ରୀଙ୍କ ଦ୍ୱାରା ବିଭିନ୍ନ ବିଭାଗରେ ନିୟୋଜିତ ୧୯ ଜଣଙ୍କୁ ବରଖାସ୍ତ ଦାବି
## ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ
## କ୍ଷମତାର ଅପବ୍ୟବହାର ଓ ଏକଛତ୍ରବାଦ ଶାସନର ନିଦର୍ଶନ ଅଭିଯୋଗ

ବ୍ରହ୍ମପୁର,୧୯।୯(ସମିସ)

ଖଣି ତଥା ପରିବହନ ମନ୍ତ୍ରୀଙ୍କ ଦ୍ୱାରା ନିଜ ନିର୍ବାଚନ ମଣ୍ଡଳୀ ଗୋପାଳପୁର ପାଇଁ ଛାୟା ମନ୍ତ୍ରିମଣ୍ଡଳ ଗଠନ କରିବା ଓ ୧୯ଜଣ ପ୍ରତିନିଧିଙ୍କୁ ବିଭିନ୍ନ ବିଭାଗରେ ନିୟୋଜିତ କରିବା ଘଟଣାକୁ ନେଇ ଚର୍ଚ୍ଚା ଥମୁନାହିଁ। ଏ ନେଇ ପୂର୍ବରୁ ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ଏନ.ଡମ୍ବରୁ ରେଡ୍ଡୀ ପ୍ରତିବାଦ କରି ରାଜ୍ୟପାଳଙ୍କୁ ଚିଠି ଲେଖିଥିଲେ। ଏବେ ପୁଣି ଏହି ଘଟଣାକୁ ନେଇ କଂଗ୍ରେସ ପକ୍ଷରୁ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯାଇଛି। ବରିଷ୍ଠ ଆଇନଜୀବୀ ତଥା ପ୍ରଦେଶ କଂଗ୍ରେସ କମିଟି ସଦସ୍ୟ ଡଃ ଶମ୍ଭୁ ପାଣିଗ୍ରାହୀଙ୍କ ନେତୃତ୍ୱରେ ଶୋଭାଯାତ୍ରା ଓ ପ୍ରତିବାଦ ସଭାର ଆୟୋଜନ କରାଯାଇଛି। ଶୋଭାଯାତ୍ରା ଏସ୍‌ପିଙ୍କ କାର୍ଯ୍ୟାଳୟ ନିକଟରୁ ବାହାରି ଦକ୍ଷିଣାଞ୍ଚଳ ରାଜସ୍ୱ କମିସନରଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା। ସେଠାରେ ପହଞ୍ଚିବା ପରେ ପ୍ରତିବାଦ ସଭାର ଆୟୋଜନ କରାଯାଇ ପରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଆର୍‌ଡିସି ସଂଗ୍ରାମ କେଶରୀ ମହାପାତ୍ରଙ୍କ ଜରିଆରେ ୪ଦଫା ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ପ୍ରକାଶ ଯୋଗ୍ୟ ଯେ’ ନିକଟରେ ଖଣି ତଥା ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଗୋପାଳପୁର ନିର୍ବାଚନ ମଣ୍ଡଳୀରେ ବିଭିନ୍ନ ବିଭାଗ ଦାୟିତ୍ୱରେ ନିଜ ସମର୍ଥକଙ୍କୁ ପ୍ରତିନିଧି ଭାବେ ଦାୟିତ୍ୱ ବଣ୍ଟନ କରିଥିଲେ। ଏ ନେଇ ଗତ ଅଗଷ୍ଟ ୨୮ ତାରିଖରେ ମନ୍ତ୍ରୀ ନିଜ ସରକାରୀ ପ୍ୟାଡରେ ଲେଖି ଗଞ୍ଜାମ ଜିଲ୍ଲାପାଳ ଭି. କିର୍ତ୍ତି ଭାସନଙ୍କୁ ପ୍ରେରଣ କରିଥିଲେ। ଉକ୍ତ ତାଲିକାରେ ମୋଟ ୧୯ଜଣ ପ୍ରତିନିଧିଙ୍କୁ ତାଲିକା ଭୁକ୍ତ କରାଯାଇ ବିଭିନ୍ନ ବିଭାଗ ବଣ୍ଟନ କରିଥିଲେ।

ପରବର୍ତ୍ତୀ ସମୟରେ ଅର୍ଥାତ୍ ସେପ୍ଟେମ୍ବର ୬ତାରିଖରେ ଗଞ୍ଜାମ ଜିଲ୍ଲାପାଳ ମନ୍ତ୍ରୀଙ୍କ ଚିଠିକୁ ଗ୍ରହଣ କରିବା ସହ ମନ୍ତ୍ରୀଙ୍କ ପ୍ରତିନିଧିଙ୍କ ସମ୍ପର୍କରେ ନିଜ କାର୍ଯ୍ୟାଳୟ ପକ୍ଷରୁ ବିଭିନ୍ନ ବିଭାଗକୁ ଚିଠି ଲେଖି ଅବଗତ କରିଥିଲେ। ଯାହାକୁ ନେଇ ବୁଦ୍ଧିଜୀବୀ ଓ ରାଜନୈତିକ ମହଲରେ ବେଶ ଚର୍ଚ୍ଚା ହୋଇଥିଲା। ମନ୍ତ୍ରୀ ବିଭୂତି ଜେନାଙ୍କ ଦ୍ୱାରା ଗଠିତ ଛାୟା ମନ୍ତ୍ରିମଣ୍ଡଳରେ ଏକାଧିକ ଅପରାଧିକ ମାମଲାରେ ଛନ୍ଦି ହୋଇଥିବା ବ୍ୟକ୍ତିବିଶେଷଙ୍କୁ ସ୍ଥାନ ଦିଆଯାଇଥିବା ବେଳେ ଅଦାଲତ ବା କୋର୍ଟ ଭଳି ନିରପେକ୍ଷ ସଂସ୍ଥାକୁ ମଧ୍ୟ ତାଲିକାରୁ ବାଦ ଦେଇନାହାନ୍ତି। ଯାହାକୁ ନେଇ ବିଭିନ୍ନ ମହଲରେ ପ୍ରଶ୍ନ ଉଠିଛି। ମନ୍ତ୍ରୀଙ୍କ ଏଭଳି ପଦକ୍ଷେପ ଓ ଆଚରଣ ଅସାମ୍ବିଧାନିକ, ବେନିୟମ, ସ୍ୱେଚ୍ଛାଚାରିତା ଓ କ୍ଷମତାର ଅପବ୍ୟବହାରର ସ୍ପଷ୍ଟ ନିଦର୍ଶନ ବୋଲି କଂଗ୍ରେସ ଅଭିଯୋଗ କରିଛି। ତୁରନ୍ତ ଏହି ତାଲିକାକୁ ନିଷିଦ୍ଧ ଘୋଷଣା କରିବା ସହିତ ତୁରନ୍ତ ଏକ ଉଚ୍ଚସ୍ତରୀୟ କମିଟି ଜରିଆରେ ତଦନ୍ତ କରିବା, ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି ପିସିସି ସଦସ୍ୟ ଡଃ ଶମ୍ଭୁ ପାଣିଗ୍ରାହୀ। ଏ ସଂକ୍ରାନ୍ତରେ ପୂର୍ବରୁ ଶ୍ରୀ ପାଣିଗ୍ରାହୀ ଜନସାଧାରଣଙ୍କ ସାମୂହିକ ସ୍ୱାର୍ଥ ଦୃଷ୍ଟିରୁ ଲିଖିତ



ଅଭିଯୋଗ କରିଥିଲେ ହେଁ ଦୀର୍ଘଦିନ ପରେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିବା ଅଭିଯୋଗ କରିଛନ୍ତି।

କଂଗ୍ରେସ ପକ୍ଷରୁ ଶୁକ୍ରବାର ଆୟୋଜିତ ଶୋଭାଯାତ୍ରା ଓ ପ୍ରତିବାଦ ସଭାରେ ଛତ୍ରପୁରର ବିଧାୟକ ପ୍ରାର୍ଥୀ ଭାଗୀରଥି ବେହେରା, ମହେଶ୍ୱର ଗୌଡ଼ ଯୁବ ନେତା ଜାତୀୟ ଛାତ୍ର କଂଗ୍ରେସର ରାଜ୍ୟ ସମ୍ପାଦକ ମହେଶ୍ୱର ଗୌଡ଼, ଦୀପକ କୁମାର ରେଡ୍ଡୀ, ଜୟରାମ ରେଡ୍ଡୀ, ସନ୍ତୋଷ କୁମାର ନାହାକ, ସନ୍ତୋଷ ବେହେରା, କୁନା ବିଶୋୟୀ, ରାଜା ଦାଶ, ଚିକୁନ ଦାଶ, ସୁଦାମ ବେହେରା, ପିଣ୍ଟୁ ଜେନାଙ୍କ ସମେତ ବହୁ ଯୁବ, ଛାତ୍ର ଓ ମହିଳା କଂଗ୍ରେସ କର୍ମୀ ସାମିଲ ହୋଇଥିଲେ।

## ମହିଳାଙ୍କ ମୃତଦେହ ଜବତ; ସ୍ୱାମୀ ଅଟକ
# ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକ

ବ୍ରହ୍ମପୁର,୧୯।୯(ସମିସ): ବୈଦ୍ୟନାଥପୁର ଥାନା ଗୋଦାବରୀଶ ନଗର ଦ୍ୱିତୀୟ ଲାଇନରେ ରହୁଥିବା ଜନୈକା ମହିଳା ଜସ୍ମିନ ସାହୁ(୩୫)ଙ୍କ ମୃତଦେହ ପୁଲିସ ଏକ କୋଠରିରୁ ଜବତ କରିଛି। ପରେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ମୃତଦେହ ପଞ୍ଚନାମା କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଜସ୍ମିନଙ୍କୁ ତାଙ୍କ ସ୍ୱାମୀ ଓ ଶ୍ୱଶୁର ଘର ଲୋକ ନିର୍ଯାତନା ଦେବା ସହ ତାଙ୍କୁ ହତ୍ୟା କରିଥିଲେ ବୋଲି ତାଙ୍କ ମା' ମଞ୍ଜୁଳା ସାହୁ ଅଭିଯୋଗ କରିଛନ୍ତି। ପୁଲିସ ଏ ସଂକ୍ରାନ୍ତରେ ୪୮୧/୨୫ ରେ ଏକ ମାମଲା ରୁଜୁ କରିବା ସହ ସାଇଣ୍ଟିଫିକ ଟିମ ସହାୟତାରେ ତଦନ୍ତ କରୁଛି। ଅନ୍ୟପଟେ ପୁଲିସ ମୃତ ମହିଳାଙ୍କ ସ୍ୱାମୀ ଶରତ ଚନ୍ଦ୍ର ସାହୁଙ୍କୁ ଥାନାରେ ଅଟକ ରଖି ଘଟଣା ସମ୍ପର୍କରେ ପଚରାଉଚୁରା କରୁଛି। ଘଟଣାରୁ ପ୍ରକାଶ ଯେ, ଗୋଷାଣିନୂଆଗାଁ ଥାନା ଅନ୍ତର୍ଗତ ହାଉସିଂବୋଡର୍‌ରେ ରହୁଥିବା ମଞ୍ଜୁଳା ସାହୁଙ୍କ ଝିଅ ଜସ୍ମିନ ଗୋଦାବରୀଶ ନଗରରେ ରହୁଥିବା ଶରତ ଚନ୍ଦ୍ର ସାହୁଙ୍କୁ ବିବାହ କରିଥିଲେ। ସେମାନଙ୍କର ଦୁଇଟି ଝିଅ ରହିଛି। ସେଠାରେ ଶରତଙ୍କ ମା' ଭାଇ ଓ ଭାଉଜ ରୁହନ୍ତି। କୌଣସି କାରଣକୁ କେନ୍ଦ୍ରକରି ଉଭୟ ସ୍ୱାମୀ ଓ ସ୍ତ୍ରୀ’ଙ୍କ ମଧ୍ୟରେ କଳହ ଲାଗି ରହିଥିଲା। ଶୁକ୍ରବାର ସକାଳେ ଜସ୍ମିନଙ୍କ ମୃତ୍ୟୁ ଘଟିଥିବା ନେଇ ଶରତ ତାଙ୍କ ଶାଶୁଙ୍କୁ ଫୋନ କରିଥିଲେ। ସେ ପହଞ୍ଚି ଦେଖିବା ବେଳେ ଘରର ଏକ କୋଠୀରେରେ ଥିବା ତାଙ୍କ ଝିଅ ମରି ପଡିଛି। ତାଙ୍କ ଶରୀରରେ କ୍ଷତ ଚିହ୍ନ ରହିଛି। ସେ ସବୁ ଦେଖିବା ପରେ ତାଙ୍କ ଝିଅକୁ ହତ୍ୟା କରାଯାଇଥିବା ସନ୍ଦେହ କରି ସେ ଥାନାରେ ଅଭିଯୋଗ କରିଥିଲେ। ଅନ୍ୟପଟେ ଶରତ ଜସ୍ମିନ ବେକରେ ଶାଢ଼ୀ ଲଗାଇ ଆତ୍ମହତ୍ୟା କରିଥିବା ପୁଲିସକୁ କହିଛନ୍ତି। ତାଙ୍କ ଶାଢ଼ୀ କାହିଁକି କାଟିଲେ ବୋଲି ପୁଲିସ ତାଙ୍କୁ ପଚାରିଥିଲେ। ତାହାର ସଠିକ ଉତ୍ତର ସେ ପୁଲିସକୁ ଦେଇପାରିନଥିଲେ। ଯାହା ଫଳରେ ପୁଲିସର ସନ୍ଦେହ ବଢ଼ିଛି।

# ଗଡ଼ିଲା ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଟ୍ରେନ




ବ୍ରହ୍ମପୁର,୧୯।୯(ସମିସ): ବ୍ରହ୍ମପୁର ରେଳ ଷ୍ଟେସନରୁ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଟ୍ରେନ ଆଯୋଧ୍ୟା ଓ ବାରାଣସୀ ଅଭିମୁଖେ ଯାତ୍ରା କରିଛନ୍ତି। ଏଥିରେ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗଦେଇ ତୀର୍ଥଯାତ୍ରା ଟ୍ରେନକୁ ଶୁଭାରମ୍ଭ କରିଥିଲେ। ସମସ୍ତ ତୀର୍ଥଯାତ୍ରୀଙ୍କୁ ମା’ ଅଧିଷ୍ଠାତ୍ରୀ ବୁଢ଼ୀ ଠାକୁରାଣୀ ପୀଠରୁ ବାହାରି ପବିତ୍ର ଗଙ୍ଗାଘାଟ, ବାରାଣସୀର ଶୈବ ପୀଠ, ଗଙ୍ଗା ଆଳତି, କାଶୀ ବିଶ୍ୱନାଥ ପରିଦର୍ଶନ କରିବେ। ଏହି ଯୋଜନାରେ ଗଞ୍ଜାମ, ଗଜପତି, ବୌଦ୍ଧ, ନୟାଗଡ଼ ଓ କନ୍ଧମାଳର ଜିଲ୍ଲାର ୭୭୫ ତୀର୍ଥଯାତ୍ରୀ ଓ ୨୫ଜଣ ଏକ୍ସକର୍ଟ ଯାତ୍ର ଆରମ୍ଭ କରିଛନ୍ତି। ସେଥିମଧ୍ୟରୁ ଗଜପତି ଜିଲ୍ଲାରୁ ୭୨, ନୟାଗଡ଼ରୁ ୧୧୯, କନ୍ଧମାଳରୁ ୯୧, ବୌଦ୍ଧରୁ ୫୫ ଓ ଗଞ୍ଜାମରୁ ୪୩୮ ଜଣ ତୀର୍ଥଯାତ୍ରୀ ସାମିଲ ହୋଇଛନ୍ତି। କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲ୍ଲାପାଳ ଭି. କିର୍ତ୍ତିଭ।ସନ୍, ବ୍ରହ୍ମପୁର ଆରକ୍ଷୀ ଅଧୀକ୍ଷକ ଡ଼ା. ସର୍ବଣା ବିବେକ ଏମ୍, ବ୍ରହ୍ମପୁର ମହାନଗର ନିଗମ କମିଶନର ପ୍ରଥମେଶ ଅରବିନ୍ଦ ରାଜଶିର୍କେ, ପର୍ଯ୍ୟଟନ ବିଭାଗର ଅତିରିକ୍ତ ଶାସନ ସଚିବ ଡ଼. ରୁଦ୍ର ନାରାୟଣ ଦାସ, ବିଜେପି ଜିଲ୍ଲା ସଭାପତି ସରୋଜ ସାବତ ମଞ୍ଚାସୀନ ଥିଲେ। ଶେଷରେ ପର୍ଯ୍ୟଟନ ଅଧିକାରୀ ପାର୍ଥ ସାରଥୀ ହଂସଦା ଧନ୍ୟବାଦ ଅର୍ପଣ କରିଥିଲେ।

## ତାଲା ଭାଙ୍ଗି ଟଙ୍କା, ସୁନା ଲୁଟ୍

ବ୍ରହ୍ମପୁର,୧୯।୯(ସମିସ): ଗୋପାଳପୁର ଥାନା କମଳାପୁର ଗ୍ରାମର ଜଣେ ବୃଦ୍ଧାଙ୍କ ଘର ତାଲା ଭାଙ୍ଗି ଆଲମାରିରେ ଥିବା ଟଙ୍କା ଓ ସୁନା ଦୁର୍ବୃତ୍ତ ଲୁଟିଥିବା ଥାନାରେ ଅଭିଯୋଗ ହୋଇଛି। କମଳାପୁର ଗ୍ରାମର ଟି.ଭାରତୀ ଚଳିତମାସ ୬ତାରିଖରେ କୌଣସି କାମରେ ବାହାରକୁ ଯାଇଥିଲେ। ଗୁରୁବାର ଘରର ଗ୍ରିଲ ଭଙ୍ଗା ଯାଇଥିବା ତାଙ୍କ ପୁତୁରା ଦେଖି ଭିତରକୁ ଯାଇ ଦେଖିବା ବେଳକୁ ଦୁର୍ବୃତ୍ତ ଘରେ ଥିବା ଆଲମାରି ଭାଙ୍ଗି ସେଥିରେ ଥିବା ଦେଢ ତୁଳା ସୁନା ଓ ୨ଲକ୍ଷ ୫୦ହଜାର ଟଙ୍କା ଲୁଟି ନେଇଥିବା ଜାଣି ଭାରତୀଙ୍କୁ ଖବର ଦେଇଥିଲେ। ଆଜି ଭାରତୀ କମଳାପୁରରେ ପହଁଞ୍ଚି ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଏ ସଂକ୍ରାନ୍ତରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

**● କର୍ପୋରେଟର୍‌ଙ୍କ ଘର ଉପରକୁ ବୋମାମାଡ଼ ଘଟଣା**

# ଧରାପଡ଼ିଲା ମୁଖ୍ୟ ଅଭିଯୁକ୍ତ; ମଦ ବେପାରୀ ସୁପାରୀ ଦେଇଥିବା ସନ୍ଦେହ

ବ୍ରହ୍ମପୁର,୧୯।୯(ସମିସ): ବଡବଜାର ଥାନା ଅନ୍ତର୍ଗତ ଲକ୍ଷ୍ମୀନୃସିଂହ ସାହିରେ ରହୁଥିବା ତଥା ବ୍ରହ୍ମପୁର ମହାନଗର ନିଗମ ୯ନଂ ୱାର୍ଡର କର୍ପୋରେଟର ସନ୍ତୋଷ କୁମାର ସେଠୀଙ୍କ ଘର ଉପରକୁ ଗତ ରାତିରେ ବୋମାମାଡ଼ ହୋଇଥିଲା। ଏଥିରେ କେହି ଆହତ ହୋଇନଥିଲେ ହେଁ ଘରର ଝରକା କାଚ ଭାଙ୍ଗିଯାଇଥିଲା। ଖବର ପାଇ ବଡ଼ବଜାର ଥାନା ଅଧିକାରୀ ବାବା ଶଙ୍କର ସରାଫ୍ ଓ ଅନ୍ୟ ପୁଲିସ କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ବୋମାର ଅଂଶବିଶେଷ ଓ ଘର ଝରକାର ଭଙ୍ଗା କାଚକୁ ଜବତ କରିଛି। କର୍ପୋରେଟର ସନ୍ତୋଷଙ୍କ ଅଭିଯୋଗ ପ୍ରକାରେ ପୁଲିସ ଏକ ମମାଲା ରୁଜୁ କରି ଘଟଣାର ଖୋଳତାଡ କରୁଛି।



**ମାସିକିଆ ବଟି ଆଦାୟ ପାଇଁ ଅଭିଯୁକ୍ତ କରିଥିଲା ବୋମାମାଡ଼**



୩ଜଣ ଯୁବକ ବୋମାମାଡ଼ କରିଥିବା ସିସିଟିଭିରୁ ସ୍ପଷ୍ଟ ହୋଇଥିବା ବେଳେ ଅଭିଯୁକ୍ତ ପୁଡା ରାମକୁ ପୁଲିସ ଗୁରୁବାର ରାତିରେ କାବୁ କରିବାରେ ସଫଳ ହୋଇଛି। ପୂର୍ବଶତ୍ରୁତା ଓ ବ୍ୟବସାୟୀକ କାରଣରୁ ଏହି ବୋମାମାଡ଼ ହୋଇଥିବା ପୁଲିସ ପ୍ରାଥମିକ ତଦନ୍ତରେ ସନ୍ଦେହ କରୁଛି। ପାର୍ବଣ ଋତୁ ଆରମ୍ଭ ହୋଇଯାଇଥିବା ବେଳେ ଅପରାଧୀମାନେ କ୍ରମଶଃ ସକ୍ରିୟ ହେଉଥିବା ସାଧାରଣରେ ଚର୍ଚ୍ଚା ହେଉଛି।

ଗୁରୁବାର ରାତିରେ କର୍ପୋରେଟର ସନ୍ତୋଷଙ୍କ ଘରେ ସମସ୍ତେ ଏକାଠି ବସି ପାରିବାରିକ ଆଲୋଚନା କରୁଥିବା ବେଳେ ହଠାତ ଘର ଉପରକୁ ବୋମାମାଡ଼ ହୋଇଥିଲା। ୩ଜଣ ଯୁବକ ଏକ ବୁଲେଟରେ ଆସି ବୋମାମାଡ଼ କରିଥିବା ଦୃଶ୍ୟ ଘରେ ଲାଗିଥିବା ସିସିଟିଭି ଫୁଟେଜରୁ ଜଣାପଡ଼ିଛି। ସନ୍ତୋଷ ଏ ନେଇ ଥାନା ଅଧିକାରୀଙ୍କୁ ଫୋନ ଯୋଗେ ସୂଚନା ଦେଇଥିଲେ। ପୁଲିସ ଘଟଣାରେ ସମ୍ପୃକ୍ତ ତଥା ମୁଖ୍ୟ ଅଭିଯୁକ୍ତ ପୁଡ଼ା ରାମକୁ କାବୁ କରିଥିବା ବେଳେ ଫେରାର ଅନ୍ୟ ଦୁଇ ଅଭିଯୁକ୍ତଙ୍କୁ ଖୋଜୁଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ କର୍ପୋରେଟରଙ୍କ ଘର ଉପରକୁ ବୋମାମାଡ଼ କରିବା ପାଇଁ ଅଭିଯୁକ୍ତଙ୍କୁ ସହରର ଜନୈକ ମଦ ବ୍ୟବସାୟୀ ସୁପାରୀ ଦେଇଥିବା ଚର୍ଚ୍ଚା ହେଉଛି। କର୍ପୋରେଟରଙ୍କ ଘରେ ବୋମାମାଡ଼ କଲେ ମାସିକ ୫ହଜାର ଟଙ୍କା ମିଳିବ ବୋଲି କୁଆଡେ ଡିଲ ହୋଇଥିଲା। ବୋମାମାଡ଼ ପାଇଁ ଅଭିଯୁକ୍ତମାନେ ମୋଟା ଅଙ୍କର ଅର୍ଥ ନେଇଥିବା ବେଳେ ଘଟଣା ପରେ ପ୍ରତ୍ୟେକଙ୍କୁ ୫ହଜାର ଲେଖାଏଁ ମିଳିବ ବୋଲି ଡିଲ ହୋଇଥିବା କୁହାଯାଉଛି।

# କାନ୍ଥ ଓ ପିଲାର୍ ମଝିରେ ଫସିଗଲା ନାବାଳକ




ବ୍ରହ୍ମପୁର,୧୯।୯(ସମିସ): ଆମ୍ବପୁଆ ସ୍ଥିତ ଆଲୋକ ନଗର ଦ୍ୱିତୀୟ ଲାଇନରେ ଥିବା ଏକ ଚିଲଡ୍ରେନ ଥେରାପି ସେଣ୍ଟରରେ କାନ୍ଥ ଓ ଗୋଲେଇ ପିଲର ମଧ୍ୟରେ ଜଣେ ଶାରୀରିକ ଅକ୍ଷମ ନାବାଳକର ମୁଣ୍ଡ ଫସି ରହିଥିଲା। ବ୍ରହ୍ମପୁର ଅଗ୍ନିଶମ ବାହିନୀ ତାଙ୍କୁ ଉଦ୍ଧାର କରିଛି। ସୂଚନା ପ୍ରକାରେ ମଧ୍ୟାହ୍ନରେ ଉକ୍ତ ଶିଶୁ ଜଣକ ପ୍ରତିଦିନ ଭଳି ଆଜି ସେଣ୍ଟରରେ ଖେଳୁଥିବା ବେଳେ କାନ୍ଥ ଓ ଗୋଲେଇ ପିଲର ମଧ୍ୟରେ ତାଙ୍କ ମୁଣ୍ଡ ଫସି ଯାଇଥିଲା। ସେଣ୍ଟରର କର୍ତ୍ତୃପକ୍ଷ ବହୁ ଚେଷ୍ଟା କରି ବିଫଳ ହୋଇଥିଲେ। ପରେ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଖବର ପାଇଁ ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ତାଙ୍କ ସୁରକ୍ଷିତ ଉଦ୍ଧାର କରିଛି।

# ବ୍ରହ୍ମପୁରରୁ ଅପହୃତା ନାବାଳିକା ମହାରାଷ୍ଟ୍ରରୁ ଉଦ୍ଧାର

ବ୍ରହ୍ମପୁର,୧୯।୯(ସମିସ): ବ୍ରହ୍ମପୁରରୁ ଅପହୃତା ନାବାଳିକାଙ୍କୁ ମହାରାଷ୍ଟ୍ରର କାଲ୍ୟାଣୀ ଷ୍ଟେସନରୁ ଉଦ୍ଧାର କରିଛି ବ୍ରହ୍ମପୁର ଟାଉନ ଥାନା ପୁଲିସ। ଏହାସହ ସମ୍ପୃକ୍ତ ଅପହରଣକାରୀ ନାବାଳକକୁ ପୁଲିସ କାବୁ କରି ସ୍ଥାନୀୟ ଜେଜେବିରେ ହାଜର କରିଛି। ସୂଚନାଯୋଗ୍ୟ ଯେ, ଟାଉନ ଥାନା ଅଞ୍ଚଳର ଜନୈକା ନାବାଳିକା ଗତ ୧୧ତାରିଖରେ ନିଖୋଜ ହୋଇଥିବା ନେଇ ତାଙ୍କ ପରିବାର ପକ୍ଷରୁ ଟାଉନ ଥାନାରେ ଅଭିଯୋଗ କରିଥିଲେ। ନାବାଳିକା ଝିଅକୁ ଆଙ୍କୁଶପୁର ଗ୍ରାମର ଜଣେ ନାବାଳକ ଅପହରଣ କରିନେଇଥିବା ପରିବାର ଲୋକେ ସନ୍ଦେହ କରିଥିଲେ। ଅଭିଯୋଗ ଆଧାରରେ ପୁଲିସ ଏକ ମାମଲା ରୁଜୁ କରିଥିଲା। ତଦନ୍ତ ବେଳେ ସନ୍ଦେହ ଘେରରେ ଥିବା ନାବାଳକଙ୍କ ସହିତ ନିଖୋଜ ନାବାଳିକା ଥିବା ପୁଲିସ ତଦନ୍ତ ବେଳେ ଜାଣିବାକୁ ପାଇଥିଲା। ନାବାଳକଙ୍କ ମୋବାଇଲକୁ ଟ୍ରାକିଂ କରି ଉଭୟେ ମହାରାଷ୍ଟ୍ରରେ ଥିବା ଜଣାପଡିଥିଲା। ପରେ ପୁଲିସ ଅଭିଯୁକ୍ତକୁ ଧରିବା ସହ ନିଖୋଜ ନାବାଳିକାଙ୍କୁ ଉଦ୍ଧାର କରିବା ପାଇଁ ରଞ୍ଜିତ କୁମାର ଦାଶଙ୍କ ନେତୃତ୍ୱରେ ଏକ ଟିମ ମହାରାଷ୍ଟ୍ର ଯାଇଥିଲା। ପରେ କାଲ୍ୟାଣୀ ଷ୍ଟେସନରୁ ଅପହୃତା ନାବାଳିକାକୁ ସୁରକ୍ଷିତ ଉଦ୍ଧାର କରିବା ସହ ଅପହରଣକାରୀକୁ କାବୁ କରିଥିଲା।

# ନିପୁଣ ସପ୍ତାହ କାର୍ଯ୍ୟକ୍ରମ ଉଦ୍‌ଯାପିତ



ବ୍ରହ୍ମପୁର,୧୯।୯(ସମିସ): ସପ୍ତାହ ବ୍ୟାପୀ ଚାଲିଥିବା ନିପୁଣ ସପ୍ତାହ କାର୍ଯ୍ୟକ୍ରମ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ଖୋଡ଼ାସିଙ୍ଗି ସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ପୋଷ୍ୟ ଭାବେ ଗ୍ରହଣ କରିଥିବା ରଙ୍ଗେଇଲୁଣ୍ଡା ବ୍ଲକ ଶିକ୍ଷାଧିକାରୀ(ବିଇଓ) ଦେବେନ୍ଦ୍ର ବେହେରା ବିଦ୍ୟାଳୟ ପରିଦର୍ଶନ କରିଥିଲେ। ବିଦ୍ୟାଳୟ ଓ ଛାତ୍ରଛାତ୍ରୀଙ୍କର ବିଭିନ୍ନ ସମସ୍ୟା ଓ ଉନ୍ନତିମୂଳକ କାର୍ଯ୍ୟକୁ ତଦାରଖ କରି ଅଭିଭାବକଙ୍କ ସହ ବିଭିନ୍ନ ବିଷୟରେ ଶ୍ରୀ ବେହେରା ଆଲୋଚନା କରିଥିଲେ। ବିଦ୍ୟାଳୟର ଶିଶୁବାଟିକା ଠାରୁ ଆରମ୍ଭ କରି ୩ୟ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କ ପାଇଁ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ନାଚ ଓ ଗୀତ ମାଧ୍ୟମରେ ପିଲାଙ୍କୁ ସଚେତନ କରାଇବା ସହ ପାଠ୍ୟକ୍ରମ ସମ୍ପର୍କରେ ମାର୍ଗଦର୍ଶନ କରିଥିଲେ। ଏହି ଅବସରରେ ଭାଷା, ସାକ୍ଷରତା, ସଂଖ୍ୟା ଜ୍ଞାନ ସମ୍ବନ୍ଧୀୟ କାର୍ଯ୍ୟ ସହିତ ପୁସ୍ତକ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ରଶ୍ମିତା କୁମାରୀ ପାତ୍ର, ତୁଷାର କୁମାରୀ ମିଶ୍ର, ସଂଞ୍ଜୁକ୍ତା କୁମାରୀ ପଟ୍ଟନାୟକ, ଗାୟତ୍ରୀ କୁମାରୀ ବେହେରା, ଇତିଶ୍ରୀ ପ୍ରଧାନ ଓ ତୃପ୍ତିରାଣୀ ଖାଡ଼ାଙ୍ଗାଙ୍କ ସମେତ ଏଫଏଲଏନର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ ଅଭିଭାବକମାନେ ଉପସ୍ଥିତ ଥିଲେ।

Nippon india Mutual Fund
Wealth sets you free

Mutual Fund Investor Awareness Program

To increase awareness about Mutual Funds, we conduct Investor Awareness Programmes (IAPs) across the country. Schedule of upcoming IAP is as mentioned below:

| Date | Time | Location |
|---|---|---|
| 19th September, 2025 | 06:00 PM | Rourkela |

Venue: Hotel Radhika Regency, Bisra Road, Rourkela-769001
Name: Sahanwaj Alam | Mob. No.: Sahanwaj Alam


Nippon Life India Asset Management Limited | CIN : L65910MH1995PLC220793

Mutual Fund investments are subject to market risks, read all scheme related documents carefully.

# ଅଚଳ ସିସିଟିଭି କ୍ୟାମେରା ଭରସାରେ ସିଟି ହସ୍ପିଟାଲ

## ନଷ୍ଟ ହେବାରେ ଲାଗିଛି ପୂର୍ବ ସରକାର ଅମଳର ଭିତ୍ତିଭୂମି
## କର୍ତ୍ତୃପକ୍ଷଙ୍କ ନୋଟିସ୍‌କୁ ଭ୍ରୂକ୍ଷେପ କରୁନି ଜିଇଡି ବିଭାଗ

ବ୍ରହ୍ମପୁର,୧୯।୯(ସମିସ): ସ୍ଥାନୀୟ ସିଟି ହସ୍ପିଟାଲ କ୍ୟାମ୍ପସ୍‌ର ବିଭିନ୍ନ ସ୍ଥାନରେ ଲାଗିଥିବା ସିସିଟିଭି କ୍ୟାମେରା ଦୀର୍ଘ ୨ସପ୍ତାହରୁ ଅଧିକ କାଳ ଧରି ଅଚଳ ହୋଇପଡ଼ିଛି। ଅଚଳ ସିସିଟିଭି କ୍ୟାମେରାକୁ କାର୍ଯ୍ୟକ୍ଷମ କରିବାକୁ ହସ୍ପିଟାଲ କର୍ତ୍ତୃପକ୍ଷ ସାଧାରଣ ବିଦ୍ୟୁତ ବା (ଜିଇଡ଼ି) ବିଭାଗକୁ ମରାମତି କରିବାକୁ ବାରମ୍ବାର ନୋଟିସ କରାଯାଇଥିଲେ ହେଁ ଜିଇଡି ବିଭାଗ ଆଦୌ ଗୁରୁତ୍ୱ ଦେଉନଥିବା ଜଣାପଡିଛି। ଫଳରେ କ୍ୟାମ୍ପସର ଅଧିକାଂଶ ସିସିଟିଭି ଅଚଳ ପଡ଼ିଛି। ଏଭଳି କ୍ଷେତ୍ରରେ ଆବଶ୍ୟକସ୍ଥଳେ ସିସିଟିଭି ଫୁଟେଜ ପାଇଁ ମେଡ଼ିକାଲ କର୍ତ୍ତୃପକ୍ଷ ଅଥବା ଅନ୍ୟ ତଦନ୍ତକାରୀ ସଂସ୍ଥାକୁ ବହୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। କିଛିଦିନ ପୂର୍ବେ ସିଟି ହସ୍ପିଟାଲ ପରିସରରେ ଜଣେ କର୍ମଚାରୀଙ୍କ ମାଡ଼ରେ ଏକ ବୁଲା କୁକୁରର ମୃତ୍ୟୁ ହୋଇଥିଲା। ଯାହାକୁ ନେଇ ସହରର କିଛି ପଶୁପ୍ରେମୀ ଥାନାର ଦ୍ୱାରସ୍ତ ମଧ୍ୟ ହୋଇଥିଲେ। ଘଟଣା ସ୍ଥଳରେ ପୁଲିସ ପହଞ୍ଚି ଯାଞ୍ଚ କରିବା ସହ ଅଧିକ ତଥ୍ୟ ହାସଲ ପାଇଁ ହସ୍ପିଟାଲର ସିସିଟିଭି ଦୀର୍ଘଦିନ ଧରି ଅଚଳ ଥିବା ଜାଣିବାକୁ ପାଇଥିଲା। ସୂଚନାଯୋଗ୍ୟ ଯେ, ସିଟି ହସ୍ପିଟାଲ ପରିସରରେ ଥିବା ବିଭିନ୍ନ ବିଭାଗ ସମେତ ବହୁ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ମୋଟ ୫୪ଟି ସିସିଟିଭି ଖଞ୍ଜାଯାଇଛି। ସେଥି ମଧ୍ୟରୁ ଜିଇଡ଼ି ବିଭାଗ ଦ୍ୱାରା ୨୬ଟି ସିସିଟିଭି କ୍ୟାମେରା ଲଗାଯାଇଥିବା ବେଳେ ପୂର୍ବ ସରକାରଙ୍କ



ପକ୍ଷରୁ ‘ମୋ ହସ୍ପିଟାଲ’ ଯୋଜନାରେ ୨୮ଟି ସିସିଟିଭିର ବ୍ୟବସ୍ଥା କରାଯାଇଥିଲା। ଡାକ୍ତରଖାନାକୁ ଆସୁଥିବା ରୋଗୀ ଓ କର୍ମଚାରୀଙ୍କ ଠାରୁ ଆରମ୍ଭ କରି ହସ୍ପିଟାଲର ଭିତ୍ତିଭୂମିର ସୁରକ୍ଷା ଦୃଷ୍ଟିରୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚରେ ସିସିଟିଭି ବ୍ୟବସ୍ଥା କରାଯାଇଥିଲା। ତେବେ କିଛିଦିନ ପୂର୍ବେ ଲଘୁଚାପ ଜନିତ ବର୍ଷା ଓ ବଜ୍ରପାତ ଯୋଗୁଁ ହସ୍ପିଟାଲରେ ଲାଗିଥିବା ଅଧିକାଂଶ ସିସିଟିଭି ଅଚଳ ହୋଇପଡ଼ିଛି। ଦୁଇ ସପ୍ତାହରୁ ଅଧିକ କାଳ ଧରି ଏଭଳି ସମସ୍ୟା ଲାଗି ରହିଥିବା ବେଳେ ଏନେଇ ହସ୍ପିଟାଲ କର୍ତ୍ତୃପକ୍ଷ ମଧ୍ୟ ଜିଇଡି ବିଭାଗୀୟ ଅଧିକାରୀଙ୍କୁ ଲିଖିତ ଭାବେ ଅବଗତ କରିଛନ୍ତି। ବିଭାଗୀୟ ଅଧିକାରୀମାନେ ଘଟଣା ସ୍ଥଳ ପରିଦର୍ଶନ କରିବା ସହ ସମସ୍ୟା ସମ୍ପର୍କରେ ଅବଗତ ଥିଲେ ହେଁ ଅଚଳ ସିସିଟିଭିକୁ ସଚଳ କରିବା ଦୂରର କଥା ଏପର୍ଯ୍ୟନ୍ତ କାର୍ଯ୍ୟ ଆରମ୍ଭ ହୋଇନାହିଁ। ଅନ୍ୟପକ୍ଷରେ ସାଧାରଣ ରୋଗୀଙ୍କୁ ଉନ୍ନତମାନର ସ୍ୱାସ୍ଥ୍ୟସେବା ଯୋଗାଇବାକୁ ଯାଇ ପୂର୍ବ ବିଜେଡ଼ି ସରକାର ଅମଳରେ ହସ୍ପିଟାଲର ଭିତ୍ତିଭୂମି ବିକାଶ ପାଇଁ ବହୁ ପଦକ୍ଷେପ ନିଆଯାଇଥିଲା। ତେବେ ରକ୍ଷଣାବେକ୍ଷଣ ଅଭାବରୁ ହସ୍ପିଟାଲର ଭିତ୍ତିଭୂମି କ୍ରମଶଃ ନଷ୍ଟ ହେବାରେ ଲାଗିଛି। ଫଳରେ ସରକାରୀ ହସ୍ପିଟାଲକୁ ଆସୁଥିବା ସାଧାରଣ ରୋଗୀଟିଏ ଉନ୍ନତମାନର ଚିକିତ୍ସା ସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ତେଣୁ ସ୍ୱାସ୍ଥ୍ୟବିଭାଗ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ହସ୍ପିଟାଲ ଭିତ୍ତିଭୂମିର ସୁରକ୍ଷା ଓ ମରାମତି ପାଇଁ ଆବଶ୍ୟକ ପଦକ୍ଷେକ ନେବାକୁ ବିଭିନ୍ନ ମହଲରେ ଦାବି ହୋଇଛି।

ସକାଳ
THE SAKALA

# ସମ୍ପାଦକୀୟ



ଭାରତ ପ୍ରତ୍ୟେକ ମହାନ ଧର୍ମର ନିବାସ ସ୍ଥଳ।
-ଆନି ବେସାନ୍ତ

## ଲଘୁ ଖଣିଜ ସମ୍ପଦ ଲୁଟ୍

ଆମ ରାଜ୍ୟରୁ ଲଘୁ ଖଣିଜ ଚୋରାଚାଲାଣ ସମସ୍ତ ନିୟନ୍ତ୍ରଣକୁ ଅତିକ୍ରମ କରିଯାଇଛି। କ୍ଷମତା କେନ୍ଦ୍ରର କଠୋର କଟକଣା ଓ ନିର୍ଦ୍ଦେଶର କ୍ରମାଗତ ଉଲ୍ଲଙ୍ଘନରୁ ସ୍ପଷ୍ଟ ବାରି ହୋଇପଡୁଛି ଯେ ଚୋରା ଚାଲାଣକାରୀ ମାଫିଆଙ୍କ ସହ ଅସାଧୁ ମେଣ୍ଟର ଉଚ୍ଚସ୍ତରରେ ସଂପର୍କ ଥିବାରୁ ରାଜ୍ୟର ବିପୁଳ ରାଜସ୍ୱହାନି ଘଟୁଛି। ଏପରିକି କ୍ଷମତାକେନ୍ଦ୍ର ସହ ସଂଶ୍ଳିଷ୍ଟ ଦଳର ବରିଷ୍ଠ ନେତା ଏହି ଚୋରା ଚାଲାଣ ନେଇ ସ୍ୱର ଉତ୍ତୋଳନ କରିଥିଲେ ମଧ୍ୟ କୌଣସି ପ୍ରଭାବ ତୃଣମୂଳ ସ୍ତରରେ ପଡୁନାହିଁ। ଏ ବାବଦରେ ରାଜସ୍ୱ ଆଦାୟ ୧୪୮୫ କୋଟିରୁ ୭୦୦ କୋଟିଟଙ୍କାକୁ ହ୍ରାସ ପାଇଥିବାରୁ ଶାସନକଳର ଚରମ ଉଦାସୀନତା ସବୁରି ମହଲରେ ଚିନ୍ତା ଓ ଉଦ୍‌ବେଗର କାରଣ ହୋଇଛି।

ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଗତ ମାର୍ଚ୍ଚମାସରେ ରାଜ୍ୟର ସମସ୍ତ ଜିଲ୍ଲାପାଳ ଓ ଏସପିଙ୍କୁ ପଥର, ବାଲି ଓ ମୋରମ ଭଳି ଲଘୁ ଖଣିଜ ସମ୍ପଦ ଚୋରା ଚାଲାଣ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ, ବିଶେଷକରି ନିୟମିତ ଚଢ଼ଉ ପାଇଁ ଦେଇଥିବା ନିର୍ଦ୍ଦେଶ ପ୍ରତି ଏପର୍ଯ୍ୟନ୍ତ ଉଚିତ ଧ୍ୟାନ ଦିଆଯାଇଥିଲା ଭଳି ମନେହେଉନାହିଁ। ଏହି ଖଣିଜ ସଂପଦର ନୂଆ ଉତ୍ସ ଚିହ୍ନଟ କରି ଅତିରିକ୍ତ ରାଜସ୍ୱ ଆଦାୟ ଯୋଜନା ମଧ୍ୟ କାର୍ଯ୍ୟକାରୀ ହେଉନାହିଁ। ଫଳରେ ଖଣି ମାଫିଆ ସେମାନଙ୍କ କାର୍ଯ୍ୟ ପରିସର ବଢ଼ାଇ ନିର୍ବାଧରେ ଚୋରା ଚାଲାଣ କରୁଛନ୍ତି। ଏକଥା ସତ ଯେ ଏହି ଲୁଟତରାଜ ରୋକିବା ପାଇଁ ମିଳିତ ଚଢ଼ଉର ଆବଶ୍ୟକତା ରହିଛି। ପୁଲିସ, ତହସିଲ, ଖଣି ଓ ଆବଶ୍ୟକ ସ୍ଥଳେ ଜଙ୍ଗଲ ବିଭାଗ କର୍ମଚାରୀଙ୍କୁ ନେଇ ସ୍ୱତନ୍ତ୍ର ସ୍କ୍ୱାଡ୍ ଗଠନ କରାଯିବା ଜରୁରୀ ହୋଇପଡ଼ିଛି। ନିୟମିତ ଭାବେ ମିଳିତ ଚଢ଼ାଉ କଲେ ଚୋରା ଚାଲାଣକୁ ରୋକିହେବ। ପରିସ୍ଥିତି ଏପରି ହୋଇଛି ଯେ ଚଢ଼ଉ ବେଳେ ତହସିଲ କର୍ତ୍ତୃପକ୍ଷଙ୍କୁ ଧମକ ଚମକ ଦେଇ ଖଣି ମାଫିଆ ନିଜ ଶୈଳୀରେ ଚୋରା ଚାଲଣ ଜାରି ରଖିଛନ୍ତି। ବେଳେ ବେଳେ ମନେହୁଏ ସେମାନଙ୍କର ଉଚ୍ଚକ୍ଷମତା ସମ୍ପନ୍ନ ବ୍ୟକ୍ତିବିଶେଷଙ୍କ ସହ ସଂପର୍କ ଥିବାରୁ ନିମ୍ନସ୍ତରର କ୍ଷମତାଧାରୀ ନିଜକୁ ଅସହାୟ ମନେ କରୁଛନ୍ତି। ଏଭଳି ଏକ ପ୍ରତିକୂଳ ପରିସ୍ଥିତିରେ ସମସ୍ତେ ନିଜ ନିଜ ଢଙ୍ଗରେ ହାତ ଚିକ୍କଣ କରି ନିରବ ରହୁଛନ୍ତି। ଏହି ବାସ୍ତବ ଦିଗ ପ୍ରତି ଉପରୁ ନିର୍ଦ୍ଦେଶ ଦେଉଥିବା କର୍ତ୍ତୃପକ୍ଷ ଧ୍ୟାନ ଦେଉ ନ ଥିବାରୁ କେବଳ କାଗଜ କଲମରେ ଚାଷ ହେଉଛି ସିନା ଚୋରା ଚାଲାଣ ରୋକି ହେଉନାହିଁ।

ପୁଲିସ-ତହସିଲ-ଖଣି ବିଭାଗର ମଧୁଚନ୍ଦ୍ରିକା ସଂପର୍କରେ ଯାହା କୁହାଯାଉଛି ତାହା ଯେ ସଂପୂର୍ଣ୍ଣ ରୂପେ ବିଭ୍ରାନ୍ତକର ଏକଥା ନୁହେଁ। ଏବାବଦରେ ହେଉଥିବା ରାଜସ୍ୱ ହରିଲୁଟ ପଛରେ ଯେଉଁ ପ୍ରଭାବଶାଳୀ ବର୍ଗ ଅଛନ୍ତି ସେମାନଙ୍କ ପ୍ରସଙ୍ଗ ଆଲୋଚନା ପରିସରକୁ ଆସୁନାହିଁ। ତଳଠାରୁ ଉପରସ୍ତର ପର୍ଯ୍ୟନ୍ତ ଏବାବଦରେ ଆଦାୟ ହେଉଥିବା ଅର୍ଥର ଅଂଶୀଦାର ଅଛନ୍ତି। ଅନେକ କ୍ଷେତ୍ରରେ ଖଣିମାଫିଆଙ୍କ ପ୍ରତି ରାଜନେତାଙ୍କ ଆଶୀର୍ବାଦ ଥିବାରୁ ସେମାନେ ନିର୍ଭୟରେ ଲଘୁ ଖଣିଜ ଲୁଟି ଚାଲିଛନ୍ତି। ଧର ପଗଡ଼ ବେଳେ ସେମାନେ କର୍ତ୍ତୃପକ୍ଷଙ୍କୁ ପାଲଟା ନାଲିଆଖି ଦେଖାଇ ଚମ୍ପଟ ମାରୁଛନ୍ତି। ଏଭଳି ପରିସ୍ଥିତିରେ କିଏ କାହାକୁ ରୋକିବ? ଲଘୁ ଖଣିଜ ସମ୍ପଦ ବ୍ୟାପାରରେ ବାଡ଼ି ଫସଲ ଖାଇବା ନୀତି ଅନୁସରଣ କରାଯାଉଥିବାରୁ ରାଜସ୍ୱ ହାନି ଘଟିବା ସ୍ୱାଭାବିକ। ●

## ବିପଦରେ ପ୍ରବାସୀ ଭାରତୀୟ

ଆମ ଦେଶର ପ୍ରାୟ ୪କୋଟି ଲୋକ ବିଦେଶରେ ଅବସ୍ଥାନ କରୁଛନ୍ତି। ଏକ ପରିସଂଖ୍ୟାନରୁ ଜଣାପଡ଼ିଛି ଯେ ଦୈନିକ ହାରାହାରି ୭୦୦ ଭାରତୀୟ ଦେଶ ଛାଡୁଛନ୍ତି। ସମ୍ପନ୍ନ ପରିବାରରେ ବିଶେଷତଃ ଏହି ମାନସିକତା ପରିଲକ୍ଷିତ ହେଉଛି। ଏହି ପ୍ରବାସୀ ଭାରତୀୟ ଏଠାରେ ଥିବା ନିଜ ପରିବାର ଓ ପରିଜନଙ୍କ ସକାଶେ ନିୟମିତ ପଠାଉଥିବା ଡଲାର ଆମ ଅର୍ଥନୀତିକୁ ସୁଦୃଢ଼ କରିବାରେ ସହାୟକ ହେଉଛି। ସେମାନଙ୍କ ନିକଟରୁ ଗତ ବର୍ଷ ୧୩୬ ବିଲିୟନ ଡଲାର ଭାରତକୁ ଆସିଛି। ଆମ ଜିଡିପିରେ ଏହାର ଅବଦାନ ୩.୪ ପ୍ରତିଶତ। ଏହାଛଡ଼ା ଗଚ୍ଛିତ ବୈଦେଶିକ ବିନିୟମ ମୁଦ୍ରା ଅଭିବୃଦ୍ଧିରେ ସେମାନଙ୍କ ଦ୍ୱାରା ପ୍ରେରିତ ଡଲାରର ଅବଦାନ ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ଏସବୁ ଉଲ୍ଲେଖ କଲାବେଳେ ସ୍ୱତଃ ମନରେ ଉଙ୍କିମାରେ ସମ୍ଭ୍ରାନ୍ତ ଓ ସମ୍ପନ୍ନ ପରିବାର ଭାରତର ତଥାକଥିତ ପ୍ରଗତିରେ ଅଂଶୀଦାର ନହୋଇ କାହିଁକି ଦେଶ ଛାଡୁଛନ୍ତି। ଏ ସଂପର୍କରେ ଏପର୍ଯ୍ୟନ୍ତ ଆମ ଦେଶରେ କୌଣସି ତାଜା ସମୀକ୍ଷା ହୋଇନାହିଁ। ସେମାନଙ୍କ ତଥାକଥିତ ରେମିଟାନ୍ସରେ ହିଁ ଆମେ ସନ୍ତୁଷ୍ଟ ଥିଲା ଭଳି ମନେ ହେଉଛି।

ଏବେ ଆମ ପାଇଁ ଚିନ୍ତା ଓ ଉଦ୍‌ବେଗର କାରଣ ହୋଇଛି ଏହି ପ୍ରବାସୀ ଭାରତୀୟମାନେ ଅବସ୍ଥାନ କରୁଥିବା ରାଷ୍ଟ୍ରରେ ମୁଣ୍ଡ ଟେକିଥିବା ଅତିବାଦୀ ଦକ୍ଷିଣପନ୍ଥୀଙ୍କ ବହିରାଗତ ବିଦ୍ୱେଷୀ ଆନ୍ଦୋଳନ। ଏହି ପ୍ରବାସୀଙ୍କ ଅବସ୍ଥାନ ଫଳରେ ମୂଳବାସିନ୍ଦା ନିଯୁକ୍ତି ସୁଯୋଗରୁ ବଂଚିତ ହେବା ସହ ମୂଲ୍ୟବୃଦ୍ଧି ସେମାନଙ୍କ ଜୀବନକୁ ଦୁର୍ବିସହ କରିପକାଇଛି। ସମଗ୍ର ବିଶ୍ୱରେ ଦକ୍ଷିଣପନ୍ଥୀ ମାନସିକତାର ଅଭ୍ୟୁଦୟ ଘଟିଥିବାରୁ ସେମାନଙ୍କ ଆନ୍ଦୋଳନ ଓ ହିଂସା, କ୍ଷମତାସୀନ ସରକାର ପ୍ରତିକୂଳ ଅର୍ଥନୀତିର ମୁକାବିଲା କରୁଥିବା ବେଳେ ଆଇନ ଶୃଙ୍ଖଳା ପରିସ୍ଥିତି ଭଳି ନୂଆ ସମସ୍ୟାର ସମ୍ମୁଖୀନ ହୋଇଛି। ପ୍ରବାସୀ ଭାରତୀୟ ବିରୋଧୀ ଆନ୍ଦୋଳନ ଅଷ୍ଟ୍ରେଲିଆ ପରେ ବ୍ରିଟେନରେ ତୀବ୍ର ହେବାରେ ଲାଗିଛି। ଗତ ଶନିବାର ଲଣ୍ଡନରେ ଦେଢ଼ଲକ୍ଷ ମୂଳବାସିନ୍ଦା ଟମ୍ ରବିନ୍‌ସନ୍‌ଙ୍କ ନେତୃତ୍ୱରେ ରାଜରାସ୍ତାକୁ ଓହ୍ଲାଇ ବହିରାଗତଙ୍କୁ ବହିଷ୍କାର ଦାବି କରିଥିଲେ। ଏହା ମୁଖ୍ୟତଃ ଥିଲା ପ୍ରବାସୀ ଭାରତୀୟଙ୍କ ବିରୋଧରେ। ଆଇନ ଶୃଙ୍ଖଳା ରକ୍ଷା ଦାୟିତ୍ୱରେ ଥିବା ୨୬ ବରିଷ୍ଠ ଅଧିକାରୀ ହିଂସାକାଣ୍ଡରେ ଆହତ ହୋଇଛନ୍ତି। ଏହି ସମାବେଶକୁ ଆଭାସୀ ମାଧ୍ୟମରେ ଉଦ୍‌ବୋଧନ ଦେଇ ଏଲନ ମସ୍କ କହିଛନ୍ତି – ମାଡ଼ି ଆସୁଛି ହିଂସା ମୁକାବିଲା କର, ନହେଲେ ମୃତ୍ୟୁକୁ ଆଦରି ନିଅ। ଲଣ୍ଡନରେ ଉପୁଜିଥିବା ଏହି ପରିସ୍ଥିତିର କିଛିଦିନ ପୂର୍ବରୁ ଅଷ୍ଟ୍ରେଲିଆରେ ପ୍ରବାସୀ ଭାରତୀୟଙ୍କ ବହିଷ୍କାର ଦାବି କରି ମୁଣ୍ଡ ଟେକିଥିବା ଆନ୍ଦୋଳନ ଭୟଙ୍କର ରୂପ ନେଇଥିଲା। ଏହି ବହିରାଗତଙ୍କ ଭୋଟ ଉପରେ ନିର୍ଭରଶୀଳତା ଦୃଷ୍ଟିରୁ ସରକାର କଠୋର ଦମନ ନୀତି ମାଧ୍ୟମରେ ଆନ୍ଦୋଳନକୁ ଚପାଇଦେଇଥିଲେ ମଧ୍ୟ ପରିସ୍ଥିତି ସୁଧୁରିନି। ଅନୁରୂପ ପରିସ୍ଥିତି ଆୟର୍ଲାଣ୍ଡରେ ମଧ୍ୟ ଅନୁଭୂତ ହୋଇଛି। ସବୁ ଦେଶରେ ମୂଳ ବାସିନ୍ଦାଙ୍କ ସେହି ଏକା ଦାବି। ଆମେରିକା ଓ କାନାଡ଼ା ସ୍ଥିତି ସଂପର୍କରେ ଅଧିକ କିଛି ଉଲ୍ଲେଖ କରିବା ଅନାବଶ୍ୟକ। ନିକଟରେ ଆମେରିକାରୁ ଦକ୍ଷିଣ କୋରିଆ ପ୍ରବାସୀଙ୍କୁ ବହିଷ୍କାର କରାଯାଇଛି। ଏହାସତ୍ତ୍ୱେ ରାଷ୍ଟ୍ରପତି ଟ୍ରମ୍ପ କହିଛନ୍ତି ଯେ ପ୍ରବାସୀଙ୍କ ସେବା ଓ ସହଯୋଗର ଆବଶ୍ୟକତା ଦେଶରେ ରହିଛି।

ଏକଥା ଉଲ୍ଲେଖ କଲାବେଳେ ଆମକୁ କହିବାକୁ ପଡୁଛି ଯେ ପଡ଼ୋଶୀ ନେପାଳ ଓ ବାଂଲାଦେଶରେ ଭାରତୀୟଙ୍କ ବିରୋଧରେ କ୍ରମାଗତ ହିଂସା ଉପୁଜୁଥିଲେ ମଧ୍ୟ କିଛି ପ୍ରତିକାର କରାଯାଇ ପାରୁନି। କେବଳ ସୀମାରେ ନିରାପତ୍ତା ବ୍ୟବସ୍ଥା ସୁଦୃଢ଼ କରି ସରକାର ନିରବ ଦ୍ରଷ୍ଟା ସାଜିଛନ୍ତି। ନେପାଳ ସହ ଆମର ଆଧ୍ୟାତ୍ମିକ ଓ ସାଂସ୍କୃତିକ ସଂପର୍କ ଥିଲେ ମଧ୍ୟ ଭାରତୀୟଙ୍କ ପ୍ରତି ଆକ୍ରୋଶମୂଳକ ହିଂସା ର କୌଣସି ଉତ୍ତର ଆମ ପାଖରେ ନାହିଁ। ●

## ନିର୍ବାଚନ ରଣାଙ୍ଗନରେ ଶବ୍ଦର ଯାଦୁ

**ଜିତୁ ନାଥ**

ସମ୍ପ୍ରତି ବିହାର ବିଧାନସଭା ନିର୍ବାଚନ ପରିପ୍ରେକ୍ଷୀରେ 'ଭୋଟ ଚୋରି' ପରି ଏକ ଆକର୍ଷଣୀୟ ଉତ୍କଣ୍ଠାପୂର୍ଣ୍ଣ ଶବ୍ଦକୁ ମତଦାତାଙ୍କ ମାନସିକ ଭାବନା ସହ ଯୋଡ଼ିବାକୁ ବିରୋଧୀ ଦଳ ନେତା ପ୍ରୟାସ କରୁଛନ୍ତି। ପରିବର୍ତ୍ତିତ ପରିସ୍ଥିତିରେ ଅନ୍ୟାନ୍ୟ ବିରୋଧୀ ଦଳର ନେତାମାନେ ଏହାକୁ ଜାତୀୟ, ପ୍ରାଦେଶିକ ଓ ସ୍ଥାନୀୟ ସ୍ତରରେ ବାରମ୍ବାର ଉଚ୍ଚାରଣ କରି ଏହାର ଗୁରୁତ୍ୱ ବଢ଼ାଇବାକୁ ଯୋଜନା କରୁଛନ୍ତି। ବିହାରରେ ଚାଲିଥିବା 'ଭୋଟର ଅଧିକାର ଯାତ୍ରା'ରେ ଏହି ଶବ୍ଦକୁ ବିଶେଷ ଗୁରୁତ୍ୱ ଦିଆଯାଉଛି। ଭୋଟ ଚୋରି ଦ୍ୱାରା ଭାରତୀୟ ଗଣତନ୍ତ୍ରକୁ ବିପନ୍ନ ଏବଂ ବିହାର ମତଦାତାଙ୍କ ସର୍ବନିମ୍ନ ଅଧିକାରକୁ ଛଡ଼େଇ ନେବାର ପ୍ରୟାସ କେନ୍ଦ୍ର ସରକାର ଓ ନିର୍ବାଚନ କମିଶନ କରୁଛନ୍ତି ବୋଲି ପ୍ରଚାର କରାଯାଉଛି। ଏହି ଶବ୍ଦ ବର୍ତ୍ତମାନ ବିରୋଧୀ ଦଳର ମୁଖ୍ୟ ଅସ୍ତ୍ର ହିସାବରେ ଗ୍ରହଣ କରାଯାଇଛି ଏବଂ ଏହାର ସଫଳତା ପାଇଁ ବିଭିନ୍ନ ମାଧ୍ୟମ ଅବଲମ୍ବନ କରାଯାଉଛି। ଏପରି ସ୍ଲୋଗାନ, ଶବ୍ଦ, ଶବ୍ଦପୁଞ୍ଜ, ସଂଳାପ, ପଂକ୍ତି, ଲୋକକଥା ବେଳେବେଳେ ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ପଛରେ ପକାଇ ଭୋଟରଙ୍କ ଭାବାବେଗକୁ ନିୟନ୍ତ୍ରଣ କରିଥାଏ ଏବଂ ନିର୍ବାଚନର ଫଳାଫଳାକୁ ନିର୍ଦ୍ଧରଣ କରିଥାଏ।

ସ୍ୱାଧୀନତା ପରର ପ୍ରଥମ ନିର୍ବାଚନଠାରୁ ଆରମ୍ଭ କରି ଅଦ୍ୟାବଧି ଦେଶର କେନ୍ଦ୍ର ସରକାର ବା ପ୍ରାଦେଶିକ ସରକାରଙ୍କ ଗଠନରେ ଏପରି ସ୍ଲୋଗାନର ଯଥେଷ୍ଟ ଭୂମିକା ଥିବାର ପ୍ରମାଣ ରହିଛି। ସ୍ଲୋଗାନ ମାଧ୍ୟମରେ ଦଳର ମୁଖ୍ୟ ପ୍ରଚାରକ ଏକ ଦୃଢ଼ ବାର୍ତ୍ତା ଦିଅନ୍ତି, ଯାହା ଭୋଟରକୁ ଉତ୍ସାହିତ କରିଥାଏ। ଏହାଦ୍ୱାରା ଭୋଟଦାନର ହାର ମଧ୍ୟ ବଢ଼ିବାର ସମ୍ଭାବନା ଥାଏ। ତୁଣ୍ଡ ବାଇଦ ସହସ୍ର କୋଶ ପରି ଏହି ଶବ୍ଦ ଏକ ନିର୍ଦ୍ଦିଷ୍ଟ ଦଳର ଆଭିମୁଖ୍ୟକୁ ବହୁ ସହଜରେ ନିର୍ବାଚନ କ୍ଷେତ୍ରର କୋଣ ଅନୁକୋଣରେ ପହୁଞ୍ଚାଇଥାଏ। ସମୟ ସମୟରେ ରାଜନୈତିକ ଅସ୍ଥିରତା, ଆଶା-ଆଶଙ୍କା ମଧ୍ୟରେ ଏପରି ସ୍ଲୋଗାନ ମଧ୍ୟ ମତଦାତାଙ୍କୁ ଯୋଡ଼ିବାରେ ସାହାଯ୍ୟ କରିଥାଏ ଏବଂ ବହୁଦିନ ପର୍ଯ୍ୟନ୍ତ ଜନମାନସରେ ଉଜ୍ଜୀବିତ ରହିଥାଏ।

ଗତ ଫେବୃଆରୀ ମାସରେ ଦିଲ୍ଲୀ ବିଧାନସଭା ନିର୍ବାଚନର ଫଳାଫଳ ଆଶ୍ଚର୍ଯ୍ୟଜନକ ଥିଲା। ଆମ ଆଦମୀ ପାର୍ଟି(ଆପ୍)ର ମୁଖ୍ୟ ଅରବିନ୍ଦ କେଜ୍ରିୱାଲଙ୍କ ସହ ମନୀଷ ସିସୋଦିଆ, ସତ୍ୟେନ୍ଦ୍ର ଜୈନ ପ୍ରମୁଖ ବହୁ ପ୍ରଭାବଶାଳୀ ନେତାଙ୍କ ପରାଜୟ ବହୁ ରାଜନୀତି ବିଶାରଦଙ୍କ ପୂର୍ବାନୁମାନକୁ ଭୁଲ୍ ସାବ୍ୟସ୍ତ କରିଥିଲା। ଏହି ଫଳାଫଳର ବିଭିନ୍ନ କାରଣମାନଙ୍କୁ ତର୍ଜମା କଲା ବେଳେ ଅନ୍ୟସବୁ ପ୍ରସଙ୍ଗ ତୁଳନାରେ ଭାରତୀୟ ଜନତା ପାର୍ଟି(ବିଜେପି)ର ପ୍ରଚାରଶୈଳୀ, ପ୍ରସାର ମାଧ୍ୟମ ଓ ନ୍ୟାରେଟିଭ ଗଠନ ବିଶେଷ ଗୁରୁତ୍ୱ ବହନ କରେ। ଦିଲ୍ଲୀ ବିଧାନସଭା ନିର୍ବାଚନରେ 'ଆପ୍'କୁ 'ଆପଦା' ଅର୍ଥାତ ବିପଦ ସହ ଯୋଡ଼ିବା ବିଜେପିର ଏକ ପ୍ରମୁଖ ରାଜନୈତିକ ଅସ୍ତ୍ର ଥିଲା ବୋଲି ବିବେଚନା କରାଯାଉଛି।

ସ୍ୱାଧୀନ ଭାରତରେ ୧୯୭୧ ମସିହା ନିର୍ବାଚନରେ ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କର 'ଗରିବୀ ହଟାଓ' ନାରା ସାରା ଦେଶରେ ଗୁଞ୍ଜରିତ ହୋଇଥିଲା। ୨୦୧୪ରେ 'ଅଛେଦିନ ଆ ରହେ ହିଁ' କାମ ଦେଇଥିଲା। ଏହା ଆମ ଦେଶରେ ଏ ପର୍ଯ୍ୟନ୍ତ ଏକ ପ୍ରଭାବୀ ସ୍ଲୋଗାନ ଭାବେ ପରିଗଣିତ। ୧୯୯୬ ମସିହା ନିର୍ବାଚନରେ 'ଅବ କି ବାରି ଅଟଳ ବିହାରୀ' କେନ୍ଦ୍ରରେ କ୍ଷମତା ପରିବର୍ତ୍ତନ କରିପାରିଥିଲା। ୨୦୧୯ ମସିହାର 'ଫିର ଏକ ବାର ମୋଦୀ ସରକାର' ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବ୍ୟକ୍ତିତ୍ୱ, ଚିନ୍ତାଧାରା ଓ ନେତୃତ୍ୱ ନେବାର ଶ୍ରେଷ୍ଠତ୍ୱକୁ ସମ୍ମୁଖରେ ରଖି ମତଦାତାଙ୍କୁ ଆକୃଷ୍ଟ କରିବାରେ ସକ୍ଷମ ହେଲା। ଗତ ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ 'ବଟେଙ୍ଗେ ତୋ କଟେଙ୍ଗେ', 'ଏକ ହେ ତୋ ସେଫ ହେ' ସ୍ଲୋଗାନ୍ ସେହି ସମୟର ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟଙ୍କ ଭବିଷ୍ୟ ଉପରେ ସଚେତନ କରାଇ ମତଦାତାଙ୍କ ନିକଟତର ହୋଇପାରିଲା।

ଗଣତାନ୍ତ୍ରିକ ପର୍ବ ନିର୍ବାଚନର କିଛି ସ୍ଲୋଗାନ ମଧ୍ୟ ଏପରି ରହିଛି, ଯାହା ଦଳ ବା ନେତୃତ୍ୱର ବିରୋଧରେ କାମ କରିଛି ବା ବିରୋଧୀ ଦଳ ପାଇଁ ଫାଇଦା ଆଣିଛି। ୨୦୨୪ ନିର୍ବାଚନରେ କେନ୍ଦ୍ର ସରକାରଙ୍କର 'ଅବ କି ବାର, ୪୦୦ ପାର' ଏହାର ସଦ୍ୟତମ ଉଦାହରଣ। କିଛିବର୍ଷ ପୂର୍ବେ ଗୁଜୁରାଟରେ ବିଜେପି ବିରୋଧରେ ବିରୋଧୀ ଦଳଙ୍କ 'ମୌତ କି ସୌଦାଗର', ବିହାର ନିର୍ବାଚନରେ ଡିଏନଏ ପ୍ରସଙ୍ଗରେ ଆକ୍ଷେପ ବିରୋଧୀଙ୍କ ବିପକ୍ଷରେ ଯାଇଛି। 'ଚୌକିଦାର ଚୋର ହେ' ବଦଳରେ 'ମେଁ ଭି ଚୌକିଦାର' ଅଧିକ ସଫଳତା ଆଣିଦେଇଥିବାର ଦୃଷ୍ଟାନ୍ତ ରହିଛି। ଉଚ୍ଚ ବ୍ୟକ୍ତିତ୍ୱସମ୍ପନ୍ନ ନେତାମାନଙ୍କ ନାଁରେ ହୋଇଥିବା ସ୍ଲୋଗାନ, ଯେପରିକି - 'ଇନ୍ଦିରା ଲାଓ, ଦେଶ ବଚାଓ', 'ଫିର ଏକ ବାର ମୋଦୀ ସରକାର' ଦେଶବାସୀଙ୍କ ଦ୍ୱାରା ଗ୍ରହଣୀୟ ହୋଇପାରିଛି।

ଆମ ଓଡ଼ିଶାରେ ମଧ୍ୟ ଏପରି ବହୁ ରୋଚକ ଶବ୍ଦ ବା ସ୍ଲୋଗାନ ମତଦାନକୁ ପ୍ରଭାବିତ କରିଥିବାର ଉଦାହରଣ ରହିଛି। 'ହଜାରେ ଦିନରେ ହଜାରେ ଶିଳ୍ପ'ର କଥା କହି ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଓଡ଼ିଆ ଲୋକଙ୍କୁ ସମୃଦ୍ଧ ଓଡ଼ିଶାର ସ୍ୱପ୍ନ ଦେଖାଇଥିଲେ ଏବଂ କ୍ଷମତାସୀନ ହୋଇଥିଲେ। 'ଆପଣ ମାନେ ଖୁସି ତ' - ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କର ଏକ ପ୍ରମୁଖ ସ୍ଲୋଗାନ ଥିଲା। ସ୍ୱଳ୍ପ ବକ୍ତବ୍ୟ ପାଇଁ ପ୍ରସିଦ୍ଧ ନବୀନ ବାବୁଙ୍କ ଏହି ଧାଡ଼ିକିଆ ଉକ୍ତିରେ 'ସେ ସାଧାରଣ ଓଡ଼ିଆଙ୍କ ଭଲମନ୍ଦ ଜାଣିବାର ପ୍ରୟାସ କରୁଛନ୍ତି' - ଏହା ଲୋକମାନଙ୍କ ମନକୁ ଛୁଇଁଲା ଏବଂ ତାହା ଭୋଟରେ ପ୍ରତିଫଳିତ ହୋଇଥିଲା। ୨୦୨୪ ନିର୍ବାଚନରେ 'ଓଡ଼ିଆ ଅସ୍ମିତା' ଏପରି ଏକ ଶବ୍ଦପୁଞ୍ଜ ଥିଲା, ଯାହାର ମନସ୍ତାତ୍ତ୍ୱିକ ପ୍ରଭାବ ସାଧାରଣ ମତଦାତା ଉପରେ ପଡ଼ିଲା ଏବଂ ଭୋଟରେ ପରିଣତ ହେଲା। ସ୍ଥଳବିଶେଷରେ ଛୋଟ ଛୋଟ ରୁଢ଼ି, ଢଗ, ଲୋକକଥା ମଧ୍ୟ ଭୋଟରଙ୍କୁ ଆକୃଷ୍ଟ କରେ। ଗତ ନିର୍ବାଚନରେ, 'ଲେଖା ଛିଡ଼ିବା' ଏହାର ଏକ ଉଦାହରଣ।

ଏପରି ସ୍ଲୋଗାନ କେବଳ ଭାରତୀୟ ନିର୍ବାଚନ ନୁହେଁ, ବରଂ ବିଶ୍ୱର ବହୁରାଷ୍ଟ୍ରର ନିର୍ବାଚନକୁ ପ୍ରଭାବିତ କରିଛି। ଆବ୍ରହାମ ଲିଙ୍କନଙ୍କ ଉକ୍ତି, 'ବିଭାଜିତ ଗୃହ କେବେ ସ୍ଥିର ରୁହେନା' - ଯୁକ୍ତରାଷ୍ଟ୍ର ଆମେରିକାର ସ୍ଥିରତା ପାଇଁ ଉଦ୍ଦିଷ୍ଟ ଥିଲା ଏବଂ ଭୋଟରଙ୍କୁ ଖୁବ ପ୍ରଭାବିତ କରିଥିଲା। ରୁଜଭେଲଟଙ୍କ 'ସୁଖର ଦିନ ଆସୁଛି' ଫଳପ୍ରଦ ହୋଇଥିଲା। ବାରାକ ଓବାମାଙ୍କ 'ହଁ, ଆମେ ପାରିବା' ତାଙ୍କୁ ଆମେରିକାର ପ୍ରଥମ କୃଷ୍ଣକାୟ ରାଷ୍ଟ୍ରପତି କରାଇଲା। ଡୋନାଲଡ ଟ୍ରମ୍ପଙ୍କର 'ମାଗା' ସ୍ଲୋଗାନ ଆମେରିକା ଅସ୍ମିତା ପାଇଁ ଉଦ୍ଦିଷ୍ଟ ଥିଲା ଏବଂ ତାଙ୍କୁ ପୁନର୍ବାର ରାଷ୍ଟ୍ରପତି କରାଇଲା। କ୍ୟୁବାର ଅପ୍ରତିଦ୍ୱନ୍ଦ୍ୱୀ ନେତା ଫିଡେଲ କାଷ୍ଟ୍ରୋ 'ଜନ୍ମଭୂମି କିମ୍ବା ମୃତ୍ୟୁ' ର ସ୍ଲୋଗାନ ଦେଇ ଦୀର୍ଘକାଳ କ୍ଷମତାସୀନ ହୋଇପାରିଥିଲେ।

ସମ୍ପ୍ରତି ବିଜ୍ଞାନର ପ୍ରଗତି ଅନୁସାରେ ପ୍ରଚାରପତ୍ର ବଦଳରେ ଭାରତୀୟ ନିର୍ବାଚନରେ ଇଣ୍ଟରନେଟ ମୁଖ୍ୟ ମାଧ୍ୟମ ପାଲଟିଛି। 'ଏକ୍ସ'ରୁ ଆରମ୍ଭ କରି ଫେସ୍‌ବୁକ୍, ହ୍ୱାଟ୍‌ସଆପ୍, ୟୁଟ୍ୟୁବ୍ ଆଦି ବିଭିନ୍ନ ସାମାଜିକ ଗଣମାଧ୍ୟମରେ ପ୍ରତିଦିନ ଶହଶହ ସଂଖ୍ୟାରେ ନୂତନ ଶୈଳୀ, ନୂଆ ଢାଞ୍ଚାରେ ସେହି ସମାନ ଶବ୍ଦର ଗୁରୁତ୍ୱ ବଢ଼ାଇବାକୁ ଚେଷ୍ଟା କରାଯାଉଛି। ସରକାରୀ ତଥ୍ୟ ଅନୁସାରେ ଗତବର୍ଷ ସୁଦ୍ଧା ଦେଶର ପଞ୍ଚାନବେ ପ୍ରତିଶତ ଗ୍ରାମକୁ ଇଣ୍ଟରନେଟ ସଂଯୋଗ କରାଯାଇଛି। କୁହାଯାଉଛି ଦେଶର ପଞ୍ଚାଅଶୀ ପ୍ରତିଶତ ପରିବାରଙ୍କ ପାଖରେ ସ୍ମାର୍ଟଫୋନ ପହଞ୍ଚି ସାରିଲାଣି। ସୁତରାଂ ବିଭିନ୍ନ ରାଜନୈତିକ ଦଳ ବର୍ତ୍ତମାନ ଏହି ନିର୍ବାଚନୀ ଆୟୁଧ - 'ଶବ୍ଦପୁଞ୍ଜ'ର ପ୍ରଚାର, ପ୍ରସାର ପାଇଁ ମୋବାଇଲ ଫୋନକୁ ମୁଖ୍ୟ ମାଧ୍ୟମ କରିଛନ୍ତି। ଚିତ୍ର, ଛାୟାଚିତ୍ର, କ୍ଷୁଦ୍ର ଗୀତ, ସଂଳାପ, ନାଟକ ମାଧ୍ୟମରେ ଲୋକଙ୍କ ମନକୁ ଆକର୍ଷିତ କଲା ପରି ସଂଯୋଜନା କରି ଏହି ଶବ୍ଦର ଗୁରୁତ୍ୱ ବୃଦ୍ଧି କରାଯାଉଛି। ସରକାରୀ ଦଳର ବିଭିନ୍ନ ଲୋଭନୀୟ ଯୋଜନା ସହ ବିରୋଧୀ ଦଳର ସମାଲୋଚନା ଏବଂ ଭବିଷ୍ୟତର ସ୍ୱପ୍ନ ମଧ୍ୟରେ ଏହି ଶବ୍ଦର ସଠିକ ନିରୂପଣ ଓ ବ୍ୟବହାର ଯେ ନିର୍ବାଚନ ରଣାଙ୍ଗନର ଅନ୍ୟତମ ପ୍ରମୁଖ ଅସ୍ତ୍ର, ଏହା ଅନସ୍ୱୀକାର୍ଯ୍ୟ। ●

ଭୁବନେଶ୍ୱର, ମୋ: ୯୪୩୭୩୬୦୮୬୬

## ପ୍ରାକ୍‌ପ୍ରସ୍ତୁତି ଲକ୍ଷ୍ୟ ହାସଲକୁ ସହଜ କରେ

**ଡ. ଉଷାରାଣୀ ଦାଶ**

ହିମାଳୟ ପାଦଦେଶର ରାଜ୍ୟଗୁଡ଼ିକରେ ପ୍ରାୟତଃ ପ୍ରତିବର୍ଷ ବାଦଲଫଟା ବର୍ଷା, ତଦ୍‌ଜନିତ ବନ୍ୟା, ହିମବାହ ଓ ଭୂସ୍ଖଳନ ଭଳି ପ୍ରାକୃତିକ ବିପର୍ଯ୍ୟୟ ସେଠାକାର ଜନଜୀବନକୁ ଅସ୍ତବ୍ୟସ୍ତ କରିଆସୁଛି। ଏପରି ପରିସ୍ଥିତିରୁ ସୁରକ୍ଷା ପାଇଁ ପୂର୍ବପ୍ରସ୍ତୁତି ନିହାତି ଆବଶ୍ୟକ। ବିକାଶମୂଳକ କାର୍ଯ୍ୟଗୁଡ଼ିକୁ ପରିବେଶ ଅନୁକୂଳ କରାଗଲେ ଏହିପରି ବିପର୍ଯ୍ୟୟକୁ ରୋକାଯାଇପାରିବ। ପ୍ରସ୍ତୁତର ସଫଳତା ବିନା ଏହା ସମ୍ଭବନ ନୁହେଁ। ଏ ସମ୍ପର୍କରେ ବେଞ୍ଜାମିନ ଫ୍ରାଙ୍କଲିନଙ୍କ ଉକ୍ତିଟି ପ୍ରଣିଧାନଯୋଗ୍ୟ, ଯାହାର ଅର୍ଥ - 'ପ୍ରସ୍ତୁତିରେ ବିଫଳ ହୋଇ ତୁମେ ବିଫଳ ହେବା ନିମିତ୍ତ ପ୍ରସ୍ତୁତ ହେଉଛ।'

ପୂର୍ବପ୍ରସ୍ତୁତି କିଭଳି ବିପର୍ଯ୍ୟୟରୁ ଧନଜୀବନକୁ ଶତପ୍ରତିଶତ ସୁରକ୍ଷିତ କରିପାରେ ତାହାର ଉଦାହରଣ ଭାବେ ଆମେ ଓଡ଼ିଶାକୁ ନେଇପାରିବା। ଭାରତସ୍ଥିତ ଜାତିସଂଘର ଆବାସିକ ସଂଯୋଜକ ଶୋମ୍ବି ଶାର୍ପ ୨୦୨୪ମସିହାରେ ବିପର୍ଯ୍ୟୟ ଆପଦ ପ୍ରସ୍ତୁତିରେ ଓଡ଼ିଶାକୁ ବିଶ୍ୱରେ ଏକ ଅଗ୍ରଣୀ ମଡେଲ ଭାବେ ପ୍ରଶଂସା କରିଥିଲେ। ୨୦୨୩ ମସିହାରେ ଭାରତ ସରକାରଙ୍କ ଜାତୀୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ ଦ୍ୱାରା ଭାରତରେ ବିପର୍ଯ୍ୟୟ ପ୍ରସ୍ତୁତି ଓ ପରିଚାଳନାରେ ଉଲ୍ଲେଖନୀୟ ଅବଦାନକୁ ସ୍ୱୀକୃତି ସ୍ୱରୂପ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କୁ 'ସୁଭାଷ ଚନ୍ଦ୍ର ବୋଷ ଆପଦ ପ୍ରବନ୍ଧନ' ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ବିଶ୍ୱସ୍ତରରେ ଏହି ପୁରସ୍କାରର ମୂଳରେ ଥିଲା ଓଡ଼ିଶା ସରକାରଙ୍କ ସଫଳ ପ୍ରସ୍ତୁତି।

କୋଭିଡ୍-୧୯ ଆରମ୍ଭ ହେବା ସମୟରେ ଚିକିତ୍ସା ଭିତ୍ତିଭୂମି ଏବଂ ମହାମାରୀ ରଣନୀତିର ଅଭାବ ହେତୁ ଭାରତ ସମେତ ଅନେକ ଦେଶ, ପିପିଇ, ଚିକିତ୍ସା ଉପକରଣ, ପରୀକ୍ଷଣ ଭିତ୍ତିଭୂମି ଏବଂ ହସ୍ପିଟାଲରେ ଶଯ୍ୟାର ଅଭାବ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ପରେ ଭାରତ ପିପିଇ ଉତ୍ପାଦନ ବୃଦ୍ଧି କରିବା ସହିତ କୋୱିନ ପ୍ଲାଟଫର୍ମ ଆରମ୍ଭ କରି ବିଶ୍ୱର ସର୍ବବୃହତ ଟିକାକରଣ ଅଭିଯାନ କାର୍ଯ୍ୟକାରୀ କରିଥିଲା। ଇଟାଲୀ ଓ ଆମେରିକାରେ ପ୍ରାରମ୍ଭିକ ପରୀକ୍ଷାର ଅଭାବ, ମନ୍ଥର ଲକଡାଉନ୍ ଏବଂ ଦୁର୍ବଳ ଭଣ୍ଡାର ପରିଚାଳନା ଯୋଗୁଁ ସ୍ୱାସ୍ଥ୍ୟ ବ୍ୟବସ୍ଥା ଭୁଶୁଡ଼ି ପଡ଼ିଥିବା ବେଳେ ଦକ୍ଷିଣ କୋରିଆ ଓ ତାଇୱାନ ପରି ପ୍ରାକ୍‌ପ୍ରସ୍ତୁତ ଦେଶଗୁଡ଼ିକ ପରୀକ୍ଷଣ, ସଂକ୍ରମିତ ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସିଥିବା ଲୋକଙ୍କୁ ଚିହ୍ନଟ କରି ସଫଳତାର ସହିତ ମୁକାବିଲା କରିଥିଲେ। ସେହି ସମୟରେ ସ୍କୁଲଗୁଡ଼ିକରେ ଅନଲାଇନ୍ ଶିକ୍ଷାଦାନ କରିବା ଅତ୍ୟାବଶ୍ୟକ ହୋଇଥିଲା। ଭାରତ, ଆଫ୍ରିକା, ଆମେରିକାର ଗ୍ରାମାଞ୍ଚଳ ଓ ଅନୁନ୍ନତ ଅଞ୍ଚଳରେ ଅନେକ ପ୍ରତିଷ୍ଠାନ ଡିଜିଟାଲ୍ ଭିତ୍ତିଭୂମି ଓ ତାଲିମ ଅଭାବରୁ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ଅପରପକ୍ଷରେ ଫିନ୍‌ଲ୍ୟାଣ୍ଡ ପରି ଦେଶଗୁଡ଼ିକ ପ୍ରାକ୍‌ଡିଜିଟାଲ୍ ପ୍ରସ୍ତୁତି କରିସାରିଥିବାରୁ ସେଠାରେ ନିରନ୍ତର ଶିକ୍ଷା ଜାରି ରହିଥିଲା।

ଏକଦା ମୋବାଇଲ୍ ଫୋନ୍ ଜଗତରେ ନେତୃତ୍ୱ ନେଉଥିବା ନୋକିଆ ସ୍ମାର୍ଟଫୋନ୍ ବିପ୍ଳବ ପାଇଁ ଉପଯୁକ୍ତ ପ୍ରସ୍ତୁତି ନ କରିବା ସହିତ ଆପଲ୍ ଓ ଆଣ୍ଡ୍ରଏଡ୍ ଭଳି ପ୍ରତିଯୋଗୀମାନଙ୍କୁ ଅଣଦେଖା କରିଥିଲା। ଫଳରେ ରାତାରାତି ବଜାର ନେତୃତ୍ୱ ହରାଇଥିଲା। ଉପଯୁକ୍ତ ପ୍ରସ୍ତୁତି, ନେତୃତ୍ୱ, ସମ୍ବଳ ଓ ସମନ୍ୱୟର ଅଭାବ ସହିତ ଅସହଯୋଗ ଯୋଗୁଁ ସିପାହୀ ବିଦ୍ରୋହ ଆଶାନୁରୂପ ପ୍ରଭାବଶାଳୀ ହୋଇପାରି ନ ଥିଲା। ତାଲିବାନକୁ ବିତାଡ଼ିତ କରିବା ପାଇଁ ଆଫଗାନିସ୍ତାନରେ ଆମେରିକାର ସାମରିକ କାର୍ଯ୍ୟାନୁଷ୍ଠାନ ସମୟରେ ସେ ଦେଶର ଭୌଗୋଳିକ ସ୍ଥିତି ଆକଳନର ଅଭାବ ଏବଂ ପାର୍ବତ୍ୟାଞ୍ଚଳ ପାଇଁ ଆବଶ୍ୟକ ସ୍ୱତନ୍ତ୍ର ରଣନୀତିର ଅଭାବ ଯୋଗୁଁ ସଫଳତା ପାଇପାରି ନ ଥିଲା।

ସେହିପରି ଭାରତରେ ନଗଦ ଦେଣନେଣ, ଡିଜିଟାଲ୍ ଭିତ୍ତିଭୂମି ଓ ସାଧାରଣ ଯୋଗାଯୋଗ ଦୃଷ୍ଟିରୁ ପ୍ରସ୍ତୁତିର ଅଭାବ ପାଇଁ ୨୦୧୬ରେ ଭାରତରେ ବିମୁଦ୍ରୀକରଣ ପଦକ୍ଷେପ ବିଫଳ ହୋଇଥିଲା। ୨୦୨୩ ମସିହାରେ ଇସ୍ରୋର ଚନ୍ଦ୍ରାୟଣ-୩ ସଫଳ ଅବତରଣ କେବଳ ଚନ୍ଦ୍ରାୟଣ-୨ର ଆଂଶିକ ବିଫଳତାର ସୁଧାର ପରେ ସମ୍ଭବ ହୋଇଥିଲା। ସେହିପରି ୨୦୨୪-୨୦୨୫ରେ ସାରା ଭାରତରେ ଭୟଙ୍କର ଗ୍ରୀଷ୍ମ ପ୍ରବାହ ହେତୁ ଜରୁରୀକାଳୀନ ପରିସ୍ଥିତି ସୃଷ୍ଟି କରିଥିବା ସମୟରେ ଗ୍ରୀଷ୍ମ ପରିଚାଳନା ଯୋଜନା କାର୍ଯ୍ୟକାରୀ ହେଉଥିବା ଅହମ୍ମଦାବାଦ ଭଳି ସହରରେ ମୃତାହତଙ୍କ ସଂଖ୍ୟାକୁ ଉଲ୍ଲେଖନୀୟ ଭାବେ ହ୍ରାସ କରାଯାଇପାରିଥିଲା। ଯୋଜନାବ ବିହୀନ ସହରାଞ୍ଚଳ ବିକାଶ, ଦୁର୍ବଳ ଜଳ ନିଷ୍କାସନ ଓ ବିପର୍ଯ୍ୟୟ ପ୍ରଶମନ ପ୍ରସ୍ତୁତିର ଅଭାବ ଯୋଗୁଁ ୨୦୨୫ ମସିହାରେ ଦିଲ୍ଲୀ, ମୁମ୍ବାଇ ସହିତ ଅନେକ ସହରରେ ବନ୍ୟା ହୋଇଥିଲା।

ଯେଉଁ ବ୍ୟକ୍ତି ନିଜର ଲକ୍ଷ୍ୟ ଅନୁଯାୟୀ ସଠିକ୍ ଯୋଜନା ପ୍ରସ୍ତୁତ କରନ୍ତି, ଅନ୍ତତଃ ପକ୍ଷେ ନିଜର ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପାଇଁ କେଉଁ ପଦ୍ଧତି, କିପରି ପ୍ରସ୍ତୁତି କରିବା ଜାଣନ୍ତି ଏବଂ ରଣନୈତିକ ପ୍ରୟାସ ଜାରି ରଖନ୍ତି ସେମାନେ ନିଶ୍ଚିତ ଭାବରେ ସଫଳତାର ସ୍ୱାଦ ଚାଖନ୍ତି। ଆବ୍ରାହମ ଲିଙ୍କନ୍ କହିଥିଲେ, ମୋତେ ଗଛ କାଟିବା ପାଇଁ ଛଅ ଘଣ୍ଟା ଦିଅ; ମୁଁ ପ୍ରଥମ ଚାରି ଘଣ୍ଟା କୁରାଢ଼ିକୁ ଧାର କରିବା ପାଇଁ ବିତାଇବି।' ଗ୍ରୀକବୀର ଆଲେକଜାଣ୍ଡାର୍, ହର୍କ୍ୟୁଲସ୍, ଆକବର, ରାଣାପ୍ରତାପ, ଅଶୋକ, ମହାତ୍ମା ଗାନ୍ଧୀ, ସୁଭାଷ ଚନ୍ଦ୍ର ବୋଷ ପ୍ରମୁଖ ବିଭିନ୍ନ ପ୍ରତିକୂଳ ପରିବେଶ ଓ ପରିସ୍ଥିତିକୁ ସଫଳତାର ସହ ମୁକାବିଲା କରି ସେମାନଙ୍କର ନାମ ସଫଳ ବ୍ୟକ୍ତିତ୍ୱ ଭାବରେ ବିଶ୍ୱ ଇତିହାସ ପୃଷ୍ଠାରେ ଲିପିବଦ୍ଧ କରିଯାଇଛନ୍ତି। ପିଲାଦିନେ ଲଗାତାର ବିଫଳତାର ଶିକାର ହୋଇଥିବା ଆଲବର୍ଟ ଆଇନଷ୍ଟାଇନ ପ୍ରସ୍ତୁତି ଓ ନିରନ୍ତର ପ୍ରୟାସ ଫଳରେ ନିଜକୁ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାର ଅମୂଲ୍ୟ ରତ୍ନ ଭାବରେ ପ୍ରମାଣିତ କରି ୧୯୨୧ ମସିହାରେ ପଦାର୍ଥବିଜ୍ଞାନ ପାଇଁ ନୋବେଲ୍ ପୁରସ୍କାର ଲାଭ କରିପାରିଥିଲେ। କୋଲୋନେଲ ହାର୍ଲାଣ୍ଡ ସାଣ୍ଡର୍ସ ତାଙ୍କ ରେଷ୍ଟୁରାଣ୍ଟର ଫ୍ରାଞ୍ଚାଇଜ୍‌ର ଚୂଡ଼ାନ୍ତ ଅନୁମୋଦନ ପୂର୍ବରୁ ୧୦୦୯ ଥର ପ୍ରତ୍ୟାଖ୍ୟାନ ହୋଇଥିବା ତାଙ୍କର ଗୁପ୍ତ ରେସିପି, 'କେଣ୍ଟକି ଫ୍ରାଏଡ୍ ଚିକେନ୍' ବିଶ୍ୱବ୍ୟାପୀ ପ୍ରସିଦ୍ଧି ଲାଭ କରିଥିଲା।

ଦ୍ରୁତ ପରିବର୍ତ୍ତନଶୀଳ ସମସାମୟିକ ବିଶ୍ୱରେ ସଙ୍କଟ ସାଧାରଣ। କେବଳ ପର୍ଯ୍ୟାପ୍ତ ପ୍ରସ୍ତୁତ ରାଷ୍ଟ୍ର ହିଁ ଏହାକୁ ସମ୍ମୁଖୀନ ହୋଇପାରିବେ ଏବଂ ସଫଳ ହୋଇପାରିବେ। ଲୁଇସ ପାଷ୍ଟରଙ୍କ ଭାଷାରେ 'ସୁଯୋଗ ଓ ସମ୍ଭାବନା କେବଳ ପ୍ରସ୍ତୁତ ହୋଇଥିବା ମନକୁ ସମର୍ଥନ କରିଥାଏ।' ପ୍ରସ୍ତୁତି କେବଳ ସଫଳତା ପାଇଁ ଏକ ଉପକରଣ ନୁହେଁ; ଏହା ବିଫଳତା ବିରୁଦ୍ଧରେ ଏକ ସୁରକ୍ଷା। ପ୍ରତ୍ୟେକ କ୍ଷେତ୍ରରେ ଏହି ମାନସିକତା ମୂଳଦୁଆ ହେବା ଆବଶ୍ୟକ। ●

ଏମ୍ସ, ଭୁବନେଶ୍ୱର, ମୋ: ୯୪୩୮୧୩୩୬୧୨

## କଞ୍ଜୁର ଓ ତଞ୍ଜୁର

**ପ୍ରବୀର କୁମାର ପଟ୍ଟନାୟକ**

### ଦ୍ୱିତୀୟ-ବୁଦ୍ଧ କଥା

ପୂର୍ବପ୍ରକାଶିତ ଉତ୍ତାରୁ...



ତଞ୍ଜୁର: ଏହି ଶ୍ରେଣୀରେ ସତରଗୋଟି ବର୍ଗର ଗ୍ରନ୍ଥମାନ ଅନ୍ତର୍ଭୁକ୍ତ। କେତେକ ବର୍ଗ ମଧ୍ୟରେ ଉପ-ବର୍ଗମାନ ମଧ୍ୟ ରହିଛି। (୧) ସ୍ତୋତ୍ର- ଏହି ବର୍ଗରେ ଏକସ୍ତରୀ ଗୋଟି ଗ୍ରନ୍ଥ ଅନ୍ତର୍ଭୁକ୍ତ। (୨) ତନ୍ତ୍ର- ତିବ୍ବତୀୟ ପରମ୍ପରାରେ ଦର୍ଶାଯାଇଥିବା ମୁତାବକ ଏହି ବର୍ଗଟି ହେଉଛି ତାନ୍ତ୍ରିକ ଗ୍ରନ୍ଥର ବିଶାଳ ସଂଗ୍ରହ। ଏହା ମଧ୍ୟରେ ଦୁଇ ହଜାର ଛଅଶହ ଛଅଗୋଟି ତନ୍ତ୍ର ଗ୍ରନ୍ଥ ରହିଛି। ଏଥିମଧ୍ୟରୁ ଅନେକ ଗ୍ରନ୍ଥ ହେଉଛି ଭାରତୀୟ ଉପ-ମହାଦେଶରୁ ସଂଗୃହୀତ ତନ୍ତ୍ରଗ୍ରନ୍ଥ। (୩) ପ୍ରଜ୍ଞାପାରମିତା ସୂତ୍ର- ଏହି ଶ୍ରେଣୀରେ ଅଠତିରିଶ ଗୋଟି ଗ୍ରନ୍ଥ ଅନ୍ତର୍ଭୁକ୍ତ। (୪) ମାଧ୍ୟମିକ - ଏହି ବର୍ଗରେ ଏକଶହ ସତାବନ ଗୋଟି ଶାସ୍ତ୍ର ରହିଛି। (୫) ସୂତ୍ରଟୀକା - ଏହା ହେଉଛି ବୁଦ୍ଧଙ୍କ ବାଣୀ ସଂପର୍କରେ ଭାରତୀୟ ଗୁରୁ ଓ ପଣ୍ଡିତମାନଙ୍କର ବ୍ୟାଖ୍ୟା ସମ୍ବଳିତ ସଂଗ୍ରହ। ଏହା ମଧ୍ୟରେ ଅଣଚାଳିଶ ଗୋଟି ଗ୍ରନ୍ଥ ଅନ୍ତର୍ଭୁକ୍ତ। (୬) ଯୋଗାଚାର- ମହାଯାନ ବୌଦ୍ଧଧର୍ମର ଏହା ଏକ ପ୍ରମୁଖ ଶାଖା। ମାତ୍ର ଏଠାରେ ଏହାର ଅର୍ଥ ହେଉଛି ଯୋଗ ଓ ଯୋଗଦର୍ଶନ ସଂପର୍କିତ। (୭) ଅଭିଧର୍ମ- ଏହି ବର୍ଗର ଗ୍ରନ୍ଥ ପାଲି ଅଭିଧର୍ମପିଟକ ଗ୍ରନ୍ଥ ସ୍ୱରୂପ। ଏଥିମଧ୍ୟରେ ଉଭୟ ଭାରତ ଓ ତିବ୍ବତରେ ଉଚ୍ଚଶ୍ରେଣୀର ବୌଦ୍ଧ ଦର୍ଶନ ଅନ୍ତର୍ଭୁକ୍ତ। ମାତ୍ର ପାଲି ଅଭିଧର୍ମପିଟକଠାରୁ ଏଥିରେ ଅଧିକ ଗ୍ରନ୍ଥ ରହିଛି। ଏହି ବର୍ଗରେ ଅଠର ଗୋଟି ଗ୍ରନ୍ଥର ସଂଗ୍ରହ, ଯେଉଁଠିକି ପାଲିରେ ମାତ୍ର ସାତଗୋଟି। (୮) ବିନୟ- ଏହା ମଧ୍ୟରେ ଛୟାଳିଶ ଗୋଟି ଗ୍ରନ୍ଥ ଅନ୍ତର୍ଭୁକ୍ତି। (୯) ଜାତକ- ପାଲିଗ୍ରନ୍ଥ ମଧ୍ୟରେ ଜାତକ ଗ୍ରନ୍ଥକୁ ତ୍ରିପିଟକ ମଧ୍ୟରେ ଗଣାଯାଏ ନାହିଁ, ମାତ୍ର ଜାତକ ଗ୍ରନ୍ଥ ବୌଦ୍ଧ ପାଲିଗ୍ରନ୍ଥର ଏକ ମୁଖ୍ୟ ଅଂଶ। (୧୦) ଚିଠିପତ୍ର- ଏହି ବର୍ଗରେ ପଇଁଚାଳିଶ ଗୋଟି ଗ୍ରନ୍ଥ ଅନ୍ତର୍ଭୁକ୍ତ। ଏଥି ମଧ୍ୟରେ ନାଳନ୍ଦାର ପ୍ରସିଦ୍ଧ ବୌଦ୍ଧ ଗୁରୁ ନାଗାର୍ଜୁନ ରାଜା ଗୋତମିପୁତ୍ରଙ୍କ ନିକଟକୁ ଲେଖିଥିବା ପତ୍ର ସବୁଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ। (୧୧) ପ୍ରମାଣ ସୂତ୍ର- ଏହି ବର୍ଗରେ ଛଅଷଠି ଗୋଟି ଗ୍ରନ୍ଥ ଅନ୍ତର୍ଭୁକ୍ତ। (୧୨) ବ୍ୟାକରଣ ବା ଶବ୍ଦ ଶାସ୍ତ୍ର- ଏହି ବର୍ଗରେ ସଇଁତିରିଶ ଗୋଟି ଗ୍ରନ୍ଥର ସମାହାର। (୧୩) ଚିକିତ୍ସା ଶାସ୍ତ୍ର- ତିବ୍ବତୀୟ ପରମ୍ପରା ମୁତାବକ ବୁଦ୍ଧ ହେଉଛନ୍ତି ଶେଷ ଚିକିତ୍ସକ ଓ ସେ ହିଁ ସମସ୍ତ ମାନସିକ, ଶାରୀରିକ, ମନସ୍ତାତ୍ତ୍ୱିକ ତଥା ଅନ୍ୟାନ୍ୟ ସମସ୍ୟା ଏବଂ ରୋଗ ସବୁର ଚିକିତ୍ସାର କର୍ତ୍ତା। ଏଣୁ ସେମାନେ ବୁଦ୍ଧଙ୍କୁ ହିଁ ଭୈଷଜ୍ୟ ଗୁରୁ ଭାବେ ଗ୍ରହଣ କରିଥା'ନ୍ତି। ବୁଦ୍ଧ ହିଁ ସଂସାରରେ ସମସ୍ତ ପ୍ରକାର ଔଷଧ ତଥା ଚେରମୂଳିରୁ ଔଷଧ ପ୍ରସ୍ତୁତିର ସ୍ୱରର ହର୍ତ୍ତାକର୍ତ୍ତା। (୧୪) ଶିଳ୍ପ ବିଦ୍ୟା- ଏହା ହେଉଛି ମଣ୍ଡଳ, ଧାରଣୀ ଓ ତନ୍ତ୍ରର ବିଭିନ୍ନ ପ୍ରକାରର ଯନ୍ତ୍ର ତିଆରି ନିମନ୍ତେ ଆବଶ୍ୟକୀୟ ବିଦ୍ୟା। ଏହା ମଧ୍ୟରେ ପନ୍ଦର ଗୋଟି ଗ୍ରନ୍ଥର ସମାହାର। (୧୫) ସମୟ ଶାସ୍ତ୍ର- ଏହି ବର୍ଗରେ ଅଠର ଗୋଟି ଗ୍ରନ୍ଥ ରହିଛି। (୧୬) ଅନ୍ୟାନ୍ୟ- ଯେଉଁ ସବୁ ଗ୍ରନ୍ଥ ଉପରେ ବର୍ଣ୍ଣିତ ବର୍ଗ ଅନ୍ତର୍ଭୁକ୍ତ ନୁହନ୍ତି, ସେ ସବୁକୁ ଏହି ବର୍ଗରେ ସ୍ଥାନିତ କରାଯାଇଛି। ଏହି ବର୍ଗରେ ଏକଶହ ଉଣେଇଶ ଗୋଟି ଗ୍ରନ୍ଥ ସଂଗୃହୀତ। (୧୭) ଅତୀଶଙ୍କ ଦ୍ୱାରା ରଚିତ ଗ୍ରନ୍ଥ- ଏହି ବର୍ଗରେ ଏକଶହ ତିନିଗୋଟି ଗ୍ରନ୍ଥ ସଂଗୃହୀତ। ●

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ଇଲେକ୍ଟ୍ରିକ୍ ସ୍କୁଟର୍ ଡିଲରସିପ୍ ଦେବା ପାଇଁ ୨୫ ଲକ୍ଷ ଠକେଇ

### ବାରାଣସୀରୁ ଜଣେ ଗିରଫ

କଟକ,୧୯।୯(ସମିସ): ଏକ ଇ-କମର୍ସ ଠକେଇ ଘଟଣାରେ କ୍ରାଇମବ୍ରାଞ୍ଚ ଜଣେ ସାଇବର୍ ଠକକୁ ବାରାଣସୀରୁ ଗିରଫ କରିଛି। ଗିରଫ ଅଭିଯୁକ୍ତଜଣଙ୍କ ହେଉଛି, ଆଶିଷ କୁମାର ଯାଦବ(୩୦)। ସେ ଜଣେ ବି.ଟେକ୍ ଡିଗ୍ରୀଧାରୀ ୱେବଡିଜାଇନର୍। ଓକିନାୱା ଇଲେକ୍ଟ୍ରିକ ସ୍କୁଟର୍‌ର ଡିଲରସିପ ପ୍ରଦାନ ପାଇଁ ସେ ଅଭିଯୋଗକାରୀଙ୍କଠାରୁ ୨୫ଲକ୍ଷ ଟଙ୍କା ଠକେଇ କରିଥିବା ନେଇ କ୍ରାଇମବ୍ରାଞ୍ଚରେ ଅଭିଯୋଗ ହୋଇଥିଲା। ଇଲେକ୍ଟ୍ରିକ୍ ସ୍କୁଟର୍ ଡିଲରସିପ୍ ବାହାନାରେ ଡିଜିଟାଲ୍ ଯୋଗାଯୋଗ ମାଧ୍ୟମରେ ସେ ଅଭିଯୋଗକାରୀଙ୍କ ସହ ପରିଚିତ ହୋଇଥିଲା। ସ୍କୁଟର୍‌ର ଡିଲରସିପ୍ ଗ୍ରହଣ କରିବା ତାଙ୍କୁ ୨୫ଲକ୍ଷ ୩୫ହଜାର ଟଙ୍କା ପଠାଇଥିଲେ ଅଭିଯୋଗକାରୀ। ତେବେ ଆଉ ଟଙ୍କା ମାଗିବାରୁ ଅଭିଯୋଗକାରୀଙ୍କ ସନ୍ଦେହ ହୋଇଥିଲା। ପରେ ଏ ସଂପର୍କରେ ସେ ସାଇବର୍ ଥାନାରେ ଏତଲା ଦେଇଥିଲେ। ଇନ୍ସପେକ୍ଟର୍ ଅବନ୍ତୀମଣି ନାୟକଙ୍କ ନେତୃତ୍ୱରେ ତଦନ୍ତକାରୀ ଦଳର ଉତ୍ତରପ୍ରଦେଶର ବାରାଣାସୀ ଏବଂ ନଏଡ଼ାରେ ଚଢ଼ଉ କରି ଅପରାଧୀଙ୍କୁ ଚିହ୍ନଟ କରି ଗିରଫ କରିଛି।

## ରାଜ୍ୟରେ ସ୍କ୍ରାପ ହୋଇଛି ୪୩୫୧ ଗାଡ଼ି

ଭୁବନେଶ୍ୱର,୧୯।୯(ସମିସ): ରାଜ୍ୟରେ ଯାନବାହାନ ସ୍କ୍ରାପ ନୀତି କାର୍ଯ୍ୟକାରୀ ହେବାଠାରୁ ବର୍ତ୍ତମାନ ସୁଦ୍ଧା ୪୩୫୧ଟି ଗାଡ଼ି ସ୍କ୍ରାପ୍ ହୋଇଛି। ରାଜ୍ୟରେ ଥିବା ୨ଟି ଗାଡ଼ି ସ୍କ୍ରାପ୍ କେନ୍ଦ୍ରରେ ଏହି ସ୍କ୍ରାପ ହୋଇଛି ବୋଲି ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା କହିଛନ୍ତି। ଗାଡ଼ି ସ୍କ୍ରାପ୍ ନୀତି ସଂକ୍ରାନ୍ତରେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଛନ୍ତି ଯେ ଯାନବାହାନ ସ୍କ୍ରାପ୍ ନୀତି ୨୦୨୨ ନଭେମ୍ବର ମାସରୁ କାର୍ଯ୍ୟକାରୀ ହେଉଛି। ବର୍ତ୍ତମାନ ଗାଡ଼ିଗୁଡ଼ିକୁ ସ୍କ୍ରାପ୍ କରିବାପାଇଁ ୨ଟି କେନ୍ଦ୍ର ରହିଛି। ଏଥିରୁ ଗୋଟିଏ ଖୋର୍ଦ୍ଧାରେ ଥିବା ବେଳେ ଅନ୍ୟଟି ଯାଜପୁର ଜିଲ୍ଲାର ଚଢ଼େଇଧରାଠାରେ ରହିଛି। ସେହିଭଳି ରାଜ୍ୟରେ ସ୍କ୍ରାପ୍ ଯୋଜନା କାର୍ଯ୍ୟକାରୀ ହେବା ଠାରୁ ଅଦ୍ୟାବଧି ୪୩୫୧ଟି ଗାଡି ସ୍କ୍ରାପ୍ କରାଯାଇଛି। ସରକାରୀ ଅନୁମୋଦିତ ସଂସ୍ଥା ବଦଳରେ କବାଡିଆମାନେ ପୁରୁଣା ଗାଡ଼ି ସ୍କ୍ରାପ୍ କରୁଥିବା ବିଷୟ ସରକାରଙ୍କ ନଜରକୁ ଆସିନାହିଁ ବୋଲି ମନ୍ତ୍ରୀ ଶ୍ରୀ ଜେନା ତାଙ୍କ ଉତ୍ତରରେ ଉଲ୍ଲେଖ କରିଛନ୍ତି।

## ୧୦୫ ବ୍ଲକ୍‌ରେ ନାହାନ୍ତି ବିଇଓ

ଭୁବନେଶ୍ୱର,୧୯।୯(ସମିସ): ରାଜ୍ୟର ୩୩ ପ୍ରତିଶତ ବ୍ଲକ୍‌ରେ ଗୋଷ୍ଠୀ ଶିକ୍ଷା ଅଧିକାରୀ (ବିଇଓ) ନାହାନ୍ତି। ୧୦୫ ବ୍ଲକ୍‌ରେ ନିୟମିତ ବିଇଓ ନ ଥିବାରୁ ଶିକ୍ଷାଦାନ ସମେତ ଶୈକ୍ଷିକ କାର୍ଯ୍ୟକ୍ରମ ଓ ମଧ୍ୟାହ୍ନ ଭୋଜନ ଯାଞ୍ଚ ପ୍ରକ୍ରିୟା ବାଧାପ୍ରାପ୍ତ ହେଉଛି। ମୟୂରଭଞ୍ଜ ଜିଲ୍ଲାର ସର୍ବାଧିକ ୯ ବ୍ଲକ୍‌ରେ ବିଇଓ ନ ଥିବା ବେଳେ ଗଞ୍ଜାମ, କୋରାପୁଟ ଓ ରାୟଗଡ଼ା ଜିଲ୍ଲାରେ ଦ୍ୱିତୀୟ ସର୍ବାଧିକ ୭ଟି ଲେଖାଏଁ ବ୍ଲକ୍‌ରେ ବିଇଓ ନାହାନ୍ତି। ବାଲେଶ୍ୱର ଓ ଜଗତସିଂହପୁରରେ ୬ଟି ଲେଖାଏଁ ପଦ ଫାଙ୍କା ରହିଥିବା ବେଳେ ଖୋର୍ଦ୍ଧା, କନ୍ଧମାଳ ଓ ସମ୍ବଲପୁରରେ ୫ଟି ଲେଖାଏଁ, ଅନୁଗୁଳ, ଭଦ୍ରକ, କେନ୍ଦ୍ରାପଡ଼ା, ଯାଜପୁର, ପୁରୀରେ ୪ଟି ଲେଖାଏଁ ପଦ ଫାଙ୍କା ରହିଛି। ବଲାଙ୍ଗୀର, ଢେଙ୍କାନାଳ, କେନ୍ଦୁଝର, ନବରଙ୍ଗପୁର ଓ ନୟାଗଡରେ ୩ଟି ଲେଖାଏଁ ବିଇଓ ପଦ ଖାଲି ଥିବା ବେଳେ କଟକ, କଳାହାଣ୍ଡି ଓ ସୁନ୍ଦରଗଡ଼ରେ ୨ଟି ଲେଖାଏଁ ଏବଂ ବରଗଡ, ଦେବଗଡ଼, ମାଲକାନଗିରିରେ ଗୋଟିଏ ଲେଖାଏଁ ପଦ ଖାଲି ରହିଛି।

## ୪୨୪ ନକଲି ଶିକ୍ଷକ ନିଲମ୍ବିତ

ଭୁବନେଶ୍ୱର,୧୯।୯(ସମିସ): ନକଲି ପ୍ରମାଣପତ୍ର ଦେଇ ଅନେକ ଶିକ୍ଷକ ଚାକିରି ହାତେଇଛନ୍ତି। ଦୀର୍ଘ ବର୍ଷ ଧରି ଦରମା ନେବା ପରେ ଧରାପଡୁଛନ୍ତି। ଜାଲ୍ ସାର୍ଟିଫିକେଟ୍ ଦେଇ ଧରାପଡ଼ିବା ପରେ ୪୨୪ଜଣ ଶିକ୍ଷକ ଚାକିରିରୁ ନିଲମ୍ବନ ହୋଇଛନ୍ତି। ବିଧାୟିକା ସୁଭାସିନୀ ଜେନାଙ୍କ ପ୍ରଶ୍ନରେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି ଯେ ବାଲେଶ୍ୱର ଜିଲ୍ଲାର ୧୬ଜଣ ଶିକ୍ଷକ ମଧ୍ୟ ଜାଲ ସାର୍ଟିଫିକେଟ୍ ଅଭିଯୋଗରେ ବହିଷ୍କୃତ ହୋଇଛନ୍ତି। ଅପରପକ୍ଷରେ ନକଲି ଶିକ୍ଷକଙ୍କୁ ଚିହ୍ନଟ କରିବା ପ୍ରକ୍ରିୟା ବାଟବଣା ହୋଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ଆସିଥିବା ବହୁ ଶିକ୍ଷକଙ୍କ ଶିକ୍ଷାଗତ ପ୍ରଣାଣପତ୍ର ଯାଞ୍ଚ ପ୍ରକ୍ରିୟା ଦୀର୍ଘବର୍ଷ ହେବ ଶେଷ ହୋଇପାରୁନାହିଁ। ମୁଖ୍ୟତଃ ବାହାର ରାଜ୍ୟରେ ବିଏଡ୍ କରିଥିବା ଶିକ୍ଷକଙ୍କ ପ୍ରମାଣପତ୍ର ଯାଞ୍ଚ କରିବା ପ୍ରତିବନ୍ଧକ ସୃଷ୍ଟି କରୁଛି।

## ଦିଲ୍ଲୀପ ନାୟକଙ୍କୁ ଇଓଡବ୍ଲୁର ଜେରା

କଟକ,୧୯।୯(ସମିସ): ଏକ ଜମି କିଣାବିକା ମାମଲାରେ କ୍ରାଇମ୍‌ବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲୁ) ଆଜି ଏକ ବିଲ୍ଡର୍ ସଂସ୍ଥାର ସ୍ୱତ୍ୱାଧିକାରୀ ଦିଲ୍ଲୀପ ନାୟକଙ୍କ କଟକ ଘର ଯାଞ୍ଚ କରିଛି। ପ୍ରାୟ ଘଣ୍ଟାଏ କାଳ ଯାଞ୍ଚ କରିବା ପରେ ଇଓଡବ୍ଲୁ କିଛି କାଗଜପତ୍ର ଜବତ କରିବା ସହ ଶ୍ରୀ ନାୟକଙ୍କୁ ଭୁବନେଶ୍ୱରସ୍ଥିତ କାର୍ଯ୍ୟାଳୟକୁ ନେଇଛି। ଅପରପକ୍ଷରେ ରାଜନୈତିକ ଆକ୍ରୋଶ ରଖି ମିଛ ଅଭିଯୋଗରେ ତାଙ୍କ ବିରୋଧରେ ଏଭଳି କାର୍ଯ୍ୟାନୁଷ୍ଠାନ ନିଆଯାଇଛି ବୋଲି ଶ୍ରୀ ନାୟକ ପ୍ରତିକ୍ରିୟାରେ କହିଛନ୍ତି।

ଶ୍ରୀ ନାୟକ ବାରଙ୍ଗ ଥାନା ଅଞ୍ଚଳରେ ତାଙ୍କ ବିଲ୍ଡର୍ ସଂସ୍ଥା ପାଇଁ କିଛି ବର୍ଷ ତଳେ ଏକ ଜମି କିଣି ପ୍ଲଟିଂ କରି ବିକ୍ରି କରିଥିଲେ। ତେବେ ଜମି ବିକ୍ରେତାଙ୍କ ପରଲୋକ ପରେ ବିବାଦ ଆରମ୍ଭ ହୋଇଥିଲା। ଜମିର ଆଇନଗତ ଉତ୍ତରାଧିକାରୀମାନେ ଜମି ବିକ୍ରି ଟଙ୍କା ପାଇ ନ ଥିବା ଦର୍ଶାଇ କୋର୍ଟରେ ମାମଲା କରିଥିଲେ। ଶ୍ରୀ ନାୟକଙ୍କଠାରୁ ପ୍ଲଟ୍ କିଣିଥିବା ବ୍ୟକ୍ତିଙ୍କ ପାଖକୁ କୋର୍ଟରୁ ନୋଟିସ୍ ଯିବାରୁ ସେମାନେ ଇଓଡବ୍ଲୁର ଦ୍ୱାରସ୍ଥ ହୋଇ ମାମଲା କରିଥିଲେ। ଆଜି ଅପରାହ୍ଣରେ ଇଓଡବ୍ଲୁ ଟିମ୍ ଶ୍ରୀ ନାୟକଙ୍କ କଟକସ୍ଥିତ ଘରେ ଚଢ଼ଉ କରିଥିଲା। ଶ୍ରୀ ନାୟକ ନିମାପଡ଼ା ନିର୍ବାଚନ ମଣ୍ଡଳୀରୁ ୨୦୧୯ ରେ କଂଗ୍ରେସରୁ ପ୍ରାର୍ଥୀ ହୋଇଥିଲେ ଓ ପରେ ବିଜେପିରେ ଯୋଗ ଦେଇଥିଲେ। ତେବେ ସେ ୨୦୨୪ ନିର୍ବାଚନରେ ବିଜେଡିରୁ ପ୍ରାର୍ଥୀ ହୋଇଥିଲେ।

**ଅନ୍‌ଲାଇନ୍ ନିବେଶ ନାମରେ ୧.୪୫ କୋଟି ଠକେଇ**

## ୩ ସାଇବର୍ ଠକ ଗିରଫ

କଟକ,୧୯।୯(ସମିସ): ଡିଜିଟାଲ କରେନ୍ସି, ଆଇପିଓ ଓ ସେୟାର ମାର୍କେଟ୍‌ରେ ନିବେଶ ଆଳରେ ଲୋକଙ୍କୁ ଠକୁଥିବା ୩ସାଇବର୍ ଠକଙ୍କୁ କ୍ରାଇମବ୍ରାଞ୍ଚର ସାଇବର୍ କ୍ରାଇମ ୟୁନିଟ୍ ଗିରଫ କରିଛି। ସେମାନେ ହେଲେ, ଖୋର୍ଦ୍ଧାର ଏମ୍. ଫାର୍ମା ଡିଗ୍ରୀଧାରୀ ମେଡିକାଲ ରିପ୍ରେଜେଣ୍ଟେଟିଭ୍ ଦୀପକ କୁମାର ଦାଶ(୩୩), ବାଲେଶ୍ୱର ଗୋପାଳପୁର ତାଳପଡ଼ା ନିବାସୀ ବି.ଟେକ୍ ଡିଗ୍ରୀଧାରୀ ଚନ୍ଦନ କୁମାର ସାହୁ (୩୩), ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ଆସ୍କା ରୋଡ୍ ଅଞ୍ଚଳର ରାମହରି ସାହୁ(୪୬)। ସେମାନଙ୍କ ପାଖରୁ ମୋବାଇଲ୍ ଫୋନ୍, ସିମ୍ କାର୍ଡ, ଆଧାର କାର୍ଡ ଏବଂ ପାନ୍‌କାର୍ଡ ଜବତ ହୋଇଛି। ଆଜି ସେମାନଙ୍କୁ ଜେଏମ୍‌ଏଫସି-୩ କଟକ ଅଦାଲତରେ ହାଜର କରାଯାଇଛି।

ଅନଲାଇନ ନିବେଶ ଜରିଆରେ ଉଚ୍ଚ ଅର୍ଥ ଫେରସ୍ତର ମିଥ୍ୟା ପ୍ରତିଶ୍ରୁତି ପାଇ ୧କୋଟି ୪୫ଲକ୍ଷ ୮୫ହଜାର ଟଙ୍କା ଠକେଇର ଶିକାର ହୋଇଥିଲେ ଅଭିଯୋଗକାରୀ। ଅଧିକ ଅର୍ଥ ପାଇବା ଆଶାରେ ସେ ବିଗତ କିଛି ମାସ ଭିତରେ ଉପରୋକ୍ତ ଟଙ୍କା ଜମା କରିଥିଲେ। ଆଇପିଓ ଓ ଓଟିସି ଟ୍ରେଡିଂରେ ପୁଞ୍ଜି ନିବେଶ କରି ସେୟାର ମାର୍କେଟ୍‌ରେ ଅଧିକ ରିଟର୍ଣ୍ଣ ପାଇବାକୁ ଆଶା ରଖିଥିଲେ। ତେବେ ମୂଳ ଟଙ୍କା ଉଠାଣରେ ବିଫଳ ହେବାରୁ ଏହା ସାଇବର୍ ଠକଙ୍କ କରାମତି ବୋଲି ଜାଣିବାକୁ ପାଇଥିଲେ। ପରେ ଏ ସଂପର୍କରେ ସେ ସାଇବର ଥାନାରେ ଏତଲା ଦେଇଥିଲେ। ଇନ୍ସପେକ୍ଟର ଅମିତାଭ ଦାସଙ୍କ ନେତୃତ୍ୱରେ ତଦନ୍ତକାରୀ ଦଳ ଅଭିଯୁକ୍ତମାନଙ୍କୁ ଗିରଫ କରିବାରେ ସକ୍ଷମ ହୋଇଛି।

**■ ଏସ୍‌ଆଇଟି ଗଠନରେ ଅବହେଳା**

## ହାଇକୋର୍ଟରେ ବ୍ୟକ୍ତିଗତ ହାଜର ହେବେ ଯାଜପୁର ଏସ୍‌ପିଙ୍କ ସମେତ ୩ ଅଧିକାରୀ

କଟକ, ୧୯।୯ (ସମିସ): ଜଣେ ନାବାଳିକା ନିଖୋଜ ସଂକ୍ରାନ୍ତରେ ନାବାଳିକାର ପିତାଙ୍କ ପକ୍ଷରୁ ରୁଜୁ ଏତଲା ଉପରେ ପୁଲିସ କାର୍ଯ୍ୟାନୁଷ୍ଠାନରେ ନିଷ୍କ୍ରିୟତା ଅଭିଯୋଗ କରି ଦାୟର ଆବେଦନକୁ ହାଇକୋର୍ଟ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି। ଏହି ମାମଲାରେ ଏସଆଇଟି (ସ୍ୱତନ୍ତ୍ର ତଦନ୍ତକାରୀ ଦଳ) ଗଠନ କରି ତଦନ୍ତ କରିବାକୁ ହାଇକୋର୍ଟ ଦେଇଥିବା ନିର୍ଦ୍ଦେଶ ପାଳନରେ ଅବହେଳାକୁ ନେଇ ଅଦାଲତ ଅସନ୍ତୋଷ ପ୍ରକାଶ କରିଛନ୍ତି। ବ୍ୟକ୍ତିଗତ ଭାବେ ଯାଜପୁର ଏସପି, ମଙ୍ଗଳପୁର ଥାନା ଆଇଆଇସି ଓ ମାମଲାର ତଦନ୍ତକାରୀ ଅଧିକାରୀଙ୍କୁ ପରବର୍ତ୍ତୀ ଶୁଣାଣି ସମୟରେ ହାଜର ହେବା ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ଜଷ୍ଟିସ ଏମ.ଏସ.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ସେପ୍ଟେମ୍ବର୨୪କୁ ଧାର୍ଯ୍ୟ କରାଯାଇଛି। ଏହି ମାମଲାରେ ଗତ ଅଗଷ୍ଟ ୨୬ ତାରିଖରେ ଏସଆଇଟି ଗଠନ ପାଇଁ ଯାଜପୁର ଏସପିଙ୍କୁ ଅଦାଲତ ନିର୍ଦ୍ଦେଶ ଦେଇଥିଲେ। ଅଭିଯୋଗକାରୀଙ୍କ ଏତଲାରେ ନାବାଳିକାକୁ ଅଟକ ରଖିଥିବା ବ୍ୟକ୍ତିଙ୍କ ନାମ ଉଲ୍ଲେଖ କରାଯାଇଥିବାରୁ ଏସଆଇଟି ଦ୍ୱାରା ନାବାଳିକାକୁ ଠାବ କରିବା ପାଇଁ ପଦକ୍ଷେପ ନିଆଯିବ ଓ ଏ ସମ୍ପର୍କିତ ରିପୋର୍ଟ ଏସପି ଦାଖଲ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ପୁଲିସ ବିଭାଗ ଏହି ଆଦେଶ ପାଳନରେ ନିଷ୍ଠା ପ୍ରତିପାଦିତ କରିନଥିବା ମାମଲା ଶୁଣାଣି ବେଳେ ସ୍ପଷ୍ଟ ହୋଇଥିଲା। ଗତ ୨୦୨୫ ଜାନୁଆରି ୨୩ରୁ ସମ୍ପୃକ୍ତ ନାବାଳିକାଜଣଙ୍କ ନିଖୋଜ ହୋଇଥିଲେ। ଏ ସଂକ୍ରାନ୍ତରେ ନାବାଳିକାଙ୍କ ପିତା ଯାଜପୁର ମଙ୍ଗଳପୁର ଥାନାରେ ଏତଲା ଦେଇଥିଲେ। ନାବାଳିକାକୁ ଠାବ କରିବା ପାଇଁ ପୁଲିସ କିଛି ପଦକ୍ଷେପ ନ ନେବାରୁ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସାର ତାତି...

ଗୃହ କମ୍ପାଇଥିଲେ। ଏହି ସମୟରେ ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଏକ ଅଣତାରକା ପ୍ରଶ୍ନରେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଉତ୍ତର ରଖୁଥିଲେ ହେଁ ବିଜେଡି ବିଧାୟକଙ୍କ ନାରାବାଜିରେ ଏହା ଆଦୌ ଶୁଣାଯାଉନଥିଲା। ଏହି ସମୟ ମଧ୍ୟରେ କଂଗ୍ରେସ ବିଧାୟକମାନେ ନିଜ ନିଜ ଆସନରେ ଛିଡ଼ା ହୋଇ ରହିଥିଲେ। ବିଜେଡି ବିଧାୟକଙ୍କୁ ନିଜ ନିଜ ଆସନକୁ ଫେରିଯିବା ପାଇଁ ବାଚସ୍ପତି ବାରମ୍ବାର ଅନୁରୋଧ କରିଥିଲେ ମଧ୍ୟ ସେମାନେ ଏହାକୁ କର୍ଣ୍ଣପାତ କରିନଥିଲେ। ଫଳରେ ବାଚସ୍ପତି ୧୦ଟା ୩୪ରୁ ଅପରାହ୍ନ ୪ଟା ଯାଏଁ ଗୃହକୁ ମୁଲତବୀ ରଖିଥିଲେ। ଅପରାହ୍ନରେ ଗୃହକାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବିଜେଡି ବିଧାୟକ ସମାନ ଢଙ୍ଗରେ ଗୃହରେ ନାରାବାଜି, ହଟ୍ଟଗୋଳ ଆରମ୍ଭ କରିଥିଲେ। ବିଜେପି ସରାକରଙ୍କ ବିରୋଧରେ ନାରାବାଜି କରିବା ସହ ସାର ପ୍ରସଙ୍ଗରେ ସ୍ୱତନ୍ତ୍ର ଆଲୋଚନା ପାଇଁ ଅଡ଼ି ବସିଥିଲେ ବିଜେଡି ବିଧାୟକ। ବିଜେଡି ବିଧାୟକଙ୍କ ପ୍ରବଳ ହଟ୍ଟଗୋଳ କାରଣରୁ ବାଚସ୍ପତି ଶନିବାର ଯାଏଁ ଗୃହକୁ ମୁଲତବୀ ରଖିଛନ୍ତି।

### କଂଗ୍ରେସ ବିଧାୟକଙ୍କ...

କ୍ଷୁଣ୍ଣ କରିଛି। ଏଥିପାଇଁ ସେମାନଙ୍କ ବିରୋଧରେ ଗୃହର ସ୍ୱାଧିକାର ଭଙ୍ଗ ନୋଟିସ୍ ଆସିଥିବା ବାଚସ୍ପତି ସୂରମା ପାଢ଼ୀ ଆଜି ଗୃହରେ ସୂଚନା ଦେଇଛନ୍ତି।

ଅନ୍ୟପଟେ ସ୍ୱାଧୀକାର ଭଙ୍ଗ ନୋଟିସ୍ ପ୍ରସଙ୍ଗରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ସରକାରଙ୍କ ଉପରେ ବର୍ଷିଛନ୍ତି। ଗୃହ ବାହାରେ ଗଣମାଧ୍ୟମକୁ ସୂଚନା ଦେଇ ଶ୍ରୀ କାଡାମ୍ କହିଛନ୍ତି ଯେ ଆମକୁ ଡରାଇବା ପାଇଁ ସ୍ୱାଧିକାର ନୋଟିସ ଅଣାଯାଇଛି। ଏଥିରେ କଂଗ୍ରେସ ବିଧାୟକ ଭୟଭୀତ ହେବେ ନାହିଁ। କଂଗ୍ରେସର କଣ୍ଠରୋଧ କରିବାକୁ ଶାସକ ଦଳ ଚେଷ୍ଟା କରୁଛି। ବିଧାନସଭାର ବିଧି ଅନୁସାରେ ଆମେ ଅନାସ୍ଥା ନୋଟିସ ଦେଇଛୁ; କୌଣସି ସ୍ୱାଧୀକାର ଭଙ୍ଗ କରିନାହୁ। ଆମ ଦଳ ବିରୋଧରେ ଶାସକ ଦଳ ମିଛ ଅଭିଯୋଗ କରୁଛି। ଦେଢ଼ବର୍ଷର ବିଜେପି ସରକାର ଓଡିଶାବାସୀଙ୍କୁ ସୁଶାସନ ଦେବାରେ ବିଫଳ ହୋଇଛି। ଏହା ବିରୋଧରେ ଆମେ ଅନାସ୍ଥା ଆଣିଛୁ ବୋଲି ଶ୍ରୀ କାଡାମ୍ ସୂଚନା ଦେଇଛନ୍ତି।

### ସରକାରଙ୍କ ପାଖରେ...

ହୋଇଥିବାବେଳେ ଗୋଟିଏ ମାମଲାର ବିଚାର ସରିନାହିଁ। ଅଭିଯୋଗକାରିଣୀ ଆଭ୍ୟନ୍ତରୀଣ ଅଭିଯୋଗ କମିଟି (ଆଇସିସି) ନିକଟରେ ହାଜର ହୋଇ ନ ଥିବାରୁ ତଦନ୍ତ ଆଗକୁ ବଢ଼ିପାରି ନାହିଁ। ଦ୍ୱିତୀୟରେ ରେଭେନ୍ସା ବିଶ୍ୱବିଦ୍ୟାଳୟର ୬ଜଣ ଛାତ୍ରୀ ଅସଦାଚରଣର ଶିକାର ହୋଇଥିବାବେଳେ ଫକୀର ମୋହନ ବିଶ୍ୱବିଦ୍ୟାଳୟର ୩ଜଣ, ବ୍ରହ୍ମପୁର ଓ ସମ୍ବଲପୁରସ୍ଥିତ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରୁ ଗୋଟିଏ ଲେଖାଏଁ ମାମଲା ରହିଛି। ରାଜ୍ୟର ଏକମାତ୍ର ମହିଳା ବିଶ୍ୱବିଦ୍ୟାଳୟ 'ରମାଦେବୀ'ରେ ଦୁଇଜଣ ଛାତ୍ରୀ ନିର୍ଯ୍ୟାତନାର ମାମଲା ତଦନ୍ତାଧୀନ ରହିଛି। ତନ୍ମଧ୍ୟରୁ ଜଣେ ଛାତ୍ରୀ ଯୌନ ନିର୍ଯ୍ୟାତନାର ଶିକାର ହୋଇଥିବା ଦେଢ଼ମାସ ପୂର୍ବରୁ ଅଭିଯୋଗ କରିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ। ବିଧାୟକ ତୁଷାରକାନ୍ତି ବେହେରାଙ୍କ ପ୍ରଶ୍ନରେ ଉଚ୍ଚଶିକ୍ଷା ମନ୍ତ୍ରୀ ଏହି ତଥ୍ୟ ରଖିଛନ୍ତି। ଅପରପକ୍ଷରେ ୨୦୨୪-୨୫ ଠାରୁ ଏବେଯାଏଁ ଶିକ୍ଷାନୁଷ୍ଠାନରେ କେତେ ଛାତ୍ରୀ ଅସଦାଚରଣ ଓ ଦୁର୍ଷମର ଶିକାର ହୋଇଛନ୍ତି ଏବଂ କେତେଜଣ ଆତ୍ମହତ୍ୟା କରିଛନ୍ତି ବୋଲି ବିଧାୟକ ରମେଶ ଚନ୍ଦ୍ର ବେହେରା ବିଧାନସଭାରେ ପ୍ରଶ୍ନ କରିଥିଲେ। ଏହି ଅଣତାରକା ପ୍ରଶ୍ନର ଉତ୍ତର ରଖି ଉଚ୍ଚଶିକ୍ଷା ମନ୍ତ୍ରୀ ତଥ୍ୟ ସଂଗ୍ରହ କରାଯାଉଥିବା କହିଛନ୍ତି। ମହାବିଦ୍ୟାଳୟରୁ ସର୍ବାଧିକ ଅଭିଯୋଗ ଆସୁଥିବାବେଳେ ସରକାରଙ୍କ ପାଖରେ କିପରି ତଥ୍ୟ ନାହିଁ, ସେନେଇ ଶିକ୍ଷାବିତ୍‌ମାନେ ଆଶ୍ଚର୍ଯ୍ୟପ୍ରକଟ କରିଛନ୍ତି।

ସେହିପରି ଦେଢ଼ ବର୍ଷ ମଧ୍ୟରେ ବିଦ୍ୟାଳୟଗୁଡ଼ିକରେ ୩୨ ଜଣ ଛାତ୍ରୀ ନିର୍ଯ୍ୟାତନାର ଶିକାର ହୋଇଥିବା ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ବିଧାନସଭାରେ ଉତ୍ତର ରଖିଛନ୍ତି। ବିଧାୟକ ତାରାପ୍ରସାଦ ବାହିନିପତିଙ୍କ ପ୍ରଶ୍ନର ଉତ୍ତର ରଖି ମନ୍ତ୍ରୀ କହିଛନ୍ତି ଯେ ୧୪ଟି ଜିଲ୍ଲାର ୨୦ଟି ବିଦ୍ୟାଳୟରୁ ଅଭିଯୋଗ ଆସିଛି। ମୋଟ୍ ୩୨ ଜଣ ଛାତ୍ରୀ ଅସଦାଚରଣର ଶିକାର ହୋଇଥିବା ଅଭିଯୋଗ କରିଛନ୍ତି। କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟରୁ ସର୍ବାଧିକ ୧୧ ଜଣ ଛାତ୍ରୀ ଅଭିଯୋଗ କରିଥିବାବେଳେ ସମ୍ପୃକ୍ତ ଶିକ୍ଷକଙ୍କୁ ନିଲମ୍ବିତ କରାଯାଇଛି। ସମସ୍ତ ଅଭିଯୋଗର ତଦନ୍ତ କରାଯାଇଛି। ମୋଟ୍ ୧୬ ଜଣ ଶିକ୍ଷକଙ୍କ ସମେତ ୩ଜଣ ପ୍ରଧାନ ଶିକ୍ଷକଙ୍କୁ ନିଲମ୍ବିତ କରାଯାଇଛି। ଅନ୍ୟ ଶିକ୍ଷକଙ୍କ ବିରୋଧରେ ମଧ୍ୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା ମନ୍ତ୍ରୀ ଶ୍ରୀ ଗଣ୍ଡ ସୂଚନା ଦେଇଛନ୍ତି।

### ପ୍ରଥମ ପତ୍ନୀଙ୍କୁ...

ଦୀପକକୁ ରିମାଣ୍ଡରେ ନେବ ଖୁଣ୍ଟୁଣି ଥାନା ପୁଲିସ। ଦୁଇଟି ହତ୍ୟା ମାମଲା ରୁଜୁ ହେବାପରେ କନେଷ୍ଟବଳ ଦୀପକ ପାଇଁ ଅଡୁଆ ବଢ଼ିଛି। ସେପଟେ ଶୁଭଶ୍ରୀ ହତ୍ୟା ଘଟଣାକୁ ରେଡ୍ ଫ୍ଲାଗ୍ ଅନ୍ତର୍ଭୁକ୍ତ କରି ତଦନ୍ତରେ କ୍ୟାପିଟାଲ ଥାନା ପୁଲିସକୁ ସହଯୋଗ କରୁଛି କ୍ରାଇମବ୍ରାଞ୍ଚ। ଏବେ ଅପର୍ଣ୍ଣା ମୃତ୍ୟୁ ଘଟଣାରେ ମଧ୍ୟ ହତ୍ୟା ମାମଲା ରୁଜୁ ହେବାପରେ ଦୁଇଟି ହତ୍ୟା ମାମଲାକୁ ନେଇ କ୍ରାଇମବ୍ରାଞ୍ଚ ପ୍ରତ୍ୟକ୍ଷ ଭାବେ ତଦନ୍ତ କରିବ ବୋଲି କୁହାଯାଉଛି।

ଦୀପକ ୨୦୨୨ ମସିହା ମାର୍ଚ୍ଚ ମାସ ୧୭ ତାରିଖ ଦିନ ତା'ର ପ୍ରଥମ ପତ୍ନୀ ଅପର୍ଣ୍ଣା (ରାଜସ୍ୱ ନିରୀକ୍ଷକ)ଙ୍କୁ ଧରି କାର ଯୋଗେ ଢେଙ୍କାନାଳରୁ ଭୁବନେଶ୍ୱର ଆସୁଥିଲେ। ଖୁଣ୍ଟୁଣି ଥାନା ଅଧିନସ୍ଥ ରାଧାକିଶୋରପୁର ଅପର୍ଣ୍ଣା ପରିସ୍ରା କରିବାକୁ କହିବାରୁ ଦୀପକ କାର ରଖିଥିଲେ। ଅପର୍ଣ୍ଣା ପରିସ୍ରା କରିବାକୁ ଯାଉଥିବା ବେଳେ ଟ୍ରକ୍ ଧକ୍କାରେ ଆହତ ହୋଇଥିଲେ। ଗୁରୁତର ଅପର୍ଣ୍ଣାଙ୍କୁ ଦୀପକ ନିଜ କାରରେ ନେଇ କଟକ ସ୍ଥିତ ଏକ ଭର୍ତ୍ତି କରିଥିଲା, ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଓଡି-୦୨-ଏସ୍-୩୪୮୬ ନମ୍ବର ବିଶିଷ୍ଟ ଏକ ଟ୍ରକ ଅପର୍ଣ୍ଣାଙ୍କୁ ଧକ୍କା ଦେଇଥିବା ଦୀପକ ଖୁଣ୍ଟୁଣି ଥାନାରେ ଅଭିଯୋଗ କରିଥିଲା। ପୁଲିସ ଏକ ଦୁର୍ଘଟଣା ଜନିତ ମାମଲା ରୁଜୁ କରିଥିଲେ ମଧ୍ୟ ଦୀପକ ଦେଇଥିବା ଟ୍ରକର ସଂପୃକ୍ତି ପାଇ ନ ଥିଲା। ଟ୍ରକର ସଂପୃକ୍ତି ନେଇ ପ୍ରମାଣ ନ ମିଳିବାରୁ ପୁଲିସ ଏଫ୍‌ଆରଟି ନୋ କ୍ଲୁ କରି ମାମଲାକୁ ବନ୍ଦ କରି ଦେଇଥିଲା। ଅପର୍ଣ୍ଣାଙ୍କ ମୃତ୍ୟୁପରେ ବୀମା ବାବଦକୁ କୋଟିଏ ଟଙ୍କା ହାତେଇଥିଲା ଦୀପକ। ଶୁଭମିତ୍ରା ହତ୍ୟା ମାମଲାକୁ କ୍ରାଇମବ୍ରାଞ୍ଚ ରେଡ୍ ଫ୍ଲାଗ ଅନ୍ତର୍ଭୁକ୍ତ କରିଛି। କ୍ରାଇମବ୍ରାଞ୍ଚ ଡିଜିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କ୍ରାଇମବ୍ରାଞ୍ଚର ସ୍ୱତନ୍ତ୍ର ଟିମ୍ ଓ କମିସନରେଟ ପୁଲିସର କ୍ୟାପିଟାଲ ଥାନା ପୁଲିସ ମିଳିତ ଭାବେ ତଦନ୍ତ କରିବେ। ୬ ତାରିଖରେ କନଷ୍ଟେବଳ ଶୁଭମିତ୍ରା ନିଖୋଜ ହେବା ଓ ୧୭ ତାରିଖରେ କେନ୍ଦୁଝରରେ ଗଳିତ ମୃତଦେହ ମିଳିବା ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ହେବ। ଖୁଣ୍ଟୁଣି ଥାନା ପୁଲିସ ଠାରୁ ଅପର୍ଣ୍ଣାଙ୍କ ଦୁର୍ଘଟଣା ଜନିତ ମାମଲା ଓ ହତ୍ୟା ମାମଲାର ବିଭିନ୍ନ ତଥ୍ୟ ସଂଗ୍ରହ କରି କ୍ରାଇମବ୍ରାଞ୍ଚର ମହିଳା ଓ ଶିଶୁ ଅପରାଧ ନିରାକରଣ ଶାଖା ଏହି ମାମଲାକୁ ତଦାରଖ କରିବ।

### ଚାଷୀଙ୍କୁ ବିଜେପିର...

ଦାବିକୁ ଅଗ୍ରାହ୍ୟ କରିଦେଇଥିଲେ। ଫଳରେ ବିଜେଡି ସଦସ୍ୟମାନେ ଗୃହରେ ପ୍ରବଳ ହଟ୍ଟଗୋଳ, ନାରାବାଜି କରିଥିଲେ। ବିଜେଡିର ପ୍ରବଳ ପ୍ରତିବାଦ କାରଣରୁ ଶୁକ୍ରବାର ଗୃହ ମାତ୍ର ୮ ମିନିଟ ଚାଲିଥିଲା। ବିଧାନସଭା ଅଚଳ ପ୍ରସଙ୍ଗରେ ବିଜେଡିକୁ ସମାଲୋଚନା କରିବାକୁ ଯାଇ ବିଜେପି ବିଧାୟକ ଅଗସ୍ତି ବେହେରା ଦେଇଥିବା ମନ୍ତବ୍ୟ ଏବେ ସାଧାରଣରେ ତୀବ୍ର ସମାଲୋଚିତ ହୋଇଛି। ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ ଗୃହ ବାହାରେ ପ୍ରତିକ୍ରିୟା ରଖି କହିଛନ୍ତି ଯେ ମୋ ଜୀବନରେ ଏପରି ଉତ୍କଟ ସାରର ଅଭାବ ମୁଁ ଦେଖିନାହିଁ। ସରକାର କହୁଛନ୍ତି ରାଜ୍ୟରେ ପର୍ଯ୍ୟାପ୍ତ ସାର ଅଛି। ଯଦି ପର୍ଯ୍ୟାପ୍ତ ସାର ଅଛି, ତାହେଲେ ଚାଷୀଙ୍କୁ କଣ ପାଇଁ ସାର ଦିଆଯାଉ ନାହିଁ। ମୁଠେ ମୁଠେ ସାର ପାଇଁ ଚାଷୀ ଅହୋରାତ୍ର ଧାଡ଼ିରେ ଛିଡ଼ାହେଉଛି। ମାତ୍ର ସାର ନପାଇବା କାରଣରୁ ବାଧହୋଇ ଚଢ଼ାଦରରେ ସାର କିଣୁଛି। ଜଣେ ଶାସକ ଦଳ ବିଧାୟକ ମଧ୍ୟ ବିଭାଗୀୟ ମନ୍ତ୍ରୀଙ୍କୁ ସାର ମିଳୁନଥିବା ନେଇ ଚିଠି ଲେଖିଛନ୍ତି। ଯୋଗାଣ ମନ୍ତ୍ରୀ ମଧ୍ୟ ସାରର କଳାବଜାରୀ ହେଉଥିବା ସ୍ୱୀକାର କରୁଛନ୍ତି। ତାହେଲେ ଚାଷୀ, ଶାସକ ବିଧାୟକ, ମନ୍ତ୍ରୀ କଣ ଅସତ୍ୟ କହୁଛନ୍ତି? ଏ ରାଜ୍ୟରେ ଶାସନ ବ୍ୟବସ୍ଥା ଅଛି କି ବୋଲି ସେ ପ୍ରଶ୍ନ କରିଛନ୍ତି। ଚାଷୀଙ୍କୁ ଲ୍ୟାମ୍ପସ, ପାକ୍ସରେ ସାର ମିଳୁନାହିଁ। ଚଢ଼ାଦରରେ କଳାବଜାରରେ ଚାଷୀ ବାଧ ହୋଇ ସାର କିଣୁଛନ୍ତି। ସରକାରଙ୍କ ଜାଣତରେ ଏସବୁ ହେଉଛି। ସରକାରଙ୍କ ଉଦାସୀନତାର ଏହା ଫଳ। ଆମେ ପ୍ରଶ୍ନକାଳ ବାତିଲ କରି ଦିନତମାମ୍ ଏ ବାବଦରେ ଆଲୋଚନା କରିବାକୁ ଚାହିଁଥିଲୁ। ମାତ୍ର ସରକାର ଏଥିରୁ ଖସିଯିବାକୁ ଚାହୁଁଛନ୍ତି ବୋଲି ଅଭିଯୋଗ କରିଛନ୍ତି ଶ୍ରୀ ଆଚାର୍ଯ୍ୟ। ସେହିପରି କଂଗ୍ରେସର ବରିଷ୍ଠ ବିଧାୟକ ତାରାପ୍ରସାଦ ବାହିନୀପତି କହିଛନ୍ତି ଯେ ଗରିବ ଲୋକଙ୍କ ଟିକସ ବିଧାନସଭା ଚାଲୁଛି। ମାତ୍ର ଆଲୋଚନା ବଦଳରେ ବିଧାନସଭା ବନ୍ଦ କରିବା ନିନ୍ଦନୀୟ। ଆଜି ରାଜ୍ୟରେ ହାହାକାର ସ୍ଥିତି ସୃଷ୍ଟି ହୋଇଛି। ଚାଷୀ ସାର ନପାଇ ହଇରାଣ ହେଉଛନ୍ତି। ବିଧାନସଭାରେ ଆଲୋଚନା ହୋଇଥିଲେ, ସରକାର ସଚେତନ ହୋଇଥାନ୍ତେ। ଆମେ ଏଥିପାଇଁ ନିଜ ଆସନରେ ଠିଆ ହୋଇ ଆଲୋଚନା ପାଇଁ ଦାବି କରୁଥିଲୁ ବୋଲି ଶ୍ରୀ ବାହିନୀପତି କହିଛନ୍ତି।

### ଦୁଇ ପୁଅଙ୍କୁ...

ଥାନା ଅନ୍ତର୍ଗତ ନୂଆକ୍ଷେତା ଜଙ୍ଗଲକୁ ଯାଇଥିଲେ। ସେଠାରେ ଦୁଇ ପୁଅଙ୍କୁ ବିଷ ପିଆଇ ଦେଇଥିଲେ। କିଛି ସମୟ ପରେ ଦୁଇ ନାବାଳକ ବାନ୍ତି କରିବାରୁ ଗ୍ରାମବାସୀଙ୍କ ସନ୍ଦେହ ହୋଇଥିଲା। ଗ୍ରାମବାସୀ ସେମାନଙ୍କୁ ଉଦ୍ଧାର କରି ପ୍ରଥମେ ବନ୍ତଲା ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ଗ୍ରାମବାସୀ ତୁରନ୍ତ ଉଭୟଙ୍କୁ ଏକ କାର୍ ଯୋଗେ ନେଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି।

### ୨୫ରେ ଲଘୁଚାପ...

ପୂର୍ବକେନ୍ଦ୍ରୀୟ ଏବଂ ସଂଲଗ୍ନ ଉତ୍ତର-ପୂର୍ବ ବଙ୍ଗୋପସାଗର ମଧ୍ୟ ସମୁଦ୍ର ନିକଟସ୍ଥ ମ୍ୟାଁମାର-ବାଂଲାଦେଶ ଉପକୂଳ ନିକଟରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବ। ପରବର୍ତ୍ତୀ ସମୟରେ ଏହା ବଙ୍ଗୋପସାଗରମୁହାଁ ହୋଇ ରାଜ୍ୟର ବିଭିନ୍ନ ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକ ଉପରେ ପ୍ରଭାବ ପକାଇପାରେ।

ବର୍ତ୍ତମାନ ଓଡ଼ିଶା ଉପରେ କୌଣସି ପ୍ରକାର ପାଣିପାଗ ନିୟାମକ ସକ୍ରିୟ ନାହିଁ। ହେଲେ ବର୍ତ୍ତମାନ ରାଜ୍ୟରେ ହେଉଥିବା ଖରା ଓ ଗୁଳୁଗୁଳି ଯୋଗୁଁ ଅପରାହ୍ଣରେ କିଛି କିଛି ସ୍ଥାନରେ ବିଜୁଳି ଘଡ଼ଘଡ଼ି ଜନିତ ବର୍ଷା ଆଶଙ୍କା ଥିବା ପାଣିପାଗ କେନ୍ଦ୍ର କହିଛି। ଏଭଳି ସ୍ଥିତିରେ ଉତ୍ତର ଓ ଉପକୂଳ ଓଡ଼ିଶାରେ ବର୍ଷାର ପରିମାଣ ଅଧିକ ରହିବା ନେଇ ଆଶଙ୍କା କରାଯାଇଛି।


**GOVT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION: BOLANGIR** O-819

Office Order No. 4559 Dated 18.09.2025

1st Corrigendum Notice to Bid Identification No. EEBLGR-online-05/2025-26
The date and time of the Bid Identification No. EEBLGR-online-05/2025-26 has been revised.

| Procurement Officer | Bid Identification No. | Availability of Tender on line for bidding | | Last date and time of seeking tender clarification | Date & time of opening of tender |
|---|---|---|---|---|---|
| | | From | To | | |
| Executive Engineer, R.W. Division Bolangir | EEBLGR-online-05/2025-26 | 10.09.2025 at 11.00 A.M | 25.09.2025 upto 5.00PM | 24.09.2025 upto 1.00PM | 26.09.2025 at 11.00A.M |

• Further details can be seen from the website www.tendersodisha.gov.in
• Any Corrigendum/Addendum will be displayed in the above e tender website only.

Sd/- Executive Engineer
R.W. Division, Bolangir

OIPR-25068/11/0032/2526

**AFFIDAVIT**

By virtue of an Affidavit No.571, dtd 19/09/2025 Sworn before The Executive Magistrate Bisoi, I, Sunita Goipai, aged about 38 years W/O Swarup Chandra Naik of village Badbalichua,PO - Kaduani, PS- Bisoi in the district of Mayurbhanj declared that my son, Sri Subham Naik in school admission register O.A.V, Jamirdiha my name has been written as SUNITA NAIK instead of SUNITA GOIPAI. That both name as SUNITA GOIPAI and SUNITA NAIK are same and one person.That the purpose of this Affidavit is to be produce before the concerned authority to correction of my name as Sunita Goipai for future Reference. Sd/- Sunita Goipai

**AFFIDAVIT**

By virtue of an affidavit sworn before Notary Public, Bhubaneswar, on dated 19.09.2025, I Toofan Malik resident of At- Kentalo, Po - Kulasukarpada, Ps- Nischintakoili, Dist- Cuttack, Odisha, PIN - 754209 declare that I have changed the name of my Son from Omm Prakash Mallik to Sairam Mallik. Henceforth he shall be known as **SAIRAM MALLIK** for all future purposes.

**AFFIDAVIT**

I, RANJITA TRIPATHY, W/o- Durga Prasad Tripathy residing At- Plot No - B-38, Sidhi Vihar, Jagamara, Po/PS- Khandagiri, Bhubaneswar, Dist- Khordha, State- Odisha, Pin- 751030, declare by this affidavit No Vol-II, SL No - 683, dtd. 04.08.2025 that now onwards I shall be known as **RANJITA PANDA** for all future purposes. Sd- RANJITA PANDA

**LOST**

I, **Sekh Jakir,** C/o: Sekh Sabir, resident of At: Musalim Sahi, Balugaon Chilika, Dist.: Khordha, Odisha. I was going Kuhuri to Balugaon way from lost my 3 land paper in somewhere, details given below: **1) ROR Khata No.: 321/566 and 2) Sell Deed No.: 2711, Doc No.: 11101102712, 3) Deed No.: 1243.** If anyone finds it kindly contact to my number: 9853277994 or Balugaon Police Station. If anyone will misutilize it, we will not be resposible for it. Sd/- Sekh Jakir

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar, dated: 19/09/2025, I, Jyoti Nayak, resident of Plot No.511, Unit-3, Kharavela Nagar, PS- Kharavela Nagar, Bhubaneswar, Pin- 751001, Dist- Khordha, Odisha declare that I have changed my son name from Jyotirdeep Ghadei to JYOTIRDEEP NAYAK. Henceforth, he shall be known as **JYOTIRDEEP NAYAK** for all purposes.

**NOTICE**

I, Raja Aditya Prasad Mohanty Advocate do hereby declare that the original register sale deed bearing document No-687/1989/1 Dt. 29.08.1989 of my client Ranjan Rana S/o Late. Dhusasan Rana of Vill/Po/Ps-Tigiria, Dist-Cuttack has been lost on the way from Tigiria to Nuapatna on Dt. 15.09.2025. If any person found the said document please contact on the following contact number or address.
Raja Aditya Prasad Mohanty (Advocate)
At/Po-Tigiria, Dist-Cuttack, PIN-754030
Mob No-9348267038
Mail id-rajaaditya.mohanty@gmail.com

**AFFIDAVIT**

I, RINA GANGULI, W/O SURYANARAYAN DASH, RESIDENT OF AT- RAJA BAGICHA, KUSANPUR, PO- TELENGA BAZAR, DIST- CUTTACK, PIN-753009, ODISHA, DECLARE BY THIS AFFDAVIT NO-2119, DT-12.02.2025,THAT NOW ONWORDS I SHALL BE KNOWN AS **REENA DASH** FOR ALL FUTURE PURPOSES.

**AFFIDAVIT**

I Bijaya Kumar Sahoo S/o Prahallad Chandra Sahoo, Resident of. Village- Kundibag, PO-Bhadrak By-Pass, PS-Sabarang, Dist - Bhadrak, Odisha, PIN- 756181, declare by this affidavit No 8374 dtd 09.09.2025 that now onwards I shall be known as **BIJAY KUMAR SAHOO** for all future purposes.

**AFFIDAVIT**

By virtue of an affidavit sworn before the Notary Public, Sunabeda dated 19/09/2025 I Sri Gandhi Pangi, S/o.- Deba Pangi, Village- Parajabhimdol, PO. - Balda, PS.- Padwa, Dist.- Koraput declare that I have changed my son's name from **Magara Pangi** to **Makara Pangi**. Henceforth, my son shall be known as **Makara Pangi** for all purposes. Sd/- **Gandhi Pangi**

**AFFIDAVIT**

I, Sri Gopal Harijan, S/o- Late Madhu Harijan resdient of Bhatra, Po.- Ambaguda, Ps.- Jeypore sadar, Dist.- Koraput, Odisha, Pin- 764055 declare by this affidavit no.731 dtd.- 17/09/2025 that, my daughter's actual and correct name is **Sruti Harijan** but in her Aadhaar card no. 6537 8604 4981 her name wrongly mentioned as **Krutirani Harijan**. Hence **Sruti Harijan** and **Krutirani Harijan** is one and same person. Sd/- **Gopal Harijan**

**NOTICE (FOR MINOR)**

By virtue of an affidavit shown before Executive Magistrate, Bhubaneswar Date. 17.8.24 I Prangya Paramita Garabadu, Address: A/T- Ratha Road, P/O- Old town, P/S- Sree Lingaraj, Dist- Khordha, Odisha, Pin-751002, declare that I have changed the name of my SON from AHWAN ARYANSHU PATRO to AHWAN ARYANSHU. Henceforth, he shall be known as **AHWAN ARYANSHU** for all purpose.

**AFFIDAVIT**

By virtue of an affidavit sworn before the Executive Magistrate, Tirtol, Vide No.6531 dated 16.09.2025, I Anisur Rahaman, S/o- Shaikh Jahiruddin Resident of , At- Krushnanandapur, Po - Krishnanandapur PS - Krushnanandapur, Dist - Jagatsinghpur, Odisha, PIN - 754135 declare that I have changed my name from Sk Anisur Rahman to Anisur Rahaman. Henceforth, I shall be known as **ANISUR RAHAMAN** for all future purposes.

**ହଜିଛି**

ଆମ୍ଭେ ରାଜା ଆଦିତ୍ୟ ପ୍ରସାଦ ମହାନ୍ତି, ଓକିଲ ଏତଦ୍ୱାରା ଘୋଷଣା କରୁଅଛୁ ଯେ ଆମ୍ଭର ମହକିଲ ରଞ୍ଜନ ରଣା ପିତା- ୰ ଧୁଶାସନ ରଣା ସା/ପୋ/ଥା- ତିଗିରିଆ, ଜିଲ୍ଲା-କଟକ ଙ୍କ ଅସଲ ବିକ୍ରୟ କବଲା ଯାହାର ନମ୍ବର-୬୮୭/୧୯୮୯/୧ତା. ୨୯-୦୮-୧୯୮୯ ଟି ତିଗିରିଆ ରୁ ନୂଆପାଟଣା ଯିବା ବାଟରେ ଗତ ତା. ୧୫-୦୯-୨୦୨୫ ରିଖରେ ହଜିଯାଇଛି। ଯଦି କୌଣସି ସହୃଦୟ ବ୍ୟକ୍ତି ଏହି କାଗଜାତ ପାଇଛନ୍ତି ତେବେ ନିମ୍ନ ବର୍ଣ୍ଣିତ ମୋବାଇଲ ନମ୍ବର କିମ୍ବା ଠିକଣାରେ ଯୋଗାଯୋଗ କରନ୍ତୁ।
ରାଜା ଆଦିତ୍ୟ ପ୍ରସାଦ ମହାନ୍ତି, (ଓକିଲ)
ସା/ପୋ/ଥା-ତିଗିରିଆ, ଜିଲ୍ଲା-କଟକ,
ପିନ୍-୭୫୪୦୩୦
ମୋବାଇଲ ନଂ-୯୩୪୮୨୬୭୦୩୮

**AFFIDAVIT**

I, Kamini Dalai, W/o- Prasanna Kumar Dalai, resident of Radhakrishna Enclave, Flat No-206, 2nd Floor, Lane-7, Unit-6, Bhubaneswar, Dist- Khurda, Pin-751003, Odisha declared by this affidavit no. CF-57, dtd- 15/09/2025 that now onwards I shall be known as **SAKHI DALAI** for all future purposes.

**AFFIDAVIT**

I, Prasanta Mohanty, S/o- Radhashyam Mohanty, resident of Plot No- 2F/591, Sector-10, CDA, Cuttack, Dist- Cuttack, Pin- 753014, Odisha declared by this affidavit No. 12, dtd- 15/09/2025 that now onwards I shall be known as **PRASANTA KUMAR MOHANTY** for all future purposes.

**AFFIDAVIT**

I, Baikunatha Nath Karan, S/o- Madan Mohan Karan, resident of Jemadeipur Patna, Mandhatapur, Dist- Nayagarh, Pin- 752079, Odisha declared by this affidavit No.753, dtd- 18/09/2025 that now onwards I shall be known as **BAIKUNTHA NATH KARAN** for all future purposes.

**AFFIDAVIT**

I, Brajesh Kr Thakur, S/o- Rajendra Thakur, resident of Ward No-5, Ektali, Po- Ektali, Ps- Sadar, Dist- Jharsuguda, Pin-768202, Odisha declared by this affidavit No. CF-889 , dtd- 24/07/2025 that now onwards I shall be known as **BRAJESH KUMAR SINGH** for all future purposes.

# ୧୮୦ କେଜି ଗଞ୍ଜେଇ ଜବତ, ୩ ଗିରଫ

ତୁମୁଡିବନ୍ଧ,୧୯।୯(ସମିସ)




କନ୍ଧମାଳ ଜିଲ୍ଲା ତୁମୁଡିବନ୍ଧ ପୁଲିସକୁ ମିଳିଛି ଆଉ ଏକ ବଡ ସଫଳତା। ତୁମୁଡିବନ୍ଧ ଥାନା ଅଧିକାରୀ ଆଶୁତୋଷ ଜେନାଙ୍କ ନେତୃତ୍ୱରେ ମିଶନ ଜହର ଦ୍ୱାରା ପ୍ରତ୍ୟେକ ଦିନ ଗଞ୍ଜେଇ ଚାଲାଣକାରୀଙ୍କୁ କାବୁ କରିବାରେ ସଫଳ ହେଉଛି ପୁଲିସ। ଶୁକ୍ରବାର ଦିନ ସନ୍ଧ୍ୟା ୬ଟାରେ ସୂଚନା ପାଇ ପୁଲିସ ଡଡ଼ଙ୍ଗ ଛକ ନିକଟରେ ପାଟ୍ରୋଲିଂ କରୁଥିବା ସମୟରେ ଗଞ୍ଜେଇ ଚାଲାଣ କରୁଥିବା ତିନି ଜଣକୁ କାବୁ କରାଯାଇଥିଲା।

ବାଲିଗୁଡା ଥାନାଞ୍ଚଳ ବୋରିକିଆ ଗ୍ରାମର ୫ ଜଣ ଯୁବକ ଓଡ଼ିଶାରୁ ଛତିଶଗଡକୁ ଗୋଟିଏ ଅଟୋରେ ୧ କ୍ୱିଣ୍ଟାଲ ୮୦ କିଲୋ ଗଞ୍ଜେଇ ଚାଲାଣ କରୁଥିଲେ। ପୁଲିସ ଅଟୋ ସହ ଗଞ୍ଜେଇ ଜବତ କରିଥିଲା। ଏଥିରେ ୩ ଜଣ ଯୁବକ ଗିରଫ କରାଯାଇଥିବା ବେଳେ ୨ ଜଣ ଫେରାର ହେଇଯାଇଥିଲେ। ଗିରଫ ଗଞ୍ଜେଇ ଚାଲାଣକାରୀ ହେଲେ ବାରିକିଆ ଗ୍ରାମର ଏଲଟର ଦିଗାଲ,ଅଶୋକ ମଲ୍ଲିକ ଓ ଗଜେନ୍ଦ୍ର ମଲ୍ଲିକ। ସେମାନଙ୍କ ପାଖରୁ ଦୁଇଟି ବାଇକ, ତିନି ମୋବାଇଲ ଓ ତିନି ସହ ଟଙ୍କା ନଗଦ ଜବତ କରାଯାଇଛି। ସେମାନେ ତୁମୁଡିବନ୍ଧ ଥାନାଞ୍ଚଳ ଡଡ଼ଙ୍ଗ ଛକର ବାଇପାସ ରାସ୍ତା ବାଟବାଡ଼ି ଗ୍ରାମ ଦେଇ ସୁନାଗାଁ

## ଛତିଶଗଡ଼କୁ ଚାଲାଣ ବେଳେ ଧରିଲା ପୁଲିସ

ବାହାରି ରାମପୁରରୁ ଛତିଶଗଡ ଯିବାପାଇଁ ଯୋଜନା କରିଥିବାବେଳେ ପୁଲିସ ସେମାନଙ୍କ ଯୋଜନାକୁ ଫଣ୍ଡ କରିଛି। ତହସିଲଦାର ଦୋଳ ଗୋବିନ୍ଦ ସାହୁଙ୍କ ଉପସ୍ଥିତିରେ ଜବତ ଗଞ୍ଜେଇର ଓଜନ କରାଯିବା ପରେ ଥାନାକୁ ଅଣାଯାଇଥିଲା।

# ଗଜଲକ୍ଷ୍ମୀପୂଜା ପାଇଁ ଶୁଭଖୁଣ୍ଟି

ପାରଳାଖେମୁଣ୍ଡି,୧୯।୯(ସମିସ): ପାରଳାଖେମୁଣ୍ଡି ସ୍ଥିତ ଗଜପତି ମାର୍ଗରେ ୪୧ତମ ଗଜଲକ୍ଷ୍ମୀ ପୂଜା ପାଇଁ ଶୁଭଖୁଣ୍ଟି ସ୍ଥାପନ ହୋଇଛି। ମା ଗଜଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ଚାରିଦଶନ୍ଧି ଧରି ପୂଜା ଅନୁଷ୍ଠିତ ହୋଇଆସୁଛି। ଆଜି ଗଜଲକ୍ଷ୍ମୀ ପୂଜା ପାଇଁ ସ୍ୱତନ୍ତ୍ର ପୂଜାର୍ଚ୍ଚନା ସହ ଶୁଭଖୁଣ୍ଟି ସ୍ଥାପନ କରାଯାଇଥିଲା। ୧୧ ଦିନ ଧରି ଆୟୋଜନ ହେଉଥିବା ଏହି ପୂଜା ମା ଗଜଲକ୍ଷ୍ମୀଙ୍କୁ ଅସ୍ଥାୟୀ ମଣ୍ଡପରେ କୁମାର ପୂର୍ଣ୍ଣିମା ଦିନ ଠାରୁ ପୂଜା କରାଯାଇଥାଏ। ପ୍ରତ୍ୟେକ ଗୁରୁବାର ହଜାର ହଜାର ଭକ୍ତଙ୍କ ପାଇଁ ଅନ୍ନପ୍ରସାଦ ବ୍ୟବସ୍ଥା ସହ ପୂଜା ଚୁଡି ଓ ଦୀପଦାନ, ପ୍ରତ୍ୟେକ ଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥାଏ। ଆଜି ଶୁଭଖୁଣ୍ଟି ସ୍ଥାପନ ବେଳେ ସୁରେଶ ଦାସ, ରଘୁନାଥ ପାଣିଗ୍ରାହୀ, ନିମାଇଁ ଚରଣ ପାତ୍ର, ମଣି ପ୍ରକାଶ ପାଣିଗ୍ରାହୀ ଓ ସୀମାଞ୍ଚଳ ପତିତ ଉପସ୍ଥିତ ରହିଥିଲେ।



# ପାରଳାରେ ବେଆଇନ ବାଣ କାରବାର

ପାରଳାଖେମୁଣ୍ଡି,୧୯।୯(ସମିସ): ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡିରେ ବ୍ୟାପକ ବେଆଇନ ବାଣ କାରବାର ହେଉଛି। ବର୍ଷ ତମାମ ଲଗାମ୍ ଛଡା ବେପାରୀ ପୁଲିସ ଓ ପ୍ରଶାସନକୁ ନମାନି ଖୋଲାଖୋଲି ଭାବେ ବାଣ ବେପାର କରୁଛନ୍ତି। ସହରର ରାଣୀପେଣ୍ଟ ରାସ୍ତାରେ ତେବେ ବାଣ ବେପାରୀ କାହା ବଳରେ ବଳିଆନ୍ ହୋଇ ଲଗାମଛଡା ବେପାର କରୁଛନ୍ତି ତାହା ପ୍ରଶ୍ନ ହୋଇଛି। କେବଳ ଦୀପାବଳି ପର୍ବରୁ କିଛି ଦିନ ପାଇଁ ସେମାନଙ୍କୁ ଅସ୍ଥାୟୀ ଅନୁମତି ଦିଆଯାଉଥିଲା। ଏହି ବାଣ ବ୍ୟବସାୟୀସ୍ଥାୟୀ ଅନୁମତି ପାଇଁ ଆବେଦନ କରିଥିଲେ ମଧ୍ୟ ପ୍ରଶାସନ ଅନୁମତି ଦେଉନାହିଁ। ଅନୁମତି ନ ମିଳିବା ସତ୍ତ୍ୱେ ବର୍ଷ ତମାମ୍ ବାଣ ବିକ୍ରୟ କରି ଆସୁଛନ୍ତି। ଗୋପନ ଭାବେ ହେଉଥିବା ଏହି ବ୍ୟବସାୟ ବର୍ତ୍ତମାନ ଦିବାଲୋକରେ ଚାଲିଛି। ପ୍ରତ୍ୟେକ ବର୍ଷ କୋଟି କୋଟି ଟଙ୍କାର ବାଣ ବିକ୍ରୟ ହେଉଥିବା ବେଳେ ରସିଦ ଦିଆଯାଉନାହିଁ କିମ୍ବା କମ ଦରରେ ବିକ୍ରି କରାଯାଉନାହିଁ। ୧୦୦ ଟଙ୍କିଆ ବାଣକୁ ୧୦୦୦ ଟଙ୍କାର ଷ୍ଟିକର୍ ଲଗାଇ ବିକ୍ରି କରାଯାଉଛି। ପ୍ରତିବାଦ କଲେ କେହି ଶୁଣୁନାହାନ୍ତି। ପ୍ରଶାସନ, ପୁଲିସ, ଅଗ୍ନିଶମ ବିଭାଗ, ବାଣିଜ୍ୟ କର ବିଭାଗ ନିରବଦ୍ରଷ୍ଟା ସାଜିଥିବା ଅଭିଯୋଗ ହେଉଛି। ବର୍ଷତମାମ ବିଭିନ୍ନ ଅବସରରେ ବ୍ୟାପକ ଆତସବାଜି ପାଇଁ ଚୋରାରେ ବାଣ ବିକ୍ରୟ କରାଯାଉଛି। ଏପରିକି ଏଠାରୁ ପଡୋଶୀ ଆନ୍ଧ୍ରପ୍ରଦେଶ ଓ ଜିଲ୍ଲାର ବିଭିନ୍ନ ଅଞ୍ଚଳକୁ ବାଣ ଚାଲାଣ କରାଯାଉଛି। ଏ ଅସୁରକ୍ଷିତ ଅବସ୍ଥାରେ ଯାତ୍ରୀଙ୍କ ଜୀବନକୁ ବାଜିରେ ଲଗାଇ ବିଭିନ୍ନ ଯାତ୍ରିବାହୀ ଯାନରେ ବାଣ ଚୋରାଚାଲାଣ କରାଯାଉଛି। ଚଳିତ ବର୍ଷ ବାଣ ଦୋକାନର ନବୀକରଣ ପାଇଁ ଆବେଦନ ହୋଇଥିଲେ ମଧ୍ୟ ପ୍ରଶାସନ ଆଜି ସୁଦ୍ଧା କୌଣସି ଅନୁମତି ଦେଇନଥିବା ସତ୍ତ୍ୱେ ବାଣ ବିକ୍ରୟ ଜାରି ରହିଛି। ବର୍ତ୍ତମାନ ସହରର କିଛି ଅସାଧୁ ବ୍ୟବସାୟୀ ଖୋଲାଖୋଲି ଭାବେ ବାଣ ବିକ୍ରୟ କରୁଛନ୍ତି। ଏହି ରାସ୍ତା ଦେଇ ପ୍ରତ୍ୟେକ ଦିନ ପ୍ରଶାସନିକ କଳ ଏହି ରାସ୍ତା ଦେଇ ଯାତାୟତ କରୁଥିଲେ ମଧ୍ୟ ଦେଖି ନ ଦେଖିଲା ଭଳି କାର୍ଯ୍ୟାନୁଷ୍ଠାନ ନ ନେଇ ନିରବଦ୍ରଷ୍ଟା ସାଜିଥିବା ଅଭିଯୋଗ ହେଉଛି। ସରକାରୀ ନିୟମ ଅନୁସାରେ ବାଣ ବ୍ୟବସାୟ ପାଇଁ ଏହି ବ୍ୟବସାୟୀ ମାନେ ମାପଦଣ୍ଡ ମାନୁନଥିବା ବେଳେ କିଛି ପ୍ରଭାବଶାଳୀ ବ୍ୟକ୍ତି, ପ୍ରଶାସନରେ ନିଯୁକ୍ତ ଅସ୍ଥାୟୀ କର୍ମଚାରୀ ଓ ପୋଲିସ୍ କର୍ମଚାରୀଙ୍କ ପ୍ରତ୍ୟକ୍ଷ ଓ ପରୋକ୍ଷରେ ଭାଗୁଆଳୀ ହୋଇଥିବାରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନି ବୋଲି ସହରବାସୀଙ୍କ ମଧ୍ୟରେ ଆଲୋଚନା ହେଉଛି। ସରକାରଙ୍କ ନିୟମକୁ ମାନୁନଥିବା ଏହି ଅସାଧୁ ବାଣ ବ୍ୟବସାୟୀଙ୍କ ଦୋକାନର ଚିତ୍ର ଉତ୍ତୋଳନ କଲେ ଗଣମାଧ୍ୟମ ପ୍ରତିନିଧିଙ୍କୁ ଧମକ ଦିଆଯାଉଥିବା ଅଭିଯୋଗ ହେଉଛି।




# ବିଡିଓ ଓ ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କୁ ଘେରିଲେ ଜନପ୍ରତିନିଧି

ପାରଳାଖେମୁଣ୍ଡି,୧୯।୯(ସମିସ): ଗଜପତି ଜିଲ୍ଲା କାଶୀନଗର ବ୍ଲକର ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ବ୍ଲକ ପ୍ରଶାସନର ପାତରଅନ୍ତର ନୀତି ଓ ମନମୁଖୀ କାର୍ଯ୍ୟକଳାପ ବିରୋଧରେ ପ୍ରତିବାଦ କରିଛନ୍ତି। ଜନପ୍ରତିନିଧି ବ୍ଲକର ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ରଜତ ପାଢୀ ଓ ବିଡିଓ ଡମ୍ବରୁଧର ମଲ୍ଲିକଙ୍କୁ ବ୍ଲକସ୍ତରରୁ ପଞ୍ଚାୟତସ୍ତରକୁ ସରକାରଙ୍କ ବିଭିନ୍ନ ଯୋଜନାରେ ପାତରଅନ୍ତର କରାଯାଉଥିବା ବିଷୟରେ ଘେରିଥିଲେ। ମୁଖ୍ୟକରି ଯେଉଁ ପ୍ରକଳ୍ପ ଘେରାଉରେ ସାମିଲ ଥିବା ନିର୍ବାଚିତ ପ୍ରତିନିଧି ବ୍ଲକ ପ୍ରଶାସନକୁ ଦେଲେ ସେଗୁଡିକୁ ଗୃହୀତ ନକରିବା, ପଞ୍ଚାୟତ ବୈଠକରେ ଗ୍ରହଣ କରାଯାଉଥିବା ପ୍ରକଳ୍ପକୁ କାର୍ଯ୍ୟକାରୀ ନକରି ନିଜ ମନମୁତାବକ ପ୍ରକଳ୍ପ ମଞ୍ଜୁର କରିବା, ବହୁ ସଂଖ୍ୟାରେ ମିଥ୍ୟା ବିଲ୍ କରିବା ଭଳି ସଙ୍ଗୀନ ଅଭିଯୋଗ ଆଣିଥିଲେ। ଦୀର୍ଘ ସମୟ ଧରି ବ୍ଲକ ପ୍ରଶାସନ ସହ ରାସ୍ତାଘାଟ, ପାନୀୟ ଜଳ ଭଳି ପ୍ରକଳ୍ପ ପ୍ରଦାନ ନକରିବା ବିରୋଧରେ ବଚସା ଓ କଥାକଟାକଟି ହୋଇଥିଲା। ଏପରିକି ଏହି ଅସନ୍ତୁଷ୍ଟ ନିର୍ବାଚିତ ପ୍ରତିନିଧିଙ୍କୁ ବିଭିନ୍ନ ଉନ୍ନତିମୂଳକ ପ୍ରକଳ୍ପ ତାଲିକା ପ୍ରସ୍ତୁତିରେ ଅନୁମତି ନିଆଯାଉନଥିବା ଓ ଏଥିପାଇଁ ହେଉଥିବା ବୈଠକରେ ସାମିଲ କରାଯାଉନଥିବା ଅଭିଯୋଗ ହୋଇଥିଲା। କିଛି ମହିଳା ନିର୍ବାଚିତ ପ୍ରତିନିଧି ସେମାନଙ୍କ ପ୍ରକଳ୍ପକୁ ପ୍ରାଧାନ୍ୟ ଦିଆଯାଉନଥିବା ସହ ହ୍ୱାଟସପ୍‌ରେ ସୂଚନା ଦେବା ଫଳରେ ବହୁ ନିର୍ବାଚିତ ପ୍ରତିନିଧି ଅବଗତ ହୋଇପାରୁନଥିବା ଅଭିଯୋଗ କରିଥିଲେ। ଆଜି ବିଭିନ୍ନ ଉନ୍ନତିମୂଳକ ଭିତ୍ତିଭୂମୀ ନିର୍ମାଣ ପାଇଁ ତାଲିକା ପ୍ରସ୍ତୁତିର ବୈଠକ ଥିଲେ ମଧ୍ୟ ଏହି ଅସନ୍ତୁଷ୍ଟ ନିର୍ବାଚିତ ପ୍ରତିନିଧି ଯୋଗ ଦେଇ ନଥିଲେ। ବ୍ଲକ ପ୍ରଶାସନ ପକ୍ଷରୁ ବିଡିଓ ଶ୍ରୀ ମଲ୍ଲିକ ଅନୁରୋଧ କରିଥିଲେ ମଧ୍ୟ ପ୍ରଶାସନ ନିଜ ମନମୁଖି କାର୍ଯ୍ୟକଳାପ ବନ୍ଦ ନକରିବା ଯାଏଁ ବୈଠକରେ ଯୋଗଦେବୁ ନାହିଁ ବୋଲି ଅସନ୍ତୁଷ୍ଟ ନିର୍ବାଚିତ ପ୍ରତିନିଧି କହିଥିଲେ। ଏହାସହ ରାଜନୀତିରୁ ଊର୍ଦ୍ଧ୍ୱରେ ବ୍ଲକର ଭିତ୍ତିଭୂମି ବିକାଶ ହେଉ ଓ ଜନହିତରେ ସରକାରଙ୍କ ପ୍ରତ୍ୟେକ ଟଙ୍କା ଲାଗୁ ବୋଲି କହିବା ସହ ବ୍ଲକ ପ୍ରଶାସନ ଯେଉଁ କାର୍ଯ୍ୟ କରୁଛି ସେଥିରୁ ନିବୃତ୍ତ ରହିବା ପାଇଁ କହିଥିଲେ। ଅସନ୍ତୁଷ୍ଟ ନିର୍ବାଚିତ ପ୍ରତିନିଧିଙ୍କ ସମସ୍ତ ଅଭିଯୋଗ ବିଚାରକୁ ନିଆଯିବ ଓ ସେମାନଙ୍କର ଯେଉଁ ସବୁ ପ୍ରକଳ୍ପ ରହିଛି ତାହାକୁ ପୁନର୍ବିଚାର କରାଯିବ ବୋଲି ବିଡିଓ ଅଧିକାରୀ ଶ୍ରୀ ମଲ୍ଲିକ ପ୍ରତିଶ୍ରୁତି ଦେଇଥିଲେ।



## ଗଜଲକ୍ଷ୍ମୀ ପୂଜା ପାଇଁ ଶୁଭଖୁଣ୍ଟି



ଜି.ଉଦୟଗିରି,୧୯।୯(ସମିସ): ଗଜଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ବରାଳିନୀ ମାର୍କେଟରେ ଶୁଭଖୁଣ୍ଟି ସ୍ଥାପନ କରାଯାଇଛି। ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରିଥିଲେ ପୂଜକ ସୁଧାଂଶୁ ଆଚାର୍ଯ୍ୟ ଓ ସଞ୍ଜୟ ଆଚାର୍ଯ୍ୟକର୍ତ୍ତା ଭାବେ ଶିବାରାମ ପାତ୍ର କାର୍ଯ୍ୟ ସମାପନ କରିଥିଲେ। ଏହି ସମୟରେ ସଭାପତି କୃଷ୍ଣ ନନ୍ଦ ତ୍ରିପାଠୀ, ଉପ ସଭାପତି ବଳରାମ ଡାକୁଆ, ଶାନ୍ତନୁ ସାହୁ, ସମ୍ପାଦକ ଆକାଶ ନାୟକ, ସହ ସମ୍ପାଦକ ଅମିତ ପାତ୍ର, କୋଷାଧକ୍ଷ ଶେଖର ପରିଚ୍ଛା, କାର୍ଯ୍ୟକାରିଣୀ ସଭ୍ୟ ଅରୁଣ ଷଡ଼ଙ୍ଗୀ, ନୀଳ ମାଧବ ପତି, ସୁକାନ୍ତ ପାଣିଗ୍ରାହୀ, ରାଜେଶ ନାୟକଙ୍କ ସମେତ ବହୁ ବ୍ୟକ୍ତି ବିଶେଷ ଯୋଗ ଦେଇଥିଲେ। ସେହିଭଳି ପଦାସାହି ପୂଜା କମିଟି ତରଫରୁ ଗ୍ରାମବାସୀଙ୍କ ଉପସ୍ଥିତିରେ ଗଜଲକ୍ଷ୍ମୀ ପୂଜା ପାଇଁ ଶୁଭଖୁଣ୍ଟି ସ୍ଥାପନ କରାଯାଇଛି।

# ଡାକ୍ତରଙ୍କ ଡେପୁଟେସନ୍ ବାତିଲ

ଜି .ଉଦୟଗିରି,୧୯।୯(ସମିସ): କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ଗ୍ରେସିଙ୍ଗିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସ୍ତ୍ରୀ ଓ ପ୍ରସୂତି ବିଭାଗ ବିଶେଷଜ୍ଞ ଡାକ୍ତରଙ୍କୁ ଦୀର୍ଘ ବର୍ଷ ହେଲା ଡେପୁଟେସନ୍‌ରେ ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସ୍ଥାନାନ୍ତରକୁ ପ୍ରତିବାଦ କରାଯାଇ ଆସୁଥିଲା। ଚଳିତମାସ ୪ ତାରିଖରେ ଅଞ୍ଚଳବାସୀ ଜି .ଉଦୟଗିରି ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀଙ୍କ ମାଧ୍ୟମରେ ଜିଲ୍ଲାପାଳ ଓ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଦାବିପତ୍ର ଦେଇଥିଲେ। ଅଞ୍ଚଳବାସୀଙ୍କ ଦାବିକୁ ଗୁରୁତ୍ୱ ଦେଇ, ଗତ ୧୨ ତାରିଖରେ ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଡେପୁଟେସନ୍‌କୁ ବାତିଲ କରି, ଡାକ୍ତରଙ୍କୁ ତୁରନ୍ତ ଜି .ଉଦୟଗିରିରେ ଯୋଗଦାନ କରିବାକୁ ନିର୍ଦ୍ଦେଶ ଜାରି କରିଥିଲେ। କିନ୍ତୁ ଏକ ସପ୍ତାହ ବିତିଲେ ମଧ୍ୟ ବିଶେଷଜ୍ଞ ଡାକ୍ତର କାର୍ଯ୍ୟରେ ଯୋଗ ଦେଇନଥିଲେ। ଏହି ପରିସ୍ଥିତିକୁ ନେଇ, ଆଜି ଯୁବ ସମାଜସେବୀ ଆମନ୍ ଚନ୍ଦ୍ର ନାୟକ, ସାମ୍ବାଦିକ ସାମନ୍ତ ଶେଖର ନାୟକ ଓ ଅନିଲ କୁମାର୍ ଦିଗାଲ କନ୍ଧମାଳ ଜିଲ୍ଲା ଅତିରିକ୍ତ ନିର୍ଦ୍ଦେଶକ ଓ ସିଡ଼ିଏମଓଙ୍କୁ ସାକ୍ଷାତ କରି ଜଣାଇଥିଲେ। ସିଡ଼ିଏମଓ ସ୍ପଷ୍ଟ କରିଛନ୍ତି ଯେ, ବିଶେଷଜ୍ଞ ଡାକ୍ତର ଏକ ସପ୍ତାହ ପାଇଁ ଭୁବନେଶ୍ୱରରେ ଟ୍ରେନିଂ ଯାଇଥିବାରୁ ବିଳମ୍ବ ହୋଇଛି। ସେ ୩-୪ ଦିନ ମଧ୍ୟରେ ଜି .ଉଦୟଗିରିରେ ତାଙ୍କର କାର୍ଯ୍ୟରେ ଯୋଗଦାନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।

## ଲକ୍ଷାଧିକ ଟଙ୍କାର ବାଣ ଜବତ, ୪ ଗିରଫ




କାଶୀନଗର,୧୯।୯(ସମିସ): ଗଜପତି ଜିଲ୍ଲା କାଶୀନଗର ଥାନା ଅନ୍ତର୍ଗତ ସୀତାପୁର ଗ୍ରାମରେ ବିପୁଳ ପରିମାଣରେ ବେଆଇନ ବାଣ ଜବତ କରିଛି ପୁଲିସ। ସୂଚନା ମୁତାବକ ବହୁ ମାସ ଧରି ଏହି ଅଞ୍ଚଳରେ କିଛି ଲୋକ ବେଆଇନ ବାଣ ଫେକ୍ଟ୍ରି କରିଥିଲେ। କୌଣସି ସୂତ୍ରରୁ ଖବର ପାଇ ଏସପି ଯତୀନ୍ଦ୍ର କୁମାର ପଣ୍ଡାଙ୍କ ନିର୍ଦ୍ଦେଶକ୍ରମେ କାଶୀନଗର ଥାନା ଅଧିକାରୀ ସୁନିଲ ବେହେରାଙ୍କ ସମେତ ଏକ ପୁଲିସ ଟିମ ଉକ୍ତ ଗ୍ରାମରେ ଚଡଉ କରିଥିଲେ। ଚଡ଼ଉ ବେଳେ ଦୁଇ ମ୍ୟାକ୍ସ ପିକଅପ୍ ଭ୍ୟାନ ଭର୍ତ୍ତି ବେଆଇନ ବାଣ ଜବତ କରିଥିଲା ପୁଲିସ। ଏଥିରେ ଏକ କ୍ୱିଣ୍ଟାଲ ବାରୁଦ ସହ ଅନ୍ୟ ବାଣ ସାମଗ୍ରୀ ଜବତ କରାଯାଇଛି। ୪ଜଣଙ୍କୁ ଅଟକ ରଖି ପୁଲିସ ପଚରାଉଚରା କରୁଛି। ୪ ଅଭିଯୁକ୍ତ ମଧ୍ୟ ଜଣେ ମାଷ୍ଟରମାଇଣ୍ଡ ତଥା କାରଖାନା ମାଲିକ ହୋଇଥିବା ବେଳେ ଅନ୍ୟ ତିନିଜଣ ଦିନ ମଜୁରିଆ ଭାବେ ସେଠାରେ କାମ କରୁଥିଲେ। ମାଲିକ ଜଣକ ହେଲେ ସୀତାପୁର ଗ୍ରାମର ଓ ଶ୍ରମିକ ତିନି ଜଣ ଆନ୍ଧ୍ର ବଳଦା ଗ୍ରାମର। ଜବତ ହୋଇଥିବା ବେଆଇନ ବାଣର ମୂଲ୍ୟ ଆନୁମାନିକ ଭାବେ ୧୦ଲକ୍ଷରୁ ଅଧିକ ହେବ ବୋଲି ଏସପି ସୂଚନା ଦେଇଛନ୍ତି।

## ମହିଳାଙ୍କୁ ଉଦ୍ଧାର କଲେ ଗ୍ରାମବାସୀ

ମୋହନା,୧୯।୯(ସମିସ): ଅଜଣା ମହିଳାଙ୍କୁ ଉଦ୍ଧାର କରି ପୁଲିସକୁ ହସ୍ତାନ୍ତର କଲେ ଗ୍ରାମବାସୀ। ଶୁକ୍ରବାର ଗଜପତି ଜିଲ୍ଲା ମୋହନା ଥାନା ଅନ୍ତର୍ଗତ ଲବାରସିଂ ଯାତ୍ରୀ ବିଶ୍ରାମଗାରରେ ସକାଳେ ସମ୍ପୃକ୍ତ ଥିବା ଦେଖାଯାଇଥିଲା। ସେ କିଛି କହିପାରୁନଥିବା ବେଳେ କୌଣସି ଭାଷା ମଧ୍ୟ ବୁଝି ପାରୁ ନ ଥିଲେ। ଲବାରସିଂ ଗ୍ରାମବାସୀ ଏ ସମ୍ପର୍କରେ ୧୧୨ ନମ୍ବରରେ ଫୋନ କରି ପୁଲିସକୁ ଜଣାଇଥିଲେ। ଘଟଣାସ୍ଥଳରେ ମୋହନା ଓ ଚନ୍ଦ୍ରଗିରି ଫାଣ୍ଡି ପୁଲିସ ପହଞ୍ଚି ମହିଳାଙ୍କୁ ଉଦ୍ଧାର କରିଥିଲେ। ମହିଳାଙ୍କର ନିଜ ଲୋକ ଆସିବା ପର୍ଯ୍ୟନ୍ତ ତାଙ୍କୁ ଜାଗୃତି ଗୃହରେ ରଖାଯିବ ବୋଲି ପୁଲିସ କହିଛି। କେହି ଏହି ମହିଳାଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ଏହି ସ୍ଥାନରେ ଛାଡି ଦେଇଥିବା ନେଇ ଅନୁମାନ କରାଯାଉଛି।

# ତାଣ୍ଡିଗୁଡ଼ା ଗ୍ରାମରେ ଟେଲିଫୋନ୍ ନେଟୱର୍କ ସ୍ଥାପନ ଦାବି

ପାରଳାଖେମୁଣ୍ଡି,୧୯।୯ (ସମିସ): ଗଜପତି ଜିଲ୍ଲା ଆର୍. ଉଦୟଗିରି ବ୍ଲକ ବସ୍ତ୍ରୀଗୁଡା ପଞ୍ଚାୟତବାସୀ ମୋବାଇଲ ନେଟୱାର୍କ ସ୍ଥାପନ ପାଇଁ ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ଏସମ୍ପର୍କରେ ବସ୍ତ୍ରୀଗୁଡା ପଞ୍ଚାୟତର ତାଣ୍ଡିଗୁଡା, ପାରିଭେଟା, ସମିରି, ଆଇଏୱାଇ କଲୋନୀ, ରଙ୍ଗମାଟି, ନୂଆସାହି, ବାଲିସାହି, ନାଇକାସାହି ଆଦି ୬ ଗ୍ରାମର ଜନସାଧାରଣ ଏକ ଦାବିପତ୍ର ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ମୁନିନ୍ଦ୍ର ହୋନାଗାଙ୍କୁ ଭେଟି ପ୍ରଦାନ କରିଛନ୍ତି। ଉକ୍ତ ଅଞ୍ଚଳରେ ମୋବାଇଲ ନେଟୱାର୍କ ବ୍ୟବସ୍ଥା ନଥିବା ଯୋଗୁଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଲୋକେ ଅଭିଯୋଗ କରିଛନ୍ତି। ଏପରିକି ଛାତ୍ରଛାତ୍ରୀ ଅନ୍‌ଲାଇନ୍ ଶିକ୍ଷାରୁ ବଞ୍ଚିତ ହେଉଥିବା ବେଳେ ଲୋକେ ସରକାରୀ କାର୍ଯ୍ୟକ୍ରମ ଏବଂ ବେସରକାରୀ କାର୍ଯ୍ୟ ଅନ୍‌ଲାଇନ୍‌ରେ କରିପାରୁନାହାନ୍ତି। ଏ ସବୁ କାର୍ଯ୍ୟ କରିବା ନିମନ୍ତେ ଅଞ୍ଚଳବାସୀ ୧୦ କି.ମି ଦୂରରେରେ ଥିବା ଆର୍.ଉଦୟଗିରି ଉପରେ ନିର୍ଭର କରୁଛନ୍ତି। ସମସ୍ୟାର ସମାଧାନ ଦିଗରେ ତୁରନ୍ତ ପଦକ୍ଷେପ ନେବା ପାଇଁ ଅଞ୍ଚଳବାସୀ ଅନୁରୋଧ କରିଛନ୍ତି।



# ଶିଶୁ ଚାଲାଣ ବିରୋଧୀ ସଚେତନତା କାର୍ଯ୍ୟକ୍ରମ

ପାରଳାଖେମୁଣ୍ଡି,୧୯।୯(ସମିସ): ଗଜପତି ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ତରଫରୁ ନୂଆଗଡ ବ୍ଲକର ଆତାରସିଙ୍ଗ ପଞ୍ଚାୟତ ଓ ଆର. ଉଦୟଗିରି ବ୍ଲକର ରାମଗିରି ପଞ୍ଚାୟତରେ ଶିଶୁ ଚାଲାଣ ବିରୋଧରେ ଗୋଷ୍ଠୀ ସଚେତନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ନୂଆଗଡ ବ୍ଲକର ତାବରଡା, ପୁତୁରୁପଡା ଓ ଆତାରସିଙ୍ଗର ପ୍ରାୟ ୩୦୦ ଶହରୁ ଊର୍ଦ୍ଧ୍ୱ ଗ୍ରାମବାସୀ ଉପସ୍ଥିତ ଥିଲେ ଏବଂ ଆର. ଉଦୟଗିରି ବ୍ଲକର ରାମଗିରି, ତାବରସିଙ୍ଗ ଓ ଅନଗା ପଞ୍ଚାୟତର ରାଜୀବ ଗାନ୍ଧୀ ସେବା କେନ୍ଦ୍ରରେ ପ୍ରାୟ ୨୦୦ ଶହରୁ ଊର୍ଦ୍ଧ୍ୱ ଗ୍ରାମବାସୀ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଥିଲା ଶିଶୁମାନଙ୍କର ଚାଲାଣକୁ ବିରୋଧ କରିବା ସହିତ ସେମାନଙ୍କ ପାଇଁ ସରକାରଙ୍କ ତରଫରୁ ପ୍ରଚଳିତ ସମସ୍ତ ଯୋଜନା ସମ୍ପର୍କରେ ଅବଗତ କରାଇବା ଓ ସେମାନଙ୍କୁ ସମାଜରେ ସ୍ୱତନ୍ତ୍ର ପରିଚୟ ଦେଇ ସର୍ବାଙ୍ଗୀନ ଉନ୍ନତି ପାଇଁ କାର୍ଯ୍ୟ କରିବା। ଆତାରସିଙ୍ଗରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବରେ ଗଜପତି ଜିଲ୍ଲା ନ୍ୟାୟାଳୟର ଭାରପ୍ରାପ୍ତ ପବ୍ଲିକ ପ୍ରସିକ୍ୟୁଟର ରାଜେଶ କୁମାର ମିଶ୍ର, ଅଭିଯୋଜନ ବିଭାଗର ସହାୟକ ନିର୍ଦ୍ଦେଶକ ଡ଼ି. ଅନୁପ ରାଜ ଆଚାରୀ, ଆର. ଉଦୟଗିରି ଥାନାର ସବ ଇନ୍ସପେକ୍ଟର ସ୍ୱପ୍ନାରାଣୀ ବେହେରା, ନୂଆଗଡ ବ୍ଲକର ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ରାଜେଶ୍ୱରୀ ପାତ୍ର, ସମିତିସଭ୍ୟା ରତାନି ରାଇକା, ଆତାରସିଙ୍ଗ ସରପଞ୍ଚ ଜୀବନୀ ଗମଙ୍ଗୋ, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ରବୀନ୍ଦ୍ର କୁମାର ପାତ୍ର ସହ ସମସ୍ତ ୱାର୍ଡମେମ୍ବର ଉପସ୍ଥିତ ଥିଲେ। ରାମଗିରିଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅରୁଣ ତ୍ରିପାଠୀ, ଜିଲ୍ଲା ପରିଷଦ ସଭ୍ୟ ମଣିକ ଗମଙ୍ଗୋ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଲକ୍ଷ୍ମୀକାନ୍ତ ପଣ୍ଡାଙ୍କ ସହ ସମସ୍ତ ୱାର୍ଡମେମ୍ବର ଉପସ୍ଥିତ ଥିଲେ। ଆଜିର କାର୍ଯ୍ୟକ୍ରମକୁ ସ୍ଥାନୀୟ ଲୋକ ବିଶେଷ ଭାବେ ପ୍ରଶଂସା କରିବା ସହ ଅତିଥିଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ।




**କଳିଙ୍ଗା ଘାଟିରେ ଭୂସ୍ଖଳନ ଘଟଣା**

# ସ୍ୱାଭାବିକ ହୋଇପାରୁନି ଯାତାୟାତ, ଖାଁ ଖାଁ ବଜାର

ଜି.ଉଦୟଗିରି,୧୯।୯(ସମିସ): ଗଞ୍ଜାମ-କନ୍ଧମାଳ ସୀମାନ୍ତ କଳିଙ୍ଗା ଘାଟିରେ ଭୂସ୍ଖଳନକୁ ଚାରି ଦିନ ବିତି ଯାଇଥିଲେ ମଧ୍ୟ ସ୍ୱାଭାବିକ ହୋଇପାରୁନି ଯାତାୟାତ। କେବେ ହେବ ତାହା କହିବା ମଧ୍ୟ ମୁସ୍କିଲ। କାରଣ ୫୦ ଫୁଟର ରାସ୍ତା ଶହେ ଫୁଟ ତଳକୁକୁ କଲଭର୍ଟ ସହିତ ଧୋଇ ହୋଇଯାଇଛି। ଗୋଟିଏ ପଟେ ପାହାଡ଼ରୁ ଆସୁଥିବା ପାଣିକୁ ନିୟନ୍ତ୍ରଣ କରିବା, ଶହେ ଫୁଟ ତଳୁ ଗାଡୱାଲ କରିବା ସହିତ ମଜଭୁତ କଲଭର୍ଟ ନିର୍ମାଣ, ଭାରି ବର୍ଷା, ପଥର କାଟି ଅସ୍ଥାୟୀ ରାସ୍ତା ନିର୍ମାଣ କରିବା ଜାତୀୟ ରାଜପଥ ପ୍ରାଧିକରଣ ପାଇଁ ବଡ଼ ଚାଲେଞ୍ଜ ହୋଇଛି। ଏ ସମ୍ପର୍କରେ ଆଜି ଭୂସ୍ଖଳନ ସ୍ଥାନରେ ଜାତୀୟ ରାଜପଥ ପ୍ରାଧିକାରଣ ବିଭାଗ ମୁଖ୍ୟ ଯନ୍ତ୍ରୀ ରାଜେଶ ପଟେଲ ତଦାରଖ କରିବା ସହ ଯେତେ ଶୀଘ୍ର ହେବା ଆମେ ଆସ୍ଥାୟୀ ରାସ୍ତା ବାହାର କରିବାକୁ ଚେଷ୍ଟା କରାଯାଉଛି। ଏହା ସହିତ ଅଭିଜ୍ଞ ଉତ୍ତରାଖଣ୍ଡ ଟିମକୁ ମଧ୍ୟ ଡକାଯାଇଛି ବୋଲି କହିଛନ୍ତି।

ଭୂସ୍ଖଳନ ଯୋଗୁଁ ସ୍ଥାନୀୟ ଲୋକ ଜୀବନ ଜୀବିକା ପ୍ରଭାବିତ ହୋଇଛି। ରାସ୍ତା ବନ୍ଦ କାରଣରୁ ଗହଳି ଲାଗି ରହୁଥିବା କଳିଙ୍ଗା ବଜାର ଆଜି ଖାଁ ଖାଁ ରହିଥିବା ଦେଖାଯାଇଛି। କୋଳାହଳ ରହୁଥିବା ବଜାରର ଆଜି ବହୁ ଦୋକାନ ବନ୍ଦ ରହିଥିଲା। ବସ୍‌ଷ୍ଟାଣ୍ଡରେ ପଶ୍ଚିମ ଓଡ଼ିଶାର ସମ୍ବଲପୁର, ଝାରସୁଗୁଡା, ସୋନପୁର, ସୁନ୍ଦରଗଡ଼, ହୀରାକୁଦ, ସହିତ ଅନ୍ୟପଟେ କୋରାପୁଟ, ଭାବନୀପାଟନ, ରାଇପୁର, ଉମରକୋଟ ଯିବା ପାଇଁ ଜଗିବାକୁ ନାହାନ୍ତି ଯାତ୍ରୀ। ଯାତ୍ରୀ ବିଶ୍ରାମଗାର ଖାଲି ପଡିଛି। ବସ୍ ଲାଗିଲେ ପିଜୁଳି, ବାଦାମ, ଶାଗ, ବିନ, ଆତ, ବିକ୍ରି କରି ପରିବାର ପ୍ରତି ପୋଷଣ କରୁଥିବା ସ୍ଥାନୀୟ ଲୋକେ ନାହାନ୍ତି। ଆଗରୁ ଯାତ୍ରୀଙ୍କ ପାଇଁ ମାଳ ମାଳ ଅଟୋ ରହୁଥିବା ବେଳେ, ଗୋଟିଏଦୁଇଟିଅଟୋ ଚାଳକ ଏବେ ହାତଯୋଡ଼ି ବସିଛନ୍ତି। ନିରବୀ ଯାଇଛି ପୂରା ବଜାର। ରାସ୍ତା ଘାଟ ହୋଇଛି ଶୂନଶାନ। ହୋଟେଲ ବ୍ୟବସାୟ ପୂରା ଠପ ହୋଇଯାଇଛି। କାରଣ ଯାତାୟାତ ସ୍ୱାଭାବିକ ଥିଲେ ଘାଟିତଳ ଦୁର୍ଗାପ୍ରସାଦ ସହିତ କଳିଙ୍ଗାରେ ଯାତ୍ରୀବାହୀ ବସ୍ ଲାଗୁଥିବା ବେଳେ ଏଥିରୁହିଁ ଚାଲୁଥିଲା ହୋଟେଲ ବ୍ୟବସାୟ। ଏବେ ହୋଟେଲ ମଧ୍ୟ ଖାଁ ଖାଁ। କିଏ ଖୋଲୁଛି ତ କିଏ ବନ୍ଦ କରିଦେଇଛି। କାରିଗର କର୍ମଚାରୀ ଖାଇବା ଦେବା ହେଲାଣି ମୁସ୍କିଲ। ଏମିତି ଅଧିକ ଦିନ ଚାଲିଲେ ବାଧ ହୋଇ ପୁରା ବ୍ୟବସାୟ ବନ୍ଦ ହେବା ସମ୍ଭାବନା ପ୍ରକାଶ ପାଇଛି।







## ସେମାନେ ଯାହା କହିଛନ୍ତି....



୧. ହନିସ ମାଲିକ,(କଳିଙ୍ଗା, ହୋଟେଲ ମାଲିକ): କଳିଙ୍ଗା ଘାଟିରେ ରାସ୍ତା ଭୁ ସ୍ଖଳନରେ ବନ୍ଦ ହେବା ଫଳରେ ହୋଟେଲ ବ୍ୟବସାୟ ପୁରାପୁରି ବନ୍ଦ ହୋଇଯାଇଛି। ବହୁ ଗାଡି ଲାଗିବା ଯୋଗୁଁ ବ୍ୟବସାୟ ହୋଇଥାଏ। ଏବେ ଗାଡି ଆଉ ଲାଗୁନି। କମ ରେ ଲୋକାଲ ବଜାର ପାଇଁ ଯାହା କରୁଛୁ। ଅଧିକ ଦିନ ଏମିତି ଚାଲିଲେ କର୍ମଚାରୀଙ୍କ ଦରମା ଦେବା କଷ୍ଟକର ହୋଇପଡିବ।



୨. ସୂର୍ଯ୍ୟକାନ୍ତ ବଢ଼େଇ,(ବ୍ୟବସାୟୀ,କଳିଙ୍ଗା): ରାସ୍ତା ବନ୍ଦ ହେଲା ପରେ ଚାରି ଦିନ ହେଲା ବଜାର ପୁରା ଶୂନଶାନ ରହିଛି। ଏମିତିରେ କି ବ୍ୟବସାୟ ହେବ। ଖାଲି ଦୋକାନ ଖୋଲିବା କଥା ବୋଲି ଖୋଲୁଛୁ। ବ୍ୟବସାୟ କିଛି ନାହିଁ। ଏମିତି ଲାଗି ରହିଲେ ବଞ୍ଚିବା ମୁସ୍କିଲ ହେବ। ତେଣୁ ରାସ୍ତା ଶୀଘ୍ର ମରାମତି ହେଉ।



୩. ହେଲିନା ସିଂ,(ବ୍ୟବସାୟୀ, କଳିଙ୍ଗା): ବସ୍ ଲାଗିଲେ ଆମେ ବାଦାମ, କିଏ ପିଜୁଳି, କିଏ ଆତ, କିଏ ପରିବା ଆଦି ବିକ୍ରି କରି ପରିବାର ପ୍ରତି ପୋଷଣ କରୁଥିଲୁ। କିନ୍ତୁ ଏବେ ରାସ୍ତା ବନ୍ଦ ହେବା ଫଳରେ ବହୁ ଲୋକ ଆସୁ ନଥିବା ବେଳେ ଆମେ ଦୁଇ ଜଣ ଆସିଛୁ ଯେ କିଛି ବିକ୍ରି ନାହିଁ। ତେଣୁ ଗାଡ଼ି ମୋଟର ନ ଚାଲିଲେ ଆମେମାନେ ଚଳିବାକୁ ଅସୁବିଧା ହେବ।



୪. ମଙ୍ଗୁଲୁ ଦିଗାଳ (ଅଟୋ ବ୍ୟବସାୟୀ): ଗାଡି ଚଳାଚଳ କଲେ ଦୁଇ ପଇସା ରୋଜଗାର ହେଉଥିଲା ଏବଂ ଏଥିରେ ପରିବାର ଚଳୁଥଲା। ଏବେ ରାସ୍ତା ବନ୍ଦ ହେବା ଫଳରେ ଅଟୋ ବ୍ୟବସାୟ ହେଉନି। ସକାଳୁ ବସିରହୁଛୁ। ଅଧିକ ଦିନ ଏମିତି ରହିଲେ ପରିବାର ପ୍ରତିପୋଷଣ କଷ୍ଟକର ହୋଇ ପଡିବ। ତେଣୁ ରାସ୍ତା ମରାମତି ତୁରନ୍ତ କରାଯିବାର ଆବଶ୍ୟକତା ରହିଛି।

## ସାପ କାମୁଡ଼ାରେ ମହିଳା ମୃତ

ଗଞ୍ଜାମ,୧୯ ।୯ (ସମିସ): ରମ୍ଭା ଥାନା ଅନ୍ତର୍ଗତ ହରିପୁର ବୁରୁଡି ଗ୍ରାମର ଜଣେ ମହିଳାଙ୍କ ସାପ କାମୁଡାରେ ମୃତ୍ୟୁ ଘଟିଛି । ମୃତକ ହେଲେ ଉକ୍ତ ଗ୍ରାମର ଇନ୍ଦ୍ରମଣି ବିଷୋୟୀଙ୍କ ପତ୍ନୀ କନକ ବିଷୋୟୀ (୫୮) । ଶୁକ୍ରବାର ପୂର୍ବାହ୍ନରେ ମହିଳା ଜଣଙ୍କ ଶସ୍ୟକ୍ଷେତ୍ରକୁ ଯାଇଥିବା ବେଳେ ତାଙ୍କୁ ଏକ ସାପ କାମୁଡି ଦେଇଥିଲା । ତାଙ୍କୁ ପରିବାର ଲୋକେ ପ୍ରଥମେ ଛତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ । ତେବେ ସେଠାରେ ତାଙ୍କର ଅବସ୍ଥା ସଂକଟାପର୍ଣ୍ଣ ହେବାରୁ ତାଙ୍କୁ ବ୍ରହ୍ମପୁର ଏମକେସିଜି ମେଡ଼ିକାଲ ସ୍ଥାନାନ୍ତର କରାଯାଇଥିଲା । ହେଲେ ଚିକିତ୍ସାଧିନ ଅବସ୍ଥାରେ ମହିଳାଙ୍କ ମୃତ୍ୟୁ ଘଟିଥିଲା । ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି ।

## ହତ୍ୟା ଅଭିଯୁକ୍ତ ବାପା ପୁଅକୁ ଆଜୀବନ ଜେଲ୍

ଛତ୍ରପୁର,୧୯ ।୯ (ସମିସ): ଗଞ୍ଜାମ ଜିଲ୍ଲା ହିଞ୍ଜିଳିକାଟୁ ଥାନା ଅଧୀନ ୨୦୨୧ ମସିହାର ଏକ ହତ୍ୟା ମାମଲାର ଚୂଡାନ୍ତ ରାୟ ଛତ୍ରପୁର ଅତିରିକ୍ତ ଜିଲ୍ଲା ଦୌରା କୋର୍ଟରେ ପ୍ରକାଶ ପାଇଛି । ବିଚାରପତି ପ୍ରଦୀପ କୁମାର ସାମଲ ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି ଅଭିଯୁକ୍ତ ହିଞ୍ଜିଳିକାଟୁ ଥାନା ଗୋଦରାପଲ୍ଲୀ ଗ୍ରାମର ବାପା ଜଗଦୀଶ ସେଠୀ ଓ ପୁଅ ସୁଦର୍ଶନ ସେଠୀଙ୍କୁ ଆଜୀବନ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି । ସରକାରଙ୍କ ପକ୍ଷରୁ ରମେଶ ଚୌଧୁରୀ ଓ କ୍ୟାଡର ଆଡ଼ିସନାଲ ପିପି ନିହାର ରଞ୍ଜନ ଜେନା ମକଦ୍ଦମା ପରିଚାଳନା କରିଥିଲେ । ସୂଚନାନୁସାରେ, ହିଞ୍ଜିଳିକାଟୁ ଥାନା ଗୋଦାରାପଲ୍ଲୀ ଗ୍ରାମର ପି. ଧର୍ମା ରାଓଙ୍କୁ ଅପହରଣ ପରେ ହତ୍ୟା କରାଯାଇଥିଲା । ଏନେଇ ପି. ଧର୍ମାଙ୍କ ପୁତୁରା ପି. ସୁରେଶ କୁମାର ୨୦୨୧ ମସିହା ନଭେମ୍ବର ୫ ତାରିଖରେ ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗକୁ ଆଧାର କରି ହିଞ୍ଜିଳିକାଟୁ ଥାନା ଏକ ମାମଲା ରୁଜୁ କରିଥିଲେ । ଏହି ମାମଲାର ବିଚାରଣା କରି ଶୁକ୍ରବାର ଛତ୍ରପୁର ଅତିରିକ୍ତ ଜିଲ୍ଲା ଦୌରା ଜଜ ପ୍ରଦୀପ କୁମାର ସାମଲ ଅଭିଯୁକ୍ତ ଜଗଦୀଶ ଓ ସୁଦର୍ଶନଙ୍କୁ ଆଜୀବନ ଜେଲ ଦଣ୍ଡାଦେଶ କରିବା ସହିତ ଉଭୟଙ୍କୁ ୧୦ ହଜାର ଟଙ୍କା ଜରିମାନା ପୈଠ କରିବାକୁ ଏବଂ ଜରିମାନା ଅନାଦେୟ ସ୍ଥଳେ ୬ ମାସ ଅତିରିକ୍ତ ଜେଲ ଦଣ୍ଡାଦେଶ ଭୋଗିବା ପାଇଁ ବିଚାରପତି ତାଙ୍କରି ରାୟରେ ପ୍ରକାଶ କରିଛନ୍ତି ।

## ରାଷ୍ଟ୍ରୀୟ ପୋଷଣ ମାସ ସଚେତନତା

ଦିଗପହଣ୍ଡି,୧୯ ।୯ (ସମିସ): ଦିଗପହଣ୍ଡି ବ୍ଲକ ଆଙ୍କୋରଡା ଗ୍ରାମ ଅଙ୍ଗନବାଡ଼ି କେନ୍ଦ୍ର ୧ର ଜ୍ଞାନ କୋଠରୀରେ ପଞ୍ଚାୟତସ୍ତରୀୟ ରାଷ୍ଟ୍ରୀୟ ପୋଷଣ ମାସ ସଚେତନତା ଅନୁଷ୍ଠିତ ହୋଇଯାଇଛି । ଅଙ୍ଗନବାଡ଼ି ସୁପ୍ରଭାଇଜର ବିଳାସିନୀ ପାଣିଗ୍ରାହୀଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ଖେମୁଣ୍ଡି ଓକିଲ ସଂଘର ପ୍ରାକ୍ତନ ସଭାପତି ହରପ୍ରସାଦ ରଥ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ସୁସ୍ଥ ନାରୀ, ସଶକ୍ତ ପରିବାର ଏବଂ ବିକଶିତ ଭାରତ ଗଠନ ଦିଗରେ ସମସ୍ତଙ୍କୁ ଉପଯୁକ୍ତ ପୋଷଣଯୁକ୍ତ ଖାଦ୍ୟର ଆବଶ୍ୟକତା ରହିଥିବା ବେଳେ ଏଥିପାଇଁ ସବୁ ସ୍ତରରେ ସମ୍ମିଳିତ ଉଦ୍ୟମ କରାଯିବା ଦରକାର ବୋଲି କହିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ 'ସାଧନା' ମହିଳା ସଂଘର ସଭାନେତ୍ରୀ ପି.ବିଜୟଲକ୍ଷ୍ମୀ, ଅଙ୍ଗନବାଡ଼ି କର୍ମୀ ରୋଜି ପ୍ରଧାନ, ଅହଲ୍ୟା ପ୍ରଧାନ, ସରିତା ପ୍ରଧାନ, ବିଦେଶିନୀ ବିଷୋୟୀ, ସୁନିତା ନାହାକ, ସୁନିତା ପାତ୍ର ପ୍ରମୁଖ ସହଯୋଗ କରିଥିଲେ ।

## ଜାତୀୟ ଆୟୁର୍ବେଦ ଦିବସ ପାଳିତ

କୁକୁଡ଼ାଖଣ୍ଡି,୧୯ ।୯ (ସମିସ): ୧୦ତମ ଜାତୀୟ ଆୟୁର୍ବେଦ ଦିବସ ଅାଙ୍କୁଶପୁର ସ୍ଥିତ କବିରାଜ ଅନନ୍ତ ତ୍ରିପାଠୀ ଶର୍ମା ଆୟୁର୍ବେଦିକ କଲେଜ୍‌ରେ ପାଳିତ ହୋଇଯାଇଛି । ଏହି ଅବସରରେ ଆୟୁର୍ବେଦିକ ହସ୍ପିଟାଲ୍, ଅଙ୍କୁଶପୁରଙ୍କ ପକ୍ଷରୁ ସପ୍ତାହ ବ୍ୟାପି ଆୟୋଜିତ ହେବାକୁ ଥିବା ବିଭିନ୍ନ କାର୍ଯକ୍ରମ ଆରମ୍ଭ ହୋଇଯାଇଛି । ସ୍ୱାସ୍ଥ୍ୟ ସଚେତନତା ବ୍ୟାଖ୍ୟାନ, ଜନ ଆନ୍ଦୋଳନ, ଜନ ଭାଗିଦାରୀ, କୁଇଜ୍ ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ଏନେଇ ଅନୁଷ୍ଠିତ ସଭାରେ ଡ଼ା. ଶିବ ପ୍ରସାଦ ରାଉତ, ଡ଼ା. ନିରୋଜ କୁମାର ମିର୍ଧା, ଡ଼ା. ଜିତେନ୍ଦ୍ର କୁମାର ଆଚାର୍ଯ୍ୟ, ଡ଼ା. ସ୍ୱପ୍ନାରାଣୀ ଦୋରା ଓ ବିଦ୍ୟାଳୟର ପ୍ରଧାନାଚାର୍ଯ୍ୟ ଉପସ୍ଥିତ ଥିଲେ । ସମସ୍ତ କାର୍ଯ୍ୟକ୍ରମ କଲେଜ ଅଧ୍ୟକ୍ଷ ପ୍ରଫେସର ଡ଼ା. ଅରୁଣ କୁମାର ଦାସଙ୍କ ସୁଦୃଢ଼ ନେତୃତ୍ୱ ଓ ଦିଗଦର୍ଶନରେ ଅନୁଷ୍ଠିତ ହୋଇଛି ।

## ଜିଲ୍ଲା ପ୍ରକଳ୍ପ ପରିଚାଳନା କମିଟି ବୈଠକ

ଛତ୍ରପୁର,୧୯ ।୯ (ସମିସ): ଦ୍ୱିତୀୟ ତ୍ରୟମାସିକ ଜିଲ୍ଲା ପ୍ରକଳ୍ପ ପରିଚାଳନା କମିଟି ବୈଠକ ଅତିରିକ୍ତ ଜିଲ୍ଲାପାଳ ଡ. ପ୍ରମୋଦ କୁମାର ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ସଭାବନା ସମ୍ମିଳନୀ କକ୍ଷରେ ଶୁକ୍ରବାର ଦିନ ଅନୁଷ୍ଠିତ ହୋଇଯାଇଛି । ଜଳ ବିଭାଜନ ଗଞ୍ଜାମ ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଦୀପ କୁମାର ପଟ୍ଟନାୟକ ସ୍ୱାଗତ କରିବା ସହ ବୈଠକର ଆଭିମୁଖ୍ୟ ବିଷୟରେ ଆଲୋକପାତ କରିଥିଲେ । ଜିଲ୍ଲା ଅର୍ଥ ଓ ପ୍ରଶାସନ ବିଶେଷଜ୍ଞ ନିମାଇଁ ଚରଣ ଦାସ ପ୍ରକଳ୍ପ ପରିଚାଳନା କମିଟିର ଉଦ୍ଦେଶ୍ୟ ଓ ଏହାର ଉପକାରିତା ସମ୍ପର୍କରେ ବୁଝାଇଥିଲେ । କୃଷି ଉତ୍ପାଦନରେ ଉନ୍ନତି, ଖାଦ୍ୟ ପ୍ରଣାଳୀ ଓ କ୍ଷୟ ହୋଇଥିବା ଜମିର ପୁନରୁଦ୍ଧାର ଦ୍ୱାରା ପରିସଂସ୍ଥାନ ସେବା ବଜାୟ ରଖିବା, ଜୈବ ବିବିଧତାକୁ ସମର୍ଥନ କରିବା ଏବଂ କୃଷି ଉତ୍ପାଦକତା ବୃଦ୍ଧି କରିବାରେ କିପରି ସାହାଯ୍ୟ ମିଳିପାରିବ ସେ ସମ୍ପର୍କରେ ବୁଝାଇଥିଲେ । ପୁନରୁଦ୍ଧାର କ୍ଷୟପ୍ରାପ୍ତ ଜମି ଏବଂ ସ୍ଥାୟୀ କୃଷିକୁ ପ୍ରୋତ୍ସାହିତ କରିବା ଦ୍ୱାରା ଜୈବ ବିବିଧତା ଏବଂ ଇକୋ ସିଷ୍ଟମ ସେବାସଂରକ୍ଷଣ କରାଯାଇପାରିବ । କୃଷି ଓ କୃଷକ ସଶକ୍ତିକରଣ ବିଭାଗ ତରଫରୁ ଏହି ପ୍ରକଳ୍ପ ୫ ବର୍ଷ ପାଇଁ କାର୍ଯ୍ୟକ୍ଷମ କରାଯାଉଛି । ଏଥି ନିମନ୍ତେ ୩୦ କୋଟି ୭୪ ଲକ୍ଷ ଟଙ୍କା ବିନିଯୋଗ କରାଯାଉଛି । ଗଞ୍ଜାମ ଜିଲ୍ଲାର ଦିଗପହଣ୍ଡି, ସୋରଡା ଓ କବିସୂର୍ଯ୍ୟନଗର ବ୍ଲକ୍‌ର ୭୨ଟି ପଞ୍ଚାୟତର ୫୯୩ ଟି ଗ୍ରାମରେ ଏହି ପ୍ରକଳ୍ପ କାର୍ଯ୍ୟ କରୁଛି । ୨୦୨୪-୨୫ ଆର୍ଥିକ ବର୍ଷ ଖରିଫ୍ ଓ ରବି ଫସଲ ନିମନ୍ତେ ଏହି ତିନୋଟି ବ୍ଲକ୍‌ର କୃଷକ ମାନଙ୍କର ଅନଲାଇନ୍ ପଞ୍ଜିକରଣ ଶତପ୍ରତିଶତ ପୂରଣ ହୋଇଥିବା ଜଣାଯାଇଛି । ବୈଠକରେ ଜଳସେଚନ ବିଭାଗ, ମୃତ୍ତିକା ସଂରକ୍ଷଣ ବିଭାଗ ଓ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

### ଦାମୀ କାର୍‌ରେ ଆସି ଛେଳି ଚୋରି

# ୨ ଗିରଫ, ୩ ଛେଳି ଉଦ୍ଧାର, କାର୍ ଜବତ

ଖଲ୍ଲିକୋଟ,୧୯ ।୯ (ସମିସ)

ଦାମୀ କାରରେ ଆସି ଛେଳି ଚୋରି କରୁଥିଲେ । ୨ ଜଣଙ୍କୁ ବାନ୍ଧିଲା ପୁଲିସ । ତିନୋଟି ଛେଳି ଜବତ କରି ମାଲିକଙ୍କୁ ହସ୍ତାନ୍ତର କରିବା ସହ ଚୋରିରେ ବ୍ୟବହୃତ ହୋଇଥିବା ସ୍ୱିଫ୍ଟ ଡିଜାଇର ଗାଡ଼ିକୁ ଜବତ କରିଛି । ଗତ କିଛି ଦିନ ହେଲା ଖଲ୍ଲିକୋଟ ଅଞ୍ଚଳରୁ ଛେଳି ଗୋଠରୁ ଛେଳି ଚୋରି ହେଉଥିବା ନେଇ ଖଲ୍ଲିକୋଟ ଥାନାରେ ଅଭିଯୋଗ ହୋଇଥିଲା । ଅଭିଯୋଗ ପରେ ଖଲ୍ଲିକୋଟ ଥାନା କେସ ନମ୍ବର ୭୭୩/୨୦୨୫ ଅନୁଯାୟୀ ମାମଲା ରୁଜୁ କରି ପୁଲିସ ସିସିଟିଭିକୁ ଆଧାର କରି ତଦନ୍ତ



ଆରମ୍ଭ କରିଥିଲା । ତଦନ୍ତ କରି ପୁଲିସ ଅଭିଯୁକ୍ତ ନିକଟରେ ପହଞ୍ଚିଥିଲା । ଛେଳି ଚୋରି କରିଥିବା ଅଭିଯୋଗରେ ବେଗୁନିଆପଡା ଥାନା ଅନ୍ତର୍ଗତ ଲଛିପୁର ଗ୍ରାମର ଗୌତମ ପଲେଇ (୨୯) ଓ ବାଦଲ ପଲେଇ (୨୩)ଙ୍କୁ ପୁଲିସ ଗିରଫ କରିବା ସହ ଚୋରିରେ ବ୍ୟବହାର କରାଯାଇଥିବା କାର ନମ୍ବର ଓଡି୦୭ଏଜେ ୮୪୯୬କୁ ଜବତ କରିଥିଲେ । ଏଥିସହ ଚୋରି ହୋଇଥିବା ୩ଗୋଟି ଛେଳିକୁ ଉଦ୍ଧାର କରି ଛେଳି ମାଲିକ ଡି. ବିଜୟ ପାତ୍ରଙ୍କୁ ହସ୍ତାନ୍ତର କରିଛନ୍ତି ଭେଜିପୁଟ ଫାଣ୍ଡି ଅଧିକାରୀ ଦେବାଶିଷ ମିଶ୍ର ।

## ପନିପରିବା ଫସଲରେ ରୋଗ ପୋକ ଦମନ କର୍ମଶାଳା



ବ୍ରହ୍ମପୁର,୧୯ ।୯ (ସମିସ): କୃଷି ବିଜ୍ଞାନ କେନ୍ଦ୍ର, ଗଞ୍ଜାମ-୨ ଓ ଓଡ଼ିଶା କୃଷି ଏବଂ ବୈଷୟିକ ବିଶ୍ୱବିଦ୍ୟାଳୟ, ସ୍ୱାମୀନାଥନ ଫାଉଣ୍ଡେସନ ମିଳିତ ଆନୁକୂଲ୍ୟରେ ଲଙ୍କା ଫସଲରେ କଳା ଉକୁଣିଆ ପୋକ ଦମନ ସମ୍ବନ୍ଧୀୟ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । କୃଷି ବିଜ୍ଞାନ କେନ୍ଦ୍ର ଗଞ୍ଜାମ-୨ର ମୁଖ୍ୟ ଓ ବରିଷ୍ଠ ବୈଜ୍ଞାନିକ ଡ. ସୁଜିତ୍ କୁମାର ନାଥ ସ୍ୱାଗତ ଭାଷଣ ଦେଇ ଏହି କର୍ମଶାଳାର ଆଭିମୁଖ୍ୟ ସମ୍ବନ୍ଧରେ ଆଲୋକପାତ କରିଥିଲେ । ସ୍ୱାମୀନାଥନ ଗବେଷଣା ଫାଉଣ୍ଡେସନର ପ୍ରଧାନ ବୈଜ୍ଞାନିକ ଡ. ରାଜକୁମାର ଲଙ୍କା ସଭାପତିତ୍ୱ କରି ଫସଲରେ ସମ୍ଭାବ୍ୟ ଉକୁଣିଆ ପୋକ ପରିଚାଳନା ଉପରେ ଗୁରୁତ୍ୱାରୋପ କରିଥିଲେ । ଅନ୍ତର୍ଜାତୀୟ ଗବେଷଣା ସଂସ୍ଥା କ୍ୟାବି'ର କୀଟ ତତ୍ତ୍ୱ ବୈଜ୍ଞାନିକ ଡ. ମାଳବିକା ତିୱାରୀ ପ୍ରଯୁକ୍ତି ବିଦ୍ୟା ଓ ଆଣ୍ଡ୍ରଏଡ ଫୋନର ଉପଯୋଗ କରିବାକୁ ପରାମର୍ଶ ଦେଇଥିଲେ । ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟର ସମ୍ପ୍ରସାରଣ ବିଭାଗର ଉପନିର୍ଦ୍ଦେଶକ ଡ. ସୁଚିସ୍ମିତା ଜେନା ଜିଲ୍ଲାରେ ଲଙ୍କା ଫସଲର ଉତ୍ପାଦନ ବୃଦ୍ଧି କରିବା ନିମନ୍ତେ ବୈଜ୍ଞାନିକ ଜ୍ଞାନ କୌଶଳ ଆପଣେଇବାକୁ ପରାମର୍ଶ ଦେଇଥିଲେ । ମୁଖ୍ୟ ଅତିଥିରୂପେ ଯୋଗ ଦେଇଥିବା ସମ୍ପ୍ରସାରଣ ବିଭାଗର ଯୁଗ୍ମ ନିର୍ଦ୍ଦେଶକ ପ୍ରଫେସର ରବିରତ୍ନ ଦାଶ ପରିବର୍ତ୍ତିତ ଜଳବାୟୁରେ କୃଷି କ୍ଷେତ୍ରରେ ନୂତନ ଜ୍ଞାନକୌଶଳର ପ୍ରୟୋଜନୀୟତା ସମ୍ବନ୍ଧରେ ଉଲ୍ଲେଖ କରିଥିଲେ । ଜିଲ୍ଲାର ବିଭିନ୍ନ ବ୍ଲକରୁ ଗୋଷ୍ଠୀ କୃଷି ଅଧିକାରୀ, ସହକାରୀ ଉଦ୍ୟାନ ଅଧିକାରୀଙ୍କ ସମେତ ବହୁ ଚାଷୀ ଯୋଗ ଦେଇଥିଲେ । ପରେ ଭାରତୀୟ ଉଦ୍ୟାନ କୃଷି ଗବେଷଣା ପରିଷଦ, ବେଙ୍ଗାଲୁରୁରୁ ଆସିଥିବା ପ୍ରଧାନ ବୈଜ୍ଞାନିକ ଡ ନରେଶ ଓ ଡ ବିବେକ ପନିପରିବା ଚାଷର ଅତ୍ୟାଧୁନିକ ଜ୍ଞାନ କୌଶଳ ଉପରେ ସବିଶେଷ ଆଲୋଚନା କରିଥିଲେ । ଏ ଅବସରରେ ପୁରୁଷୋତ୍ତମପୁର ବନାବୋଇ ଗ୍ରାମର ଆଗୁଆ ଚାଷୀ ମହନ୍ତର ମହାନ୍ତିଙ୍କୁ କୃଷକ ଉପଦେଷ୍ଟା ଭାବେ ସମ୍ମାନିତ କରାଯାଇଥିଲା । ପରିଶେଷରେ ସ୍ୱାମୀନାଥନ ଫାଉଣ୍ଡେସନ ଗବେଷଣା ସହଯୋଗୀ ରବୀନ୍ଦ୍ର ବେହେରା ଧନ୍ୟବାଦ୍ ପ୍ରସ୍ତାବ ଦେଇଥିଲେ । ବୈଜ୍ଞାନିକ ସନ୍ଦୀପ ମହାନ୍ତି ପରିଚାଳନା କରିଥିଲେ ।

## ୨୧ରୁ ମା' କାଳୁଆ ଯାତ୍ରା



ବ୍ରହ୍ମପୁର,୧୯ ।୯ (ସମିସ): ଗୋଷାଣୀନୂଆଗା ସ୍ଥିତ ବଡ଼ ସାହିରେ ମା' କାଳୁଆ ଯାତ୍ରା କମଟି ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଆସନ୍ତା ୨୧ତାରିଖଠାରୁ ମା' କାଳୁଆଙ୍କ ପ୍ରସିଦ୍ଧ ଯାତ୍ରା ଆରମ୍ଭ ହୋଇ ଅକ୍ଟୋବର ୬ତାରିଖରେ ଶେଷ ହେବ । ମା' ରହଣି କରିବା ଦିନ ମାନଙ୍କରେ ବହୁ କାର୍ଯ୍ୟକ୍ରମ ଥିବା ଏଠାରେ କୁହାଯାଇଛି । ଶାନ୍ତି ଶୃଙ୍ଖଳାର ସହିତ ଯାତ୍ରା ସମାପନ ଲାଗି କମିଟି ଗୁରୁତ୍ୱ ଦେଇଛି । ଯାତ୍ରା ଉପଲକ୍ଷେ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ସମ୍ପର୍କରେ ଆଲୋଚନା କରାଯାଇଛି । ୨୧ତାରିଖ ରାତ୍ର ୧.୫୨ଘଣ୍ଟ ସମୟରେ ମା' କାଳୁଆଙ୍କୁ ବାପ ଘରକୁ ଆସିକାବୁ ନିମନ୍ତ୍ରଣ କରାଯିବ । ଏକ ପଟୁଆର ମାଧ୍ୟମରେ ବାହାରି ମା' ଗ୍ରାମ ପରିକ୍ରମା କରି ଅସ୍ଥାୟୀ ପୀଠକୁ ଆସିବେ । ଦୈନନ୍ଦିନ ନୀତିରେ ଉଦୟ ଶଙ୍ଖ, ମାର୍ଜଣା, ମଙ୍ଗଳ ଆଳତି, ବାଳ ଭୋଗ, ମଧ୍ୟାହ୍ନ ପହଡ଼, ସନ୍ଧ୍ୟା ଆଳତି ଓ ଶାନ୍ତି ପାଠ ସମେତ ବିଭିନ୍ନ କାର୍ଯ୍ୟ ସେବା ଲାଗି ସମୟ ଧାର୍ଯ୍ୟ ହୋଇଛି । ଯାତ୍ରାର ପ୍ରଥମ ଦିନ ମହାଳୟା ଅମାବାସ୍ୟା ଶ୍ରୀ ମା' କାଳୁଆ ଗ୍ରାମକୁ ରାତ୍ର ବିଜେ କରିବେ କାର୍ଯ୍ୟକ୍ରମର ରହିଛି । ଏହି ପରଦିନ ଠାରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ହେବା ସହ ସାଜସଜ୍ଜା ଆଦିରେ ଅଞ୍ଚଳ ଝଲସି ଉଠିବ । ମା'ଙ୍କ ପର୍ଯ୍ୟାବତର୍ତ୍ତନ ଦିନ ୧.୫୨ମିନିଟ ସମୟରେ ବଡ଼ସାହି ମଣ୍ଡପରୁ ବାହାରି ଗ୍ରାମ ପରିକ୍ରମା କରିବେ ଓ ମୂଳ ପୀଠକୁ ଗମନ କରିବେ । ସାମ୍ବାଦିକ ସମ୍ମିଳନୀରେ ମା' କାଳୁଆ ଯାତ୍ରା ପୂଜା କମିଟିର ସଭାପତି ଜଗନ୍ନାଥ ଚୌଧୁରୀ, କର୍ପୋରେଟର ନୀଳକଣ୍ଠ ସାହୁ, କୃଷ୍ଣ ପାଢ଼ୀ, ରତ୍ନ ପଣ୍ଡା, ହେମନ୍ତ ପଣ୍ଡାଙ୍କ ସମେତ ଟିପିଏସଓଡ଼ିଏସ ଓ ଗୋଷାଣିଥାନା ଅଧିକାରୀଙ୍କ ସହ ବହୁ ସଦସ୍ୟ ଉପସ୍ଥିତ ଥିଲେ ।

## ଇଣ୍ଟରନେଟ୍ ଯୁଗରେ ସାହିତ୍ୟ ପ୍ରତି ବିତୃଷ୍ଣା ଯୁବପିଢ଼ି



ରମ୍ଭା,୧୯ ।୯ (ସମିସ): ସ୍ଥାନୀୟ ସାନ ରାମଚନ୍ଦ୍ର ପୁର ପଞ୍ଚାୟତ ଅଧିନସ୍ଥ ମଧୁରଚୁଆ ମଣିଶଙ୍କର ଶୈବ ପୀଠରେ ଭୁବନୀ ଯୁଝାର ସିଂହ ସ୍ମୃତି ସଂସଦ ଆନୁକୂଲ୍ୟରେ ଚନ୍ଦ୍ରଶେଖର ନାୟକଙ୍କ ସଭାପତିତ୍ୱରେ ବହୁ ପୁରାତନ ୩ପୁସ୍ତକ ଉନ୍ମୋଚନ ଓ କବିତା ଆସର ଅନୁଷ୍ଠିତ ହୋଇଯାଇଛି । ସଂଯୋଜନା ଡ଼. ରବୀନ୍ଦ୍ର କୁମାର ନାୟକଙ୍କ ଦ୍ୱାରା କରାଯ ।ଇଥିବା ବେଳେ ଅନେକ ପୁସ୍ତକ ଝରା ଶେଫାଳି ରଚିତ ସବିତା ରାଣୀ ରଥ ଓ ପ୍ରକାଶକ ବିଶ୍ୱନାଥ ରଥଙ୍କ ମଧ୍ୟ ପୁସ୍ତକ ଉନ୍ମୋଚନ ହୋଇଥିଲା । ଇଣ୍ଟରନେଟ ଯୁଗରେ ଯୁବ ପିଢ଼ି ସାହିତ୍ୟ ଆଗ୍ରହ ପ୍ରତି କମିଗଲାଣି ବୋଲି ବକ୍ତାମାନେ କହିଥିଲେ । ଦକ୍ଷିଣ ଓଡିଶା ସାହିତ୍ୟ ମହାସଚିବ ଦଣ୍ଡପାଣି ମହାପାତ୍ର (ମୁଖ୍ୟ ଅତିଥି), ପୁରୀ ଜଗନ୍ନାଥ ସଂସ୍କୃତି ଗବେଷକ ଦୁର୍ଗାପ୍ରସାଦ ଦାଶ(ମୁଖ୍ୟ ବକ୍ତା), ପୁରୀ ନୀଳାଞ୍ଚଳ ସଂସ୍କୃତି ପରିଷଦ ପୂର୍ଣ୍ଣଚନ୍ଦ୍ର ବେହେରା(ସମ୍ମାନିତ ଅତିଥି), ସୁବାଷ ଚନ୍ଦ୍ର ପଣ୍ଡା, ଡ଼. ଲକ୍ଷ୍ମୀନାରାୟଣ ପଣ୍ଡା,ବାନାମ୍ବର ପଲେଇ ଏବଂ ଉପସ୍ଥାପକ ଭାବେ ଶ୍ରୀଜଗନ୍ନାଥ ଡିଗ୍ରୀ ମହାବିଦ୍ୟାଳୟ ରମ୍ଭା ଅଧ୍ୟକ୍ଷ ଅଭିମନ୍ୟୁ ସାହୁ, ପ୍ରମୁଖ ଉପସ୍ଥିତ ରହିଥିଠେ । ଡ଼. ରବୀନ୍ଦ୍ର କୁମାର ନାୟକ, କେଲୁ ଚରଣ ନାହାକ, ଲକ୍ଷ୍ମଣ ନାହାକ ଏବଂ ସହଯୋଗରେ ବିଜୟ କୁମାର ନାୟକ, ହରି ଶଙ୍କର ନାୟକ, ରତ୍ନାକର ନାହାକ,ରାମଚନ୍ଦ୍ର ନାୟକ, ଉପେନ୍ଦ୍ର ନାହାକ,ରଞ୍ଜିତ ନାହାକ, ପ୍ରକାଶ ଚନ୍ଦ୍ର ନାହାକ, ଭୁବନୀ ଯୁଝାର ସିଂହ ସ୍ମୃତି ସଂସଦ ପାରିବାରବର୍ଗ ଏବଂ ମଧୁରଚୁଆ ଗ୍ରାମବାସୀବୃନ୍ଦ ଶିବିର ପରିଚାଳନା କରିଥିଲେ ।

## ନିଷ୍ଟ ବିଶ୍ୱବିଦ୍ୟାଳୟରେ ଆଞ୍ଚଳିକ ଶିବିର 'ସ୍ୱାର୍କ'

ବ୍ରହ୍ମପୁର,୧୯ ।୯ (ସମିସ): ଷ୍ଟାର୍ଟ-ଅପ ଓଡ଼ିଶା ଦ୍ୱାରା ନିଷ୍ଟ ବିଶ୍ୱବିଦ୍ୟାଳୟରେ ଆଞ୍ଚଳିକ ଶିବିର "ସ୍ୱାର୍କ" ଆୟୋଜିତ ହୋଇଯାଇଛି । ଏଥିରେ ଷ୍ଟାର୍ଟ-ଅପ୍, ଆକାଂକ୍ଷୀ ଉଦ୍ୟୋଗୀ, ଛାତ୍ର ଏବଂ ଅଧ୍ୟାପକମାନେ ଏଥିରେ ଅଂଶଗ୍ରହଣ କରିଥିଲେ । ଉଦଘାଟନୀ ଅଧିବେଶନରେ କୁଳପତି ଡ଼. ପ୍ରିୟଦର୍ଶନ ପାତ୍ର ବାଣିଜ୍ୟ ପାଇଁ ଉଦ୍ୟୋଗୀତା ଏବଂ ଆନ୍ତର୍ଜାତୀୟ ସଂଯୋଗ ବିଷୟରେ ଆଲୋଚନା କରିଥିଲେ । ଉଦ୍ୟୋଗୀତାକୁ ତୀବ୍ର କରିବା ପାଇଁ ଆନ୍ତଃ-ପ୍ରତିଷ୍ଠା ସମ୍ପର୍କ ଏବଂ ଶିଳ୍ପ-ଶିକ୍ଷାଗତ ସମ୍ପର୍କର ଗୁରୁତ୍ୱ ଉପରେ ମତବ୍ୟକ୍ତ କରିଥିଲେ । ଷ୍ଟାର୍ଟଅପ୍ ଓଡ଼ିଶାର ମୁଖ୍ୟ ପ୍ରଶାସନିକ ଅଧିକାରୀ କମଲଜିତ ଦାସ ଷ୍ଟାର୍ଟ-ଅପ୍‌ଗୁଡ଼ିକୁ ସମର୍ଥନ କରିବା ପାଇଁ ଥିବା ବିଭିନ୍ନ ଯୋଜନା ବିଷୟରେ ଉଲ୍ଲେଖ କରିଥିଲେ । ନିଷ୍ଟ ବିଶ୍ୱବିଦ୍ୟାଳୟର ପରାମର୍ଶଦାତା ବୋର୍ଡର ସଦସ୍ୟ ଅରୁଣ କୁମାର ରଥ ତୃଣମୂଳ ସ୍ତରରେ ଉଦ୍ୟୋଗୀତାକୁ ସକ୍ଷମ କରିବା ପାଇଁ ବିଶ୍ୱବିଦ୍ୟାଳୟ ଏବଂ ଏହାର ଆଉଟରିଚ୍ ଦଳ ଦ୍ୱାରା ନିର୍ବାହ କରାଯାଉଥିବା ଭୂମିକା ଉପରେ ଆଲୋକପାତ କରିଥିଲେ । ଉଦ୍ୟୋଗୀ ଏବଂ ଷ୍ଟାର୍ଟଅପ୍ ପ୍ରଶିକ୍ଷକ ସନ୍ତୋଷ କୁମାର ତ୍ରିପାଠୀ ଏକ ଷ୍ଟାର୍ଟଅପ୍ ଗଠନ ଉପରେ ଏକ ଜ୍ଞାନକୌଶଳ ଅଧିବେଶନ ପ୍ରଦାନ କରିଥିଲେ । ଶେଷରେ ଭାରପ୍ରାପ୍ତ କୁଳସଚିବ ଡ଼. ବିଷ୍ଣୁକର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଏମ ଅଭିଲାଶ ରାଓ, ପ୍ରଲିପ୍ତା ମହାନ୍ତି, ଲିପ୍ସା ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସାନ୍ତୋଷ କୁମାର ତ୍ରିପାଠୀ ଏବଂ ଶିବଙ୍କିତ ଦାସ ସହଯୋଗ କରିଥିଲେ । କାର୍ଯ୍ୟକ୍ରମରେ ଡ଼. ସୁଶାନ୍ତ କୁମାର ସାହୁ, ଡ଼. ସଂଦୀପନ ମଲ୍ଲିକ, ଡ଼. ପ୍ରୀତି ରଞ୍ଜନ ସାହୁ, ଡ଼. ରତିକାନ୍ତ ନାୟକ, ଡ଼. ଅଶ୍ୱିନୀ ଖୁଣ୍ଟିଆ ପ୍ରଭାସ ରାଜ ପାଣିଗ୍ରାହୀ, ଡ଼. ବରଦା ପ୍ରସାଦ ସେଠୀ, ପ୍ର. ସରୋଜ ପାଢ଼ୀ, କେ ଦାମୋଦର ରାଓ, ପିତାମ୍ବର ସାହୁ, ସୁରେଶ ମହାପାତ୍ର, ପ୍ରତାପ ମହାନ୍ତି, ସୌମ୍ୟା ମୁଦୁଲି ଏବଂ ଛାତ୍ର ସ୍ୱେଚ୍ଛାସେବୀମାନେ ସହଯୋଗ କରିଥିଲେ ।

## ଶିକ୍ଷାବିତ୍ ସୀତାରାମ ଷଡ଼ଙ୍ଗୀଙ୍କ ପରଲୋକ



ବ୍ରହ୍ମପୁର,୧୯ ।୯ (ସମିସ): ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ତଥା ଲେଖକ ସୀତାରାମ ଷଡ଼ଙ୍ଗୀ(୮୩) ଶୁକ୍ରବାର ମୃତ୍ୟୁ ବରଣ କରିଛନ୍ତି । ଧରି ଭୁବନେଶ୍ୱରର ଏକ ଘରୋଇ ଡ଼ାକ୍ତରଖାନାରେ ଚିକିତ୍ସିତ ହୋଇ ଘରକୁ ଫେରିବା ପରେ ହୃଦଘାତରେ ମୃତ୍ୟୁ ହୋଇଛି । ମୃତ୍ୟୁ ପରେ ତାଙ୍କର ଦୁଇ ଚକ୍ଷୁକୁ ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲକୁ ଦାନ କରାଯାଇଥିଲା । ମେଡିକାଲ କଲେଜ ଚକ୍ଷୁ ବିଭାଗ ପକ୍ଷରୁ ଡା. ସୌମ୍ୟାଶ୍ରୀ ପ୍ରିୟଦର୍ଶିନୀ ଓ ଡା. ରାଜଲକ୍ଷ୍ମୀ ସାହୁ ସୀତାରାମ ଷଡ଼ଙ୍ଗୀଙ୍କ ଚକ୍ଷୁ ସଂଗ୍ରହ କରିଥିଲେ । ସ୍ୱର୍ଗତ ସୀତାରାମ ଷଡ଼ଙ୍ଗୀ ଚାକିରି ଜୀବନରେ ବିଭିନ୍ନ ବିଦ୍ୟାଳୟରେ ଶିକ୍ଷକତା କରି ଜଣେ ଆଦର୍ଶ ଶିକ୍ଷକ ଭାବେ ଛାତ୍ରଛାତ୍ରୀଙ୍କ ପ୍ରିୟଭାଜନ ହୋଇପାରିଥିଲେ । ସେ ବହୁ ପୁସ୍ତକ ରଚନା କରିଥିଲେ । ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କର ପୁଅ ବାମପନ୍ଥୀ ନେତା ତଥା ସ୍ତମ୍ଭକାର ଭାଲଚନ୍ଦ୍ର ଷଡ଼ଙ୍ଗୀ, ହୟଗ୍ରୀବ ଷଡ଼ଙ୍ଗୀ, ଦୁଇଭାଇ ଉମାଚରଣ ଷଡ଼ଙ୍ଗୀ, ନୃସିଂହାନନ୍ଦ ଷଡ଼ଙ୍ଗୀ, ନାତି ଆଶୁତୋଷ, ଦେବଦର୍ଶୀ, ଦେବାଶିଷ ଉପସ୍ଥିତ ଥିଲେ । ସ୍ୱର୍ଗତ ଶ୍ରୀ ଷଡ଼ଙ୍ଗୀ ମୃତ୍ୟୁ ଖବର ପାଇ ସହରର ଅନେକ ବୁଦ୍ଧିଜୀବୀ, ସାମାଜିକ କର୍ମୀ ଓ ରାଜନୈତିକ କର୍ମୀ ପହଞ୍ଚି ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ।

## ମୁଖ୍ୟମନ୍ତ୍ରୀଙ୍କୁ ଶିକ୍ଷକ ସଙ୍ଘର ଦାବିପତ୍ର

ପୋଲସରା,୧୯ ।୯ (ସମିସ): ପୋଲସରା ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଶିକ୍ଷକଙ୍କ ବିଭିନ୍ନ ସମସ୍ୟାକୁ ନେଇ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ନୂଆ ସରକାର ଆସିବା ପରେ ଶିକ୍ଷକ ମାନଙ୍କ ସମସ୍ୟା ସମାଧାନ ଲାଗି ପ୍ରତିଶ୍ରୁତି ଦେଇଥିଲେ । କିନ୍ତୁ ସରକାର ଗଠନ ହେବାର ୧୫ମାସ ବିତି ଯାଇଥିଲେ ମଧ୍ୟ ସରକାର ବିଭିନ୍ନ ଆଳ ଦେଖାଇ ସମୟ ଗଡ଼ାଇ ଚାଲିଥିବା କ୍ଷୋଭର କହିଛନ୍ତି ଶିକ୍ଷକ ସଙ୍ଘ । ଦାବି ଗୁଡ଼ିକ ମଧ୍ୟରେ ରହିଛି ପ୍ରାଥମିକ ଶିକ୍ଷାରୁ ସ୍କିମାଟିକ ନିଯୁକ୍ତି ଉଚ୍ଛେଦ କରି ସ୍କିମାଟିକ ଶିକ୍ଷକ ମାନଙ୍କୁ ନିୟମିତ କରାଯିବା, ଶିକ୍ଷା ସହାୟକ ଓ କନିଷ୍ଠ ଶିକ୍ଷକଙ୍କ ୬ ବର୍ଷର କାର୍ଯ୍ୟକାଳକୁ ୬ଟି ନ୍ୟାସନାଲ ଇନକ୍ରିମେଣ୍ଟ ଦେଇ ମୂଳ ଚାକିରୀରେ ଗଣନା କରାଯିବା, ସମସ୍ତ ଲେବେଲ ଭି (ଏ ) ପ୍ରାଥମିକ ଶିକ୍ଷକ ମାନଙ୍କୁ କେନ୍ଦ୍ରୀୟ ହାରରେ (୩୫ହଜାର ୪୦୦) ଦରମା ପ୍ରଦାନ ଭଳି ଦାବି ରହିଛି । ଏଥିସହ ଆସନ୍ତା ୨୦ ତାରିଖରେ ପୁଣି ବିଧାନସଭା ଆଗରେ ଆନ୍ଦୋଳନ କରିବା ଲାଗି ସଂଘ ନିଷ୍ପତ୍ତି ନେଇଛି । ଦାବିପତ୍ର ପ୍ରଦାନ ସମୟରେ ପ୍ରାଥମିକ ଶିକ୍ଷକ ସଂଘ ପୋଲସରା ସଭାପତି ସନ୍ୟାସୀ ସାହୁ, ଉପସଭାପତି ତ୍ରିଲୋଚନ ପାତ୍ର, ସମ୍ପାଦକ ଦିଲ୍ଲୀପ କୁମାର ସେଠୀ, ଯୁଗ୍ମ ସମ୍ପାଦକ କୁଳମଣି ସାହୁଙ୍କ ସମେତ ସଂଘର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ ।

# ଗଞ୍ଜାମ ଜିଲ୍ଲା ଘରୋଇ ବସ ମାଲିକ ସଂଘର ବୈଠକ

ବ୍ରହ୍ମପୁର,୧୯ ।୯ (ସମିସ)



ସ୍ଥାନୀୟ ଇଂଜିନିୟରିଂ ସ୍କୁଲ ଛକଠାରେ ଥିବା ରାଜସ୍ୱ ଡାକବଙ୍ଗଳା ସମ୍ମିଳନୀ କକ୍ଷରେ ଗଞ୍ଜାମ ଜିଲ୍ଲା ଘରୋଇ ବସ ମାଲିକ ସଂଘର ଏକ ବୈଠକ ଅନୁଷ୍ଠିତ ହୋଇଛି । ସଂଘର ଉପସଭାପତି ଅତନୁ କୁମାର ବେହେରା ଏଥିରେ ଅଧ୍ୟକ୍ଷତା କରିଥିଲେ । ଗେଟବଜାର ଠାରେ ଫ୍ଲାଇଓଭରବ୍ରିଜ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ଉକ୍ତ ଦେଇ ଯାତାୟତ କରୁଥିବା ଯାନବାହନର ଗତିପଥ ପରିବର୍ତ୍ତନ ନେଇ ଫାଷ୍ଟଗେଟ ସ୍ଥିତ ଅସ୍ଥାୟୀ ବସଷ୍ଟାଣ ନିର୍ମାଣ କାର୍ଯ୍ୟାରମ୍ଭ ଚାଲୁ ରହିଛି । ଅସ୍ଥାୟୀ ବସଷ୍ଟାଣ କାର୍ଯ୍ୟକ୍ଷମ ହେବା ପରେ ଆସ୍କାରୋଡ ଦେଇ ଆସୁଥିବା ସମସ୍ତ ଯାନାବହନ ସଂପୂର୍ଣ୍ଣ ଭାବେ ବନ୍ଦ ହେବ ଏବଂ ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ ହେବ । ଆସ୍କାରୋଡ ଦେଇ ଆସୁଥିବା ଯାନାବହାନ ନେଇ କୌଣସି ସମସ୍ୟା ନଥିବା ବେଳେ ଗୋଷାରୀନୂଆଗାଁ ଆଉ ଇଂଜିନିୟରଓ ସ୍କୁଲ ଦେଇ ଆସୁଥିବା ଯାନାବାହନର ଯାତାୟତ ରୂପରେଖ କଣ ହେବ ସେନେଇ ପ୍ରଶାସନ ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ରୂପରେଖ ପ୍ରସ୍ତୁତ ହୋଇନଥିଲେ ସୁଧା ମିଳିଥିବା ତଥ୍ୟନୁଯାୟୀ ନୂଆବସଷ୍ଟାଣକୁ ସଂପୂର୍ଣ୍ଣ ଭାବେ ବନ୍ଦ କରି ହଳଦିଆପଦର ବସଟର୍ମିନାଲକୁ ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବା ନେଇ ଯୋଜନା କରାଯାଉଥିବା ସଂଘ ପକ୍ଷରୁ କୁହାଯାଇଛି । ଗୋଷାଣୀନୂଆଗାଁ ଓ ଇଂଜିନିୟରିଂ ସ୍କୁଲ ରାସ୍ତା ଦେଇ ଆସୁଥିବା କଟକ, ଭୁବନେଶ୍ୱର ସମେତ ଗଞ୍ଜାମର କେତକ ବ୍ଲକ ଆଉ ଆନ୍ଧ୍ରର ସମସ୍ତ ବସ ଗୁଡିକ ବର୍ତ୍ତମାନ ଯେପରି ନୂଆବସଷ୍ଟାଣ୍ଡ ଆସି ନିଜନିଜ ଗନ୍ତବ୍ୟପଥରେ ଯାତାୟତ କରୁଛି ଆଗାମୀ ଦିନରେ ମଧ୍ୟ ସେଭଳି ଭାବେ କାର୍ଯ୍ୟକାରୀ ହେଲେ ସଂଘ ବହୁତ ଉପକୃତ ହେବ ବୋଲି ବୈଠକରେ ଆଲୋଚନା ହୋଇଥିଲା । ସେହିରପରି ମା'ତରାତାରିଣୀଙ୍କ ଦର୍ଶନ ପାଇଁ ଭକ୍ତଙ୍କ ନିମନ୍ତେ ପ୍ରଶାସନ ପକ୍ଷରୁ ୭ଟି ବସ ବ୍ୟବସ୍ଥା କରାଯାଇଛି । ଏହାର ପରିଚାଳନା ନେଇ ଘରୋଇ ସଂସ୍ଥାକୁ ଦାୟିତ୍ୱ ଦାୟିତ୍ୱ ଦିଆଯାଇଥିବା ବେଳେ ପ୍ରଶାସନ ପକ୍ଷରୁ ହୋଇଥିବା ଟେଣ୍ଡର ପ୍ରକ୍ରିୟାରେ ଅନିୟମିତତା ରହିଥିବା ସଂଘ ଦାବି କରିଛି । ଟେଣ୍ଡର ହାତେଇଥିବା ସଂସ୍ଥା ପ୍ରଶାସନ କିମ୍ବା ଆରଟିଓର ବିନା ଅନୁମତିରେ ମନଇଛା ଦର ବୃଦ୍ଧି କରି ଭକ୍ତଙ୍କ ଠାରୁ ଟଙ୍କା ଆଦାୟ କରୁଥିବା ଦାବି ହୋଇଛି । ବୈଠକରେ ସମ୍ପାଦକ ସୁବାସ ଚନ୍ଦ୍ର ପଟ୍ଟନାୟକ ଓ ଆଞ୍ଚଳିକ ସମ୍ପାଦକ ଅକ୍ଷୟ କୁମାର ପାଣିଗ୍ରାହୀ ଅନ୍ୟମାନେ ଉପସ୍ଥିତ ଥିଲେ ।

## ଗୋପାଳନ ଯୋଜନାରେ ପ୍ରିୟାପ୍ରୀତି ଅଭିଯୋଗ

କାଶୀନଗର,୧୯।୯ (ସମିସ): ଗଜପତି ଜିଲ୍ଲା କାଶୀନଗରରେ ଗୋପାଳନ ଯୋଜନା ଠିକ୍ ଭାବେ କାର୍ଯ୍ୟକାରୀ ହେଉ ନାହିଁ । ହିତାଧିକାରୀ ଚାଷୀ ଏ କ୍ଷେତ୍ରରେ ପ୍ରିୟାପ୍ରୀତି ତୋଷଣ ଚାଲିଥିବା ଅଭିଯୋଗ କରିଛନ୍ତି । ସେମାନଙ୍କ କହିବା ଅନୁଯାୟୀ ବହୁ ପଛରେ ପ୍ରକଳ୍ପ ପାଇଁ ଆବେଦନ କରିଥିବା ଚାଷୀଙ୍କୁ ମଞ୍ଜୁରୀ ମିଳୁଥିବା ବେଳେ ଜାନୁଆରୀରେ ଆବେଦନ କରିଥିବା ଚାଷୀଙ୍କୁ ଏଯାଏଁ ମଞ୍ଜୁରୀ ମିଳିନାହିଁ । ଶୁକ୍ରବାର ଦିନ ଘାସ ଉତ୍ପାଦନ ତାଲିମ ଦେବାକୁ ମାତ୍ର ୨୦ ଜଣ ଚାଷୀଙ୍କୁ ଡକା ଯାଇଥିଲା । ତାଲିମ ପ୍ରଦାନ ଅବସରରେ ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ ବିଦ୍ୟୁତ ଶେଖର ମିଶ୍ର , ସହକାରୀ ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ ଶ୍ରବଣ ଆଚାର୍ଯ୍ୟ , ଏଡବ୍ଲୁଓ ଶୁଭଙ୍କର ସେଠୀ ଓ କାଶୀନଗର ପ୍ରାଣୀ ଚିକିତ୍ସାଳୟର ଭାରପ୍ରାପ୍ତ ଆସିଷ୍ଟାଣ୍ଟ ସର୍ଜନ୍ ଆକାଶ କୁମାର ପଣ୍ଡା ଉପସ୍ଥିତ ଥିଲେ । ମାତ୍ର ୨୦ ଜଣ ଚାଷୀଙ୍କୁ କାହିଁକି ତାଲିମ ଦିଆ ଯାଉଛି ବୋଲି ସାମ୍ବାଦିକମାନଙ୍କ ପ୍ରଶ୍ନର ଉତ୍ତରରେ ଗାଇଡ଼ଲାଇନ୍ ଅନୁସାରେ ହିଁ ଏପରି କରାଯାଇଛି ବୋଲି ଅଧିକାରୀ କହିଛନ୍ତି । କାଶୀନଗର ଓ ବ୍ଲକରେ ଥିବା ହଜାର ହଜାର ଚାଷୀଙ୍କୁ ତାଲିମ କାର୍ଯ୍ୟକ୍ରମରେ କାହିଁକି ସାମିଲ କରାନ ଯାଇ କେବଳ ୨୦ଜଣ ଚାଷୀଙ୍କୁ ତାଲିମ ଦିଆଯାଇଛି ସେ ସମ୍ପର୍କରେ କେହି ଅଧିକାରୀ ପାଟି ଖୋଲୁନାହାନ୍ତି । ସହକାରୀ ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ ଶ୍ରୀ ଆଚାର୍ଯ୍ୟ ଜାନୁଆରୀରେ ଆବେଦନ କରିଥିବା ଚାଷୀଙ୍କୁ ମଞ୍ଜୁରୀ ମିଳି ନଥିବାକୁ ନେଇ ଉଠିଥିବା ପ୍ରଶ୍ନର କୌଣସି ସନ୍ତୋଷଜନକ ଉତ୍ତର ଦେଇପାରି ନଥିଲେ । କାଶୀନଗର ନିକଟସ୍ଥ ଅଞ୍ଚଳରେ ୭ଜଣ ଗୋପାଳନ ଚାଷୀ ଏହି ଯୋଜନା ନିମନ୍ତେ ଜାନୁୟାରୀ ମାସରେ ଆବେଦନ କରିଥିଲେ । କିଛି ଦିନ ପୂର୍ବେ ହାଡୁଭାଙ୍ଗି ଅଞ୍ଚଳର ଜଣେ ଚାଷୀ ଆବେଦନ କରିବା ଅଳ୍ପ ଦିନରେ କିପରି ଏହି ଯୋଜନାରେ ସାମିଲ କରାଗଲା ତାହା ଏବେ ଚର୍ଚ୍ଚାର ବିଷୟ ପାଲଟିଛି । ଚାଷୀ ଉକ୍ତ ବିଷୟ ନେଇ ସହକାରୀ ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀଙ୍କୁ ପଚାରିଲେ ଆପଣ ମାନେ ଜାନୁଆରୀ ମାସରେ ଆବେଦନ କରିଥିଲେ । ବର୍ତ୍ତମାନ ଇଚ୍ଛୁକ ଅଛନ୍ତି ନା ନାହିଁ ତାହା ଜଣାପଡୁନାହିଁ ସେଥି ପାଇଁ ଦିଆଗଲା ନାହିଁ ବୋଲି ଉତ୍ତର ଦେଇଛି । ଅନ୍ୟପକ୍ଷରେ ଆବେଦନ କରିଥିବା ଚାଷୀ ଆଠ ମାସ ଧରି ପ୍ରତ୍ୟେକ ଦିନ କାଶୀନଗର ପ୍ରାଣୀ ଚିକିତ୍ସା କେନ୍ଦ୍ର ଅଧିକାରୀଙ୍କୁ ଭେଟି ଉକ୍ତ ଯୋଜନା ବିଷୟରେ ପଚାରି ବୁଝିଥିବା କହିଛନ୍ତି । ସହକାରୀ ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ ଚାଷୀଙ୍କୁ ସେଥିପାଇଁ ଅପେକ୍ଷା କରିବାକୁ ପଡିବ ବୋଲି କହିଥିବା ବେଳେ ବଞ୍ଚିତ ଚାଷୀମାନେ ଆଉ କେତେ ମାସ ନା ଆଉ କେତେ ବର୍ଷ ଅପେକ୍ଷା କରିବା ପାଇ ହେବ ବୋଲି ପ୍ରଶ୍ନ କରିଥିଲେ । ଏହିପରି ଅବହେଳା ଯୋଗୁଁ ବହୁ ଚାଷୀ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଛି । ଗୋପାଳନ ଯୋଜନା କାର୍ଯ୍ୟକାରୀ କରିବା କ୍ଷେତ୍ରରେ ପ୍ରିୟାପ୍ରୀତି ତୋଷଣ ଚାଲିଥିବା ଅଭିଯୋଗ ଭିତ୍ତିହୀନ ନୁହେଁ ବୋଲି କହିବା ସହ ପ୍ରାବଧାନ ଥିଲେ ବି ଗଜପତି ଜିଲ୍ଲାରେ କେଉଁଠି ସରକାରୀ ଜମିରେ ଗୋଶାଳା ନିର୍ମାଣ ହୋଇ ପାରି ନଥିବାକୁ ନେଇ ବୁଦ୍ଧିଜୀବୀ କ୍ଷୋଭ ପ୍ରକାଶ କରିଛନ୍ତି । ଉକ୍ତ ବିଭାଗର କାର୍ଯ୍ୟରତ ଅଧିକାରୀଙ୍କ ଅବହେଳା ଯୋଗୁଁ ବହୁ ଚାଷୀ ବିଭିନ୍ନ ଯୋଜନାରୁ ବଞ୍ଚିତ ହେଉଥିବା ଅଭିଯୋଗ ହୋଇଛି । ଏଥିପ୍ରତି ଜିଲ୍ଲା ପ୍ରଶାସନ ପକ୍ଷରୁ ଦୃଢ ପଦକ୍ଷେପ ନେବା ନେଇ ସାଧାରଣ ଦାବି ହେଉଛି ।

# ଧବଳମୁଖୀ ବେଶରେ ଦର୍ଶନ ଦେବେ ମା' ସମଲେଇ



**୨୧ ମହାଳୟାଠାରୁ ୨୩ ମଧ୍ୟାହ୍ନ ପର୍ଯ୍ୟନ୍ତ ଅଢ଼େଇ ଦିନ**

ସମ୍ବଲପୁର, ୧୯।୯ (ସମିସ): ଆସନ୍ତା ୨୧ତାରିଖରେ ପଶ୍ଚିମ ଓଡ଼ିଶାର ଅଧିଷ୍ଠାତ୍ରୀଦେବୀ ମା' ସମଲେଶ୍ୱରୀଙ୍କ ଧବଳମୁଖୀ ବେଶ ପାଇଁ ନୀତିନିର୍ଘଣ୍ଟ ଧାର୍ଯ୍ୟ ହୋଇଛି। ଧବଳମୁଖୀ ବେଶରେ ମା'ଙ୍କୁ ଦର୍ଶନ କଲେ କୋଟି ପୁଣ୍ୟ ଅର୍ଜନ କରିବା ସହ ଗଙ୍ଗା ଦର୍ଶନ ହୋଇଥାଏ ବୋଲି ବିଶ୍ୱାସ ରହିଛି। ପବିତ୍ର ମହାଳୟା ତିଥିରେ ମା'ଙ୍କ ଧବଳମୁଖୀ ବେଶ ଦର୍ଶନ ପାଇଁ ଟ୍ରଷ୍ଟବୋର୍ଡ ଓ ପୂଜକମାନଙ୍କର ମିଳିତ ନିଷ୍ପତ୍ତିକ୍ରମେ ଚଳିତବର୍ଷର ଦର୍ଶନ ସମୟ ନିର୍ଘଣ୍ଟ ହୋଇଛି। ୨୧ତାରିଖ ଭୋର୍ ସାଢ଼େ ୪ଟାରେ ମଙ୍ଗଳ ଆଳତି ହୋଇ ଭୋର୍ ୫ଟାରେ ସର୍ବସାଧାରଣ ଦର୍ଶନ ଆରମ୍ଭ ହେବ। ପୂର୍ବାହ୍ଣ ୧୧ଟା ୪୫ ମିନିଟରୁ ଅପରାହ୍ଣ ସାଢ଼େ ୧୨ଟା ପର୍ଯ୍ୟନ୍ତ ଅନ୍ନଭୋଗ ଲାଗିବ ଓ ଦର୍ଶନ ବନ୍ଦ ରହିବ। ପରେ ସନ୍ଧ୍ୟା ମହାଆଳତି ପାଇଁ ଦର୍ଶନ ରାତି ୭ଟା ୪୫ ମିନିଟରୁ ରାତି ସାଢ଼େ ୮ଟା ପର୍ଯ୍ୟନ୍ତ ବନ୍ଦ ରହିବ। ରାତି ସାଢ଼େ ୧୦ଟା ପର୍ଯ୍ୟନ୍ତ ଶ୍ରଦ୍ଧାଳୁ ଦର୍ଶନ କରିପାରିବେ ଏବଂ ପରେ ମା' ସମଲେଶ୍ୱରୀଙ୍କ ଦର୍ଶନ ବନ୍ଦ ଓ ପହଡ଼ ନୀତି ହେବ ବୋଲି ଶ୍ରୀଶ୍ରୀ ସମଲେଶ୍ୱରୀ ମନ୍ଦିର ଟ୍ରଷ୍ଟ ବୋର୍ଡ ସଭାପତି ସଞ୍ଜୟ କୁମାର ବାବୁ ସୂଚନା ଦେଇଛନ୍ତି। ମହାଳୟା, ୨୧ତାରିଖ ରବିବାରଠାରୁ ଆରମ୍ଭ କରି ୨୩ ତାରିଖ ମଙ୍ଗଳବାର ପୂର୍ବାହ୍ଣ ୧୧ଟା ୪୫ ମିନିଟ ପର୍ଯ୍ୟନ୍ତ ମା' ସମଲେଶ୍ୱରୀ ଧବଳମୁଖୀ ବେଶରେ ଦର୍ଶନ ଦେବେ।

## ଦଶହରା ପାଇଁ ଚାଲିଛି ପରଭା ସଫେଇ



ଆସନ୍ତା ନବରାତ୍ର ସକାଶେ ମା' ସମଲେଶ୍ୱରୀ ପରଭା ଓ ଅଳଙ୍କାର ସଫେଇ କାର୍ଯ୍ୟ ଆରମ୍ଭ ହୋଇଛି। ମୁଖ୍ୟ ପୂଜକ ଅମ୍ବିକା ରାୟଙ୍କ ସୂଚନା ଅନୁଯାୟୀ, ରୂପା ପରଭା ସଫେଇ ସରିଥିବା ବେଳେ ଆସନ୍ତାକାଲିଠାରୁ ମା'ଙ୍କ ଅଳଙ୍କାର ସଫେଇ ଆରମ୍ଭ ହେବ। ପ୍ରତିବର୍ଷ ଆଶ୍ୱିନ ନବରାତ୍ର ପୂର୍ବରୁ ମା' ଧାରଣ କରିଥିବା ଅଳଙ୍କାର, ପରଭା ଆଦି ସଫେଇ କରାଯାଇଥାଏ। ଏହାସହ ଦଶହରା ଉପଲକ୍ଷେ ମନ୍ଦିର ବାହାରପାର୍ଶ୍ୱ ମଧ୍ୟ ନୂତନ ରଙ୍ଗ କରାଯାଉଛି। ଅକ୍ଟୋବର ୬ ତାରିଖ କୁମାର ପୂର୍ଣ୍ଣିମା ଅବସରରେ ମା'ଙ୍କ ମନ୍ଦିରରେ ନୂତନ ଧ୍ୱଜାରୋହଣ ହେବ। ଉଲ୍ଲେଖଯୋଗ୍ୟ, ନୂଆଁଖାଇ ସମୟରେ ସମଲେଶ୍ୱରୀ ମନ୍ଦିରର ଦେବଦେବୀଙ୍କୁ ନୂତନ ରଙ୍ଗ ଚଢ଼ାଯାଇଥାଏ।

**ମିଳୁନି ଜିଏସ୍‌ବିୱାଇ ଚିକିତ୍ସା**

# ବାପ ଘରେ ସ୍ୱାସ୍ଥ୍ୟକାର୍ଡ, ଶାଶୂଘରେ ବୋହୂ

ଭୁବନେଶ୍ୱର, ୧୯।୯ (ସମିସ): ରାସନ କାର୍ଡ ହିତାଧିକାରୀଙ୍କୁ ଘରୋଇ ହସ୍ପିଟାଲ୍‌ରେ ମାଗଣା ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥା ବିଏସ୍‌କେୱାଇ ମାଧ୍ୟମରେ ବିଜେଡି ସରକାର ଆରମ୍ଭ କରିଥିଲେ। ସେହି କାର୍ଡର ନାମ ପରିବର୍ତ୍ତନ କରି ବିଜେପି ସରକାର ତାକୁ ଆୟୁଷ୍ମାନ ସହ ଯୋଡ଼ି ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଯୋଜନା(ଜିଏସ୍‌ବିୱାଇ)ରେ ପରିଣତ କରିଦେଲେ। ମାତ୍ର ବିଏସ୍‌କେୱାଇରେ ଯେଉଁ ସୁବିଧା ସୁଯୋଗ ମିଳୁଥିଲା, ତାହା ଏବେ ଜିଏସ୍‌ବିୱାଇରେ ମିଳୁନି। ହେଲେ ଏବେ ବି ଯେତିକି ସୁବିଧା ମିଳୁଛି, ଅଧିକାଂଶ ଯୋଗ୍ୟ ହିତାଧିକାରୀ ତାହା ପାଇପାରୁନାହାନ୍ତି। ବିଶେଷକରି ନବବିବାହିତ ଝିଅମାନେ ଏହି ଚିକିତ୍ସା ସୁବିଧାରୁ ବଞ୍ଚିତ ହୋଇଛନ୍ତି। ବିବାହ ପରେ ସେମାନେ ବାପାଘର କାଡର୍‌ରୁ ବାଦ ପଡୁଛନ୍ତି ସିନା, ମାତ୍ର ଶାଶୂଘର କାର୍ଡରେ ସେମାନଙ୍କ ନାମ ଯୋଡ଼ି ହୋଇପାରୁନାହାନ୍ତି। କିଛି ସ୍ଥାନରେ ବାପ ଘରେ ଝିଅର ନାଁ ଥିବାବେଳେ ସ୍ୱାସ୍ଥ୍ୟ ସମସ୍ୟା ହେଲେ ପାଖରେ କାର୍ଡ ନ ଥିବାରୁ କାର୍ଡ ନମ୍ବର, ଫିଙ୍ଗରପ୍ରିଣ୍ଟ ଆଦି ବିଭିନ୍ନ ଅସୁବିଧା ଯୋଗୁଁ ଚିକିତ୍ସାରୁ ବଞ୍ଚିତ ହେଉଛନ୍ତି।


ରାଜ୍ୟରେ ରାସନ କାର୍ଡଧାରୀ ପରିବାର ସଂଖ୍ୟା ୯୫ ଲକ୍ଷ ୮୫ ହଜାର ୭୬୬ । ଗ୍ରାମାଞ୍ଚଳଠାରୁ ଆରମ୍ଭ କରି ସହରାଞ୍ଚଳ ପର୍ଯ୍ୟନ୍ତ ପ୍ରତ୍ୟେକ ପରିବାରର ସଦସ୍ୟ ଏହି କାର୍ଡରେ ଯୋଡ଼ି ହୋଇ ଯୋଜନାର ଲାଭ ଉଠାଉଛନ୍ତି। ଝିଅମାନେ ବିବାହ ପୂର୍ବରୁ କାର୍ଡରେ ଯୋଡ଼ି ହୋଇ ମୁଣ୍ଡ ପିଛା ୫ କେଜି ଚାଉଳ ସହ ବିଭିନ୍ନ ସୁବିଧା ସୁଯୋଗ ପାଇପାରୁଛନ୍ତି। ବାହାଘର ପରେ ସେମାନେ ବାପାଘର କାର୍ଡରୁ ନିଜ ନାମକୁ ବିଯୋଗ କରି ଶାଶୂଘର କାର୍ଡରେ ଯୋଡ଼ି ହେବାକୁ ଚାହୁଁଛନ୍ତି; କିନ୍ତୁ ବାପାଘର ଓ ଶାଶୂଘର ଭିନ୍ନ ବ୍ଲକ୍ ହୋଇଥିଲେ ନାଁ ଯୋଡ଼ିବାରେ ଅସୁବିଧା ହେଉଛି। ବ୍ଲକଗୁଡ଼ିକୁ ପୂର୍ବରୁ ଏସ୍‌ଏଫ୍‌ଏସ୍‌ଏସ୍ ଓ ଏନ୍‌ଏଫ୍‌ଏସ୍‌ଏସ୍‌ରେ ନିର୍ଦ୍ଦିଷ୍ଟ ଟାର୍ଗେଟ୍ ଦିଆଯାଉଛି। ତେଣୁ ଯେଉଁ ବ୍ଲକ୍‌ରେ ନୂତନ ଭାବେ ଯୋଡି ହେବାକୁ ଚାହୁଁଛନ୍ତି, ସେଠି ଟାର୍ଗେଟ୍ ପୂରଣ ହୋଇଯାଇଥିବାରୁ ଯୋଡ଼ି ହୋଇପାରୁନାହାନ୍ତି। କେବଳ ଝିଅମାନେ ନୁହନ୍ତି, ଛୋଟ ପିଲା ଜନ୍ମ ହେବା ପରେ ଆଧାରକାର୍ଡ ହେବା ପରେ ରାସନ କାର୍ଡରେ ଯୋଡ଼ି ହେବା ବେଳକୁ ଏଭଳି ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବ୍ଲକ୍‌ଗୁଡ଼ିକରେ ଯଦି କୌଣସି ହିତାଧିକାରୀଙ୍କ ମୃତ୍ୟୁ ହେଉଛି, ତେବେ ତାଙ୍କ ପରିବର୍ତ୍ତେ ଆବେଦନକାରୀଙ୍କୁ ଗୁରୁତ୍ୱ ଦିଆଯାଉଛି। ତେଣୁ ଅଧିକାଂଶ ଝିଅମାନେ ଚାଉଳ ନ ପାଇବା ଯୋଗୁଁ ବାପାଘରୁ ନାଁ କାଟିବାକୁ ଚାହୁଁନାହାନ୍ତି। ତେଣୁ ସରକାରୀ ଚିକିତ୍ସା ସୁବିଧାର ଲାଭ ଉଠାଇ ପାରୁନାହାନ୍ତି।

ହିତାଧିକାରୀ ଚନ୍ଦ୍ରଶେଖର ବେହେରା କହିଛନ୍ତି ଯେ ମୋର କାର୍ଡ ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳରେ ଅଛି। ମୋ ସ୍ତ୍ରୀଙ୍କର ଖୋର୍ଦ୍ଧା ଜିଲ୍ଲା ବୋଲଗଡ଼ ବ୍ଲକ୍‌ରେ ନାଁ ରହିଛି। ଗୋଟିଏ ଜିଲ୍ଲା ଭିତରେ ହୋଇଥିଲେ ବି ଦୁଇଟି ବ୍ଲକ୍ ଓ ଟାର୍ଗେଟ୍ ନଥିବା କାରଣରୁ ପତ୍ନୀଙ୍କ ନାଁ ଯୋଡ଼ିବାରେ ମୋତେ ଅସୁବିଧା ହେଉଛି। ମୁଁ ନ ଜାଣିପାରି ସେଠୁ ନାଁ କାଟି ଦେଇଥିବାବେଳେ ଏବେ ଏଠି ଯୋଡ଼ିବାରେ ଅସୁବିଧା ହେଉଛି। ତେଣୁ ସରକାର ଏଥିପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ସେ ନିବେଦନ କରିଛନ୍ତି। ଏ ସମ୍ପର୍କରେ ଯୋଗାଣ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ଟାର୍ଗେଟ୍ ନ ଥିଲେ ଆମେ କିଛି କରିପାରିବୁ ନାହିଁ। ମୂଳରେ ଏଭଳି ସରକାରୀ ବ୍ୟବସ୍ଥା ହୋଇଛି। ତେଣୁ ଏଥିରେ ପରିବର୍ତ୍ତନ ପାଇଁ ଆମେ ପ୍ରସ୍ତାବ ଦେବୁ। ଆଗାମୀ ଦିନରେ ସରକାର ଯାହା ନିଷ୍ପତ୍ତି ନେବେ, ଆମେ ତାକୁ କାର୍ଯ୍ୟକାରୀ କରିବୁ ବୋଲି ସେ କହିଛନ୍ତି।

**■ ସବୁରି ମୂଳରେ ବ୍ଲକ୍‌ୱାରୀ ଟାର୍ଗେଟ୍**
**■ ଛୋଟ ପିଲା ବି ଯୋଡ଼ି ହୋଇପାରୁନାହାନ୍ତି**

**୨୧ରେ ଦିବଂଗତ ବିଧାୟକ ଢୋଲକିଆଙ୍କ ଦଶାହ**

# ନବୀନଙ୍କୁ ନିମନ୍ତ୍ରଣ କଲେ ପରିବାରଲୋକ



ନୂଆପଡ଼ା, ୧୯।୯(ସମିସ): ଆସନ୍ତା ୨୧ତାରିଖରେ ନୂଆପଡ଼ା ବିଧାୟକ ରାଜେନ୍ଦ୍ର ଢୋଲକିଆଙ୍କ ଦଶାହ କାର୍ଯ୍ୟକ୍ରମ ତାଙ୍କର ଖରିଆରରୋଡ୍‌ସ୍ଥିତ ନିବାସରେ ଅନୁଷ୍ଠିତ ହେବ। ଏଥିପାଇଁ ସ୍ୱର୍ଗତ ଢୋଲକିଆଙ୍କ ଝିଆରୀ ଧ୍ୱନି ଓ ଝିଆରୀ ଜ୍ୱାଇଁ ମୋହିତ ଅଗ୍ରୱାଲ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ମୁଖିଆ ନବୀନ ପଟ୍ଟନାୟକଙ୍କୁ ନିମନ୍ତ୍ରଣ କରିଛନ୍ତି। ଉଭୟ ଦିଲ୍ଲୀଠାରେ ନବୀନଙ୍କୁ ତାଙ୍କ ପୈତୃକ ବାସଭବନରେ ଭେଟି ନିମନ୍ତ୍ରଣ କରିଛନ୍ତି। ସୂଚନାଯୋଗ୍ୟ, ରାଜ୍ୟ ବିଧାନସଭାର ୧୪୬ଜଣ ବିଧାୟକ, ପୂର୍ବତନ ମନ୍ତ୍ରୀ ଏବଂ ବିଧାୟକମାନଙ୍କୁ ମଧ୍ୟ ନିମନ୍ତ୍ରଣ ପତ୍ର ଦିଆଯାଇଥିବା ଢୋଲକିଆଙ୍କ ପୂର୍ବତନ ପିଏ ରାମଲାଲ ହଂସ ସୂଚନା ଦେଇଛନ୍ତି।

# ବାଳାଶ୍ରମରେ ନିଜ ହାତ କାଟି ନାବାଳିକା ଗୁରୁତର

**ଜିଲ୍ଲାପାଳଙ୍କ ତଦନ୍ତ ନିର୍ଦ୍ଦେଶ**

ବ୍ରହ୍ମପୁର, ୧୯।୯(ସମିସ): ଗୋସାଇଁ ନୂଆଗାଁସ୍ଥିତ ଉତ୍କଳ ବାଳାଶ୍ରମରେ ରହୁଥିବା ଜଣେ ନାବାଳିକା ନିଜ ହାତକୁ ବ୍ଲେଡ୍‌ରେ କାଟି ଗୁରୁତର ହୋଇ ପଡ଼ିଛନ୍ତି। ତାଙ୍କୁ ଗରୁତର ଅବସ୍ଥାରେ ଏମ୍‌କେସିଜିରେ ଭର୍ତ୍ତି କରାଯାଇଛି। ଏହି ଘଟଣା ବଳାଶ୍ରମ କର୍ତ୍ତୃପକ୍ଷଙ୍କ ଅବହେଳାକୁ ପଦାରେ ପକାଇଥିବା ବେଳେ ଘଟଣାର ତଦନ୍ତ ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାନୁସାରେ, ବାଳାଶ୍ରମରେ କିଛି ମାସ ହେବ ରହୁଥିବା ଜଣେ ୧୬ ବର୍ଷୀୟ ନାବାଳିକା କୌଣସି କାରଣକୁ ନେଇ ଏକ ବ୍ଲେଡ୍‌ରେ ନିଜ ହାତ କାଟି ଦେଇଥିଲେ। ତାଙ୍କ ହାତରୁ ପ୍ରଚୁର ରକ୍ତସ୍ରାବ ହେବା ପରେ ସେ ଗୁରୁତର ହୋଇପଡ଼ିଥିଲେ। ବାଳାଶ୍ରମର ଅନ୍ୟ ଅନ୍ତେବାସୀ ଏହା ଜାଣିବା ପରେ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ନାବାଳିକାଙ୍କୁ ଚିକିତ୍ସା ପାଇଁ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ତେବେ ସେ କେଉଁ କାରଣରୁ ଏଭଳି ପଦକ୍ଷେପ ନେଲେ, ତାହା ସ୍ପଷ୍ଟ ହୋଇ ପାରିନାହିଁ। ଏମ୍‌କେସିଜିରେ ତାଙ୍କ ଚିକିତ୍ସା ଜାରି ରହିଛି।

ଏହି ଘଟଣା ସାମ୍ନାକୁ ଆସିବା ପରେ ଗଞ୍ଜାମ ଜିଲ୍ଲାପାଳ ଘଟଣାର ତଦନ୍ତ ପାଇଁ ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ସେହିପରି, ଏନେଇ ଗୋସାଇଁନୂଆଗାଁରେ ଅଭିଯୋଗ ପରେ ପୁଲିସ ତଦନ୍ତ ଆରମ୍ଭ କରିଛି।

ପ୍ରକାଶଥାଉକି, ନିର୍ଯାତନା ଓ ବଳାତ୍କାରର ଶିକାର ହୋଇଥିବା ନାବାଳିକା ଓ ପୀଡ଼ିତାଙ୍କୁ ସରକାରଙ୍କ ପକ୍ଷରୁ ଉତ୍କଳ ବାଳାଶ୍ରମରେ ରଖାଯାଉଛି। ଏଠାରେ ପୀଡ଼ିତାଙ୍କୁ ଆଶ୍ରୟ ଦିଆଯାଉଥିବା ବେଳେ ସେମାନଙ୍କ ରହିବା ଓ ସ୍ୱାସ୍ଥ୍ୟ ସୁରକ୍ଷା ମଧ୍ୟ ସରକାରଙ୍କ ଦାୟିତ୍ୱ। ହେଲେ ବାଳାଶ୍ରମ କର୍ତ୍ତୃପକ୍ଷଙ୍କ ଅବହେଳାରୁ ଆଜି ଏଭଳି ଘଟଣା ଘଟିଥିବା ଅଭିଯୋଗ ହୋଇଛି।

**■ ଓଟିଇଟି ପ୍ରଶ୍ନପତ୍ର ଲିକ୍ ଘଟଣା**

## ଶିକ୍ଷକ ଶଙ୍କର ଖୋସଲାଙ୍କୁ ଅନ୍ତରୀଣ ସୁରକ୍ଷା

କଟକ, ୧୯।୯(ସମିସ): ଓଟିଇଟି ପ୍ରଶ୍ନପତ୍ର ଲିକ୍ ଘଟଣାରେ ଶିକ୍ଷକ ଶଙ୍କର ଖୋସଲାଙ୍କୁ ହାଇକୋର୍ଟ ଅନ୍ତରୀଣ ସୁରକ୍ଷା ପ୍ରଦାନ କରିଛନ୍ତି। ନିମ୍ନ ଅଦାଲତ ମାମଲାକୁ ଚାଲେଞ୍ଜ କରି ଶ୍ରୀ ଖୋସଲାଙ୍କ ପକ୍ଷରୁ ଦାୟର ଆବେଦନର ଶୁଣାଣି କରି ଜଷ୍ଟିସ୍ ଆଦିତ୍ୟ କୁମାର ମହାପାତ୍ର ରାଜ୍ୟ ସରକାରଙ୍କୁ ପକ୍ଷ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ କ୍ରାଇମବ୍ରାଞ୍ଚ ମାମଲାରେ ଆବେଦନକାରୀଙ୍କ ବିରୋଧରେ କୌଣସି କଠୋର୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବନାହିଁ। ଆବେଦନକାରୀ ତଦନ୍ତରେ ସହଯୋଗ କରିବେ ଓ ତଦନ୍ତକାରୀ ଅଧିକାରୀଙ୍କ ନିକଟରେ ହାଜର ହେବେ ବୋଲି ହାଇକୋର୍ଟ କହିଛନ୍ତି। ଅକ୍ଟୋବର ତୃତୀୟ ସପ୍ତାହରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

**■ ଆଜି ଛତିଶା ନିଯୋଗ ବୈଠକ**

## କାର୍ତ୍ତିକ ମାସ ବାଲଧୂପ ନୀତି ନିର୍ଘଣ୍ଟ ହେବ

ପୁରୀ,୧୯।୯(ସମିସ): ଶନିବାର ଅନୁଷ୍ଠିତ ହେବ ଶ୍ରୀମନ୍ଦିର ଛତିଶା ନିଯୋଗ ବୈଠକ। ଅପରାହ୍ଣ ସାଢ଼େ ୪ଟାରେ ଶ୍ରୀମନ୍ଦିର କାର୍ଯ୍ୟାଳୟ ପରିସରରେ ହେବାକୁ ଥିବା ବୈଠକରେ ମୁଖ୍ୟ ପ୍ରଶାସକ ଅଧ୍ୟକ୍ଷତା କରିବେ। ଏଥିରେ ମୁଖ୍ୟତଃ କାର୍ତ୍ତିକ ମାସ ବାଲଧୂପ ନୀତି ନିର୍ଘଣ୍ଟ ହେବ। ଯେହେତୁ କାର୍ତ୍ତିକ ମାସରେ ହବିଷ୍ୟାଳିଙ୍କ ସମେତ ଭକ୍ତମାନେ ଅଧିକ ସଂଖ୍ୟାରେ ଆସିବେ, ତେଣୁ ନୀତିକାନ୍ତି କିପରି ଠିକ୍ ଭାବେ ସମ୍ପନ୍ନ ହେବ ତା' ଉପରେ ଆଲୋଚନା କରାଯାଇ ନିର୍ଘଣ୍ଟ କରାଯିବ। ବ୍ରତଧାରୀମାନେ କିପରି ମହାପ୍ରଭୁଙ୍କୁ ଭଲ ଭାବେ ଦର୍ଶନ କରିପାରିବେ, ମହାପ୍ରସାଦ ଠିକ୍ ସମୟରେ ବାହାରିବ, ସେନେଇ ମଧ୍ୟ ଆଲୋଚନା କରାଯାଇପାରେ। ଏତଦ୍‌ବ୍ୟତୀତ ରତ୍ନଅଳଙ୍କାର ସ୍ଥାନାନ୍ତର ଏବଂ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥା ନେଇ ମଧ୍ୟ ବୈଠକରେ ଆଲୋଚନା ହେବାର ସମ୍ଭାବନା ରହିଛି।

## ହୀରାକୁଦ ଜଳଭଣ୍ଡାର ପୂର୍ଣ୍ଣଗର୍ଭା

ସମ୍ବଲପୁର, ୧୯।୯(ସମିସ): ହୀରାକୁଦ ଜଳଭଣ୍ଡାରର ସର୍ବୋଚ୍ଚ ଜଳଧାରଣ କ୍ଷମତା ୬୩୦ ଫୁଟ୍। ସମ୍ପ୍ରତି ହୀରାକୁଦ ଜଳସ୍ତର ସର୍ବୋଚ୍ଚ କ୍ଷମତା ପାଖାପାଖି ପହଞ୍ଚିଛି। ଶୁକ୍ରବାର ସନ୍ଧ୍ୟା ୬ଟା ସୁଦ୍ଧା ଜଳଭଣ୍ଡାରର ଜଳସ୍ତର ୬୨୯.୭୫ ଫୁଟ୍‌ରେ ପହଞ୍ଚିଛି। ନଦୀବନ୍ଧର ବାମ ପାର୍ଶ୍ୱର ୩ଟି ଓ ଡାହାଣ ପାର୍ଶ୍ୱର ଗୋଟିଏ ଗେଟ୍ ଖୋଲା ରହିଛି। ତେବେ ସଂଧ୍ୟା ପରେ ଡାହାଣପାର୍ଶ୍ୱର ଆଉ ଗୋଟିଏ ଗେଟ୍ ଖୋଲିବାକୁ ନିର୍ଦ୍ଦେଶ ଦିଆଯାଇଥିବାରୁ ୫ଟି ଗେଟ୍ ଦେଇ ଜଳ ନିଷ୍କାସନ ଜାରି ରହିଛି।

ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୧,୨୭,୪୫୩ ଘନଫୁଟ୍ ଜଳ ପ୍ରବେଶ କରୁଥିବା ବେଳେ ପାୱାର ଚ୍ୟାନେଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୧,୦୨,୦୩୯ ଘନଫୁଟ ଜଳ ନିଷ୍କାସିତ ହେଉଛି। ସ୍ପିଲ-ୱେ ଦେଇ ୬୫,୬୭୨ ଘନଫୁଟ ଜଳ ପ୍ରବାହିତ ହେଉଥିବା ବେଳେ ପାୱାର ଚ୍ୟାନେଲ ଦେଇ ୩୧,୬୧୫ ଘନଫୁଟ, ଶିଳ୍ପାନୁଷ୍ଠାନ ସକାଶେ ୨୪୩ ଘନଫୁଟ୍, କେନାଲ ପାଇଁ ୪,୫୦୯ ଘନଫୁଟ୍ ଜଳ ନିଷ୍କାସିତ ହେଉଛି।

ଅପରପକ୍ଷେ, ଗତ ୨୪ ଘଣ୍ଟା ମଧ୍ୟରେ ନଦୀବନ୍ଧର ଉପରମୁଣ୍ଡରେ ୧.୪୩ମିମି ବର୍ଷା ହୋଇଥିବା ବେଳେ ତଳମୁଣ୍ଡରେ ୦.୧୪ମିମି ବର୍ଷା ହୋଇଥିବା ସୂଚନା ମିଳିଛି। ଗତବର୍ଷ ଆଜିର ଦିନରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୯.୩୧ ଫୁଟ୍ ରହିଥିବା ନଦୀବନ୍ଧ ସୂତ୍ରରୁ ପ୍ରକାଶ।

**■ ପାରିବାରିକ କଳହର କରୁଣ ପରିଣତି**

# ସ୍ତ୍ରୀର ମୁଣ୍ଡଗଣ୍ଡି ଅଲଗା କରିଦେଲା

ଜଳେଶ୍ୱର/ଜଳେଶ୍ୱରବ୍ଲକ୍,୧୯।୯ (ସମିସ): ଶୋଇଥିବା ଅବସ୍ଥାରେ ପତ୍ନୀର ଗଣ୍ଡିମୁଣ୍ଡ ଅଲଗା କରିଦେଲା ସ୍ୱାମୀ। ବାଲେଶ୍ୱର ଜିଲ୍ଲା ରାଇବଣିଆ ଥାନା ଅଧୀନ କାଳିକ ପଞ୍ଚାୟତର ୨ନମ୍ବର ୱାର୍ଡର ଚକୁଆପାଳ ଗ୍ରାମରେ ଏପରି ଏକ ଆପରାଧିକ ଘଟଣା ଘଟିଛି। ମୃତ ମହିଳାଜଣଙ୍କ ହେଲେ, ଜୟନ୍ତୀ ପାତ୍ର(୪୫)। ଜୟନ୍ତୀଙ୍କୁ ଗତରାତିରେ ହତ୍ୟା କରିବା ପରେ ଆଜି ସକାଳୁ ଅଭିଯୁକ୍ତ ସ୍ୱାମୀ ଚନ୍ଦ୍ରମୋହନ ପାତ୍ର ରାଇବଣିଆ ଥାନାରେ ଆତ୍ମସମର୍ପଣ କରିଛି। ପୁଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ୮୪/୨୫ରେ ଏକ ହତ୍ୟା ମାମଲା ରୁଜୁ କରି ଚନ୍ଦ୍ରମୋହନଙ୍କୁ ଗିରଫ କରିଛି। ସୂଚନାନୁଯାୟୀ, ଜୟନ୍ତୀ ଓ ଚନ୍ଦ୍ରମୋହନଙ୍କ ମଧ୍ୟରେ ବିଭିନ୍ନ କଥାକୁ ନେଇ କଳହ ଲାଗି ରହୁଥିଲା। ଗତରାତିରେ ମଧ୍ୟ କୌଣସି କାରଣରୁ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ରାତିରେ ସମସ୍ତେ ଖାଇପିଇ ଶୋଇଥିଲେ। ଏହି ସମୟରେ ଚନ୍ଦ୍ରମୋହନ ଏକ ଧାରୁଆ ଅସ୍ତ୍ରରେ ଜୟନ୍ତୀଙ୍କ ମୁଣ୍ଡକୁ କାଟି ଦେଇଥିଲା। ଆଜି ସକାଳେ ଚନ୍ଦ୍ରମୋହନ ଥାନାରେ ଆତ୍ମସମର୍ପଣ କରିବା ପରେ ଜଳେଶ୍ୱର ଏସ୍‌ଡିପିଓ ସୁବ୍ରତ କୁମାର ବେହେରା, ରାଇବଣିଆ ଥାନା ଅଧିକାରୀଣୀ ଲୋପାମୁଦ୍ରା ପଣ୍ଡା ଓ ବାଲେଶ୍ୱରରୁ ୩ ଜଣିଆ ସାଇଣ୍ଟିଫିକ୍ ଟିମ୍ ଗାଁରେ ପହଞ୍ଚି ତଦନ୍ତ କରିଥିଲେ।

# କେନାଲରୁ ମହିଳାଙ୍କ ଶବ ଜବତ

ଭେଡେନ/ଅତାବିରା, ୧୯।୯(ସମିସ): ରେଙ୍ଗାଲିକେମ୍ପ -ପପଙ୍ଗା କେନାଲର ଖାଉପାଲି ବ୍ରିଜ୍ ନିକଟରୁ ଆଜି ଜଣେ ମହିଳାଙ୍କ ଶବ ଉଦ୍ଧାର ହୋଇଛି। ସକାଳେ ଭେଡେନ୍ ପୁଲିସର ଉପସ୍ଥିତିରେ ଅଗ୍ନିଶମ କର୍ମଚାରୀ କେନାଲରୁ ଯୁବତୀଙ୍କ ମୃତଦେହକୁ ଉଦ୍ଧାର କରିଛନ୍ତି। ମୃତ ମହିଳାଜଣଙ୍କ ଛତିଶଗଡ଼ର ସାରଙ୍ଗଗଡ଼ ଜିଲ୍ଲା କେଡ଼ାର ଥାନା ଭାକୁଡା ଗ୍ରାମର ଦିବ୍ୟକାନ୍ତି କୁମ୍ଭାର(୪୦)। ସୂଚନାନୁଯାୟୀ, ୬ ମାସ ତଳେ ଦିବ୍ୟକାନ୍ତି ନିଜ ସ୍ୱାମୀ ଧନିରାମ କୁମ୍ଭାର ଓ ଅନ୍ୟ ପରିବାର ସଦସ୍ୟଙ୍କ ସହ ଅତାବିରାକୁ କାମ କରିବାକୁ ଆସିଥିଲେ। ରେଙ୍ଗାଲିକେମ୍ପରେ ରହି ଏକ କାରଖାନାରେ କାମ କରୁଥିଲେ। ଗୁରୁବାର ଅପରାହ୍ଣରେ ଦିବ୍ୟକାନ୍ତି କେନାଲକୁ ଗାଧୋଇବାକୁ ଯାଇ ନ ଫେରିବାରୁ ପରିବାରଲୋକେ ଅତାବିରା ଥାନାରେ ଅଭିଯୋଗ କରିଥିଲେ। ଅତାବିରା ପୁଲିସ ଅଗ୍ନିଶମ କର୍ମଚାରୀଙ୍କ ସହାୟତାରେ ରେଙ୍ଗାଲିକେମ୍ପରୁ ପତ୍ରାପାଲି ପର୍ଯ୍ୟନ୍ତ କେନାଲରେ ଖୋଜାଖୋଜି କରିଥିଲେ। ଶୁକ୍ରବାର ସକାଳୁ ଉକ୍ତ ମହିଳାଙ୍କ ଶବ ଖାଉପାଲି ବ୍ରିଜ ତଳେ ଭାସୁଥିବା ନେଇ ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ପୁଲିସ ଅଗ୍ନିଶମ ବିଭାଗ କର୍ମଚାରୀଙ୍କ ସହାୟତାରେ ମୃତଦେହକୁ କେନାଲ ପାଣିରୁ ଉଦ୍ଧାର କରିଥିବା ଜଣାପଡ଼ିଛି।

**ସମ୍ବଲପୁରୀ ଭାଷାକୁ ଅଷ୍ଟମ ଅନୁଚ୍ଛେଦରେ ସାମିଲ ପ୍ରସଙ୍ଗ**

# ସରକାରୀ ପ୍ରସ୍ତାବ ନ ଥିବା ମନ୍ତ୍ରୀଙ୍କ ମନ୍ତବ୍ୟ ଦୁର୍ଭାଗ୍ୟଜନକ: ରୋହିତ

ସମ୍ବଲପୁର, ୧୯।୯(ସମିସ): ଚଳିତ ବିଧାନସଭା ଅଧିବେଶନରେ ଉଚ୍ଚଶିକ୍ଷା ମନ୍ତ୍ରୀ ଦ୍ୱିତୀୟଥର ପାଇଁ କହିଛନ୍ତି ଯେ ସମ୍ବଲପୁରୀ ଭାଷାକୁ ସରକାରୀ ମାନ୍ୟତା ପ୍ରଦାନ ତଥା ଅଷ୍ଟମ ଅନୁଚ୍ଛେଦରେ ସାମିଲ ପାଇଁ ସରକାରଙ୍କ କୌଣସି ପ୍ରସ୍ତାବ ନାହିଁ। ମନ୍ତ୍ରୀଙ୍କ ଏହି ବକ୍ତବ୍ୟକୁ ଦୁର୍ଭାଗ୍ୟଜନକ ବୋଲି କହିଛନ୍ତି ପୂର୍ବତନ ମନ୍ତ୍ରୀ ତଥା ଜିଲ୍ଲା ବିଜେଡି ସଭାପତି ଇଂ ରୋହିତ ପୂଜାରୀ।

ଏକ ପ୍ରେସ୍ ବିବୃତିରେ ଶ୍ରୀ ପୂଜାରୀ କହିଛନ୍ତି ଯେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମ୍ବଲପୁରୀ ଭାଷାକୁ ସରକାରୀ ମାନ୍ୟତା ପ୍ରଦାନ ଏବଂ ଅଷ୍ଟମ ଅନୁଚ୍ଛେଦରେ ସାମିଲ ନିମନ୍ତେ ପ୍ରସ୍ତାବ ଦେଇଥିଲେ। କିନ୍ତୁ ବର୍ତ୍ତମାନ ଚିନ୍ତାର ବିଷୟ ହେଲା, ସେହି ପ୍ରସ୍ତାବ ଗଲା କୁଆଡ଼େ? ମୋହନ ସରକାର ବୁଝିବା ଦରକାର ଯେ ଏହି ଭାଷା କେବଳ ପଶ୍ଚିମ ଓଡ଼ିଶାର ଦୁଇ କୋଟିରୁ ଊର୍ଦ୍ଧ୍ୱ ଜନସାଧାରଣଙ୍କ ଭାଷା ନୁହେଁ, ବରଂ ଛତିଶଗଡ଼ ଏବଂ ଝାଡ଼ଖଣ୍ଡର ଅନେକାଞ୍ଚଳରେ ଏହି ଭାଷା ପ୍ରଚଳିତ। ଏହା ସତ୍ତ୍ୱେ ଯଦି ମୋହନ ସରକାରଙ୍କ ସମ୍ବଲପୁରୀ ଭାଷା ପ୍ରତି ଦରଦ ନାହିଁ, ତାହେଲେ ଏହାଠୁ ଦୁଃଖର ବିଷୟ କିଛି ନାହିଁ। ରାଜ୍ୟ ସରକାର ବୁଝିବା ଦରକାର ଯେ ସମ୍ବଲପୁରୀ ଖାଲି ଆମର ଭାଷା ନୁହେଁ, ଏହା ଆମର ଅସ୍ମିତା, ପରିଚୟ ଏବଂ ସମ୍ମାନ। ଯଦି ଆଗାମୀ ଦିନରେ ସରକାର ଏ ଦିଗରେ ସଜାଗ ନ ରୁହନ୍ତି, ତେବେ ଆମ ସ୍ୱାଭିମାନ, ଆମର ସମ୍ମାନ ଆମର ସମ୍ବଲପୁରୀ ଭାଷା ପାଇଁ ସବୁପ୍ରକାର ଲଢ଼େଇ ଲଢ଼ିବା ପାଇଁ ପ୍ରସ୍ତୁତ ଅଛୁ ବୋଲି ଶ୍ରୀ ପୂଜାରୀ କହିଛନ୍ତି।

# ଚରିତ୍ର ସନ୍ଦେହରେ ସ୍ତ୍ରୀକୁ କଟୁରି ଚୋଟ



**■ ଝିଅ, ଶ୍ୱଶୁରଙ୍କୁ ବି ଛାଡ଼ିଲାନି**
**■ ଘରେ ନିଆଁ ଲଗାଇଦେଲା**

ଢେଙ୍କାନାଳ,୧୯।୯(ସମିସ): ସ୍ତ୍ରୀର ଚରିତ୍ରକୁ ସନ୍ଦେହ କରି ସଦର ଥାନା ଅନ୍ତର୍ଗତ ବଳଦିଆବନ୍ଧ ଗ୍ରାମରେ ବର୍ବର କାଣ୍ଡ ଘଟିଛି। ଗ୍ରାମର ମାନସ ଦାସଙ୍କ କଟୁରି ଚୋଟରେ ତାଙ୍କ ସ୍ତ୍ରୀ ସନ୍ତୋଷୀ ପାତ୍ରଙ୍କ ସମେତ ୧୧ବର୍ଷୀୟ ଝିଅ ଓ ଶ୍ୱଶୁର ସରୋଜ ଚନ୍ଦ୍ର ପାତ୍ର ଗୁରୁତର ଆହତ ହୋଇଛନ୍ତି। ଏହି ଆକ୍ରମଣରେ ଖୋଦ୍ ମାନସ ମଧ୍ୟ ଆହତ ହୋଇଛନ୍ତି। ଏହି କାଣ୍ଡ ଭିଆଇବା ପରେ ମାନସ ନିଜ ଘରେ ନିଆଁ ମଧ୍ୟ ଲଗାଇ ଦେଇଥିବା ଜଣାପଡ଼ିଛି। ପରିବାରଲୋକ ଓ ଗ୍ରାମବାସୀଙ୍କ ସହାୟତାରେ ସମସ୍ତଙ୍କୁ ଉଦ୍ଧାର କରାଯାଇ କଟକର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ମିଳିଥିବା ସୂଚନାନୁଯାୟୀ, ସନ୍ତୋଷୀ ଇନ୍‌ଷ୍ଟାଗ୍ରାମରେ ରିଲ୍ସ କରୁଥିବାରୁ ମାନସ ସବୁବେଳେ ତାଙ୍କ ଚରିତ୍ରକୁ ସନ୍ଦେହ କରିଆସୁଥିଲେ। ବୁଧବାର ରାତିରେ ଏ ନେଇ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ମାନସ ଉତକ୍ଷିପ୍ତ ହୋଇ ଏକ କଟୁରିରେ ସନ୍ତୋଷୀଙ୍କୁ ଆକ୍ରମଣ କରିଥିଲେ। ଏହା ଦେଖି ମାନସଙ୍କ ଝିଅ ଏବଂ ଶଶ୍ୱର ସରୋଜ ମାନସଙ୍କୁ ବିରୋଧ କରିବାରୁ ସେମାନଙ୍କୁ ମଧ୍ୟ ଆକ୍ରମଣ କରିବାରୁ ପଛାଇ ନ ଥିଲା।

**୧୪୦ତମ ରାଜ୍ୟସ୍ତରୀୟ ସିଙ୍ଗଲ୍ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି କମିଟି ବୈଠକ**

# ୨୫ଟି ପ୍ରକଳ୍ପକୁ ମଞ୍ଜୁରୀ, ୪,୭୩୯ ଟଙ୍କା ହେବ ନିବେଶ


**୨୫,୨୦୦ ନିଯୁକ୍ତି ସୁଯୋଗ ସୃଷ୍ଟି ଲକ୍ଷ୍ୟ**

ଭୁବନେଶ୍ୱର, ୧୯।୯ (ସମିସ): ଶୁକ୍ରବାର ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ରାଜ୍ୟସ୍ତରୀୟ ସିଙ୍ଗଲ୍ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି (ଏସ୍‌ଏଲଡବ୍ଲୁସିଏ)ର ୧୪୦ତମ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ୪,୭୩୯ କୋଟି ଟଙ୍କାର ମୋଟ ୨୫ଟି ନୂଆ ନିବେଶ ପ୍ରସ୍ତାବକୁ ଅନୁମୋଦନ ମିଳିଛି। ଏହି ପ୍ରକଳ୍ପଗୁଡ଼ିକ ଦ୍ୱାରା ଖୋର୍ଦ୍ଧା, ଯାଜପୁର, କଟକ, ସମ୍ବଲପୁର, ଝାରସୁଗୁଡ଼ା, ଗଞ୍ଜାମ, ମୟୂରଭଞ୍ଜ, ଅନୁଗୋଳ ଓ ଗଜପତି ଜିଲ୍ଲାରେ ୨୫,୨୦୦ଟି ନୂତନ ନିଯୁକ୍ତି ସୃଷ୍ଟି ହେବ। ଅନୁମୋଦିତ ପ୍ରକଳ୍ପଗୁଡ଼ିକ ମଧ୍ୟରେ ବୟନଶିଳ୍ପ, ଇସ୍ପାତ, ରସାୟନ, ସୂଚନା ପ୍ରଯୁକ୍ତି, ଭିତ୍ତିଭୂମ, ଲଜିଷ୍ଟିକ୍ସ, ନବୀକରଣଯୋଗ୍ୟ ଶକ୍ତି, ପର୍ଯ୍ୟଟନ, ଧାତୁ ଉପରେ ନିର୍ଭରଶୀଳ ଶିଳ୍ପ, ସର୍କୁଲାର ଇକୋନୋମି, ଶୀତଳଭଣ୍ଡାର ଓ ଉତ୍ପାଦନ ସାମଗ୍ରୀ ଆଦି ମୋଟ ୧୩ଟି ମୁଖ୍ୟ କ୍ଷେତ୍ର ଅନ୍ତର୍ଭୁକ୍ତ ରହିଛି।

ପ୍ରମୁଖ ପ୍ରକଳ୍ପ ମଧ୍ୟରେ ସୂଚନା ପ୍ରଯୁକ୍ତି ତଥା ଆଇଟି ସକ୍ଷମ ସେବା କ୍ଷେତ୍ରରେ ଲିନ୍‌ଡେ ଇଣ୍ଡିଆ ଲିମିଟେଡ୍ ଖୋର୍ଦ୍ଧାରେ ପରିବହନ ଏବଂ ଦୂରରୁ ପରିଚାଳନା(ରିମୋଟ ଅପରେସନ) ପାଇଁ ଏକ ବୈଶ୍ୱିକ କୌଶଳ କେନ୍ଦ୍ର ସ୍ଥାପନ କରିବ। ଏଥିପାଇଁ ୮୨କୋଟି ଟଙ୍କା ନିବେଶ ହେବା ସହିତ ୨୧୦ ନିଯୁକ୍ତି ସୃଷ୍ଟି ହେବ। ଏହି କମ୍ପାନୀ ମଧ୍ୟ ଭିତ୍ତିଭୂମି ନିର୍ମାଣ କ୍ଷେତ୍ରରେ ଯାଜପୁରରେ ଟାଟା ଇସ୍ପାତ ଓ ଅନ୍ୟାନ୍ୟ ଶିଳ୍ପସଂସ୍ଥା ପାଇଁ ପାଇପଲାଇନ୍ କ୍ଲଷ୍ଟର ପ୍ରକଳ୍ପ ସ୍ଥାପନ କରିବ। ଏଥିପାଇଁ ୧୦୫.୭୦ କୋଟି ଟଙ୍କା ନିବେଶ କରିବ ଏବଂ ଏଥିରୁ ୩୫ଟି ନିଯୁକ୍ତି ସୃଷ୍ଟି ହେବ। ବସ୍ତ୍ର, ପୋଷାକ ଓ ପ୍ରାଯୁକ୍ତିକ ବସ୍ତ୍ର କ୍ଷେତ୍ରରେ କଲରଟୋନ୍ ଟେକ୍ସଟାଇଲ୍ସ ପ୍ରା. ଲି. ଖୋର୍ଦ୍ଧାରେ ୭୦୦.୨୯ କୋଟି ଟଙ୍କା ନିବେଶ କରି ସମନ୍ୱିତ ବସ୍ତ୍ର କେନ୍ଦ୍ର ସୁବିଧା ସ୍ଥାପନ କରିବ, ଯାହାଦ୍ୱାରା ୧,୦୧୦ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଟେକ୍ନୋ ଆକ୍ଟିଭ୍‌ୱେୟାର୍ ପ୍ରା.ଲି. କଟକରେ କ୍ରୀଡ଼ା ପୋଷାକ ଫେବ୍ରିକ୍ ଓ ପୋଷାକ ୟୁନିଟ୍ ପାଇଁ ୧୦୦ କୋଟି ଟଙ୍କା ନିବେଶ କରିବ ଏବଂ ଏହାଦ୍ୱାରା ୨,୫୦୦ ନିଯୁକ୍ତି ସୃଷ୍ଟି ହେବ। ହିଣ୍ଡାଲ୍କୋ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ କେନ୍ଦୁଝର ଓ ସମ୍ବଲପୁରରେ ପୋଷାକ ୟୁନିଟ୍ ପାଇଁ ପ୍ରତ୍ୟେକରେ ୧୦୦ କୋଟି ଟଙ୍କା ନିବେଶ କରିବା ସହ ପ୍ରତ୍ୟେକରେ ୧,୨୦୦ କରି ମୋଟ ୨,୪୦୦ ନିଯୁକ୍ତି ସୃଷ୍ଟି କରିବ। ଆହୁରି ମଧ୍ୟ, ପର୍ଯ୍ୟଟନ କ୍ଷେତ୍ରରେ ଏସ୍‌ୱାଇସିଇ ଇଣ୍ଡିଆ (ଓପିସି) ପ୍ରା.ଲି. ସମ୍ବଲପୁରରେ ୫-ତାରକା ବିଶିଷ୍ଟ ଆଡ଼ମ୍ବରପୂର୍ଣ୍ଣ ରିସର୍ଟ ପାଇଁ ୧୦୭.୪୨ କୋଟି ଟଙ୍କା ନିବେଶ କରିବ ଏବଂ ଏହାଦ୍ୱାରା ୧୫୦ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଯାନ୍ତ୍ରିକ ଓ ବୈଦ୍ୟୁତିକ ଉପକରଣ ଦ୍ରବ୍ୟ ଉତ୍ପାଦନ କ୍ଷେତ୍ରରେ ରାହୀ ଟ୍ରାକ୍ ଟେକ୍ନୋଲୋଜିଜ୍ ପ୍ରା. ଲି. ଖୋର୍ଦ୍ଧାରେ ଭାରୀ ଇସ୍ପାତ କାଷ୍ଟିଂ ବ୍ୟବସ୍ଥା ପାଇଁ ୧୪୦ କୋଟି ଟଙ୍କା ବିନିଯୋଗ କରିବ ଓ ଏହାଦ୍ୱାରା ୧୫୦ ନିଯୁକ୍ତି ସୁଯୋଗ ମିଳିବ। ଇସ୍ପାତ କ୍ଷେତ୍ରରେ କୋଣାର୍କ ଇସ୍ପାତ ଲିମିଟେଡ୍ ଝାରସୁଗୁଡ଼ାରେ ରୋଲିଂ ମିଲ୍, ପେଲେଟ୍ ପ୍ଲାଣ୍ଟ, ଡି.ଆର୍.ଆଇ., ବିଲେଟ୍ ପ୍ଲାଣ୍ଟ ଓ ସି.ପି.ପି. ସହିତ କାରଖାନା ବିସ୍ତାର ପାଇଁ ୯୯୦ କୋଟି ଟଙ୍କା ନିବେଶ କରି ୨,୦୦୦ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ରସାୟନ କ୍ଷେତ୍ରରେ ସିରିଅସ୍ ସ୍ପେସିଆଲିଟି କେମିକାଲ୍ସ ପ୍ରା.ଲି. ଦ୍ୱାରା ଯାଜପୁରରେ କାର୍ବନ ଇଲେକ୍‌ଟ୍ରୋଡ୍ ପେଷ୍ଟ ଉତ୍ପାଦନ କାରଖାନା ପାଇଁ ୨୦୫.୪୪ କୋଟି ଟଙ୍କା ନିବେଶ ଫଳରେ ୬୦୦ ନିଯୁକ୍ତି ସୃଷ୍ଟି ଲକ୍ଷ୍ୟ ରଖିଛି।

**ଘର ଭିତରେ ପଶିଗଲା ଟ୍ରକ୍**

# ଡ୍ରାଇଭର ମୃତ, ଘର ମାଲିକ ଆହତ



ଭଞ୍ଜନଗର, ୧୯।୯(ସମିସ): ଭଞ୍ଜନଗର-ବ୍ରହ୍ମପୁର ମୁଖ୍ୟ ରାସ୍ତାର କଇଣ୍ଠି ଗ୍ରାମରେ ଏକ ମର୍ମନ୍ତୁଦ ଦୁର୍ଘଟଣାରେ ଜଣେ ଟ୍ରକ୍ ଚାଳକଙ୍କ ମୃତ୍ୟୁ ହୋଇଛି। ମୃତ ଟ୍ରକ୍ ଚାଳକଙ୍କ ନାମ ଜଣାପଡ଼ି ନଥିବା ବେଳେ ତାଙ୍କ ଘର ରାଜସ୍ଥାନରେ ବୋଲି ପୁଲିସ କହିଛି। ସେହିପରି ଏହି ଦୁର୍ଘଟଣାରେ ପୂର୍ବତନ ଭଞ୍ଜନଗର ବ୍ଲକ୍ କଂଗ୍ରେସ ସଭାପତି ବିଜୟ କୁମାର ବେହେରା ମଧ୍ୟ ଆହତ ହୋଇଛନ୍ତି। ତାଙ୍କୁ ଭଞ୍ଜନଗର ମେଡିକାଲରେ ଭର୍ତ୍ତି କରାଯାଇଛି।

ସୂଚନାନୁଯାୟୀ, ଗୁରୁବାର ରାତିରେ ରାଜସ୍ଥାନର ଏକ ଟ୍ରକ୍ ବ୍ରହ୍ମପୁରରୁ ରଦି କାଗଜ ଧରି ରାଜସ୍ଥାନ ଅଭିମୁଖେ ଯାଉଥିଲା। ବାଟରେ କଇଣ୍ଠି ଗ୍ରାମର ଗୋଲେଇରେ ଟ୍ରକ୍‌ଟି ଭାରସାମ୍ୟ ହରାଇ ବିଜୟଙ୍କ ଘର ଭିତରକୁ ପଶିଯାଇଥିଲା। ଫଳରେ ଘରେ ଏକୁଟିଆ ଶୋଇଥିବା ବିଜୟ ଆହତ ହୋଇଥିଲେ। ତାଙ୍କ ଘର ମଧ୍ୟ ଭାଙ୍ଗିଯାଇଥିଲା। ଭଞ୍ଜନଗର ଦମକଳ ବାହିନୀ ଏବଂ ଥାନା ଅଧିକାରୀ ଜୀବନାନନ୍ଦ ଜେନା ପହଞ୍ଚିବା ବେଳକୁ ଟ୍ରକ୍ ଭିତରେ ଚାଳକଙ୍କ ମୃତ୍ୟୁ ହୋଇଯାଇଥିଲା। ମୃତ ଚାଳକକୁ ଅଗ୍ନିଶମବାହିନୀ ଗାଡ଼ିରୁ ଉଦ୍ଧାର କରିବା ପରେ ପୁଲିସ୍ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଶନିବାର ରାଜସ୍ଥାନରୁ ଗାଡ଼ି ମାଲିକ ଏବଂ ମୃତ ଚାଳକଙ୍କ ପରିବାରଲୋକେ ଭଞ୍ଜନଗରରେ ପହଞ୍ଚିବା ପରେ ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ପୁଲିସ କହିଛି। ଅପରପକ୍ଷେ, ଦୁର୍ଘଟଣା ପରେ ଟ୍ରକ୍‌ର ହେଲପର୍ ଫେରାର୍ ହୋଇଯାଇଥିବା ଜଣାଯାଇଛି। ଉକ୍ତ ରାସ୍ତାଟି ଖାଲଢିପ ଥିବା ଯୋଗୁଁ ବର୍ଷକରେ ଏକାଧିକ ଦୁର୍ଘଟଣା ଘଟୁଛି। ଜାତୀୟ ରାଜପଥ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବା ପାଇଁ ଦାବି ହେଉଛି।



## ଆଜିର ରାଶିଫଳ

**ମେଷ:** କର୍ମକ୍ଷେତ୍ରରେ ରହିବେ। ମନ ଖୁସି ରହିବ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେଇପାରେ। ପ୍ରେମିକ ପ୍ରେମିକାଙ୍କ ଲାଗି ଦିନଟି ଉତ୍ତମ। ବ୍ୟବସାୟରୁ ଲାଭ ମିଳିବ। ଛାତ୍ରଛାତ୍ରୀ ଖେଳକୁଦରେ ସଫଳତା ହାସଲ କରିବେ।

**ବୃଷ:** କଳା, ମନୋରଞ୍ଜନ ପ୍ରତି ଆଗ୍ରହ ବଢ଼ିବ। ପରିବାର ସହ କୌଣସି ଦୂର ସ୍ଥାନକୁ ଯାତ୍ରା କରିବେ। ପ୍ରେମ ମାମଲାରେ କିଛି ନୂଆ ନିଷ୍ପତ୍ତି ନେବେ। ପ୍ରିୟଜନଙ୍କଠାରୁ ଉପହାର ପାଇବେ।

**ମିଥୁନ:** ବ୍ୟବସାୟ ଓ ଧାର୍ମିକ କାର୍ଯ୍ୟ ପାଇଁ ଅନୁକୂଳ ସମୟ। ବ୍ୟାୟାମ, ଯୋଗ, ଉଚ୍ଚଶିକ୍ଷା, ଧ୍ୟାନ ଆଦି ପ୍ରତି ରୁଚି ବଢ଼ିବ। ଜମି ବିବାଦ ମାମଲା ସମାଧାନ ହେବ। ସାମାଜିକ କାର୍ଯ୍ୟରେ ସାମିଲ ହେବେ।

**କର୍କଟ:** କାର୍ଯ୍ୟ ସ୍ଥିତିରେ ସ୍ଥୁଧାର ଆସିଲେ ମଧ୍ୟ ସ୍ୱାସ୍ଥ୍ୟ ଭଲ ରହିବ ନାହିଁ। ଦାମ୍ପତ୍ୟ ଜୀବନ ଚିନ୍ତାଜନକ ହେବ। କୌଣସି ସ୍ଥାନକୁ ବୁଲିବାକୁ ଯାଆନ୍ତୁ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ।

**ସିଂହ:** ଦାମ୍ପତ୍ୟ ଜୀବନ ସୁଖମୟ ହେବ। କିଛି କ୍ଷେତ୍ରରେ ଅସଫଳ ରହିବେ। କାଳୀ ମା'ଙ୍କ ପୂଜା କରନ୍ତୁ। ନୂଆ ଯୋଜନା ପାଇଁ ଉପଯୁକ୍ତ ସମୟ। ଯୋଗ, ଏକ୍ସରସାଇଜ୍ ପ୍ରତି ଆଗ୍ରହ ପ୍ରକାଶ କରିବେ।

**କନ୍ୟା:** ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ। ବିରୋଧୀଙ୍କଠାରୁ ଦୂରେଇ ରହିବେ। ପ୍ରେମିକ ପ୍ରେମିକାଙ୍କ ମଧ୍ୟରେ ଥିବା ଭୁଲ ବୁଝାମଣା ଦୂର ହେବ। ଛାତ୍ରଛାତ୍ରୀ ପ୍ରବେଶିକା ପରୀକ୍ଷାରେ ସଫଳ ହେବେ।

**ତୁଳା:** ବ୍ୟବସାୟରୁ ଲାଭ ମିଳିବ। ପରିବାର ସଦସ୍ୟଙ୍କ ସହ ମତାନ୍ତର ଦୂର ହେବ। ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ସନ୍ତାନଙ୍କ ସହଯୋଗ ପ୍ରାପ୍ତ ହେବ। ଧାର୍ମିକ ଯାତ୍ରା କରିପାରନ୍ତି।

**ବିଛା:** ପୈତୃକ ସମ୍ପତ୍ତିକୁ ନେଇ ବିବାଦ ଦେଖା ଦେବ। କୋର୍ଟକଚେରୀ ମାମଲା ବିଜୟ ଲାଭ କରିବେ। ପ୍ରତିଯୋଗୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ। ସନ୍ତାନଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଆସିବ।

**ଧନୁ:** ପିଲାଙ୍କ ଶିକ୍ଷା ଓ ସ୍ୱାସ୍ଥ୍ୟ ଉପରେ ଅଧିକ ଖର୍ଚ୍ଚ କରିବାକୁ ପଡ଼ିପାରେ। ଭଲ କାର୍ଯ୍ୟ ଯୋଗୁଁ ସମାଜରେ ପ୍ରତିଷ୍ଠା ବଢ଼ିବ। ମନୋରଞ୍ଜନ କାର୍ଯ୍ୟରେ ନିଜକୁ ସାମିଲ କରିବେ।

**ମକର:** ଦିନଟିରେ କର୍ମକ୍ଷେତ୍ର ରହିବେ। ଧନ ବୃଦ୍ଧି ସହ ଅର୍ଥ ସଞ୍ଚୟ କରିବେ। ବ୍ୟବସାୟରେ ପରିବର୍ତ୍ତନ ଆଣିବାକୁ ଚେଷ୍ଟା କରିବେ। ଦାମ୍ପତ୍ୟ ଜୀବନ ହସଖୁସିରେ କଟିବ। ନିବେଶ ପାଇଁ ଅନୁକୂଳ ସମୟ।

**କୁମ୍ଭ:** ବ୍ୟବସାୟକୁ ମଜଭୁତ କରିବା ପାଇଁ ଅଧିକ ପ୍ରୟାସ କରିବାକୁ ହେବ। ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ଛାତ୍ରଛାତ୍ରୀ ଦିନଚର୍ଯ୍ୟାରେ ପରିବର୍ତ୍ତନ ଆଣିବେ। ଅଫିସ୍ କାମରେ ବିଦେଶ ଯାତ୍ରା ଯୋଗ ରହିବ।

**ମୀନ:** କାର୍ଯ୍ୟ ଆରମ୍ଭ ପାଇଁ ଅନୁକୂଳ ସମୟ। ମାନସିକ ସ୍ୱାସ୍ଥ୍ୟରେ ସୁଧାର ଆସିବ। ପରୀକ୍ଷାର୍ଥୀ ପରୀକ୍ଷାରେ ଭଲ ପ୍ରଦର୍ଶନ କରିବେ। ଅଫିସରେ ନୂଆ କାମ ଆରମ୍ଭ କରିବେ। ବିବାହ ପ୍ରସ୍ତାବ ଆସିବ।

## ଆଜିର ଇତିହାସ

- ୧୮୭୮- ସାପ୍ତାହିକ ଖବରକାଗଜ ଭାବେ 'ଦ ହିନ୍ଦୁ'ର ପ୍ରଥମ ପ୍ରକାଶନ।
- ୧୯୪୬- ପ୍ରଥମ କାନ୍ସ ଚଳଚ୍ଚିତ୍ର ମହୋତ୍ସବ ଆରମ୍ଭ।
- ୧୯୮୩- ଆପଲ୍ ଉପଗ୍ରହ କାର୍ଯ୍ୟ କରିବା ବନ୍ଦ କରିଦେଲା।
- ୨୦୦୦- କ୍ଲିଣ୍ଟନ୍ ଦମ୍ପତିଙ୍କୁ 'ହ୍ୱାଇଟ୍ ୱାଟର୍ କାଣ୍ଡ'ରୁ ମୁକ୍ତ କରାଗଲା।
- ୨୦୧୧- ପାକିସ୍ତାନର ଲାହୋର ଉଚ୍ଚ ଅଦାଳତ ଫେସ୍‌ବୁକ୍ ଉପରେ ରୋକ୍ ଲଗାଇଲେ।




## ଭିନ୍ନ ଜଣେ ବ୍ୟକ୍ତି

# ଛଅ ଥର ମରି ବି ଜୀବିତ

ଜୀବନ ଓ ମୃତ୍ୟୁ ଚିରନ୍ତନ ସତ୍ୟ। ପୃଥିବୀରେ ଯିଏ ଜନ୍ମ ନିଏ ତା'ର ମୃତ୍ୟୁ ନିଶ୍ଚିତ। ଅବଶ୍ୟ ମୃତ୍ୟୁ ପରେ କ'ଣ ହୁଏ ତାହା କେହି ଜାଣନ୍ତି ନାହିଁ। ଏପରି ଅନେକ ଘଟଣା ସାମ୍ନାକୁ ଆସିଛି ଯେଉଁଥିରେ କିଛି ଜଣ ମୃତ୍ୟୁ ଅଳ୍ପ ସମୟ ମଧ୍ୟରେ ଜୀବନ୍ତ ଫେରି ଆସି ସେମାନେ ମୃତ୍ୟୁ ପରର ଦୁନିଆକୁ ଦେଖିଥିବା କୁହନ୍ତି। ଏହି କ୍ରମରେ ତାଞ୍ଜାନିଆର ୪୦ ବର୍ଷୀୟ ଇସ୍ମାଇଲ ଅଜିଜିଙ୍କ ଘଟଣା ପୂରାପୂରି ଅଲଗା। ଛଅ ଛଅ ଥର ତାଙ୍କୁ ମୃତ ଘୋଷଣା କରାଯିବା ପରେ ସେ ବେଶ୍ ଆଶ୍ଚର୍ଯ୍ୟଜନକ ଭାବେ ଜୀବିତ ହୋଇଯାଇଛନ୍ତି। ପ୍ରଥମ ଥର ସେ ତାଙ୍କ ଅଫିସ୍‌ରେ କାମ କରୁଥିବା ସମୟରେ ଏକ ଭୟଙ୍କର ଦୁର୍ଘଟଣାର ଶିକାର ହୋଇଥିଲେ। ତାଙ୍କୁ ହସ୍ପିଟାଲ ନିଆଯିବା ପରେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଏହାପରେ ଇସ୍ମାଇଲଙ୍କ ମୃତ ଶରୀର ନେଇ ତାଙ୍କ ପରିବାର ଲୋକେ ଅନ୍ତିମ ସଂସ୍କାର ପାଇଁ ପହଞ୍ଚିଥିଲେ। ଏହି ସମୟରେ ସେ କଫିନ୍‌ରୁ ଉଠି ପଡ଼ିଥିଲେ। ଇସ୍ମାଇଲଙ୍କ ସହ ଜୀବନ ମୃତ୍ୟୁର ଖେଳ ପାଖାପାଖି ଛଅ ଥର ଘଟିଛି। ଏକଦା ସେ ଦୁର୍ଘଟଣାରେ କୋମାକୁ ଚାଲି ଯାଇଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିବା ପରେ ପୁଣି ଥରେ ସେ ଜୀବିତ ହୋଇ ଯାଇଥିଲେ। ସବୁଠୁ ଆଶ୍ଚର୍ଯ୍ୟକର ଘଟଣା ଥିଲା, ଇସ୍ମାଇଲଙ୍କୁ ଏକ ବିଷାକ୍ତ ସାପ କାମୁଡ଼ିବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେ ବାରମ୍ବାର ଜୀବିତ ହୋଇ ଯାଉଥିବାରୁ ତାଙ୍କ ପରିବାର ଲୋକେ ତାଙ୍କୁ କଫିନ୍‌ରେ ତିନିଦିନ ରଖିଥିଲେ। ସମସ୍ତଙ୍କୁ ଚକିତ କରି ପୁଣି ଥରେ ସେ ଜୀବିତ ହୋଇ ଯାଇଥିଲେ। ତେବେ ମୃତ୍ୟୁ ପରେ ବାରମ୍ବାର ସେ ଜୀବିତ ହୋଇ ଯାଉଥିବାରୁ ଇସ୍ମାଇଲଙ୍କ ପଡ଼ୋଶୀ ତାଙ୍କୁ ଭୂତପ୍ରେତ ମନେକଲେ। ଏପରିକି ରାଗିଯାଇ ଦିନେ ଇସ୍ମାଇଲଙ୍କ ଘର ଜାଳିଦେଲେ। ଆଶ୍ଚର୍ଯ୍ୟର କଥା ଏଥର ବି ଇସ୍ମାଇଲ ଜୀବିତ ରହିଗଲେ। ଏସବୁ ଘଟଣା ପରେ ଇସ୍ମାଇଲ ଏବେ ଏକୁଟିଆ ହୋଇ ଯାଇଛନ୍ତି। କାରଣ ସେ ଗୁଣି ଗାରେଡ଼ି କରୁଛନ୍ତି ନଚେତ୍ ତାଙ୍କ ଶରୀରରେ ଭୂତପ୍ରେତ ଥିବା ତାଙ୍କ ପରିବାର ଲୋକେ ଓ ପଡ଼ୋଶୀମାନେ ଭାବୁଛନ୍ତି। ତେଣୁ ଏବେ ଇସ୍ମାଇଲ ଘର ଛାଡ଼ି ଏକ ଶୂନଶାନ୍ ସ୍ଥାନରେ ଜୀବନ ବିତାଉଛନ୍ତି।



# 'ଦାଦା ସାହେବ ଫାଲ୍‌କେ' କାହାଣୀରେ ପରିବର୍ତ୍ତନ ଚାହୁଁଛନ୍ତି ଅମିର୍

ବଲିଉଡ୍‌ର ଲୋକପ୍ରିୟ ଅଭିନେତା ଅମିର୍ ଖାନ୍ 'ଦାଦା ସାହେବ ଫାଲ୍‌କେ' ଫିଲ୍ମ ପାଇଁ ଜୋରସୋରରେ ପ୍ରସ୍ତୁତି ଆରମ୍ଭ କରି ଦେଇଥିବା ନିକଟରେ କିଛି ରିପୋର୍ଟରେ ପ୍ରକାଶ ପାଇଥିଲା। ଏବେ ଏହାର କାହାଣୀ ତାଙ୍କୁ ପସନ୍ଦ ଆସି ନ ଥିବା ଚର୍ଚ୍ଚା ହେଉଛି। ନିକଟରେ ଅମିର୍ ରାଜକୁମାର ହିରାନୀ ଓ ଅଭିଜିତ୍ ଯୋଶୀଙ୍କ ଠାରୁ ଏହାର କାହାଣୀ ଶୁଣିଥିଲେ। ତେବେ ଥିଏଟର୍‌କୁ ଦର୍ଶକଙ୍କୁ ଟାଣିବା ଭଳି ଏହାର କାହାଣୀ ନୁହେଁ ବୋଲି ସେ ଅନୁଭବ କରିଥିଲେ। ରାଜକୁମାରଙ୍କ ଅନ୍ୟ ଫିଲ୍ମ ଭଳି ଏଥିରେ କମେଡି ଓ ଇମୋସନ୍‌ର ମିଶ୍ରଣ ଦେଖିବାକୁ ମିଳିବ ବୋଲି ଅମିର୍ ପୂର୍ବରୁ ଭାବୁଥିଲେ। ହେଲେ ଏଥିରେ ସେମିତି କିଛି ନ ଦେଖି ସେ ରାଜକୁମାରଙ୍କୁ ପୁଣିଥରେ ଏହାର କାହାଣୀ ଲେଖିବା ପାଇଁ କହିଛନ୍ତି। ଏହାର ସୁଟିଂ ଅକ୍ଟୋବରରୁ ଆରମ୍ଭ ହେବାର ଥିଲା। ଯଦି ଏହାର କାହାଣୀର ପରିବର୍ତ୍ତନ କରାଯାଏ ଏହାର ସୁଟିଂ ଆହୁରି ଘୁଞ୍ଚିଯିବ। ଅମିରଙ୍କ ଏହି ନିଷ୍ପତ୍ତିରେ ଏବେ ରାଜକୁମାର ଓ ଅଭିଜିତ୍ ଦ୍ୱନ୍ଦ୍ୱରେ ପଡ଼ି ଯାଇଛନ୍ତି। ଏଠାରେ ପ୍ରକାଶ ଥାଉ କି, ଅମିର୍ ଏହାପୂର୍ବରୁ ରାଜକୁମାରଙ୍କ ସହ 'ଥ୍ରି ଇଡିଅଟସ୍' ଓ 'ପିକେ' ଫିଲ୍ମରେ କାମ କରିଥିଲେ।

# ଘୋଡ଼ାରେ ଯାଆନ୍ତି ସ୍କୁଲ

ସ୍କୁଲ ବସ୍, ରିକ୍ସା, ସାଇକଲ ଆଦିରେ ପିଲାମାନେ ସ୍କୁଲ ଯିବା କଥା ସମସ୍ତେ ଜାଣନ୍ତି। ହେଲେ ଆସାମର ଜଣେ ତୃତୀୟ ଶ୍ରେଣୀର ଛାତ୍ର ନିତିଦିନ ଘୋଡ଼ା ଚଢ଼ି ସ୍କୁଲ ଯାଆନ୍ତି। ଏହାର ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ସେୟାର୍ ହେବା ପରେ ସମସ୍ତଙ୍କ ନଜରକୁ ଆସିଛି। ବାରବାକରା ଗାଁର ଯୁବରାଜ ରାଭା ସାଉଥ୍ ପନଟନ୍ ଟ୍ରାଇବାଲ ମିଡିଲ ଇଂଲିଶ ସ୍କୁଲରେ ପାଠ ପଢ଼ନ୍ତି। ସ୍କୁଲଟି ଆସାମ-ମେଘାଳୟ ସୀମାରେ ଅବସ୍ଥିତ। ଏଥିପାଇଁ ଯୁବରାଜଙ୍କୁ ପାହାଡ଼ିଆ ଅଞ୍ଚଳ ଦେଇ ପାଖାପାଖି ଚାରି କିଲୋମିଟର ଯିବାକୁ ହୋଇଥାଏ। ସ୍କୁଲ ଯିବା ପାଇଁ ଯାନବାହନ ବ୍ୟବସ୍ଥା ନ ଥିବାରୁ ସେ ସ୍କୁଲକୁ ନିତିଦିନ ଘୋଡ଼ା ଚଢ଼ି ଯାଇଥାନ୍ତି। ତାଙ୍କ ଘୋଡ଼ାର ନାମ 'ପକ୍ଷୀରାଜ'। ଯୁବରାଜ ଘୋଡ଼ାରେ ନିତିଦିନ ପାହାଡ଼ ପର୍ବତ ଦେଇ ସ୍କୁଲ ଯାଉଥିଲେ ବି କୌଣସି ଦିନ ସେ ପାଠପଢ଼ାରୁ ବିରତ ହୁଅନ୍ତିନି। ଗତବର୍ଷ ଯୁବରାଜ ସ୍କୁଲ ଯିବା ପାଇଁ ତାଙ୍କ ବାପା ଏହି ଘୋଡ଼ାଟିକୁ ଆଣିଥିଲେ। ସେ ସ୍କୁଲରୁ ଫେରିବା ପରେ ନିଜେ ଘୋଡ଼ାଟିକୁ ଚାରା ଦିଅନ୍ତି। ପ୍ରଥମେ ପ୍ରଥମେ ଯୁବରାଜ ଘୋଡ଼ାରେ ଆସୁଥିବାରୁ କୁନି ପିଲାଟିର ସୁରକ୍ଷାକୁ ନେଇ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀମାନେ ଚିନ୍ତିତ ଥିଲେ। ପରବର୍ତ୍ତୀ ଅବସ୍ଥାରେ ସେ ଏଭଳି କରି ଗ୍ରାମାଞ୍ଚଳ ପିଲାମାନଙ୍କ ସଂଘର୍ଷ ଏବଂ ଉନ୍ନତ ଭିତ୍ତିଭୂମିର ଆବଶ୍ୟକତାକୁ ଲୋକଲୋଚନକୁ ଆଣିପାରିଛନ୍ତି ବୋଲି ଶିକ୍ଷକଶିକ୍ଷୟିତ୍ରୀମାନେ କହିଛନ୍ତି। ଏହି ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବା ପରେ ଲୋକେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ଦେଇଛନ୍ତି।



# ମୁନା ପରି ସବୁ ହୁଅ


ନିରାକାର ଚଇନି

ସକାଳୁ ସକାଳୁ ମୁହଁ ହାତ ଧୋଇ
ସାରି ପାଇଖାନା କାମ
ପାଣି ମୁନ୍ଦେ ପିଇ ଖୋଲା ପଡ଼ିଆକୁ
ଧାଇଁଯାଏ ମୁନା ଆମ।
ନାନା ପରକାର ବ୍ୟାୟାମ କରେ ସେ
ଶୋଇ ବସି ହୋଇ ଠିଆ।
ଦଉଡ଼ା ଦଉଡ଼ି କରେ ବେଳେବେଳେ
ବେଳେବେଳେ ମାରେ ଡିଆଁ।
ଘରକୁ ଫେରିଲେ ଦାନ୍ତ ଘଷିସାରି
ଜଳଖିଆ ଦି'ଟା ଖାଇ
ବହି ଖାତା ଧରି ପାଠ ବଢ଼ି ବସେ
ପଢ଼ା ଘରକୁ ତା' ଯାଇ।
ଖାଲି ପଢ଼ା ନୁହେଁ ଖେଳା ଖେଳିରେ ବି
ଅଟେ ବୋଲି ଧୂରନ୍ଧର
ଗୁରୁଜୀ ଗୁରୁମା' ସାଥି ପିଲାମାନେ
କରନ୍ତି ଭାରି ଆଦର।
ଆଇଁଷ ଠୁ ବେଶୀ ସବୁଜ ପରିବା
ଖାଇବାକୁ ପାଏ ଭଲ
ଦିନଟିଏ କେବେ ରୋଗ ମୁଖେ ପଡ଼ି
ହୋଇନାହିଁ କଲବଲ।
ସଭିଏଁ କହନ୍ତି ପିଲାମାନେ ତୁମେ
ମୁନା ପରି ସବୁ ହୁଅ
ଦେଖିବ, ତୁମରି ବାପା ମା' ଓଠରୁ
ଛୁଟିବ ହସର ସୁଅ।

ସୁବୁଦ୍ଧିସାହି, ତେଲକୋଇ, କେନ୍ଦୁଝର
ମୋ-୮୨୪୯୩୮୭୯୭୩

# ପ୍ରହେଳିକା



- ଅନ୍ନଦାତା ସିଏ ଆମରି ପାଇଁ
ତାଙ୍କ ପାଇଁ ଖୁସିରେ ପାରୁଛେ ଜିଇଁ
ଡରନ୍ତିନି ସିଏ ବରଷା ଖରା
ବିଲରେ ନିଇତି ପକାନ୍ତି ଡେରା
କାଦୁଅ ପାଣିରେ ହୋଇ ସେ ଘାଣ୍ଟି
ଖରାରେ ଖଟନ୍ତି ସୁଖେଇ ତଣ୍ଟି
ସଭିଙ୍କ ପେଟକୁ ଦାନା ଦିଅନ୍ତି ସିଏ
କହିଲ ଦେଖି ସେ ମହାନ ବ୍ୟକ୍ତିଟି କିଏ।
ଉ-କୃଷକ

- ନଈ ପଠାରେ ଖେଳୁଛି ଦୋଳି
ଧବଳ ରଙ୍ଗକୁ ଦେହରେ ବୋଳି
ଶରତ ଆସିଲେ ତା'ର ସମ୍ଭାର
ଦିଶୁଥାଏ ସିଏ କି ମନୋହର
ଅତି ସୁନ୍ଦର ଏକ ଫୁଲଟି ସିଏ
ନାମଟି ତାହାର କହିବ କିଏ।
ଉ-କାଶତଣ୍ଡି

- କାଠର ଚକକୁ କାଠ ଶରୀର
ବଳଦ ଦୁଇଟି ଚାଳକ ତା'ର
କେତେ ଦରବ ନିଅଇ ବୋହି
କିଏ ସେ ପାରିବ ନାମ ତା କହି।
ଉ-ଶଗଡ଼

- ଏମିତି ଗଛଟେ ଦେଖିଛି କିଏ
ଲାଗିଗଲେ ଦେହେ କୁଣ୍ଡେଇ ହୁଏ।
ଉ-ବିଛୁଆତି

- ପ୍ରଶାନ୍ତ କୁମାର ନାଥ
ସୁନ୍ଦରପୁର, ଯାଜପୁର

# ପାର୍ବଣର ଋତୁ


ଡ. ଶୁଭେନ୍ଦୁ ମହାପାତ୍ର

ଆସିଗଲା ଏବେ ପାର୍ବଣର ଋତୁ
ସଜେଇ ହେଲାଣି ଧରା
ବୃକ୍ଷଲତା ଏବେ ହସି ଉଠିଲାଣି
ଫୁଲ ଫଳେ ହୋଇ ଭରା।।
ଶରତ ସକାଳ କେଡ଼େ ମନୋହର
ମନ ମୋହି ନେଉଥାଏ
ନିର୍ମଳ ଆକାଶେ ମେଘ ଖଣ୍ଡମାନ
ଧାଡ଼ିବାନ୍ଧି ଭାସୁଥାଏ।।
ନଈପଠା ଧାରେ ଧବଳ କୁସୁମ
କାଶତଣ୍ଡି ଝୁଲୁଥାଏ
ଯୁଇ ଜାଇ ହେନା ଗୋଲାପ କୁମୁଦ
ହୃଦୟକୁ ଛୁଇଁଯାଏ।।
ନିର୍ମଳ ସଞ୍ଜରେ ବାଡ଼ି ବଗିଚାରେ
ଜହ୍ନିଫୁଲ ହସୁଥାଏ
ଗଙ୍ଗଶିଉଳିର ମଧୁର ବାସନା
ପବିତ୍ରତା ଭରିଦିଏ।।
ପ୍ରତ୍ୟୁଷ ପ୍ରଦୋଷେ ଶିଶିର ପ୍ରକାଶେ
ସାରୁପତ୍ରେ ଢଳ ଢଳ
ଶୋଭାରେ ମଣ୍ଡିତ ଶାଗୁଆ କ୍ଷେତରେ
ଚାଷୀ ହୁଅଇ ଚଞ୍ଚଳ।।
ଶରତେ ଶାରଦା ଧରାକୁ ଆସିବେ
ବିଶ୍ୱର କଲ୍ୟାଣ ପାଇଁ
ଆନନ୍ଦେ ବିଭୋର ହୋଇ ଯଜମାନ
ନୈବେଦ୍ୟ ଅର୍ପିବେ ନେଇ।।

ସତ୍ୟବିହାର, ପଳାଶୁଣି
ଭୁବନେଶ୍ୱର
ମୋ-୯୪୩୮୦୬୪୯୦୮

# ସୁମନ



# ଭୁଲ୍‌କୁ ଲୁଚାଅ ନାହିଁ


ଦେବେନ୍ଦ୍ର କର


ଅନିତ୍ ପାଠରେ ଯେମିତି ସାଠରେ ବି ସେମିତି। ପାଖ ସ୍କୁଲରେ ସେ ପଞ୍ଚମ ଶ୍ରେଣୀରେ ପଢ଼େ। ସ୍କୁଲରେ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇ ପୁରସ୍କୃତ ମଧ୍ୟ ହୁଏ। ସବୁ ଭଲ ଗୁଣ ଭିତରେ ତା'ର ଗୋଟିଏ ଖରାପ ଗୁଣ ଥିଲା, ଭୁଲ୍ କଲେ ଘରେ କାହାରିକି କିଛି କୁହେନି। ବାପା ତାକୁ ସବୁବେଳେ ବୁଝାନ୍ତି ଆରେ ମଣିଷ ମାତ୍ରେକେ ଭୁଲ୍। ଭୁଲ୍‌କୁ ସଂଶୋଧନ କରି ଆଗକୁ ବଢ଼ିବା ହିଁ ଜୀବନ। ଭୁଲ୍‌କୁ ଲୁଚାଇଲେ ଆଉ ଗୋଟେ ଭୁଲ ନିଶ୍ଚିତ ହେବ। ସେଦିନ ସଂଧ୍ୟାରେ ଅନିତ୍ ଟେବୁଲ୍ ଉପରୁ ପାଣି ବୋତଲ ନେଲାବେଳେ ହଠାତ୍ ତା' ହାତ ବାଜି ପାଣି ଢାଳି ହୋଇଗଲା। ଗୋଟେ କଡ଼କୁ ବାପାଙ୍କ ମୋବାଇଲ୍ ଥୁଆ ହୋଇଥିଲା। ସେ ଚଟାପଟ୍ ଟେବୁଲ ଉପର ଆଉ ମୋବାଇଲକୁ ପୋଛାପୋଛି କରି ରଖିଦେଲା। ଆଉ କାହାକୁ କିଛି ନ କହି ତା' ପଢ଼ା ଟେବୁଲ୍ ପାଖରେ ଆସି ଚୁପକି ବସି ପଡ଼ିଲା। ଟିକେ ସମୟ ପରେ ବାପା ତାଙ୍କ ମୋବାଇଲ ଦେଖିଲେ। ପାଣି କିଏ ଢାଳିଥିଲ କି? ମୋ ମୋବାଇଲ ପଛପଟ କେମିତି ଓଦା ହେଲା? ଘରେ ସମସ୍ତଙ୍କୁ ପଚାରିଲେ ହେଲେ ସମସ୍ତେ ମନା କଲେ। ଶେଷରେ ଅନିତ୍ ମାନିଲା ଯେ, ତା' ହାତ ବାଜି ପାଣି ଢାଳି ହୋଇଛି। ବାପା ମୋବାଇଲ କଭର କାଢ଼ି ଦେଖିଲେ ସବୁ ଠିକ୍ ଥାଏ। ବାପା କହିଲେ, ଆରେ ଅନିତ୍ ପାଣି ଲାଗିଲେ ମୋବାଇଲ୍ ଖରାପ ହେଇଯିବ। ତୁ ମତେ ସଙ୍ଗେସଙ୍ଗେ କହିଥାନ୍ତୁ ନା। ଅନିତ୍ କହିଲା, ଅଜାଣତରେ ମୋ' ହାତ ବାଜି ପାଣି ଢାଳି ହୋଇଗଲା। ମୁଁ ଶୁଖିଲା କପଡ଼ାରେ ପୋଛି ଦେଇଥିଲି। ବାପା କହିଲେ ହେଲା ଯେ, ତୁ ଭୁଲ୍‌କୁ ନ ଲୁଚେଇ କହିଦବୁ। ନ ହେଲେ ବଡ଼ ଅସୁବିଧା ହେଇଯିବ। ଅନିତ୍ ଆଜ୍ଞା ବାପା କହି କଥା ଦେଲା ହେଲେ ଭୁଲକୁ ଲୁଚେଇବା ତା'ର ପୁରୁଣା ଅଭ୍ୟାସ। ପୂର୍ବପରି ଯେବେ କିଛି ଭୁଲ୍ କରି ବସେ କାହାକୁ କିଛି ଜଣାଏ ନାହିଁ। ଅନିତ୍ ସ୍କୁଲ ଜୋତା ପୁରୁଣା ହେଇ ଛିଣ୍ଡିଗଲା। ବାପାଙ୍କ ସହିତ ବଜାର ଯାଇ ସେଦିନ ସନ୍ଧ୍ୟାରେ ନୂଆ ଜୋତା କିଣିଆଣିଲା। ତହିଁଆର ଦିନ ସେ ଖୁସି ମନରେ ନୂଆ ଜୋତା ପିନ୍ଧି ସ୍କୁଲ୍ ଗଲା। ହେଲେ ସେ ଜୋତାଟା ଟିକେ ଟାଇଟ୍ ହେଉଥିଲା। ସେ ଲାଗି ତା' ପାଦରେ ଫୋଟକା ହେଇଗଲା। ଘରେ କାଳେ ରାଗିବେ ସେ ଡରିକି ଆଉ କାହାରିକି କିଛି କହିଲା ନାହିଁ। ସେଇ ଫୋଟକାରେ ଟାଇଟ୍ ଜୋତାକୁ ତାପର ଦିନ ବି ପିନ୍ଧି ସ୍କୁଲ ବାହାରି ପଡ଼ିଲା। ଦ୍ୱିତୀୟ ଦିନ ଗୋଡ଼ ଅବସ୍ଥା ସାଙ୍ଘାତିକ ହେଇଗଲା। ଘରେ ଆସି ଛୋଟେଇ ଛୋଟେଇ ଚାଲିବାରୁ ସମସ୍ତେ ଜାଣିଗଲେ। ବାପା କହିଲେ, ନୂଆ ଜୋତା ଜଦି ଟାଇଟ୍ ହେଉଚି ନୂଆ ବେଳେ ହିଁ ଦୋକାନୀ ଫେରାଇବ ପୁରୁଣା ହେଇଗଲେ ଆଉ କ'ଣ ସେ ନେବ। ଆଉ ଗୋଡ଼ରେ ଯୋଉ କଷ୍ଟ ପାଉଛୁ ତୋ ଭୁଲ୍ ଲାଗି। ସବୁ କଥା ଲୁଚାଉଛୁ କାହିଁକି। ଆଜି ଭଲ ଅଛି ମନ୍ଦ ଅଛି। ବାପା ସଙ୍ଗେ ସଙ୍ଗେ ଔଷଧ ଆଣି ପାଦରେ ମାରିଦେଲେ ଆଉ ଟାଇଟ୍ ଜୋତାକୁ ବଦଳାଇ ତା ପାଇଁ ନୂଆ ଜୋତା ନେଇଆସିଲେ। ଅନିତ୍ ନିଜ ଭୁଲ୍ ବୁଝିଲା ଆଉ କେବେ କିଛି ଲୁଚେଇବ ନାହିଁ ବୋଲି ଜବାବ ଦେଲା।

ମଙ୍ଗଳାବାଗ, କଟକ
ମୋ-୯୯୩୭୯୭୩୯୧୦

## କୁନି ହାତରେ ତୂଳୀ



ଦେବହୁତି ବରଦାଲକ୍ଷ୍ମୀ ରାଉତ
ଦ୍ୱିତୀୟ ଶ୍ରେଣୀ
ଦୀପ୍ତି କନଭେଣ୍ଟ ସ୍କୁଲ
ରାୟଗଡ଼ା



ଅମ୍ରିତ ସାହୁ
ପଞ୍ଚମ ଶ୍ରେଣୀ
ଚନ୍ଦନ ମଣ୍ଡପ ସାହି ସରକାରୀ ପ୍ରାଥମିକ ବିଦ୍ୟାଳୟ
ଇନ୍ଦିପୁର, ଢେଙ୍କାନାଳ



ପ୍ରଜ୍ଞା ରାଣୀ ଦଳାଇ
ଚତୁର୍ଥ ଶ୍ରେଣୀ
ସେଣ୍ଟ ଜାଭିୟର୍ସ ହାଇସ୍କୁଲ
ଜୋବ୍ରା, କଟକ




ସାଦ୍ୟାନ୍ତ ଶତପଥୀ
ସପ୍ତମ ଶ୍ରେଣୀ
ମଦର୍ସ ପବ୍ଲିକ ସ୍କୁଲ
ପୁରୀ

### ରେସଲିଂ ୱାର୍ଲ୍ଡ ଚାମ୍ପିଅନସିପ୍

# ଇତିହାସ ରଚିଲେ ଅନ୍ତିମ

ନୂଆଦିଲ୍ଲୀ,୧୯।୯ (ଏଜେନ୍ସି): ଭାରତୀୟ କୁସ୍ତିଯୋଦ୍ଧା ଅନ୍ତିମ ପାଙ୍ଘଲ ରେସଲିଂ ୱାର୍ଲ୍ଡ ଚାମ୍ପିଅନସିପ୍‌ରେ କାଂସ୍ୟ ପଦକ ବିଜୟୀ ହୋଇଛନ୍ତି। ଗତକାଲି ଅନୁଷ୍ଠିତ କାଂସ୍ୟପଦକ



ମୁକାବିଲାରେ ସ୍ୱିଡେନର ମାଲମଗ୍ରେନଙ୍କୁ ୯-୧ ସ୍କୋରରେ ହରାଇ ଅନ୍ତିମ ବିଶ୍ୱର ଏହି ଶ୍ରେଷ୍ଠ ରେସଲିଂ ପ୍ରତିଯୋଗିତାରେ ଦ୍ୱିତୀୟ ପଦକ ଜିତି ଇତିହାସ ରଚିଛନ୍ତି। ତାଙ୍କ ବ୍ୟତୀତ କେବଳ ଆଉ ଜଣେ ଭାରତୀୟ ବିନେଶ ଫୋଗଟ ରେସଲିଂ ୱାର୍ଲ୍ଡ ଚାମ୍ପିଅନସିପ୍‌ରେ ୨ଟି ପଦକ ଜିତିବାର ରେକର୍ଡ କରିଥିଲେ। କ୍ରୋଏସିଆର ଜାଗ୍ରେବ୍‌ଠାରେ ଚାଲିଥିବା ଏହି ପ୍ରତିଯୋଗିତାର ଗୁରୁବାର ୫୩ କିଲୋଗ୍ରାମ୍ ଶ୍ରେଣୀର କାଂସ୍ୟ ପଦକ ଲାଗି ମୁକାବିଲା ହୋଇଥିଲେ। ଏଥିରେ ଅନ୍ତିମ ୯-୧ ସ୍କୋରରେ ସ୍ୱିଡେନର ଜୋନ୍ନା ଏମ୍ମା ମାଲମଗ୍ରେନ୍‌ଙ୍କୁ ହରାଇଥିଲେ। ପୂର୍ବରୁ ସେ ୨୦୨୩ରେ ମଧ୍ୟ ମାଲମଗ୍ରେନ୍‌ଙ୍କୁ ହରାଇ ଏହି ପ୍ରତିଯୋଗିତାରେ ପ୍ରଥମ ପଦକ ବିଜୟୀ ହୋଇଥିଲେ। ବିନେଶ ଦ୍ୱିତୀୟ ପଦକ ଜିତିବା ବେଳକୁ ୨୮ ବର୍ଷର ହୋଇଥିଲେ। କିନ୍ତୁ ୨୧ ବର୍ଷରେ ଅନ୍ତିମ ଏହି ସଫଳତା ହାସଲ କରିଛନ୍ତି। ରେକର୍ଡ ସମ୍ପର୍କରେ ମୁଁ ଅବଗତ ନାହିଁ। ତଥାପି ଏକାଧିକ ପଦକ ଜିତିବାରେ କେବଳ ବିନେଶ ସହ ଯଦି ସମକକ୍ଷ ହୋଇଥାଏ ତାହା ଗର୍ବର ବିଷୟ ବୋଲି କହନ୍ତି ଅନ୍ତିମ। ଏହି ସଫଳତା ଯୋଗୁଁ ଅନ୍ତିମ ପ୍ୟାରିସ୍ ଅଲିମ୍ପିକ୍ ବିଫଳତାକୁ ଭୁଲିବାରେ ସମର୍ଥ ହୋଇଛନ୍ତି।

### ଚାଇନା ମାଷ୍ଟର୍ସ ବ୍ୟାଡମିଣ୍ଟନ

# କ୍ୱାର୍ଟରରେ ହାରିଲେ ସିନ୍ଧୁ

ନୂଆଦିଲ୍ଲୀ,୧୯।୯ (ଏଜେନ୍ସି): ପ୍ୟାରିସରେ ସ୍ୱର୍ଣ୍ଣ ପଦକ ବିଜେତା କୋରିଆର ଆନ୍ ସେ ୟଙ୍ଗଙ୍କଠାରୁ ଭାରତର ଡବଲ ଅଲିମ୍ପିକ୍ ପଦକ ବିଜେତା ପିଭି ସିନ୍ଧୁ ଏଠାରେ ଚାଲିଥିବା ଚାଇନା ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାର କ୍ୱାର୍ଟର ଫାଇନାଲରେ ପରାଜିତ ହୋଇଛନ୍ତି। ଏହି ମ୍ୟାଚ୍‌ଟି ମାତ୍ର ୩୮ ମିନିଟ୍‌ରେ ଶେଷ ହୋଇଥିଲା ଓ ଏଥିରେ ୟଙ୍ଗ ୨୧-୧୪, ୨୧-୧୩ରେ ଜିତିନେଇଥିଲେ। ଏହାକୁ ମିଶାଇ ସିନ୍ଧୁ କ୍ରମାଗତ ୮ମ ଥର ଲାଗି ୟଙ୍ଗଙ୍କ ନିକଟରୁ ହାରିଯାଇଛନ୍ତି। ୟଙ୍ଗଙ୍କ ସୁପର ପାୱାର ଆଗରେ ସିନ୍ଧୁଙ୍କ ରିଟର୍ଣ୍ଣ ଖୁବ୍ ଦୁର୍ବଳ ରହିଥିଲା। ଦୁଇଟିଯାକ ସେଟ୍‌ରେ ୟଙ୍ଗ ପୂରା ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲେ। ଏହି ତାରକା ଖେଳାଳିଙ୍କ ବିପକ୍ଷରେ ସିନ୍ଧୁ ଏଯାଏ ଗୋଟିଏ ହେଲେ ମ୍ୟାଚ୍ ଜିତିବାରେ ସମର୍ଥ ହୋଇପାରି ନାହାନ୍ତି।

### ମଡର୍ଣ୍ଣ ପେଣ୍ଟାଥଲନ ଲେଜର ରନ୍

# ପଦକ ବିଜେତାଙ୍କୁ ସମ୍ବର୍ଦ୍ଧନା



ଭୁବନେଶ୍ୱର,୧୯।୯ (ସମିସ): ବିହାରରେ ଆୟୋଜିତ ହୋଇଥିବା ନବମ ମଡର୍ଣ୍ଣ ପେଣ୍ଟାଥଲନ ଲେଜର ରନ୍ ଜାତୀୟ ଚାମ୍ପିଅନସିପ୍‌ରେ ଓଡ଼ିଶା କାଂସ୍ୟ ପଦକ ବିଜୟୀ ହୋଇଥିଲା। ଏହି ପଦକ ବିଜେତା ହେଲେ ପ୍ରଣବ ଦାସ, ମହମ୍ମଦ ଅମନ ଓ ଆକାଶ ମିର୍ଦ୍ଧା। ଏହି ୩ଜଣ ଖେଳାଳି ଓ ତାଙ୍କ କୋଚ୍ ମହମ୍ମଦ୍ ଆଜମଙ୍କୁ କ୍ରୀଡ଼ା ବିଭାଗର କମିଶନର ତଥା ଶାସନ ସଚିବ ସଚିନ ରାମଚନ୍ଦ୍ର ଯାଦବ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ରେ ସମ୍ମାନିତ କରିଥିଲେ। ଏମାନଙ୍କ ବ୍ୟତୀତ ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ଓଡ଼ିଶା ଅଲିମ୍ପିକ ସଂଘ ଓ ପେଣ୍ଟାଥଲନ ସଂଘ ପକ୍ଷରୁ ଅଭିନନ୍ଦନ ଜ୍ଞାପନ କରାଯାଇଥିଲା।

### ଅମିର୍ କଲୀମ୍, ହାମଦ୍ ମିର୍ଜାଙ୍କ ଲଢୁଆ ବ୍ୟାଟିଂ

# ଓମାନ୍‌କୁ ହରାଇବାରେ ଭାରତ ନାକେଦମ୍

ଆବୁଧାବି, ୧୯।୯ (ଏଜେନ୍ସି):



ଟି-୨୦ ବିଶ୍ୱକପ୍ ଚାମ୍ପିଅନ ଭାରତ ନବାଗତ ଓମାନକୁ ହରାଇବା ଲାଗି ହୋଇଛି ନାକେଦମ୍। ପରୀକ୍ଷା ନିରୀକ୍ଷା କରୁଥିବା ଭାରତ ଏହି ମ୍ୟାଚ୍‌କୁ ୨୧ ରନ୍‌ରେ ଜିତିଛି, କିନ୍ତୁ ଓମାନ ଦମ୍‌ଦାର ଖେଳ ପ୍ରଦର୍ଶନ କରି ସମସ୍ତଙ୍କ ମନ ଜିତିବାରେ ସମର୍ଥ ହୋଇଛି। ଓମାନ ପ୍ରଥମେ ଚମତ୍କାର ବୋଲିଂ କରି ଭାରତକୁ ନିର୍ଦ୍ଧାରିତ ୨୦ ଓଭରରେ ୮ ୱିକେଟ ହରାଇ ୧୮୮ରେ ସୀମିତ ରଖିଥିଲା। ଜବାବରେ ଏହି ଦଳ ସମାନ ସଂଖ୍ୟକ ଓଭର ଖେଳି ମାତ୍ର ୪ ୱିକେଟ ବିନିମୟରେ ୧୬୭ ରନ୍ କରିଥିଲା। ସବୁଠାରୁ ଉଲ୍ଲେଖନୀୟ କଥା ହେଲା ୪୩ ବର୍ଷୀୟ ଅମିର କଲୀମ୍ ଓ ହାମଦ ମିର୍ଜାଙ୍କ ଲଢୁଆ ଅର୍ଦ୍ଧଶତକ। ୪୩ ବର୍ଷୀୟ କଲୀମ ୪୬ ବଲ୍‌ରେ ୭ ଚୌକା ଓ ୨ ଛକା ସହ ୬୪ ରନ୍ କରିଥିଲାବେଳେ ବାଉଣ୍ଡରୀ ଲାଇନ୍‌ରେ ହାର୍ଦ୍ଦିକ ପାଣ୍ଡ୍ୟା ଚମତ୍କାର କ୍ୟାଚ୍ ନେଇ ଆଉଟ କରିଥିଲେ। ମିର୍ଜା ୩୩ ବଲ୍‌ରେ ୫୧ ରନ୍ କରିଥିଲେ। ଏମାନଙ୍କ ଲଢୁଆ ବ୍ୟାଟିଂ ଯୋଗୁ ଭାରତକୁ ଏହି ମ୍ୟାଚ ଜିତିବାକୁ କଷ୍ଟ କରିବାକୁ ପଡ଼ିଥିଲା।

### ବ୍ୟାଟିଂ କଲେନି ସୂର୍ଯ୍ୟକୁମାର

ଏହି ମ୍ୟାଚ୍‌ରେ ଟସ୍ ଜିତି ଭାରତ ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେବା ପରେ ଦ୍ୱିତୀୟ ଓଭରରେ ନିର୍ଭରଯୋଗ୍ୟ ଶୁବମନ ଗିଲ୍ (୫)ଙ୍କ ଓ ୮ମ ଓଭରରେ ଉଭୟ ଅଭିଷେକ ଶର୍ମା (୩୮ରନ୍, ୧୫ବଲ୍, ୫ଚୌକା ଓ ୨ଛକା) ଓ ହାର୍ଦ୍ଦିକ ପାଣ୍ଡ୍ୟା (୧)ଙ୍କ ୱିକେଟ ହରାଇଥିଲା। ଏହି ସମୟରେ ନଂ-୩ରେ ବ୍ୟାଟିଂ କରିବାକୁ ଆସିଥିବା ସଞ୍ଜୁ ସାମସନ ଧୈର୍ଯ୍ୟର ସହ ଖେଳି ଅର୍ଦ୍ଧଶତକ ହାସଲ କରିବା ସହ ଭାରତକୁ ଏକ ସମ୍ମାନଜନକ ସ୍କୋରରେ ପହଞ୍ଚାଇଥିଲେ। ସେ ୧୮ତମ ଓଭରରେ ୬ଷ୍ଠ ଖେଳାଳି ଭାବେ ଆଉଟ ହେବା ପୂର୍ବରୁ ୪୫ ବଲ୍‌ରୁ ୩ଟି ଲେଖାଏଁ ଚୌକା ଓ ଛକା ସହ ୫୬ ରନ୍ କରିଥିଲେ। ସଞ୍ଜୁଙ୍କ ପରି ବ୍ୟାଟିଂ ଲାଇନ୍‌ରେ ଉନ୍ନତି ପାଇ ହାର୍ଦ୍ଦିକଙ୍କ ପଛକୁ ନଂ-୫ରେ ବ୍ୟାଟିଂ କରିଥିବା ଅକ୍ଷର ପଟେଲ (୧୩ ବଲ୍‌ରେ ୨୬ରନ୍) ଓ ନଂ-୭ରେ ବ୍ୟାଟିଂ କରିବାକୁ ଆସିଥିବା ତିଳକ ବର୍ମା (୧୮ ବଲ୍‌ରେ ୨୯ରନ୍)ଙ୍କ ଉପଯୋଗୀ ସହାୟତା ବଳରେ ଭାରତ ୮/୧୮୮ ରନ୍ କରିବାକୁ ସମର୍ଥ ହୋଇଥିଲା। ଏହି ମ୍ୟାଚ୍‌କୁ ରବିବାର ପାକିସ୍ତାନ ବିପକ୍ଷ ସୁପର-୪ ମୁକାବିଲା ପୂର୍ବରୁ ଭାରତ ରିହରସାଲ ବିବେଚନା କରି ସମସ୍ତ ବ୍ୟାଟରଙ୍କୁ ଖେଳିବାକୁ ସୁଯୋଗ ଦେଇଥିଲା। କିନ୍ତୁ ଦଳର ଅଧିନାୟକ ସୂର୍ଯ୍ୟକୁମାର ବ୍ୟାଟିଂ କରିବାକୁ ଆସି ନ ଥିଲେ। ଓମାନ ପକ୍ଷରୁ ଜିତେନ ରାମାନନ୍ଦି, ସକୀଲ ଅହମ୍ମଦ୍ ଓ ଅମିର କଲୀମ୍ ଭାରତର ୨ଜଣ ଲେଖାଏଁ ଖେଳାଳିଙ୍କୁ ଆଉଟ କରିଥିଲେ।

### ସୁପର-୪ ଖେଳସୂଚୀ

| ତାରିଖ | ପ୍ରତିଦ୍ୱନ୍ଦ୍ୱୀ | ଭେନ୍ୟୁ |
|---|---|---|
| ୨୦।୯ | ଶ୍ରୀଲଙ୍କା-ବାଂଲାଦେଶ | ଦୁବାଇ |
| ୨୧।୯ | ଭାରତ-ପାକିସ୍ତାନ | ଦୁବାଇ |
| ୨୩।୯ | ଶ୍ରୀଲଙ୍କା-ପାକିସ୍ତାନ | ଆବୁଧାବି |
| ୨୪।୯ | ଭାରତ-ବାଂଲାଦେଶ | ଦୁବାଇ |
| ୨୫।୯ | ପାକିସ୍ତନ-ବାଂଲାଦେଶ | ଦୁବାଇ |
| ୨୬।୯ | ଭାରତ-ଶ୍ରୀଲଙ୍କା | ଦୁବାଇ |
| ୨୮।୯ | ଫାଇନାଲ | ଦୁବାଇ |

ଖେଳ ଆରମ୍ଭ - ରାତି ୯ଟା
ପ୍ରସାରଣ -ସୋନି ସ୍ପୋର୍ଟ୍ସ ନେଟ୍‌ୱର୍କ

### ରାଞ୍ଚି ରୟାଲ ଟସ୍କର ନୂଆ ଟିମ୍

# ୨୪ରେ ହକି ଇଣ୍ଡିଆ ଲିଗ୍ ନିଲାମ

ନୂଆଦିଲ୍ଲୀ,୧୯।୯ (ଏଜେନ୍ସି): ହକି ଇଣ୍ଡିଆ ଲିଗ୍‌ର ମିନି ନିଲାମି ନୂଆଦିଲ୍ଲୀରେ ଥିବା ହକି ଇଣ୍ଡିଆ କାର୍ଯ୍ୟାଳୟରେ ଆସନ୍ତା ୨୪ରେ ଅନୁଷ୍ଠିତ ହେବ। ଏଥର ପୁରୁଷ ଦଳ ଲାଗି ୪ କୋଟି ଓ ମହିଳା ଦଳ ଲାଗି ୨ କୋଟି ଟଙ୍କାର ପର୍ସ ରଖାଯାଇଛି। ସେହିପରି ଟିମ୍‌ରେ ସ୍ଥାନ ପାଉଥିବା ଖେଳାଳିଙ୍କ ସଂଖ୍ୟା ୨୪ରୁ କମାଇ ଦିଆଯାଇ ୨୦ରେ ରଖାଯାଇଛି। ଏହା ମଧ୍ୟରେ ଜଣେ ବିଦେଶୀ ଖେଳାଳି କମିଯାଇଛନ୍ତି। ଏହା ଫଳରେ ଭଲ ଖେଳାଳି କିଣିବାକୁ ଦଳଗୁଡିକ ନିକଟରେ ଅଧିକ ଅର୍ଥ ଉପଲବ୍ଧ ହେବ ବୋଲି ଜଣାଯାଇଛି। ଯେଉଁ ଦଳରେ ଶୂନ୍ୟସ୍ଥାନ ରହିଛି ତାହା



ଏହି ମିନି ନିଲାମିରୁ ପୂରଣ କରାଯିବ। ପ୍ରଥମ ସିଜନରେ ଖେଳିଥିଲା ପୁରୁଷ ବିଭାଗରେ ଟିମ୍ ଗୋନାସିକା ଓ ମହିଳା ବିଭାଗରେ ଡିଫେଣ୍ଡିଂ ଚାମ୍ପିଅନ ଓଡ଼ିଶା ୱାରିୟର୍ସ ଦ୍ୱିତୀୟ ସିଜନରୁ ଓହରିଯାଇଛନ୍ତି। ଏହା ଫଳରେ ଗୋଟିଏ ଦଳ କମିଯାଇଥିଲା। ଏହା ବଦଳରେ ରାଞ୍ଚି ରୟାଲ ଟସ୍କର ଉଭୟ ପୁରୁଷ ଓ ମହିଳା ବିଭାଗରେ ନୂଆ ଦଳ ଭାବେ ଚଳିତ ସିଜନରେ ଅଂଶଗ୍ରହଣ କରିବେ ବୋଲି ହକି ଇଣ୍ଡିଆ ସମ୍ପାଦକ ଭୋଳାନାଥ ସିଂ ପ୍ରକାଶ କରିଛନ୍ତି।

ଚେନ୍ନାଇରେ ଦ୍ୱିତୀୟ ସଂସ୍କରଣ ୨୦୨୬ ଜାନୁଆରୀରେ ଆରମ୍ଭ ହେବ। ଚେନ୍ନାଇରେ ଉଦ୍‌ଘାଟନୀ ଉତ୍ସବ ସହ ପ୍ରଥମ ପର୍ଯ୍ୟାୟ ମୁକାବିଲା ଅନୁଷ୍ଠିତ ହେବ। ଏହା ପରେ ଭୁବନେଶ୍ୱର ଓ ରାଞ୍ଚିରେ ପରବର୍ତ୍ତୀ ଦୁଇଟି ପର୍ଯ୍ୟାୟ ମ୍ୟାଚ୍ ଅନୁଷ୍ଠିତ ହେବ। ବିହାରର ରାଜଗିରିକୁ ଚତୁର୍ଥ ଭେନ୍ୟୁ ଭାବେ ବିବେଚନା କରାଯାଉଛି। ପୁରୁଷ ବିଭାଗରେ ରାର ବେଙ୍ଗଲ ଟାଇଗର୍ସ ଓ ମହିଳା ବିଭାଗରେ ଓଡ଼ିଶା ୱାରିୟର୍ସ ପ୍ରଥମ ସଂସ୍କରଣରେ ଟାଇଟଲ ବିଜୟୀ ହୋଇଥିଲେ।

### ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ

# ୪ ସପ୍ତାହରେ ଏଆଇଆଇଏଫ୍‌ର ନୂଆ ସମ୍ବିଧାନ ଚୂଡ଼ାନ୍ତ କର

ନୂଆଦିଲ୍ଲୀ,୧୯।୯ (ଏଜେନ୍ସି): ଏଆଇଆଇଏଫ୍ (ସର୍ବଭାରତୀୟ ଫୁଟବଲ ମହାସଂଘ)ର ନୂଆ ସମ୍ବିଧାନ ଚିଠା ପ୍ରସ୍ତାବ ଆଜି ସୁପ୍ରିମ୍‌କୋର୍ଟରେ ସାମାନ୍ୟ କିଛି ସଂଶୋଧନ ସହ ଗୃହୀତ ହୋଇଯାଇଛି। ଏହି ନୂଆ ସମ୍ବିଧାନକୁ ଆସନ୍ତା ୪ ସପ୍ତାହ ମଧ୍ୟରେ ଜେନେରାଲ ବଡି ବୈଠକ କରି ଚୂଡ଼ାନ୍ତ କରିବାକୁ ସୁପ୍ରିମକୋର୍ଟ ଆଜି ନିର୍ଦ୍ଦେଶ ଦେଇଛନ୍ତି। ଏହି ସମୟ ମଧ୍ୟରେ ନୂଆ ସମ୍ବିଧାନକୁ ଗ୍ରହଣ କରିବାକୁ ମଧ୍ୟ ନିର୍ଦ୍ଦେଶରେ ସ୍ପଷ୍ଟଭାବେ ଉଲ୍ଲେଖ ରହିଛି। ଏହା ବ୍ୟତୀତ ବର୍ତ୍ତମାନ ଏଆଇଆଇଏଫ୍‌ର ନିର୍ବାଚିତ କର୍ମକର୍ତ୍ତାଙ୍କୁ ମଧ୍ୟ ସୁପ୍ରିମକୋର୍ଟ ସ୍ୱୀକୃତି ଦେଇଛନ୍ତି। ଏହି ନିର୍ବାଚିତ କର୍ମକର୍ତ୍ତା ସେମାନଙ୍କ ପୂରା କାର୍ଯ୍ୟକାଳ ପୂରଣ କରିବେ। ୨୦୨୬ରେ ଏଆଇଆଇଏଫ୍‌ର ପରବର୍ତ୍ତୀ ନିର୍ବାଚନ ଅନୁଷ୍ଠିତ ହେବ। ଏଆଇଆଇଏଫ୍‌ର ତାହାର ସମ୍ବିଧାନରେ ଅକ୍ଟୋବର ୩୦ ଅଲିମ୍ପିକ୍ ଚାର୍ଟର ଅନୁଯାୟୀ ସଂଶୋଧନ ନ କଲେ ଭାରତୀୟ ଫୁଟବଲର





ଏହି ସର୍ବୋଚ୍ଚ ସଂଗଠନକୁ ବାସନ୍ଦ କରିବାକୁ ଫିଫା ଓ ଏସୀୟ ଫୁଟବଲ କନଫେଡେରେସନ ଧମକ ଦେଇଥିଲେ। ୨୦୧୭ରୁ ଏହି ସଂଶୋଧନ ପ୍ରକ୍ରିୟା ଆରମ୍ଭ ହୋଇଥିଲେ ମଧ୍ୟ ୨୦୨୨ରେ ଏହାର ଚିଠା ପ୍ରସ୍ତାବ ସୁପ୍ରିମ୍‌କୋର୍ଟରେ ଉପସ୍ଥାପନ କରାଯାଇଥିଲା। ଆଜି ଏହି ମାମଲାର ଚୂଡ଼ାନ୍ତ ରିପୋର୍ଟ ସହ ଏଆଇଆଇଏଫ୍ ଓ ଏହାର ସଭାପତି କଲ୍ୟାଣ ଚୌବେଙ୍କ ଏକ ବଡ଼ ମୁଣ୍ଡବ୍ୟଥା ଟଳିଯାଇଛି।

### ଜୁରେଲଙ୍କ ପରେ ପଡ଼ିକାଲଙ୍କ ଶତକ

# ଭାରତ ଏ’- ଅଷ୍ଟ୍ରେଲିଆ ଏ’ ଟେଷ୍ଟ ଡ୍ର





ଲକ୍ଷ୍ନୌ,୧୯।୯ (ଏଜେନ୍ସି): ଆୟୋଜକ ଭାରତ-ଏ ଏବଂ ଅଷ୍ଟ୍ରେଲିଆ-ଏ ମଧ୍ୟରେ ଏଠାରେ ଚାଲିଥିବା ପ୍ରଥମ ଅନ୍‌ଅଫିସିଆଲ ଟେଷ୍ଟ ମ୍ୟାଚ୍ ଡ୍ର ରହିଛି। ଏହା ଫଳରେ ଦୁଇ ଦେଶ ମଧ୍ୟରେ ଚାଲିଥିବା ଟେଷ୍ଟ ସିରିଜ୍ ବରାବର ସ୍ଥିତିରେ ରହିଛି। ସିରିଜ୍‌ର ଦ୍ୱିତୀୟ ତଥା ନିର୍ଣ୍ଣାୟକ ଅନ୍‌ଅଫିସିଆଲ ଟେଷ୍ଟ ଏହିଠାରେ ସେପ୍ଟେମ୍ବର ୨୩ରୁ ୨୬ଯାଏ ଖେଳାଯିବ। ଏହି ମ୍ୟାଚ୍‌ରେ ଭାରତର ଦୁଇ ଯୁବ ଖେଳାଳି ୱିକେଟରକ୍ଷକ ଧ୍ରୁବ ଜୁରେଲ (୧୪୦) ଓ ଦେବଦତ୍ତ ପଡ଼ିକାଲ (୧୫୦) ଶତକ ହାସଲ କରି ଚୟନକର୍ତ୍ତାଙ୍କ ଦୃଷ୍ଟି ଆକର୍ଷଣ କରିବାରେ ସମର୍ଥ ହୋଇଛନ୍ତି।

ଏଠାରେ ପ୍ରଥମେ ବ୍ୟାଟିଂ କରି ଅଷ୍ଟ୍ରେଲିଆ ୬ ୱିକେଟରେ ୫୩୨ ରନ୍ କରି ପ୍ରଥମ ଇନିଂସ ସମାପ୍ତି ଘୋଷଣା କରିଥିଲା। ଦଳ ପକ୍ଷରୁ ୱିକେଟରକ୍ଷକ ଜୋଶ ଫିଲିପ୍ ଅପରାଜିତ ୧୨୩ ଓ ସାମ କୋନଷ୍ଟାସ୍ ୧୦୯ ରନ୍ କରିଥିଲେ। ଜବାବରେ ଭାରତ ୭ ୱିକେଟରେ ୫୩୧ ରନ୍ କରିବା ପରେ ପ୍ରଥମ ଇନିଂସ ଘୋଷଣା କରିଥିଲା। ଦଳ ପକ୍ଷରୁ ନଂ-୪ରେ ବ୍ୟାଟିଂ କରିଥିବା ପଡ଼ିକାଲ ସର୍ବାଧିକ ୧୫୦ ରନ୍ କରିଥିଲେ। ସେ ୨୮୧ ବଲ୍ ଖେଳି ୧୪ ଚୌକା ଓ ୧ଛକା ସହ ଏହି ରନ୍ କରିଥିଲେ। ତାଙ୍କ ପୂର୍ବରୁ ୱିକେଟ ରକ୍ଷକ ଧ୍ରୁବ ଜୁରେଲ ୧୪୦ ରନ୍ କରିଥିଲେ। ସେ ୧୯୭ ବଲ୍‌ର ସମ୍ମୁଖୀନ ହୋଇ ୧୩ ଚୌକା ଓ ୪ ଛକା ସହ ଏହି ସ୍କୋର କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଥମ ୩ ଜଣ ବ୍ୟାଟର ଅଭିମନ୍ୟୁ ଈଶ୍ୱରନ ୪୪, ଏନ୍ ଜଗଦୀଶନ ୬୪ ଓ ସାଇ ସୁଦର୍ଶନ ୭୩ ରନ୍ କରିଥିଲେ। ଅଷ୍ଟ୍ରେଲୀୟ ଅଫ୍‌ସ୍ପିନର କୋରୀଙ୍କୁ ସର୍ବାଧିକ ୩ଟି ୱିକେଟ ମିଳିଥିଲା। ମାତ୍ର ଗୋଟିଏ ରନ୍‌ରେ ପ୍ରଥମ ଇନିଂସ ଆଗୁଆ ରହିଥିବା ଅଷ୍ଟ୍ରେଲିଆ-ଏ’ ଦ୍ୱିତୀୟ ଇନିଂସ ଆରମ୍ଭ କରି ୧୬ ଓଭରରେ କୌଣସି ୱିକେଟ ନ ହରାଇ ୫୬ ରନ୍ କରିବା ପରେ ଖେଳକୁ ବନ୍ଦ ରଖାଯାଇଥିଲା। ଭ୍ରମଣକାରୀ ଦଳର ସାମ କୋନ୍‌ଷ୍ଟାସ ୨୭ କ୍ୟାମ୍ପବେଲ କେଲାୱେ ୨୪ ରନ୍‌ରେ ଅପରାଜିତ ରହିଥିଲେ।

### ବାରବାଟୀରେ ଫରଭେଜ୍ ମାହାରୁଫ୍

# ଓପିଟିଏଲ୍ ଓଡ଼ିଆ ଖେଳାଳିଙ୍କ ଲାଗି ବଡ଼ ସୁଯୋଗ

କଟକ,୧୯।୯ (କୁମାରଶ୍ରୀ ସାହୁ):

ଓଡ଼ିଶା ପ୍ରୋ ଟି-୨୦ ଲିଗ୍ ଉପରେ ଅନେକ ଚୟନକର୍ତ୍ତାଙ୍କ ନଜର ରହିଛି। ରାଜ୍ୟ ଘରୋଇ କ୍ରିକେଟର ଏହା ଏକ ବଡ ମଞ୍ଚ। ଆୟୋଜନ ଆକର୍ଷଣୀୟ ଲାଗୁଛି। ଏଥିରେ ଖେଳାଳିମାନଙ୍କ ଦମ୍‌ଦାର ପ୍ରଦର୍ଶନ ଇଣ୍ଡିଆନ ପ୍ରିମିୟର ଲିଗ୍(ଆଇପିଏଲ) ପାଇଁ ପ୍ରବେଶପଥ ଉନ୍ମୁକ୍ତ କରିପାରେ ବୋଲି ଶ୍ରୀଲଙ୍କାର ପୂର୍ବତନ ଅଲରାଉଣ୍ଡର ଫରଭେଜ୍ ମହାରୁଫ୍ ଏକ ସ୍ୱତନ୍ତ୍ର ସାକ୍ଷାତକାରରେ କହିଛନ୍ତି। ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ଏବଂ କାରିଭା ସ୍ପୋର୍ଟସର ମିଳିତ ଆନୁକୂଲ୍ୟରେ ବାରବାଟୀ ଷ୍ଟାଡିୟମରେ ଓପିଟିଏଲ୍‌ର ପ୍ରଥମ ସଂସ୍କରଣ ଜାରି ରହିଛି। ଏଥିରେ ସିଂହଳୀ ତାରକା ମହାରୁଫ୍‌ଙ୍କୁ ଭାଷ୍ୟକାର ଭାବେ ଦେଖିବାକୁ ମିଳିଛି।

**ପ୍ର:** ଓଡ଼ିଶାରେ ପ୍ରଥମଥର ଆୟୋଜନ ହୋଇଥିବା ଓପିଟିଏଲ ବାବଦରେ ଆପଣଙ୍କ ମତ କଣ?

**ଉ:** ପ୍ରଥମ ତିନି ଦିନର ଅଭିଜ୍ଞତା ବେଶ୍ ଭଲ ରହିଛି। ପ୍ରଥମଶ୍ରେଣୀ କ୍ରିକେଟ ଜଗତର ଖେଳାଳି ମାନଙ୍କୁ ଏଭଳି ପ୍ଲାଟଫର୍ମ ଯୋଗାଇ ଦେବା କ୍ଷେତ୍ରରେ ଓସିଏର ଭୂମିକା ପ୍ରଶଂସନୀୟ। ଓପିଟିଏଲରେ ଖେଳାଳିମାନେ ନିଜ ପ୍ରଦର୍ଶନକୁ ଗୁରୁତ୍ୱ ଦେବା ଆବଶ୍ୟକ। ଅନେକ ଚୟନକର୍ତ୍ତାଙ୍କ ନଜର ସେମାନଙ୍କ ଉପରେ ରହିଛି, ଏହା ସେମାନେ ଭୁଲନ୍ତୁ ନାହିଁ।

**ପ୍ର:** ଜଣେ ପୂର୍ବତନ ଅନ୍ତର୍ଜାତୀୟ ଖେଳାଳିଭାବେ ଆପଣ କେଉଁ ଖେଳାଳିଙ୍କ ପ୍ରଦର୍ଶନ ଉପରେ ସନ୍ତୁଷ୍ଟ ଅଛନ୍ତି?

**ଉ:** ସେମିତି ଅନେକ ଖେଳାଳି ଅଛନ୍ତି। ତଥାପି କଟକ ପାନ୍ଥର୍ସର ପେସ୍‌ବୋଲର ଭଗୀଶ ଶର୍ମାଙ୍କ ପ୍ରଦର୍ଶନ ପ୍ରଭାବଶାଳୀ ଲାଗିଛି। ନୂଆ ଖେଳାଳିଙ୍କୁ ନେଇ ଚାଲିଥିବା ଏହି ଲିଗ୍ ଓଡ଼ିଶା କ୍ରିକେଟକୁ ସଫଳ ରୂପ ଦେବା ନିଶ୍ଚିତ।



**ପ୍ର:** ଓଡ଼ିଶାର ସ୍ୱତନ୍ତ୍ର ସ୍ଥାନ ଓ ସ୍ୱତନ୍ତ୍ର ଖାଦ୍ୟର ଅନୁଭୂତି ପାଇଲେଣି?

**ଉ:** ବ୍ୟସ୍ତତା ଭିତରେ ଓଡ଼ିଶାର ବିଭିନ୍ନ ସ୍ଥାନକୁ ଯାଇ ପାରିନାହିଁ। ହେଲେ ଓଡ଼ିଶାର ଆମିଷ ଥାଳି ବହୁତ ପସନ୍ଦ ଆସିଛି। ପୂର୍ବରୁ ଅନେକଥର ଓଡ଼ିଶା ଆସିବାର ସୁଯୋଗ ପାଇଛି। ୨୦୧୦ରେ ଦିଲ୍ଲୀ ଡେୟାର ଡେଭିଲ୍ସ ଦଳରୁ ଆଇପିଏଲ ଖେଳିବା ପାଇଁ କଟକ ଆସିଥିଲି। ଏଲଏଲସି ମ୍ୟାଚ୍ ସମୟରେ ମଧ୍ୟ କଟକରେ ସମୟ ବିତିଥିଲା।

**ପ୍ର:** ଟି-୨୦ ଫର୍ମାଟ ଏକଦିବସୀୟ କ୍ରିକେଟ ଉପରେ ପ୍ରଭାବ ପକାଉଛି କି?

**ଉ:** ହଁ ପ୍ରଭାବ ପକାଉଛି, ହେଲେ ଏହା ସକାରାତ୍ମକ। କ୍ରିକେଟ ଖେଳର ତରିକା ବଦଳୁଛି। ଭବିଷ୍ୟତରେ ଏକଦିବସୀୟ କ୍ରିକେଟ ପ୍ରତି ଉତ୍କଣ୍ଠା କମିବ ବୋଲି କୁହାଯାଇପାରେ। ତେବେ ଏ ବାବଦରେ ଆଇସିସିର କାର୍ଯ୍ୟଧାରାକୁ ଅନୁଶୀଳନ କରିବାକୁ ପଡିବ।

**ପ୍ର:** ସନତ ଜୟସୂରିଆଙ୍କ ତତ୍ତ୍ୱାବଧାନରେ ଖେଳୁଥିବା ଶ୍ରୀଲଙ୍କା ଦଳର ଭବିଷ୍ୟତକୁ କିପରି ଦେଖୁଛନ୍ତି?

**ଉ:** ତାଙ୍କ ଦାୟିତ୍ୱକୁ ପ୍ରଶଂସା କରାଯାଇପାରେ। ଖେଳାଳିମାନଙ୍କ ପ୍ରଦର୍ଶନ ମଧ୍ୟ ନୈରାଶ୍ୟଜନକ ରହିନାହିଁ। ସାମ୍ପ୍ରତିକ ସ୍ଥିତିରେ ଆଗାମୀ ଟି-୨୦ ଓ ଏକଦିବସୀୟ ବିଶ୍ୱକପ୍ ଟାଇଟଲ୍ ଜିତିବା କେବଳ ଦଳର ଲକ୍ଷ୍ୟ ରହିଛି।

### ଓଡ଼ିଶା ପ୍ରୋ ଟି-୨୦ ଲିଗ୍: ଗୌରବଙ୍କ ବିସ୍ଫୋରକ ଶତକ

# ମାଇନର୍ସଙ୍କୁ ୩୭ ରନ୍‌ରେ ହରାଇଲା ଟାଇଗର୍ସ

କଟକ,୧୯।୯ (ସମିସ): ଓଡ଼ିଶା ପ୍ରୋ ଟି-୨୦ ଲିଗ୍‌ର ଶୁକ୍ରବାର ଅନୁଷ୍ଠିତ ଦୁଇଟି ମ୍ୟାଚ୍‌ରେ ପୁରୀ ଟାଇଟନ୍ସ ଏବଂ ଭୁବନେଶ୍ୱର ଟାଇଗର୍ସ ବିଜୟୀ ହୋଇଛନ୍ତି। ଉଭୟ ଦଳକୁ ସହଜ ବିଜୟ ମିଳିଥିଲା। ଟାଇଟନ୍ସ ୯ ୱିକେଟରେ କଟକ ପାନ୍ଥର୍ସଙ୍କୁ ଏବଂ ଟାଇଗର୍ସ ୩୭ ରନରେ କେନ୍ଦୁଝର ମାଇନର୍ସଙ୍କୁ ପରାସ୍ତ କରିଥିଲା। ଶନିବାର ରାଉରକେଲା ଷ୍ଟିଲର୍ସ-କଟକ ପାନ୍ଥର୍ସ ଏବଂ ସମ୍ବଲପୁର ୱାରିୟର୍ସ-ପୁରୀ ଟାଇଟନ୍ସ ମଧ୍ୟରେ ଲଢ଼େଇ ହେବ।

ଆଜି ଅପରାହ୍ନରେ ଅନୁଷ୍ଠିତ ମ୍ୟାଚ୍‌ରେ ପାନ୍ଥର୍ସ ଅଧିନାୟକ ସ୍ୱସ୍ତିକ ସାମଲ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ। ଟାଇଟନ୍ସର ଶାଣିତ ବୋଲିଂରେ ଫସି ପାନ୍ଥର୍ସ ୭ ୱିକେଟ ହରାଇ ୧୪୧ରନ ସଂଗ୍ରହ କରିଥିଲା। ବିପ୍ଳବ ସାମନ୍ତରାୟ ସର୍ବାଧିକ ୩୩ ରନ୍ କରିଥିବା ବେଳେ ଅଭିଷେକ ରାଉତ ୨୫ରନ, ସ୍ୱସ୍ତିକ ସାମଲ ୨୨ରନ କରିଥିଲେ। ଟାଇଟନ୍ସ ପକ୍ଷରୁ ଏମଏ ଡାନିସ୍ ୩ଟି ୱିକେଟ ଦଖଲ କରିଥିଲେ। ଜବାବରେ ୧୭.୪ ଓଭରରେ ଗୋଟିଏ ୱିକେଟ ହରାଇ ପୁରୀ ବିଜୟୀ ହୋଇଥିଲା। ଓପନର ଶାନ୍ତନୁ ମିଶ୍ର ଅପରାଜିତ ୭୯ ରନର ମ୍ୟାଚ୍ ବିଜୟୀ ପାଳି ଖେଳିଥିଲେ। ଅନ୍ୟତମ ଓପନର ଅନୁରାଗ ଷଡ଼ଙ୍ଗୀ ୩୧ରନରେ ଆଉଟ ହୋଇଥିବା ବେଳେ ଅଧିନାୟକ ସନ୍ଦୀପ ପଟ୍ଟନାୟକ ୧୭ ବଲରୁ ଦ୍ରୁତ ୩୧ରନ କରିଥିଲେ। କଟକର ଅଭିଷେକ ରାଉତଙ୍କୁ ଏକମାତ୍ର ୱିକେଟ ମିଳିଥିଲା। ମ୍ୟାଚ୍ ବିଜୟୀ ଅର୍ଦ୍ଧଶତକୀୟ ପାଳି ଖେଳିଥିବା ଶାନ୍ତନୁ ପ୍ଲେୟାର ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଲିଗ୍‌ର ପ୍ରଥମ ମୁକାବିଲାର ଶେଷ ବଲରେ ପରାସ୍ତ ହୋଇଥିବା ଭୁବନେଶ୍ୱର ଟାଇଗର୍ସ ପ୍ରତ୍ୟାବର୍ତ୍ତନ ପୂର୍ବକ ଆଜି କେନ୍ଦୁଝର ମାଇନର୍ସଙ୍କୁ ହରାଇଛି। ମାଇନର୍ସ ଅଧିନାୟକ





ଗୋବିନ୍ଦ ପୋଦାର ଟସ୍ ଜିତି ଟାଇଗର୍ସଙ୍କୁ ବ୍ୟାଟିଂ ଆମନ୍ତ୍ରଣ ଦେଇଥିଲେ। ଗୌରବ ଚୌଧୁରୀଙ୍କ ଶତକ ବଳରେ ଟାଇଗର୍ସ ୮ ୱିକେଟ ହରାଇ ୧୯୮ରନ କରିଥିଲା। ଗୌରବଙ୍କ ପାଳିରେ ୭ଟି ଚୌକା ଏବଂ ୯ଟି ବିଶାଳ ଛକା ସାମିଲ ଥିଲା। ଲିଗ୍‌ରେ ଏହା ପ୍ରଥମ ଶତକୀୟ ପାଳି। ଜବାବରେ କେନ୍ଦୁଝର ସମସ୍ତ ୱିକେଟ ହରାଇ ୧୬୧ରନ କରିବାକୁ ସକ୍ଷମ ହୋଇଥିଲା। ବିଶ୍ୱଭୂଷଣ ବିହାରୀ ୩୨ବଲରୁ ୩୮ରନ କରିଥିଲେ। ବିଜୟୀ ଟାଇଗର୍ସ ତରଫରୁ ଅଧିନାୟକ ସୂର୍ଯ୍ୟକାନ୍ତ ପ୍ରଧାନ ଏବଂ ସ୍ପିନର ଜୟନ୍ତ ବେହେରା ୩ଟି ଲେଖାଏ ୱିକେଟ ଦଖଲ କରିଥିଲେ। ଗୌରବ ପ୍ଲେୟାର ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ।

PRINTED & PUBLISHED BY AMIT KUMAR MALLICK FOR ‘THE SAKALA’ A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS